BOD-1
Block-2

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକ କାର୍ଯ୍ୟକ୍ରମ

## ଓଡ଼ିଆ (ସମ୍ମାନ)

## ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ

### ସାରଳା ସାହିତ୍ୟର ମୂଲ୍ୟାଙ୍କନ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ (ସମ୍ମାନ) କାର୍ଯ୍ୟକ୍ରମ

## ପାଠ୍ୟକ୍ରମ -୧
## ପ୍ରାଚୀନ ଓଡିଆ ସାହିତ୍ୟର ଇତିହାସ

ବ୍ଲକ୍

# ୨ ସାରଳା ସାହିତ୍ୟର ମୂଲ୍ୟାଙ୍କନ

**ପ୍ରଥମ ଏକକ**
ସାରଳା ସାହିତ୍ୟର ରାଜନୈତିକ ମୂଲ୍ୟ

**ଦ୍ୱିତୀୟ ଏକକ**
ସାରଳା ସାହିତ୍ୟର ସାମାଜିକ ମୂଲ୍ୟ

**ତୃତୀୟ ଏକକ**
ସାରଳା ସାହିତ୍ୟର ସାହିତ୍ୟିକ ମୂଲ୍ୟ

**ଚତୁର୍ଥ ଏକକ**
ସାରଳା ସାହିତ୍ୟର ଭାଷାତାତ୍ତ୍ୱିକ ମୂଲ୍ୟ

**ପ୍ରାଚୀନ ଓଡିଆ ସାହିତ୍ୟର ଇତିହାସ**

**ପାଠ୍ୟକ୍ରମ-୧ , ବ୍ଲକ -୨**

**ସାରଳା ସାହିତ୍ୟର ରାଜନୈତିକ, ସାମାଜିକ, ସାହିତ୍ୟିକ ଓ ଭାଷାତାତ୍ତ୍ୱିକ ମୂଲ୍ୟାଙ୍କନ**

**ଦ୍ୱିତୀୟ ସଂସ୍କରଣ : ୨୦୨୦**

**ISBN:"978-81-942896-1-6"**

**ଲେଖକ:**

**ଡକ୍ଟର ସୁବ୍ରତ କୁମାର ପୃଷ୍ଟି**

ଶୈକ୍ଷିକ ପରାମର୍ଶଦାତା,

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ସମୀକ୍ଷକ:**

**ଡକ୍ଟର ପ୍ରଦୀପ୍ତ କୁମାର ବାରିକ**

ଅବସରପ୍ରାପ୍ତ ପ୍ରାଧ୍ୟାପକ

ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର

**ପ୍ରକାଶକ:**

**ଡକ୍ଟର ମାନସ ରଞ୍ଜନ ପୁଜାରୀ**

କୁଳସଚିବ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

© OSOU, 2020. **Prachina Odia Sahityara Itihas** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ସାରଳା ସାହିତ୍ୟର ରାଜନୈତିକ ମୂଲ୍ୟ

**ବିଷୟ ଗଠନ :**

**୧.୧ ପଠନର ଉଦ୍ଦେଶ୍ୟ**

**୧.୨ ଶିକ୍ଷଣୀୟ ବିଷୟ**

**୧.୩ ବିଷୟ ପ୍ରବେଶ**

**୧.୩.୧ ସାରଳା ସାହିତ୍ୟର ରାଜନୈତିକ ମୂଲ୍ୟ**

**୧.୩.୨ ସାରଳା ମହାଭାରତରେ 'ଓଡ଼ିଶା' ସମ୍ବନ୍ଧୀୟ ବିବରଣୀ**

**୧.୪ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ**

**୧.୫ ସହାୟକ ଗ୍ରନ୍ଥସୂଚୀ**

## ୧.୧ ପଠନର ଉଦ୍ଦେଶ୍ୟ

ଭାଗ୍ୟାକାଶରେ ପଞ୍ଚଦଶ ଶତାବ୍ଦୀ ଏକ ସନ୍ଧିକ୍ଷଣ। ଏହି ସମୟ ବେଳକୁ ଦୀର୍ଘଦିନର ଗଙ୍ଗବଂଶୀ ଶାସକଙ୍କ ବିଳୟମୁଖୀ ରାଜତ୍ୱ ନେତୃତ୍ୱ, ପଡୋଶୀ ଶତ୍ରୁମାନଙ୍କ ବାରମ୍ୱାର ଓଡିଶା ଆକ୍ରମଣ, ଏବଂ ସମୃଦ୍ଧ ନୌବାଣିଜ୍ୟର ପ୍ରଭାବ ହ୍ରାସ ଯୋଗୁଁ ଅର୍ଥବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ଏହି ସମୟର ସାଧାରଣ ଜନଜୀବନକୁ ଏକ ଆତଙ୍କିତ ପରିବେଶ ମଧ୍ୟକୁ ଟାଣି ନେଇଯାଉଥିଲା। ଏଭଳି ଏକ ଅସୁରକ୍ଷିତ ବଳୟ ଭିତରେ ଏକମାତ୍ର ଆଶ୍ୱାସନାର ବିଷୟ ଏହା ଥିଲା ଯେ ଆଗଙ୍ଗା - ଗୋଦାବରୀ ପରିବ୍ୟାପ୍ତ ତତ୍‌କାଳୀନ ଏହି ଓଡିଶା ଭୂଖଣ୍ଡର ଅଧିବାସୀଙ୍କଠାରେ ଶ୍ରୀଜଗନ୍ନାଥଙ୍କୁ ନେଇ ଏକ ଉଗ୍ର ଉତ୍କଳୀୟତାବାଦ ଧୀରେଧୀରେ ମୁଣ୍ଡ ଟେକିଥିଲା। ଫଳରେ ଶ୍ରୀଜଗନ୍ନାଥଙ୍କ ସେବକ ଭାବରେ ନିଜକୁ ଦୀର୍ଘଦିନ ଧରି ପ୍ରତିଷ୍ଠା କରିଥିବା ଗଙ୍ଗବଂଶୀ ଶାସକଙ୍କ ଦୁର୍ବଳ ନେତୃତ୍ୱ ବଦଳରେ ଶ୍ରୀଜଗନ୍ନାଥଙ୍କ ରାଉତ ବା ରକ୍ଷାକର୍ତ୍ତା ଭାବରେ ନିଜକୁ ଘୋଷଣା କରି ସେନାପତି କପିଳେନ୍ଦ୍ରଦେବ ଓଡିଶାର ରାଜା ହେବା ସହିତ ଏହି ଭୂଖଣ୍ଡକୁ ସୁରକ୍ଷା ପ୍ରଦାନ କରିବାର ପଣ ନେଇ ଓଡିଶାର ସୀମାକୁ ପରିବର୍ଦ୍ଧିତ କରି ରାମେଶ୍ୱରମ ପର୍ଯ୍ୟନ୍ତ ବ୍ୟାପ୍ତ କରିଥିଲେ। ରାଜନୀତିର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡିଆରାଜାର କୂଟନୀତି ଓ ଓଡିଶାବାସୀଙ୍କ ଅକପଟ ସମର୍ଥନ କିପରି ଓଡିଆ ସ୍ୱାଭିମାନକୁ ଗତିଶୀଳ କରିବା ସହିତ ଏକ ସୁଦୃଢ ରାଜନୈତିକ ଶକ୍ତି ଭାବରେ ସମଗ୍ର ଭାରତବର୍ଷରେ ମୁଣ୍ଡଟେକି ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲା, ସେ ବିଷୟରେ ବିଦ୍ୟାର୍ଥୀଙ୍କୁ ବିସ୍ତୃତ ଭାବରେ ଜଣାଇବା ହେଉଛି ଏହି ଅଧ୍ୟାୟର ମୁଖ୍ୟ ଉଦ୍ଦେଶ୍ୟ।

## ୧.୨ ଶିକ୍ଷଣୀୟ ବିଷୟ

**ଏହି ଏକକ ଅଧ୍ୟୟନରେ ଜ୍ଞାତବ୍ୟଣୀୟ : -**

- ପଞ୍ଚଦଶ ଶତାବ୍ଦୀ ସମୟର ରାଜନୈତିକ ସ୍ଥିତି।
- ସାରଳା ସାହିତ୍ୟ ସୃଷ୍ଟି ପଛରେ ଥିବା ରାଜନୈତିକ କାରଣ।
- ସାରଳା ସାହିତ୍ୟରେ ସ୍ଥାନୀତ ତତ୍କାଳୀନ ରାଜନୈତିକ ଇତିହାସର ବିବରଣୀ।

## ୧.୩ ବିଷୟ ପ୍ରବେଶ

ପଞ୍ଚଦଶ ଶତାବ୍ଦୀ ବେଳକୁ ଗଜପତି କପିଳେନ୍ଦ୍ରଦେବଙ୍କର ଦକ୍ଷ ପ୍ରଶାସନ ଓ ସାମରିକ କୌଶଳ ଓଡ଼ିଆମାନଙ୍କୁ ଐତିହାସିକ ପ୍ରସିଦ୍ଧି ଦେବା ସଙ୍ଗେସଙ୍ଗେ ଓଡ଼ିଆ ସାହିତ୍ୟର ସୃଷ୍ଟି ଓ ବିକାଶପାଇଁ ଦେଲା ଐଶ୍ୱର୍ଯ୍ୟବନ୍ତ ପ୍ରେରଣା। ଏହି ଶତାବ୍ଦୀ ହେଲା ସାଂସ୍କୃତିକ ସମନ୍ୱୟର ଶତାବ୍ଦୀ, ଧର୍ମୀୟ ସମନ୍ୱୟର ପ୍ରଶସ୍ତ କାଳଖଣ୍ଡ। ଶ୍ରୀଜଗନ୍ନାଥ ଏ ସମୟକୁ ଓଡ଼ିଶାର ସର୍ବପୂଜ୍ୟ ଜାତୀୟ ଦେବତା ଓ ଓଡ଼ିଶାର ରାଜାଧିରାଜ ରୂପେ ପ୍ରତିଷ୍ଠିତ। ସକଳ ଧର୍ମ ଓ ଦର୍ଶନର ସେ ହୋଇଛନ୍ତି ମହା ସମନ୍ୱୟର ପ୍ରତୀକ। ଏପରି ଏକ ଧର୍ମୀୟ ପରିସ୍ଥିତି ସୃଷ୍ଟି ହୋଇଥିଲାବେଳେ ଓଡ଼ିଆ ଭାଷାରେ ସୃଷ୍ଟି ହୋଇଛି ନୂତନ ପ୍ରାଣପ୍ରବାହ। ସଂସ୍କୃତ ବନ୍ଧନରୁ ଓଡ଼ିଆ ଭାଷା ମୁକ୍ତିକାମୀ ହୋଇଛି। ଭାଷାକୁ ମିଳିଛି ମା ଓ ମାଟିର ସନନ୍ଦ ହୋଇଛି ମାଟିର ଭାଷା। ସେହି ଭାଷାରେ ପ୍ରଥମକରି ଲେଖାଯାଇଛି ଓଡ଼ିଆ ଜାତିର ସମୃଦ୍ଧ ପରିଚୟ। ସାରଳା ଦାସ ହେଇଛନ୍ତି ମାଟିର ମହାକବି ସ୍ୱରୂପକାର। ଓଡ଼ିଆ ମଣିଷର ଭାଷାକୁ ସେ କରିନେଲେ ସାହିତ୍ୟ ଦରବାରକୁ। ମାଟି ମଣିଷମାନଙ୍କୁ ସେ ସ୍ଥାନ ଦେଲେ ସାହିତ୍ୟର ପୃଷ୍ଠାରେ। ସ୍ୱର୍ଗର ଦେବତାମାନଙ୍କୁ ସେ ମାଟି ମଣିଷରେ ପରିଣତ କରିଦେଲେ। ମାଟିର ମଣିଷଙ୍କୁ ସେ ସ୍ୱର୍ଗର ଦେବତା ପର୍ଯ୍ୟାୟକୁ ଉତ୍ତରିଣ କରିନେଲେ। ମର୍ତ୍ତ୍ୟ ଓ ସ୍ୱର୍ଗକୁ ସେ ନେଇଆସିଲେ ଗୋଟିଏ ବିନ୍ଦୁକୁ। ଧର୍ମରୁ ସଂକୀର୍ଣ୍ଣତାର ଆବରଣକୁ ଉଠାଇଦେଲେ। ଏକ ପ୍ରସାରିତ ଦୃଷ୍ଟିକୋଣ ନେଇ ଧର୍ମକୁ ଦେଖିଲେ। ରାଜାକୁ ନେଇଗଲେ ପ୍ରଜାଙ୍କ କୁଟୀରକୁ। ପ୍ରଜାଙ୍କୁ କଲେ ରାଜାଙ୍କ ନିକଟବର୍ତ୍ତୀ । ରାଜା ଓ ପ୍ରଜା ଯେମିତି ହୋଇଗଲେ ଗୋଟିଏ ଧାଡ଼ିର ମଣିଷ। ସମାଜ-ବୃତ୍ତରୁ ଅଧର୍ମ, ଅନୀତି, ଅନାଚାର, ବ୍ୟଭିଚାର, ପାପ ଓ ଯାବତୀୟ ଅପକର୍ମକୁ ଦୂରେଇଦେଇ ଧର୍ମ, ନୀତି ଓ ଆଦର୍ଶ ପ୍ରତିଷ୍ଠାପାଇଁ ଆହ୍ୱାନ ଦେଲେ। ସେ ପୁଣି ନିଜକୁ ପରିଚିତ କରାଇଲେ ଶୂଦ୍ରମୁନି ଭାବରେ। ସେ ଯେଉଁ ଭାଷାର ସାମ୍ରାଜ୍ୟ ଗଠନ କଲେ ତାହା ହେଲା ଓଡ଼ିଶା ମାଟିରେ ଓଡ଼ିଆ ସାଂସ୍କୃତିକ ସାମ୍ରାଜ୍ୟ। ତେଣୁ ଓଡ଼ିଆ ସାହିତ୍ୟର ବିକାଶମାର୍ଗରେ ସାରଳା ଦାସଙ୍କ ରଚନାର ଆଧାର, ବିଶେଷତ୍ୱ ତଥା ଓଡିଆଭାଷାର କୌଳିନ୍ୟ ବିଷୟରେ ଜାଣିବାପାଇଁ ତତ୍କାଳୀନ ରାଜନୈତିକ ଇତିହାସକୁ ଅନୁଧ୍ୟାନ କରିବାର ଆବଶ୍ୟକତା ଅଛି।

## ୧.୩.୧ ସାରଳା ସାହିତ୍ୟର ରାଜନୈତିକ ମୂଲ୍ୟ

ଗଙ୍ଗରାଜା ଚୋଡ଼ଗଙ୍ଗଦେବ ଜଣେ ଉଚ୍ଚାକାଂକ୍ଷୀ ରାଜା ହୋଇଥିବାରୁ ନିଜ ପ୍ରଶାସନିକ ଦକ୍ଷତା କଳିଙ୍ଗ ରାଜ୍ୟ ମଧ୍ୟରେ ସୀମାବଦ୍ଧ ନ ରଖି ପଡ଼ୋଶୀ ରାଜ୍ୟ ଅଧିକାର ପ୍ରତି ମନୋନିବେଶ କଲେ । ଏ ଥିପାଇଁ ପ୍ରଥମେ ସେ ଉତ୍ତରର ଉତ୍କଳ ରାଜ୍ୟକୁ ଆକ୍ରମଣ କରି ଦୁର୍ବଳ ସୋମବଂଶୀ ରାଜା କର୍ଣ୍ଣକେଶରୀଙ୍କୁ ପରାସ୍ତ କଲେ । ଫଳସ୍ୱରୂପ ସକଳୋତ୍କଳ ରାଜ୍ୟ ସ୍ଥାପନ ପରେ ଏବଂ ପରେ ଦକ୍ଷିଣର ଚୋଳ, ଉତ୍ତରର ପାଳ ଏବଂ ପଶ୍ଚିମର କଳଚୁରୀ ବଂଶୀୟ ଶକ୍ତିଶାଳୀ ପଡ଼ୋଶୀ ରାଜାମାନଙ୍କ ସହ ବାରମ୍ବାର ଯୁଦ୍ଧ କରି ନିଜ ରାଜ୍ୟ ସୀମାକୁ ସୁରକ୍ଷିତ କରି ରଖିଥିଲେ । ବିଶେଷକରି ଗଙ୍ଗ-କଳଚୁରୀ ଯୁଦ୍ଧ ଏକଶହ ବର୍ଷ ଧରି ଚାଲିଥିଲା । ଶେଷରେ ଚୋଡ଼ଗଙ୍ଗଙ୍କ ପୁତ୍ର ତୃତୀୟ ଅନଙ୍ଗ ଭୀମଦେବ କଳଚୁରୀଙ୍କୁ ପରାସ୍ତ କରି କୋଶଳକୁ **ସକଳୋତ୍କଳ** ବା **ପୁରୁଷୋତ୍ତମ** ରାଜ୍ୟରେ ମିଶାଇବା ପରେ ଏହାର ନାମକରଣ ଓଡ଼ିଶା ହୋଇଗଲା । ଶକ୍ତିଶାଳୀ କଳଚୁରୀଙ୍କୁ ପରାସ୍ତ କରିଥିଲେ ମଧ୍ୟ ଏମାନଙ୍କ ସହ ଶତ୍ରୁତା ଆଚରଣ ନ କରି ବନ୍ଧୁତା ସୂତ୍ରରେ ବାନ୍ଧିବାକୁ କଳଚୁରୀ ରାଜକୁମାର ପରମାଡ଼ିଦେବ ବା ପରମାର୍ଥୀଦେବଙ୍କ ସହ ନିଜ କନ୍ୟା ଚନ୍ଦ୍ରିକାଦେବୀକୁ ବିବାହ କରାଇଥିଲେ । ଏହି ନୂତନ ସମ୍ପର୍କର ବିଶେଷତ୍ୱ ହେଲା, ନରସିଂହଦେବଙ୍କ ସମୟରେ ଉତ୍ତରରେ ଗଙ୍ଗା ନଦୀ ଅପରପାର୍ଶ୍ୱରେ ଥିବା ରାଢ଼, ବୀରେନ୍ଦ୍ରର ଶକ୍ତିଶାଳୀ ମୁସଲମାନ ଶାସକଙ୍କୁ ଶୋଚନୀୟ ଭାବରେ ଓଡ଼ିଆସେନା ପରାସ୍ତ କରିଥିଲେ । ତେବେ ପରମାର୍ଥୀଦେବଙ୍କ ଏହି ଯୁଦ୍ଧରେ ବୀରଗତିପ୍ରାପ୍ତି ଘଟିବାରୁ ତାଙ୍କ ସ୍ମୃତିରେ ଚନ୍ଦ୍ରିକାଦେବୀ ଲିଙ୍ଗରାଜ ମନ୍ଦିର ନିକଟରେ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ କରିଥିଲେ ଏବଂ ରାଢ଼ ଓ ବୀରେନ୍ଦ୍ର ଯୁଦ୍ଧ ବିଜୟର ସ୍ମାରକୀ ଉପଲକ୍ଷେ ରାଜା ନରସିଂହଦେବ (୧ମ)କୋଣାର୍କର ସୂର୍ଯ୍ୟମନ୍ଦିର ସ୍ଥାପନ କରିଥିଲେ । କୋଣାର୍କ ମନ୍ଦିର ଗାତ୍ରରେ ଓଡ଼ିଆ ବୀରଗଣଙ୍କ ନିର୍ଦ୍ଦୟ ଭାବରେ ଯବନ ସେନାକୁ ହତ୍ୟା କରୁଥିବା ଦୃଶ୍ୟ ଖୋଦିତ ହୋଇଛି । ଓଡ଼ିଶା ସରକାରଙ୍କ ପ୍ରତୀକଭାବେ ଗୃହୀତ ଚିହ୍ନରେ ଅସ୍ତ୍ର ସଜ୍ଜିତ ବୀର ଓଡ଼ିଆ ସୈନିକ ଯୁଦ୍ଧଅଶ୍ୱକୁ ପରିଚାଳିତ କରିବା ଏବଂ ରାଢ଼ ଓ ବୀରେନ୍ଦ୍ରର ମୁସଲମାନ ସେନାକୁ ପାଦରେ ଚାପି ହତ୍ୟା କରୁଥିବା ଦୃଶ୍ୟ ରହିଛି ।

ଏହି ସମୟରେ ବୃହତ୍ ଓଡ଼ିଶା ରାଜ୍ୟକୁ ତିନି ଶକ୍ତିଶାଳୀ ମୁସଲମାନ ପଡ଼ୋଶୀଙ୍କଠାରୁ ଓଡ଼ିଶାକୁ ସୁରକ୍ଷିତ ରଖିବାପାଇଁ ବାରମ୍ବାର ଯୁଦ୍ଧ ଅଭିଯାନ କରିବାକୁ ପଡୁଥିଲା । ପ୍ରାକୃତିକ ଭୂମିରୂପ ଅନୁସାରେ ଓଡ଼ିଶା ନଦୀନାଳ ବେଷ୍ଟିତ ଅଞ୍ଚଳ ହୋଇଥିବାରୁ ଏବଂ ଏହାକୁ ସହଜରେ ଅତିକ୍ରମ କରିବାପାଇଁ ତଥା ଯୁଦ୍ଧରଥର ଅଭାବ ପୂରଣ କରିବା ପାଇଁ ପୁଣିଥରେ ପ୍ରାଚୀନ ପଦ୍ଧତିକୁ ଅନୁସରଣ କରି ଗଙ୍ଗବଂଶୀମାନେ ଯୁଦ୍ଧରେ ହାତୀକୁ ମୁଖ୍ୟ ଆୟୁଧ ଭାବରେ ଗ୍ରହଣ କଲେ ଓ ନିଜକୁ ଗଜପତି ଭାବରେ ଦୃପ୍ତକଣ୍ଠରେ ଘୋଷଣା କଲେ । ଏହା ପୂର୍ବରୁ ଶୈଳୋଦ୍ଭବ, ଭୌମକର ଏବଂ ସୋମବଂଶୀମାନେ ଅଶ୍ୱବାହିନୀକୁ ଗୁରୁତ୍ୱ ଦେଉଥିଲେ ।

ରାଜ୍ୟରକ୍ଷାପାଇଁ ଯୁଦ୍ଧର ଆବଶ୍ୟକତା ତଥା ଯୁଦ୍ଧରେ ବିଜୟପାଇଁ ସୁଦକ୍ଷ ସେନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସମସ୍ତ ଧାର୍ମିକ ଓ ସାମାଜିକ ବିଭେଦଠାରୁ ସେନାବାହିନୀକୁ ଊର୍ଦ୍ଧ୍ୱରେ ରଖିବାପାଇଁ ଗଙ୍ଗବଂଶୀ ରାଜାଗଣ

ସର୍ବଦା ଉଦ୍ୟମ କରୁଥିଲେ। ବୌଦ୍ଧ ଓ ବୈଷ୍ଣବମାନଙ୍କ ବିଭେଦ ତୀବ୍ରତର ହେଉଥିବାରୁ ଏହାର ନିରାକରଣପାଇଁ ବୁଦ୍ଧଙ୍କୁ ବିଷ୍ଣୁଙ୍କ ଦଶାବତାର ମଧ୍ୟରେ ଗ୍ରହଣ କରି ଜଗନ୍ନାଥଙ୍କୁ ସର୍ବଧର୍ମ ସମନ୍ୱୟର ପ୍ରତୀକ ଭାବରେ ଉପସ୍ଥାପିତ କରାଗଲା, ଶ୍ରୀଜଗନ୍ନାଥ ବେଢ଼ାରେ ବିମଳା ମନ୍ଦିର ନିର୍ମାଣ ତଥା ଜଗନ୍ନାଥଙ୍କୁ ଭୈରବ ଓ ସୁଭଦ୍ରାଙ୍କୁ ଭୈରବୀ ରୂପରେ ପୂଜା କରିବାର ପଦ୍ଧତି ଗ୍ରହଣ କରାଗଲା ଏବଂ ବଳଭଦ୍ରଙ୍କୁ ଶୈବଧର୍ମର ପ୍ରତିନିଧି ଭାବେ ମାନ୍ୟତା ଦିଆଗଲା। ଦକ୍ଷିଣରେ ଚୋଳରାଜା କୁଲତୁଙ୍ଗ ବିଷ୍ଣୁମୂର୍ତ୍ତିଙ୍କୁ ସମୁଦ୍ରରେ ଫିଙ୍ଗି ବୈଷ୍ଣବଧର୍ମୀଙ୍କୁ ଉତ୍ପୀଡ଼ନ କରିବା ଓ ଶୈବଧର୍ମକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କାବେରୀ ନଦୀତଟରେ ବିଶାଳ ବୃହଦେଶ୍ୱର ମନ୍ଦିର ନିର୍ମାଣ କରିଥିଲେ। ଏହାର ପ୍ରତିଦ୍ୱନ୍ଦ୍ୱୀରେ ଦାକ୍ଷିଣାତ୍ୟର ପ୍ରସିଦ୍ଧ ବୈଷ୍ଣବ ସନ୍ଥ ରାମାନୁଜଙ୍କ ପରାମର୍ଶରେ ଚୋଡ଼ଗଙ୍ଗଦେବ ପୁରୀଠାରେ ବୈଷ୍ଣବ ଧର୍ମର ପ୍ରତୀକ ଶ୍ରୀଜଗନ୍ନାଥ ମନ୍ଦିର ଉକ୍ତ ବୃହଦେଶ୍ୱର ମନ୍ଦିର ସହ ସମାନ ଉଚ୍ଚତାରେ ନିର୍ମାଣ କରି ସମଗ୍ର ଭାରତବର୍ଷରେ ବୈଷ୍ଣବ ସନ୍ଥ ସୁରକ୍ଷାକାରୀଭାବେ ପରିଚୟ ପ୍ରଦାନ କଲେ।

ରାଜା ତୃତୀୟ ଅନଙ୍ଗ ଭୀମଦେବଙ୍କ ଶାସନ କାଳରେ ସମଗ୍ର ଭାରତବର୍ଷରେ ଶାସକ ମୁସଲମାନ ଶାସକ ମାନଙ୍କ ଧାର୍ମିକ ଆକ୍ରମଣ ପ୍ରଚଣ୍ଡ ରୂପ ଧରିଥିବାବେଳେ ଉତ୍ତର ଭାରତର ପ୍ରମୁଖ ହିନ୍ଦୁ ଉପାସନାସ୍ଥଳୀ ମଥୁରା, ବୃନ୍ଦାବନ, ବାରାଣାସୀ ଆଦି ଧ୍ୱଂସ ପାଇଯାଇଥିଲା। ତେଣୁ ହିନ୍ଦୁଜାତିର ସମର୍ଥନପାଇଁ ସେ ନିଜ ରାଜଧାନୀ କଟକକୁ **ଅଭିନବ ବାରାଣାସୀ** ନାମରେ ଅଭିହିତ କରିବା ସହ କଟକଠାରେ ପୁରୀ ଭଳି ଏକ ବୃହତ୍ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ଏବଂ ନିଜ ରାଜ୍ୟକୁ ଜଗନ୍ନାଥଙ୍କ ରାଜ୍ୟ ତଥା ନିଜକୁ ଜଗନ୍ନାଥଙ୍କ ସେବକ ଭାବରେ ଘୋଷଣା କରି ରାଜ୍ୟ ଶାସନର ନୂତନ ଦିଗ ଉନ୍ମୋଚନ କଲେ। ଗଙ୍ଗବଂଶୀ ରାଜାଗଣ ସର୍ବପ୍ରଥମେ ଓଡ଼ିଶା ଅଞ୍ଚଳକୁ କେବଳ ଏକାଠି କରି ନ ଥିଲେ, ବରଂ ଓଡ଼ିଆଙ୍କ ପ୍ରାଣରେ ଓଡ଼ିଆତ୍ୱର ସ୍ୱାଭିମାନ ମଞ୍ଜି ପୋତି ସ୍ୱାଧୀନଭାବେ ବଞ୍ଚିବାର ପଥ ଦେଖାଇ ଦେଇଥିଲେ। ରାଜ୍ୟ ଶାସନ ସହିତ ଧର୍ମର ସମ୍ପର୍କକୁ ନୂତନ ଭାବରେ ବ୍ୟାଖ୍ୟା କରିବା ଭିତରେ ଧାର୍ମିକ ବିଦ୍ୱେଷକୁ ଦୂରକରି ଜଗନ୍ନାଥଙ୍କୁ ସର୍ବଧର୍ମର ସମନ୍ୱୟ ତଥା ଓଡ଼ିଆଜାତିର ସ୍ୱାଭିମାନ ପ୍ରତୀକଭାବେ ଠିଆ କରାଇବାର ଗୌରବ ଏହି ବଂଶର ଶାସକଙ୍କୁ ଦିଆଯାଇଥାଏ। କେବଳ ସେତିକି ନୁହେଁ, ବୌଦ୍ଧ ଉଡ୍ଡିୟାନ୍ ପୀଠ ବା କୋଶଳ ଅଧିକାର ପରେ ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟ ଆଣିବାପାଇଁ ସକଳୋତ୍କଳ, ପରେ **ପୁରୁଷୋତ୍ତମ ସାମ୍ରାଜ୍ୟ** ଏବଂ ଏହାପରେ ଏହି ବିଶାଳ ଭୂଖଣ୍ଡର ନାମ **ଓଡ଼ିଶା** ହେବା ଏହି ବଂଶର ଶ୍ରେଷ୍ଠ ଗୌରବବହ ମହତ୍ତ୍ୱ। ଏହାବ୍ୟତୀତ ଏହି ବଂଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା, ଏମାନେ ଲୋକଙ୍କ କଥିତ ଓଡ଼ିଆ ଭାଷାକୁ ସଂସ୍କୃତ ସହିତ ରାଜଭାଷାର ମାନ୍ୟତା ପ୍ରଦାନ କଲେ। ଯାହାଫଳରେ ଲୋକକଥିତ ଓଡ଼ିଆ ଭାଷା ନିଜ ଅବରୁଦ୍ଧ ବନ୍ଧନୀ ଭିତରୁ ବାହାରି ଧୀରେଧୀରେ ଶକ୍ତିଶାଳୀ ହେବାରେ ଲାଗିଲା ଏବଂ ଓଡ଼ିଆଜାତିକୁ ଏକତା ସୂତ୍ରରେ ପୁଣିଥରେ ବାନ୍ଧିବାର ଗୁରୁଦାୟିତ୍ୱ ବହନ କଲା। ନିଜ ରାଜ୍ୟକୁ ସୁରକ୍ଷିତ ରଖିବାପାଇଁ 'ଏକ ଭାଷା-ଏକଜାତି' ନୀତି ଗ୍ରହଣ କରିବା ଫଳରେ ଗଙ୍ଗ ରାଜାଙ୍କଦ୍ୱାରା ଓଡ଼ିଆଙ୍କ ହୃଦୟରେ ଜାତୀୟତା ଭାବନା ଏଭଳି ଭାବରେ ବୃଦ୍ଧି ପାଇଥିଲା ଯେ, ମୁସଲମାନ ଆକ୍ରମଣରେ କଟକ ଜଗନ୍ନାଥ ମନ୍ଦିର ଧ୍ୱଂସ ତଥା ଭାନୁଦେବ ୪ର୍ଥଙ୍କ ଅପମାନଜନକ

ସନ୍ଧିକୁ ସ୍ୱୀକାର କରିବା ଓଡ଼ିଆଜାତି ପକ୍ଷେ ଅସହନୀୟ ଥିଲା । ଯାହାଫଳରେ ୧୪୩୪ ବେଳକୁ ଗଙ୍ଗବଂଶର ଶେଷରାଜା ଭାନୁଦେବ ୪ର୍ଥ ଦକ୍ଷିଣାଞ୍ଚଳ ବିଦ୍ରୋହ ଦମନପାଇଁ ଯାଇଥିବାବେଳେ ରାଜଧାନୀ ସୁରକ୍ଷାରେ ଥିବା ସେନାପତି କପିଳ ରାଉତ ଓଡ଼ିଆଙ୍କ ମାନସିକତାକୁ ସମ୍ମାନ ଦେଇ ଭୁବନେଶ୍ୱରଠାରେ ନିଜକୁ ଜଗନ୍ନାଥଙ୍କ ସେବକ ଭାବେ କପିଳେନ୍ଦ୍ରଦେବ ନାମ ଧାରଣ କରି ଓଡ଼ିଶାର ରାଜା ଭାବରେ ଅଭିଷିକ୍ତ କଲେ ଏବଂ କେବଳ ଓଡ଼ିଆ ଭାଷାକୁ ରାଜଭାଷା ରୂପେ ମାନ୍ୟତା ଦେଇ ଓଡ଼ିଶା ଶାସନ ଦାୟିତ୍ୱ ହାତକୁ ନେଲେ । ଏହାପରେ ଆରମ୍ଭ ହୋଇଥିଲା ଓଡ଼ିଆ ଜାତିର ଆଉ ଏକ ଅବିସ୍ମରଣୀୟ ଅଧ୍ୟାୟ ।

କପିଳେନ୍ଦ୍ରଦେବ (୧୪୩୫-୬୭)ଙ୍କଦ୍ୱାରା ସୂର୍ଯ୍ୟବଂଶ ସ୍ଥାପିତ ହେବାବେଳକୁ ଓଡ଼ିଶାର ସୀମା ଆଗଙ୍ଗା-ଗୋଦାବରୀ-ନର୍ମଦା ଓ କଳିଙ୍ଗସାଗର ପର୍ଯ୍ୟନ୍ତ ବିସ୍ତୃତିଲାଭ କରିଥିଲା । ଜଗନ୍ନାଥ ଏହି ଭୂଖଣ୍ଡର ଆରାଧ୍ୟ ଦେବତା ଭାବରେ ପ୍ରତିଷ୍ଠିତ ହୋଇସାରିଥିଲେ । ଅର୍ଥାତ୍ ଏହି ସମୟରେ ଜଗନ୍ନାଥ ହିଁ କେବଳ ଓଡ଼ିଶାର ରଜା, ତେଣୁ କପିଳେନ୍ଦ୍ରଙ୍କ ପ୍ରତ୍ୟେକ ରାଜଘୋଷଣା ଶ୍ରୀଜଗନ୍ନାଥଙ୍କ ନାମରେ ଲେଖାଯାଉଥିଲା । ଏହି ସମୟରେ ଶ୍ରୀଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଏବଂ ସୀମାଞ୍ଚଳମ୍‌ର ଲକ୍ଷ୍ମୀନରସିଂହଦେବ ମନ୍ଦିର ପାଲଟି ଯାଇଥିଲା ରାଜାଦେଶ ଘୋଷଣା ହେବାର ମୁଖ୍ୟସ୍ଥଳୀ । ଏହି ମନ୍ଦିରର କାନ୍ଥମାନଙ୍କରେ ରାଜାଦେଶ ଖୋଦି ହୋଇ ସର୍ବସାଧାରଣଙ୍କୁ ସୂଚିତ କରୁଥିଲେ । ବିଶେଷକରି ଜଗନ୍ନାଥ ମନ୍ଦିର ଏ କ୍ଷେତ୍ରରେ ପାଲଟି ଯାଇଥିଲା ମୁଖ୍ୟକ୍ଷେତ୍ର । ନିଜେ ଜଗନ୍ନାଥଙ୍କ ରାଉତ ହୋଇଥିବାରୁ ରାଷ୍ଟ୍ରନୀତି ନିର୍ଦ୍ଧାରଣରେ ଜଗନ୍ନାଥଙ୍କୁ ସାକ୍ଷୀ ରଖି ସହଯୋଗ କାମନା କରିବା ସହ ଏହି ରାଜାଦେଶ ଯିଏ ଲଙ୍ଘନ କରିବ, ସେ ଜଗନ୍ନାଥଙ୍କଠାରେ ଦ୍ରୋହ ଆଚରଣ କଲା ବୋଲି ଦୃଢ଼କଣ୍ଠରେ ଘୋଷଣା କରୁଥିଲେ । ସେହିପରି ଓଡ଼ିଶା ଆକ୍ରମଣକାରୀ ରାଜା ଜଗନ୍ନାଥଙ୍କୁ ଆକ୍ରମଣ କରୁଛନ୍ତି ବୋଲି ଭାବନା ସୃଷ୍ଟିକରି ସେ ସମଗ୍ର ଓଡ଼ିଆ ଚେତନାକୁ ଜଗନ୍ନାଥମୁଖୀ କରି ଏକ ସୁଦୃଢ଼ ହିନ୍ଦୁରାଜ୍ୟ ସ୍ଥାପନ କରିପାରିଥିଲେ ।

ଐତିହାସିକ ତଥ୍ୟ ଅନୁସାରେ ବାହାମନି ରାଜ୍ୟର ସୁଲତାନ ଆଲାଉଦ୍ଦିନଙ୍କ ମୃତ୍ୟୁପରେ ୧୪୫୮ ଖ୍ରୀଷ୍ଟାବ୍ଦରେ ତାଙ୍କ ପୁତ୍ର ହୁମାୟୁନ ସୁଲତାନ ହେଲେ । ହୁମାୟୁନଙ୍କ ଅତ୍ୟାଚାରରେ ଅତିଷ୍ଠ ଜନସାଧାରଣଙ୍କ ସମର୍ଥନ ପାଇ ଜଲାଲଖାନ ନାମକ ଜଣେ ମୁଖ୍ୟ ଅମାତ୍ୟ ସୁଲତାନଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣାକରି ତେଲିଙ୍ଗାନାର ନାଲଗୋଣ୍ଡା ପଳାଇ ଆସିଲେ । ସେଠାରେ ସ୍ଥାନୀୟ ବେଲାମ ରାଜବଂଶ ସାହାଯ୍ୟରେ ତେଲିଙ୍ଗାନାର ପ୍ରଧାନ ଦୁର୍ଗ ଦେବରକୋଣ୍ଡାକୁ ଅଧିକାର କଲେ । ଏହା ପୂର୍ବରୁ ତେଲିଙ୍ଗାନା ବାହାମନିମାନଙ୍କ କରଦ ରାଜ୍ୟ ଥିଲା । ଜଲାଲ ଖାନ ତଥା ବେଲମମାନଙ୍କୁ ହୁମାୟୁନ ଦମନ କରିବାପାଇଁ ଖାଓଜାହାନ ଓ ନିଜାମ ଉଲମୁଲୁକ୍‌ଙ୍କ ଅଧୀନରେ ସୈନ୍ୟ ପଠାଇଲେ ।

ଏମାନଙ୍କ ଦ୍ୱାରା ଦେବରକୋଣ୍ଡା ଅବରୋଧ ହେଲା କିନ୍ତୁ ସୈନ୍ୟଗଣ ଆତ୍ମସମର୍ପଣ କଲେ ନାହିଁ । ଶେଷରେ ବେଲାମବଂଶୀୟ ହିନ୍ଦୁ ମୁଖ୍ୟମାନେ ଗୁପ୍ତ ଭାବରେ ଗଜପତି କପିଳେନ୍ଦ୍ରଦେବଙ୍କ ସାହାଯ୍ୟ ମାଗିଥିଲେ । ବେଲାମ ରାଜବଂଶ କୋଣ୍ଡବିଡୁ ଦଖଲ କରିବାରେ କପିଳେନ୍ଦ୍ରଦେବଙ୍କୁ ସାହାଯ୍ୟ କରିଥିବାରୁ ବନ୍ଧୁ

ଭାବରେ କପିଳେନ୍ଦ୍ରଦେବ ଗୁପ୍ତ ଓ ଦ୍ରୁତ ଭାବରେ ଆସି ସସୈନ୍ୟ ଦେବରକୋଣ୍ଡାଠାରେ ପହଞ୍ଚି ବାହାମନି ସୈନ୍ୟବାହିନୀଙ୍କୁ ଅତର୍କିତ ଆକ୍ରମଣ କରି ବାହାମନିକୁ ପରାସ୍ତ କଲେ। ଫଳରେଦେବରକୋଣ୍ଡା ତଥା ତେଲିଙ୍ଗାନା ଗଜପତି ସାମ୍ରାଜ୍ୟଭୁକ୍ତ ହେଲା। କପିଳେନ୍ଦ୍ର ଦେବ ଗୋଦାବରୀ-କୃଷ୍ଣା ଅବବାହିକା ଏବଂ ଦେବରକୋଣ୍ଡା ଓ ୱାରଙ୍ଗଲ ଜୟ କରିବା ପରେ ବିଜୟ ନଗର ରାଜ୍ୟ ନିଜକୁ ଅସୁରକ୍ଷିତ ମଣିଲେ। କାରଣ ଦାକ୍ଷିଣାତ୍ୟର ସାର୍ବଭୌମ।



କ୍ଷମତା ବିସ୍ତାରପାଇଁ ବିଜୟନଗର ଓ ବାହାମନୀ ରାଜ୍ୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବାରୁ ବାହମନୀ ଅଧିକୃତ ହେବାପରେ ଦାକ୍ଷିଣାତ୍ୟର ରାଜନୀତି କ୍ଷେତ୍ରରେ ସିଧାସଳଖ କପିଳେନ୍ଦ୍ରଦେବଙ୍କ ପ୍ରବେଶ ବିଜୟନଗର ରାଜା ମଲ୍ଲିକାର୍ଜ୍ଜୁନଙ୍କୁ ଚିନ୍ତିତ କରିଥିଲା। ତେଣୁ ସେ ବିଜୟ ନଗରରୁ ଆସି ଆଧୁନିକ ଅନନ୍ତପୁର ଜିଲ୍ଲାସ୍ଥ ପେଣୁକୋଣ୍ଡାରେ ଉପସ୍ଥିତ ହେଲେ ଓ କପିଳେନ୍ଦ୍ରଦେବଙ୍କ ପ୍ରତିରୋଧପାଇଁ ଗୁଣ୍ଟୁର ଜିଲ୍ଲାରେ ଉପସ୍ଥିତ ହେଲେ। ଏହିଠାରୁ ଦକ୍ଷିଣରେ ତାଞ୍ଜୋର ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ ଉପକୂଳ ଅଞ୍ଚଳରେ ଉତ୍ତରର ଉଦୟଗିରି ଓ ଦକ୍ଷିଣର ଚନ୍ଦ୍ରଗିରି ନାମକ ଦୁଇଟି ସୁଦୃଢ଼ ଦୁର୍ଗ ଅବସ୍ଥିତ ଥିଲା। କୃଷ୍ଣା ଓ କାବେରୀ ନଦୀ ଦ୍ୱୟର ମଧ୍ୟବର୍ତ୍ତୀ ଉପକୂଳରେ ଅବସ୍ଥିତ ଏହି ରାଜ୍ୟର ରାଜଧାନୀ ଥିଲା କାଞ୍ଚି ବା କାଞ୍ଚିବେରମ୍। ବିଜୟନଗର ରାଜ୍ୟ ସହିତ ଓଡ଼ିଶାର ଏହି ସଂଘର୍ଷ ଫଳରେ ନେଲୋର ଜିଲ୍ଲାସ୍ଥ ଉଦୟଗିରିଦୁର୍ଗ ଓ ଚନ୍ଦ୍ରଗିରି ଦୁର୍ଗ ବହୁବର୍ଷ ଧରି ଓଡ଼ିଶା ସାମ୍ରାଜ୍ୟ ଅଧୀନ ହୋଇ ରହିଥିଲା। ପରେ ପ୍ରତାପରୁଦ୍ରଦେବଙ୍କ ସମୟରେ ବିଜୟନଗରମ୍ ରାଜା କୃଷ୍ଣଦେବରାୟଙ୍କ ଆକ୍ରମଣଦ୍ୱାରା ଏହା ପୁଣି ବିଜୟନଗର ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ଇତିହାସ ଅନୁସାରେ କପିଳେନ୍ଦ୍ରଦେବ ପ୍ରଥମେ କୋଣ୍ଡବିଡୁ ଓ ରାଜମହେନ୍ଦ୍ରୀ ସହିତ ରେଡୀ ରାଜ୍ୟ ଏବଂ ତା ପରେ ଦେବରକୋଣ୍ଡା ଓ ଓ୍ୱାରଙ୍ଗଲ ସହିତ ତେଲିଙ୍ଗାନା ଅଧିକାର କରିଥିଲେ। ତେଲିଙ୍ଗାନା ଅଧିକାର ପରେ ସେ ବିଜୟନଗରର କରଦରାଜ୍ୟ କାଞ୍ଚି ଓ ଶେଷରେ ବିଜୟନଗର ରାଜ୍ୟ ଅଧିକାର କରିଥିଲେ। ସାରଳା ମହାଭାରତରେ ଏହି କ୍ରମ ଅକ୍ଷୁର୍ଣ୍ଣ ଭାବରେ ବର୍ଣ୍ଣିତ ହୋଇଛି।

ଶାସନର ପ୍ରାରମ୍ଭିକ କାଳରେ କପିଳେନ୍ଦ୍ରଦେବ ଉତ୍ତରର ମାଲ୍ଲା ଓ ବଙ୍ଗର ମୁସଲମାନ ନବାବଙ୍କୁ ପରାସ୍ତ କରି ଗୌଡ଼େଶ୍ୱର ଉପାଧି ପାଇବା ପରେ ଦକ୍ଷିଣର ରେଢ୍ଡିଙ୍କ ଆକ୍ରମଣକୁ ପ୍ରତିହତ କରି ଶକ୍ତିଶାଳୀ ବାହମନୀର ମୁସଲମାନ ଶାସକ, ବିଜୟନଗର ସମେତ ରାମେଶ୍ୱର ପର୍ଯ୍ୟନ୍ତ ସମଗ୍ର ଦାକ୍ଷିଣାତ୍ୟ ଭୂଭାଗ ଅଧିକାର କରି ବିଶାଳ ଓଡ଼ିଶା ସାମ୍ରାଜ୍ୟ ସ୍ଥାପନ କରିଥିଲେ। ଭାରତ ଉପମହାଦ୍ୱୀପ ବିଦେଶାଗତ ମୁସଲମାନମାନଙ୍କ ସାମ୍ରାଜ୍ୟ ନିକଟରେ ମଥାନତ କରି ସାରିଥିବାବେଳେ କେବଳ ଓଡ଼ିଆଜାତି ନିଜର ସୁଚତୁର ରଣକୌଶଳ ଯୋଗୁଁ ଗର୍ବର ସହିତ ମଥାଟେକି ସ୍ୱାଭିମାନୀ ସମର୍ଥ ଜାତିଭାବେ ଠିଆ ହୋଇଥିଲା। ଏହି ସମୟରେ ଓଡ଼ିଆ ଜାତୀୟତା ଭାବନା ଏଭଳି ସ୍ତରରେ ପହଞ୍ଚି ସାରିଥିଲାଯେ, ଏହି ଭାବନାରେ ବାଧା ସୃଷ୍ଟି ନ କରିବାପାଇଁ ରାଜା କପିଳେନ୍ଦ୍ର ନିଜ ଉତ୍ତରାଧିକାର ଚୟନରେ ଜଗନ୍ନାଥଙ୍କ ନିଷ୍ପତ୍ତିକୁ ଚୂଡ଼ାନ୍ତ ଶେଷ ନିଷ୍ପତ୍ତିଭାବେ ଗ୍ରହଣ କରି ଓଡ଼ିଆରାଣୀ ଗର୍ଭରୁ ଜାତ ପୁରୁଷୋତ୍ତମଦେବଙ୍କୁ ମନୋନୀତ କରିଥିଲେ। ଯଦିଓ ଜ୍ୟେଷ୍ଠପୁତ୍ର ହମ୍ବୀରଦେବ ରାଜାନୁରାଗୀ ତଥା କପିଳେନ୍ଦ୍ରଙ୍କ ଆଦର୍ଶ ଓ ଶକ୍ତି ନେଇ ନିଜ ସାମର୍ଥ୍ୟ ପ୍ରତିପାଦନ କରିସାରିଥିଲେ, ମାତ୍ର ସେ ତେଲେଙ୍ଗା ପତ୍ନୀର ପୁତ୍ର ହୋଇଥିବାରୁ ରାଜ୍ୟ ଶାସନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାକୁ କପିଳେନ୍ଦ୍ରଦେବ ଚାହୁଁ ନ ଥିଲେ। ହମ୍ବିରଦେବ ମଧ୍ୟ ପିତାଙ୍କ ନିର୍ଦ୍ଦେଶ ତଥା ସାନଭାଇ ପ୍ରତି ଶ୍ରଦ୍ଧାନୁରାଗବଶବର୍ତ୍ତୀ ହୋଇ ଚାରି ବର୍ଷର ଗୃହଯୁଦ୍ଧ ପରେ ସ୍ୱେଚ୍ଛାରେ ନିର୍ବାସନ ଦାୟିତ୍ୱ ନେଇ ଦକ୍ଷିଣ ଓଡ଼ିଶା ଶାସନ କାର୍ଯ୍ୟରେ ନିୟୋଜିତ ହେଲେ। ତେବେ ପୁରୁଷୋତ୍ତମଦେବଙ୍କ ଦୁର୍ବଳ ନେତୃତ୍ୱ ଯୋଗୁଁ ବଙ୍ଗ ନବାବ ଉତ୍ତରର ମନ୍ଦାରନ ଦୁର୍ଗ ଅଧିକାର କଲେ। ଦକ୍ଷିଣର ଚନ୍ଦ୍ରଗିରିକୁ ସାଲ୍ୱ

ନରସିଂହଦେବ ଅଧିକାର କରି କୃଷ୍ଣା-ଗୋଦାବରୀର ଅଧିକ ରାଜସ୍ୱ ଦେଉଥିବା ଦୋଆବ ଅଞ୍ଚଳ ଅଧିକାର କରିନେଲେ। ଏହି ସମୟରେ ବାହମନୀ ଓ ବିଜୟନଗରର ଶକ୍ତି ବୃଦ୍ଧି ପାଉଥିବାବେଳେ ପୁରୁଷୋତ୍ତମଦେବଙ୍କ ବାରମ୍ବାର ପରାଜୟ ଘଟିବାରୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ସୈନ୍ୟ ଉପାଖ୍ୟାନ କଥା ସୃଷ୍ଟିକରି କାଞ୍ଚି ବିଜୟ କରିବା ଓଡ଼ିଆସେନା ମଧ୍ୟରେ କିଛି ଆଶ୍ୱାସନା ଆଣିଦେଇଥିଲା।

ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କବି ସାରଳା ଦାସଙ୍କ କାଳ ନିରୂପଣ କରିବାକୁ ଯାଇ ମହାଭାରତ ଗ୍ରନ୍ଥରେ ବର୍ଣ୍ଣିତ କେତେକ ଐତିହାସିକ ଯୁଦ୍ଧକୁ ଦୃଷ୍ଟାନ୍ତ ଭାବରେ ନେଇଛନ୍ତି। ସେ "ସାରଳା ସାହିତ୍ୟ ରଚନାକାଳ ଓ ଐତିହାସିକ ଚିତ୍ର" ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି – " x x x କବି ଗଙ୍ଗାଧର ବିଜୟନଗର ରାଜା ଦ୍ୱିତୀୟ ଦେବରାୟ ଓ ତାଙ୍କ ପୁତ୍ର ମଲ୍ଲିକାର୍ଜ୍ଜୁନଙ୍କ ଯେପରି ସମସାମୟିକ ଥିଲେ, କବି ସାରଳା ଦାସ ମଧ୍ୟ ସେହିପରି ଗଜପତି କପିଳେଶ୍ୱର ଓ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବଙ୍କ ସମସାମୟିକ ଥିଲେ। ଗଙ୍ଗାଧର ଓଡ଼ିଶା ଓ ବିଜୟନଗର ସଂଘର୍ଷ ସମ୍ବନ୍ଧରେ ସାମାନ୍ୟ କେତୋଟି କଥା ତାଙ୍କ ଗ୍ରନ୍ଥରେ ଲେଖିଛନ୍ତି, ମାତ୍ର ସାରଳା ଦାସ ଏହି ସଂଘର୍ଷର ଗୋଟିଏ ସମ୍ପୂର୍ଣ୍ଣ ଚିତ୍ର ତାଙ୍କ ମହାଭାରତରେ ପ୍ରକାଶ କରିଛନ୍ତି। ଏହି ଚିତ୍ର ସଙ୍ଗେ ସଙ୍ଗେ ସେ ପଦେ ପଦେ ଭୌଗୋଳିକ ନାମମାନ ମଧ୍ୟ ଯଥାଯଥ ଭାବରେ ପ୍ରକାଶ କରିଛନ୍ତି। x x x ସାରଳାଦାସ ଓଡ଼ିଶାର ଗଜପତିଙ୍କ ଆଶ୍ରିତ କବି ଥିବାର କୌଣସି ପ୍ରମାଣ ନାହିଁ। ତା'ଛଡା ସେ ତାଙ୍କ ମହାଭାରତରେ ଇତିହାସକୁ ଏପରି ଅନ୍ତଃସ୍ରୋତା ଫଲଗୁ କରି ରଖିଛନ୍ତି ଯେ ତାକୁ ଇତିହାସ ବୋଲି ହଠାତ ବୁଝିଦେବା କାହାରି ସାଧ ନାହିଁ। ଏସବୁ କାରଣରୁ ସେ ଐତିହାସିକ ସତ୍ୟକୁ ଅଧିକ ଦକ୍ଷତା ସହକାରେ ଓ ଅଧିକ ସ୍ୱାଧୀନ ଭାବରେ ପ୍ରକାଶ କରି ଯାଇଛନ୍ତି। "

## ୧.୩.୨ ସାରଳା ମହାଭାରତରେ 'ଓଡ଼ିଶା' ସମ୍ବନ୍ଧୀୟ ରାଜନୈତିକ ବିବରଣୀ:

ଓଡିଶାର ଗଜପତି ରାଜା ଭାବରେ ଚିହ୍ନିତ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ସାରଳାଦାସ ତାଙ୍କର ମହାଭାରତ ରଚନା କରିଥିଲେ। ଚଣ୍ଡୀ ପୁରାଣର 'କପିଳ ସିଂହ' ଓ ସାରଳା ମହାଭାରତର 'ପ୍ରଣମିତେ ଖଟନ୍ତି ଶ୍ରୀ କପିଳେଶ୍ୱର ମହାରାଜା' ପଦ ସୂର୍ଯ୍ୟବଂଶୀ ଗଜପତି ରାଜା କପିଳେନ୍ଦ୍ରଦେବଙ୍କୁ ବୁଝାଇଥାଏ। ଓଡ଼ିଶାର ବିଚକ୍ଷଣ କୂଟନୀତିଜ୍ଞ ତଥା ଶକ୍ତିଶାଳୀ ରାଜା କପିଳେନ୍ଦ୍ରଙ୍କ ସମୟରୁ ତାଙ୍କରି ନାମରେ ଏକ ସ୍ୱତନ୍ତ୍ର ଅବ୍ଦର ସୃଷ୍ଟି ହେଲା ଓ ତାହା କପିଳାବ୍ଦ ଭାବରେ ଦେଶରେ ଅଦ୍ୟାବଧି ପ୍ରଚଳିତ। ଏହି ଅବ୍ଦଟି ଖ୍ରୀଷ୍ଟାବ୍ଦ ୧୪୩୫ରୁ ଆରମ୍ଭ ହୋଇଥିଲା। ଯଦି ସାରଳା ଦାସଙ୍କୁ ରାଜା କପିଳେନ୍ଦ୍ରଦେବଙ୍କ ସମସାମୟିକ କବି ଭାବରେ ସ୍ୱୀକାର କରାଯାଏ, ତେବେ କପିଳାବ୍ଦଠାରୁ ସାରଳା ଯୁଗର ଆରମ୍ଭ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

କପିଳେନ୍ଦ୍ରଙ୍କର ଗୌରବ ଗାଥାରେ ବହୁ ଅଭିଲେଖ ଓ ସାହିତ୍ୟ ମୁଖରିତ ହୋଇଉଠିଛି। ଗଜପତି ଚାମର, ଭେରୀ ନିନାଦ ହମ୍ବା, ଭେରୀତୁରୀ ପ୍ରଭୃତି ରାଜ୍ୟରେ ପ୍ରତିଧ୍ୱନିତ ହୋଇଛି। ତାଙ୍କର ଅଶ୍ୱାରୋହୀ ସୈନ୍ୟମାନେ ୱାରଙ୍ଗଲ ଜୟ କରିଛନ୍ତି ଓ ଭୀଲ୍ଲୀ ସୈନ୍ୟମାନେ ଦିଲ୍ଲୀ ପର୍ଯ୍ୟନ୍ତ ମାଡିଯାଇଛନ୍ତି।

'ପ୍ରତାପ କପିଳେଶ୍ୱର ଦେବ' ଓ 'କପିଳେନ୍ଦ୍ର ଦେବ" ଏକ ବୋଲି ଐତିହାସିକଗଣ ସ୍ୱୀକାର କରିଛନ୍ତି। ଜଗନ୍ନାଥ ମନ୍ଦିରରେ ଥିବା କପିଳେନ୍ଦ୍ର ଦେବଙ୍କର ଶିଳାଲେଖରେ କପିଳେନ୍ଦ୍ର ଦେବ 'ବୀର ଶ୍ରୀ ପ୍ରତାପ କପିଳେଶ୍ୱର ଦେବ', 'ଶ୍ରୀ ବୀର ପ୍ରତାପ କପିଳେଶ୍ୱର', 'ବୀର ଶ୍ରୀ ଗଜପତି ଗଉଡେଶ୍ୱର ପ୍ରତାପ କପିଳେଶ୍ୱର ଦେବ','ପ୍ରତାପ କପିଳେଶ୍ୱର ଦେବ, 'ନବକୋଟି କର୍ଣ୍ଣାଟ କଳବରଗେଶ୍ୱର ପ୍ରତାପ କପିଳେଶ୍ୱର ଦେବ' ଓ 'ଶ୍ରୀ ବୀର କପିଳେଶ୍ୱର ଦେବ' ଭାବରେ ଉଲ୍ଲେଖ ରହିଛି। ଶିଳାଲେଖଗୁଡ଼ିକରେ 'କପିଳେଶ୍ୱର ଦେବ" ଓ ସାରଳା ମହାଭାରତର 'କପିଳେଶ୍ୱର ମହାରାଜ' ଏକା ହୋଇଥିବାରୁ ସାରଳା ମହାଭାରତ ସୂର୍ଯ୍ୟବଂଶୀ ରାଜା କପିଳେଶ୍ୱର ଦେବ ବା କପିଳେନ୍ଦ୍ର ଦେବଙ୍କ ସମୟରେ ରଚିତ ହୋଇଥିବାର ଯୁକ୍ତିଯୁକ୍ତ ମନେହୁଏ। ବିଶେଷକରି କପିଳେନ୍ଦ୍ରଦେବଙ୍କ ଶିଳାଲେଖରେ ଓଡିଶା ଓ ସାରଳା ଦାସଙ୍କ ମହାଭାରତରେ ବାରମ୍ବାର ଓଡିଶାର ନାମୋଲ୍ଲେଖ ଉଭୟଙ୍କୁ ଏକ ସମୟର ବୋଲି ପ୍ରମାଣ କରିବାରେ ସହାୟକ ହୁଏ।

ସାରଳା ମହାଭାରତରେ ବିଭିନ୍ନ ସ୍ଥାନରେ 'ଓଡ଼ିଶା' ବା 'ଓଡରାଷ୍ଟ୍ର' ସମ୍ବନ୍ଧୀୟ ବହୁତ ପରିଚୟ ରହିଛି। 'ଓଡ଼ିଶା' ରାଜ୍ୟର ସୃଷ୍ଟି ନେଇ କାଳ୍ପନିକତା ଯଥେଷ୍ଟ ଭାବରେ ପ୍ରକାଶ ପାଇଛି। ନଘୋସ (ନହୁଷ) -ନନ୍ଦନ ନଅ ପୁଅଙ୍କୁ ନଅଟି କନ୍ୟା ପ୍ରଦାନ କଲେ। ଶେଷରେ ନଅ କନ୍ୟାଙ୍କର ଗର୍ଭରୁ ନଅଟି ପୁତ୍ର ଜାତ ହେଲେ। ସାରଳାଦାସ ଏହିଠାରେ କହିଛନ୍ତି ଯେ ସେ ପୃଥିବୀକୁ ନଅ ଭାଗ କରି ବାଣ୍ଟି ଦେଲେ। ଜ୍ୟେଷ୍ଠ ପୁତ୍ର ପୁରୁରବା 'ଓଡ଼ିଆଣୀ' ଗର୍ଭରୁ ଜାତ ବୋଲି ସେ ବର୍ଣ୍ଣନା କରିଅଛନ୍ତି। ସାରଳାଙ୍କ ବର୍ଣ୍ଣନା ଅନୁସାରେ ସମଗ୍ର ଭାରତ ବାରଟି ରାଷ୍ଟ୍ରରେ ବିଭକ୍ତ ହେଲା। ପ୍ରତ୍ୟେକ ରାଷ୍ଟ୍ର ସାତଖଣ୍ଡରେ ବିଭକ୍ତ ହୋଇଥିଲା ଓ ତାହା ପୁନର୍ବାର ବିଭକ୍ତ ହୋଇ 'ମଣ୍ଡଳ' ନାମ ଧାରଣ କରୁଥିଲା। ଓଡ଼ିଶାରେ 'ଖଣ୍ଡମଣ୍ଡଳ' ଶବ୍ଦଟି ବିଶେଷ ଭାବରେ ପ୍ରଚଳିତ। 'ମଣ୍ଡଳ ଭିଆଇଲେ ସେ ଭିଆଇଲେ ପାରିଦଣ୍ଡ"। ମହାଭାରତର ବନ ପର୍ବରେ ବର୍ଣ୍ଣିତ ଦୀର୍ଘତମା ଋଷିଙ୍କର ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ ଓ ପୁଣ୍ଡ୍ର ପ୍ରଭୃତି ପୁତ୍ରଙ୍କର ଜନ୍ମ ବର୍ଣ୍ଣନା ପରିବର୍ତ୍ତେ ସାରଳାଦାସଙ୍କର ଏହା ଏକ କାଳ୍ପନିକ ବର୍ଣ୍ଣନା ହୋଇଥିଲେ ସୁଦ୍ଧା ଏଥିରେ ଐତିହାସିକ ସତ୍ୟତାକୁ ସହଜରେ ଅସ୍ୱୀକାର କରିହେଉନାହିଁ।

ସାରଳା ମହାଭାରତର ମଧ୍ୟପର୍ବରେ ଶାମ୍ବ ଓ ଚନ୍ଦ୍ରାବତୀ ପରିଣୟ ପ୍ରସଙ୍ଗରେ ଅନେକଗୁଡିଏ ରାଜ୍ୟର ବର୍ଣ୍ଣନା ସାରଳାଦାସ ଦେଇଛନ୍ତି। ଏଥିରେ 'ମନ୍ଦର ଦେଶ ରାଜା କଳିଙ୍ଗ ସେନ' ବୋଲି ଏକ ସ୍ଥାନରେ ଉଲ୍ଲେଖ ରହିଛି। ପୁଣି ଉଦୟଗିରି ରାଜ୍ୟର 'କେଶରୀ ନୃପତି' ଓ 'ମାହିନ୍ଦ୍ର' ଦେଶର ରାଜା 'ବିପ୍ରକୃଷ୍ଣ' ବୋଲି ବର୍ଣ୍ଣନା ରହିଛି। ସେହି ମଧ୍ୟପର୍ବରେ ଓଡ଼ିଶା ରାଜ୍ୟ ପ୍ରସଙ୍ଗରେ କେତେକ ଐତିହାସିକ ସୂଚନା ରହିଛି। ଶ୍ରୀକୃଷ୍ଣ ଓ ବଳରାମଙ୍କର ଯୁଦ୍ଧଯାତ୍ରା ପ୍ରସଙ୍ଗରେ ସାରଳାଦାସ ଚାରିଗୋଟି ରାଜବଂଶର ବର୍ଣ୍ଣନା ଦେଇଛନ୍ତି। ସେଗୁଡିକ ହେଲା – ହରିହରବଂଶର ରାଜା ଉଦ୍ଧବ, ଗଙ୍ଗବଂଶର ରାଜା ସତଧନୁ ଓ ଚୁହାଣ (ଚୌହାନ) ବଂଶର ରାଜା – ଶୁରଣ ଇତ୍ୟାଦି।

ସାରଳା ମହାଭାରତର ବନପର୍ବରେ ପଶ୍ଚିମ କୋଶଳ ନାମକ ରାଜ୍ୟର ଉଲ୍ଲେଖ ରହିଛି ଓ ସେହି ରାଜ୍ୟରେ କାଶିପୁର ନାମକ ସ୍ଥାନ ରହିଛି । ଅନ୍ୟାନ୍ୟ ସ୍ଥାନ ମଧ୍ୟର ଓଡ଼ିଶାର ପ୍ରସିଦ୍ଧ ନଦୀ ଓ କେତେକ ସ୍ଥାନର ଉଲ୍ଲେଖ ରହିଛି । ବୈତରଣୀ ପ୍ରାଚୀନ ଓଡ଼ିଶାର ଏକ ସୁପ୍ରସିଦ୍ଧ ନଦୀ ଓ ପୌରାଣିକ ମତରେ ଓଡ଼ିଶାର ସର୍ବପ୍ରଥମ ଆର୍ଯ୍ୟବସତି ଏହି ନଦୀ ତୀରଦେଶରେ ହିଁ ପ୍ରତିଷ୍ଠିତ ହୋଇଥିଲା । ବନପର୍ବରେ ବୈତରଣୀ ତୀର୍ଥ ସ୍ଥାନ ମହା ସମୃଦ୍ଧିଶାଳୀ ଥିଲା ବୋଲି ବର୍ଣ୍ଣିତ । ସେହି ବନପର୍ବରେ ଚନ୍ଦ୍ରଭାଗା ତୀରସ୍ଥ ରାମଚଣ୍ଡୀ ଦେବୀ ଦକ୍ଷିଣ କୋଶଳର ତୀର୍ଥ ବୋଲି କୁହାଯାଇଛି । ସେତେବେଳେ ପ୍ରାଚୀ ଓ ଚନ୍ଦ୍ରଭାଗା ପ୍ରଭୃତି ସ୍ଥାନ ଦକ୍ଷିଣ କୋଶଳର ଅନ୍ତର୍ଭୁକ୍ତ ଥିଲା ବୋଲି ସେ ଲେଖିଛନ୍ତି । ବୈତରଣୀ କୂଳରେ 'ବେଦପୁର ନାମକ' ଗ୍ରାମ ରହିଥିଲା । ପଶ୍ଚିମ କୋଶଳରେ କାଉଁରୀ କାମାକ୍ଷା ଦେଶ ଅବସ୍ଥିତ ବୋଲି ମହାଭାରତରେ ବର୍ଣ୍ଣିତ । ତେବେ ଏସବୁ ଇତିହାସ ଦୃଷ୍ଟିରୁ ସତ୍ୟ ବୋଲି ପ୍ରତୀତ ହୁଏ ନାହିଁ ।

ଝଙ୍କଡର ଅନତି ଦୂରରେ'ଏରଡଙ୍ଗା' ନାମକ ଏକ ସ୍ଥାନ ରହିଛି । ସେ ସମୟରେ ତାହା ସମ୍ଭବତଃ ଏକ କ୍ଷୁଦ୍ର ରାଜ୍ୟ ଥିଲା । ସାରଳା ସେହି ସ୍ଥାନର ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି । ସଭାପର୍ବରେ ବହୁ ରାଜ୍ୟ ଓ ରାଜାଙ୍କର ନାମୋଲ୍ଲେଖରେ ନେପାଳର ପ୍ରସିଦ୍ଧ ପଶୁପତି ମନ୍ଦିର କଥା ସାରଳାଦାସ ସ୍ମରଣକୁ ଆଣିଛନ୍ତି ଓ ସେତେବେଳ 'ସତ୍ୟପା' ନାମରେ ଜଣେ ରାଜା ନେପାଳରେ ରାଜତ୍ୱ କରୁଥିବାର କହିଛନ୍ତି । ସହଜିଆ ସିଦ୍ଧାଚାର୍ଯ୍ୟମାନଙ୍କର 'ପା' ଶବ୍ଦ ବୌଦ୍ଧଗାନ ଦୋହାର ସିଦ୍ଧାଚାର୍ଯ୍ୟଙ୍କର ନାମ ଶେଷରେ ବ୍ୟବହାର ହୋଇଥିବାର ଦେଖାଯାଏ । ସାରଳା ସାହିତ୍ୟରେ ସେହି ସହଜିଆ ପରମ୍ପରାର ପ୍ରଭାବ ରହିଛି ବୋଲି ଏଥିରୁ ଅନୁମିତ ହୁଏ ।

ସାରଳାଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ପ୍ରାୟ ପାଞ୍ଚଶହ ବର୍ଷ ଭିତରେ ଅନେକ ଗ୍ରାମ, ନଗର ଓ ଦେଶର ନାମ ପରିବର୍ତ୍ତନ ହୋଇଗଲାଣି, ତଥାପି ଇତିହାସର ପୃଷ୍ଠାରେ ଅନେକ ଘଟଣା ଆଜି ପର୍ଯ୍ୟନ୍ତ ମେଳ ଖାଇବାର ଦେଖାଯାଉଛି । ସାରଳାଙ୍କର ବର୍ଣ୍ଣନାଗୁଡିକ ଇତିହାସ ଓ କାଳ୍ପନିକତା ମହତ୍ତ୍ୱପୂର୍ଣ୍ଣ ସାନ୍ନିଧ ଭିତରେ ପ୍ରକାଶ ପାଇଛି । 'ଉଡଙ୍ଗ' ଶବ୍ଦଟି 'ଓଡ଼ିଶା -ଅଙ୍ଗ' ବା 'ଓଡ଼ିଶା-ବଙ୍ଗ' ଶବ୍ଦରୁ ଉଦ୍ଭବ ହୋଇଥିବା ସମ୍ଭବ । ସେ ଲେଖିଛନ୍ତି - 'ଯମୁନା ଅନ୍ତେ ଉଡଙ୍ଗ ନାମେ ଅଛି ଦେଶ', 'ସ୍ୱାମୀ ଉଡଙ୍ଗର ରାଜା ଆସୁଛି ଛାମୁକୁ' ଇତ୍ୟାଦି ।

ସାରଳା ମହାଭାରତର ଅନ୍ୟ ଏକ ବୈଶିଷ୍ଟ୍ୟ ଯେ ଯେଉଁଠି ସାରଳା ନିଜର ପରିଚୟ ଦେଇଛନ୍ତି, ପ୍ରାୟ ଅନେକ ସ୍ଥାନରେ ସେ ଦେଶ, ଗ୍ରାମ ନଗରର ନାମ ଉଲ୍ଲେଖ କରିଛନ୍ତି । ସାରଳା ନିଜର ପରିଚୟରେ ଗ୍ରାମ ନଗର, ବିସ ପ୍ରଭୃତି ନିର୍ଦ୍ଦେଶ କରି ଜନ୍ମସ୍ଥାନ ଯେପରି ଭାବରେ ଉଲ୍ଲେଖ କରିଛନ୍ତି, ପ୍ରାୟ ଅନ୍ୟ କୌଣସି ପ୍ରାଚୀନ କବିଙ୍କର ଲେଖାରେ ଏଭଳି ବିସ୍ତୃତ ପରିଚୟ ଦିଆଯାଇନାହିଁ । ବିରାଟ ପର୍ବରେ ବିଭିନ୍ନ ରାଜ୍ୟର ବର୍ଣ୍ଣନାରେ ସାରଳା ଦାସ ଅନେକ ରାଜ୍ୟର ନାମ ଉଲ୍ଲେଖ କରିଛନ୍ତି । ଏହିସବୁ ରାଜ୍ୟର ନାମକରଣରେ 'କଳିଙ୍ଗ' ଓ 'ଓଡ଼ିଶା' ନାମର ଏକତ୍ର ସମାବେଶ ଘଟିଛି ।

ଏହା ବ୍ୟତୀତ ଓଡ଼ିଶା ପ୍ରସଙ୍ଗରେ ସେ ମହୀନ୍ଦ୍ର, ମହୀନ୍ଦ୍ରଗିରି, ତୁଳସୀପୁର, ଯାଜପୁର, ଅର୍କତୀର୍ଥ, ମଣିକୁଣ୍ଡ, ଉଜାଣି ନଗ୍ର, କଳକଳାଗଡ, ଶ୍ୱେତଗଙ୍ଗା, ଚନ୍ଦ୍ରଭାଗା, ବ୍ରହ୍ମପୁର, ଶ୍ୱେଣିତପୁର, ଯାଜନପୁର (ଯାଜପୁର), ପାଟ ବୈତରଣୀ ପ୍ରଭୃତି ସ୍ଥାନର ବର୍ଣ୍ଣନା କରିଛନ୍ତି। ମୋଟ ଉପରେ ସାରଳା ମହାଭାରତରେ ଉତ୍କଳ, କଳିଙ୍ଗ ଓ ଓଡ୍ର ଦେଶ ବ୍ୟତୀତ ସାରଳା ଦାସ 'ଓଡ଼ିଶା' ଅର୍ଥରେ 'ଓଡଦିନଗ୍ର' 'ଓଡରାଷ୍ଟ୍ର' ଓ 'ଓଡଙ୍ଗ' ବା 'ଉଡଙ୍ଗ' ପ୍ରଭୃତି ନାମ ଉଲ୍ଲେଖ କରିଛନ୍ତି।

ସାରଳା ଦାସଙ୍କ ସମୟରେ ସମଗ୍ର ଦକ୍ଷିଣ ଭାରତ ରାଜା କପିଳେନ୍ଦ୍ରଦେବଙ୍କ ଅଧିକାର ଅନ୍ତର୍ଭୁକ୍ତ ଥିଲା। ସେଥିପାଇଁ ସ୍ଥାନ ବିଶେଷରେ ଦକ୍ଷିଣ ଦେଶର ବିଭିନ୍ନ ନାମକରଣରେ ସାରଳା ଯେଉଁ 'କୁଣ୍ଡବେଦୀ' ନଗ୍ରର ନାମକରଣ କରିଅଛନ୍ତି, ତାହା ଐତିହାସିକ 'କୁଣ୍ଡାବିଡୁ' ଦୁର୍ଗ ବୋଲି ମନେ ହୋଇଥାଏ। ସେହିପରି ସାରଳା ମହାଭାରତର 'ମହୀନ୍ଦ୍ର' ରାଜମହେନ୍ଦ୍ରୀ ବୋଲି ଚିହ୍ନଟ କରାଯାଇଛି। ବିଜୟ ନଗରର ଅନ୍ତର୍ଭୁକ୍ତ 'ଉଦୟଗିରି' ଓ 'ଚନ୍ଦ୍ରଗିରି' ଦୁଇଟି ରାଜ୍ୟ କପିଳେନ୍ଦ୍ର ଦେବଙ୍କ ସମୟରେ ପ୍ରାୟ ୧୪୫୮ ଖ୍ରୀଷ୍ଟାବ୍ଦ ବେଳକୁ ଓଡ଼ିଶା ଅନ୍ତର୍ଭୁକ୍ତ ହୋଇଥିଲା। ଏହା ମଧ୍ୟ ସାରଳାଙ୍କ ଲେଖନୀରୁ ବାଦ ପଡିନାହିଁ। ଏହିପରି ଭାବରେ ଦେଖିବାକୁ ଗଲେ ବିରାଟ ପର୍ବରେ ଚାରମୁଖରେ ବହୁ ରାଜ୍ୟର ବର୍ଣ୍ଣନା ରହିଛି। ସେଗୁଡ଼ିକ ହେଲା - 'ମହୀନ୍ଦ୍ର (ରାଜମହେନ୍ଦ୍ରୀ)', ସୋରହଟ୍ଟ, କନାଉଜ, ମହାରାଷ୍ଟ୍ର, ଉଦୟଗିରି, ଚନ୍ଦ୍ରଗିରି, କାଞ୍ଚନଗ୍ରୀ, କାବେରୀପୁର, ଚୋରମଣ୍ଡଳ, ପାଣିପଣ୍ଡଳ, ଲଙ୍କା, କୃଷ୍ଣାବେଣୀ, ସରସ୍ୱତୀ, କୁନ୍ଦମାଳ, ତୁଳସୀପୁର, ଯାଜପୁର, ଶ୍ୱେତଗଙ୍ଗା, ଚନ୍ଦ୍ରଭାଗା, ଅର୍କତୀର୍ଥ, ମଣିକୁଣ୍ଡ, ଲୋକନାଥ ବଟୀକ, ହେମବନ୍ତ, ଏକଚକ୍ରା, ଉଜାଣି ନଗ୍ର, କଳକଳାଗଡ, ମାନଭଙ୍ଗ, ତୀହୁତି, ଭୋଟ, ମନ୍ଦାର, ନେପାଳ, ବାରସ୍ୱତୀ, ଶୋଣିତପୁର, ମହାରାଷ୍ଟ୍ରୀ, ସିନ୍ଧୁ, ବଙ୍ଗ, ମଲ୍ଲାର, ସଉରାଷ୍ଟ୍ରୀ, କାଶ୍ମୀର, ଯୋଜନପୁର, ଯାଜନପୁର, ପଞ୍ଚଗଉଡ, ବ୍ରହ୍ମାମଣ୍ଡଳ, ମହୀଚନ୍ଦନନଗ୍ର, ଲବଙ୍ଗ, ଶ୍ରୀହଟ୍ଟ ପାଟଣା, ଗୋରେଖପୁର, ମଛଇନ୍ଦ୍ରପୁର ଇତ୍ୟାଦି।

ସାରଳା ମହାଭାରତରେ ବର୍ଣ୍ଣିତ ଓଡ଼ିଶା ସମ୍ପର୍କିତ କେତେକ ଉଦ୍ଧୃତି ଏଠାରେ ଉଲ୍ଲେଖ କରାଗଲା।

(୧) ଜମ୍ବୁଦୀପ ଭ୍ରଥଖଣ୍ଡ ଓଡରାଷ୍ଟ୍ର ମଣ୍ଡଳରେ
ଉପ୍ଳେଶ୍ୱର ଲିଙ୍ଗ ଚିତ୍ରଉପ୍ଳା ଦକ୍ଷିଣ କୂଳରେ।

(୨) କଳିକାଳ ଧ୍ୱଂସିଣ ଭୋଗେଣ କୋଟି ପୂଜା
ପ୍ରଳମ୍ଭିତେ ଖଟଇ ଶ୍ରୀକପିଳେଶ୍ୱର ମହାରାଜା।

(୩) ଆଦ୍ୟରେ ପୃଥିବୀ ନବଭାଗ ରାଜା କଲେ
ନବ ଖଣ୍ଡ ମେଦିନୀ ନବପୁତ୍ରେ ବାଣ୍ଟିଦେଲେ।

(୪) ତାହାର ଜ୍ୟେଷ୍ଠପୁତ୍ର ନାମ ପୁରୁ ମହୀପତି
ଓଡ଼ିୟାଣୀ ଭାରିୟାର ସେ ଅଟଇ ସନ୍ତତି ।

(୫) ମାତାଙ୍କର ଭାଗ ଯେ ଓଡ଼ରାଷ୍ଟ୍ର ମଣ୍ଡଳେ
ତହୁଂ ସେ ଓଡରାଷ୍ଟ୍ର ଭୂଅଖଣ୍ଡେ ସର୍ବକାଳେ ।

(୬) ଓଡ଼ିଆ ତେଲଙ୍ଗୀ ନାଗେରୀ ଦକ୍ଷିଣୀ
କାନାଉଜିଆ ମରହଠିଆ ଗୁରୁଲେଖା ଖାଂଜଣୀ

(୭) ବୀରତୀର ମହାଚୀର ଦ୍ରାବିଡ ମହାଭାଖା
ଡାହାଳ ବେଲାଉଳ ଯେ ପଞ୍ଚମ ରେଖା ।

ଆପଣାର ମହାଭାରତ ରଚନାରେ ସାରଳା ଦାସ ବହୁବାର ଓଡ଼ିଶାର ତତ୍କାଳୀନ ରାଜା କପିଳେନ୍ଦ୍ରଦେବଙ୍କର ନାମ ଉଲ୍ଲେଖ କରିଅଛନ୍ତି । ମାତ୍ର କପିଳେନ୍ଦ୍ରଦେବ ଖାରବେଳଙ୍କ ପରେ ଦ୍ୱିତୀୟ ଦିଗ୍‌ବିଜୟୀ ପ୍ରଥମ ଓଡ଼ିଆ ଶାସକଥିଲେ ବୋଲି ଓଡ଼ିଆ ଜାତୀୟତାରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଆ ସାହିତ୍ୟର କେତେକ ଆଲୋଚକ ତାଙ୍କୁ ଏକ ବିଶେଷ ଅନୁରାଗପୂର୍ଣ୍ଣ ଚକ୍ଷୁରେ ଦେଖିବାକୁ ଚେଷ୍ଟା କରିଥାନ୍ତି ଏବଂ କବି ସାରଳାଙ୍କ ସହିତ ତାଙ୍କୁ ଆଣି ଯୋଡ଼ିଥାନ୍ତି । କପିଳେନ୍ଦ୍ରଦେବ ଜଣେ ପ୍ରତାପଶାଳୀ ରାଜା ଥିଲେ । ସମର ଅଭିଯାନର ଅନେକ ରାଜାଙ୍କୁ ପରାଜିତ କରିଥିଲେ । ହୁଏତ ଏକଥା ମଧ୍ୟ ହୋଇପାରେ ଯେ ତାଙ୍କ ରାଜତ୍ୱ ସମୟରେ ଓଡ଼ିଶାରେ ସୁଖସମୃଦ୍ଧି ବିରାଜମାନ କରୁଥିଲା । ରାଜା ପ୍ରତାପୀ ହେଲେ ଏବଂ ସାଧାରଣ ପ୍ରଜା ସୁଖରେ ରହିଲେ ସାହିତ୍ୟ ସମୃଦ୍ଧ ଓ ପୁଷ୍ପିତ ହେବ । ଅନେକ ସମୟରେ ଏପରି ମଧ୍ୟ ହୋଇଥାଏ ଯେ, ତଥାକଥିତ ସୁଖ, ଭୋଗ ଏବଂ ଏକ ମିଛ ପରିତୃପ୍ତି ଭାବ ଅଧିକାଂଶ ମନୁଷ୍ୟଙ୍କର ଚେତନାକୁ ଗୋଟାସୁଦ୍ଧା ଗିଳି ପକାଇଥାଏ । ତଦ୍ଦ୍ୱାରା ସର୍ଜନାତ୍ମକତା କ୍ଷେତ୍ରରେ ଏକ ଘୋର ନିଦ୍ରା ଘାରି ରହିଥାଏ । ସମାଜ ଜୀବନକୁ ପାଥେୟ କରି ଅସଲ ସାହିତ୍ୟ ସୃଷ୍ଟିପାଇଁ କାହାରି ଭିତରେ ହୁଏତ ଅସଲ ତୃଷ୍ଣା ନ ଥାଏ । ସାମୂହିକ ଜୀବନର ଦୁର୍ଦ୍ଦିନରେ ହୁଏତ ମଣିଷ ଭିତରର କବି, ଲେଖକ ଏବଂ ସର୍ଜନାତ୍ମକ ବ୍ୟକ୍ତିତ୍ୱ ସକାଶେ ଅପେକ୍ଷାକୃତ ଅଧିକ ଆହ୍ୱାନ ଆସି ପହଞ୍ଚେ ଓ ସେ ସେହି ଆହ୍ୱାନଗୁଡ଼ିକର ଜବାବ ଦେବାଲାଗି ଅଧିକ କ୍ରିୟାଶୀଳ ହେବାଦ୍ୱାରା ସାହିତ୍ୟର ନବ ଉନ୍ମେଷ ଘଟେ, ରଙ୍ଗ ମଧ୍ୟ ବଦଳିଯାଏ, ଯାହା ଘଟିଥିଲା କପିଳେନ୍ଦ୍ରଙ୍କ ସମୟରେ ।

ତେବେ ସେ ଯାହାହେଉ, କପିଳେନ୍ଦ୍ରଦେବଙ୍କ ଶାସନ ଫଳରେ ଦୀର୍ଘକାଳର ଅସ୍ଥିରତା ଦୂର ହୋଇଯିବା ପରେ ଓଡ଼ିଆମାନେ ଶିଳ୍ପ, ସାହିତ୍ୟ ଇତ୍ୟାଦିର ଉନ୍ନତି କରିବା ନିମନ୍ତେ ଉଦ୍ୟମ ଆରମ୍ଭ କଲେ । ଏକ ନିରୁଦ୍‌ବିଗ୍ନ, ଶାନ୍ତ ସମସ୍ୟାବିହୀନ ରାଜନୈତିକ ବ୍ୟବସ୍ଥାରେ ଶିଳ୍ପ ତଥା ସାହିତ୍ୟ ପ୍ରଭୃତିର ଯେଉଁ ଉନ୍ନତି ସମ୍ଭବ, ତାହା ଅସ୍ଥିର

ରାଜନୀତିରେ ସାମାନ୍ୟତମ ଅଂଶ ମଧ୍ୟ ସମ୍ଭବପର ନୁହେଁ। କପିଳେନ୍ଦ୍ରଦେବଙ୍କର ଅକ୍ଲାନ୍ତ ଉଦ୍ୟମ ଫଳରେ ଏହା ସମ୍ଭବ ହୋଇଥିଲା। ପ୍ରଜାମାନଙ୍କର ଦୈହିକ ସୁଖଶାନ୍ତି ପ୍ରତି ତାଙ୍କର ସତର୍କ ଦୃଷ୍ଟି ରହିଥିଲା। ସାହିତ୍ୟ, ସଙ୍ଗୀତ ପ୍ରଭୃତି ସୁକୁମାର କଳା ସେ ଯୁଗରେ ଥିଲା ସାମନ୍ତ ନିୟନ୍ତ୍ରିତ। ସ୍ୱୟଂ ଗଜପତି ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟିକ। ଏଣୁ ଆଶା କରାଯାଇପାରେ ଯେ ତତ୍କାଳୀନ ସାହିତ୍ୟିକ କବିଗଣ ତାଙ୍କର ଅନୁଗ୍ରହ ଲାଭରୁ ବଞ୍ଚିତ ହୋଇ ନ ଥିବେ। କବି ସାରଳାଦାସ ନିଜେ ଗଜପତିଙ୍କର ପ୍ରଶଂସା ଗାନ କରିଥିବାରୁ ଅନୁମିତ ହୁଏ ଯେ ସେ କପିଳେନ୍ଦ୍ରଦେବଙ୍କ ପୃଷ୍ଠପୋଷକତା ଲାଭ କରିପାରିଥିଲେ। ଏଭଳି ଏକ ଅନୁକୂଳ ପରିବେଶରେ ସାରଳାଙ୍କର କବିତ୍ୱ ପ୍ରତିଷ୍ଠିତ ହୋଇଥିଲା।

## ୧.୪ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

(କ) ସାରଳା ଦାସ କପିଳେନ୍ଦ୍ରଦେବଙ୍କ ସମସାମୟିକ କବି ଭାବରେ ସପ୍ରମାଣ ଉଲ୍ଲେଖ କର ?

(ଖ) କପିଳେନ୍ଦ୍ରଦେବଙ୍କ ରାଜନୈତିକ ଉପଲବ୍ଧି।

(ଗ) ଓଡିଆଭାଷାକୁ ରାଜଭାଷା ଭାବରେ ସ୍ୱୀକୃତି ଦେବା ପଛର କାରଣ ?

(ଘ) ସାରଳା ଦାସଙ୍କ ମହାଭାରତ କିପରି ଐତିହାସିକ ତଥ୍ୟକୁ ଆଧାର କରି ଗତି କରିଛି ?

(ଙ) ସାରଳା ମହାଭାରତରେ ଓଡିଶା ସମ୍ପର୍କିତ ବର୍ଣ୍ଣନା।

### ୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

(କ) ଓଡିଆ ସାହିତ୍ୟ ସୃଷ୍ଟିରେ କପିଳେନ୍ଦ୍ର ଦେବଙ୍କ ଭୂମିକା ନିରୂପଣ କର ?

(ଖ) ଇତିହାସ ଓ ପୁରାଣର ମିଶ୍ରିତ ରୂପ ହେଉଛି ସାରଳା ମହାଭାରତ - ସଦୃଷ୍ଟାନ୍ତ ଆଲୋଚନା କର।

(ଗ) ରାଜନୀତିକ ନିଷ୍ପତ୍ତି ହିଁ ଗୋଟିଏ ଭାଷାକୁ ଜୀବନ୍ତ ବା ମୃତ ଭାବରେ ପରିଣତ କରେ - କପିଳେନ୍ଦ୍ରଦେବଙ୍କ ଶାସକୀୟ ପରାକାଷ୍ଠା ଭିତ୍ତିରେ ଏହାର ସତ୍ୟତା ପ୍ରତିପାଦନ କର।

## ୧.୫ ସହାୟକ ଗ୍ରନ୍ଥସୂଚୀ


- ଦାଶ, ସୂର୍ଯ୍ୟନାରାୟଣ, (୧୯୬୮), *ଓଡିଆ ସାହିତ୍ୟର ଇତିହାସ(ପ୍ରଥମ ଭାଗ),* ଗ୍ରନ୍ଥମନ୍ଦିର, କଟକ।
- ପୃଷ୍ଟି, ସୁବ୍ରତ କୁମାର, (୨୦୧୭), *ଓଡିଆ ଭାଷା ସାହିତ୍ୟ ପରିଚୟ(୩ୟ ସଂସ୍କରଣ),* ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି., ବାଦାମବାଡି, କଟକ।
- ମହତାବ, ହରେକୃଷ୍ଣ, (୧୯୭୭),*ଓଡିଶାର ଇତିହାସ (୧ମ, ୨ୟ ଭାଗ),* କଟକ ଷ୍ଟୁଡେଣ୍ଟ ଷ୍ଟୋର, କଟକ।
- ଓଡିଶା କଲଚରାଲ ଫୋରମ, (୧୯୮୧),*ଓଡିଶାର ସାମରିକ ସଂସ୍କୃତି,* ଗ୍ରନ୍ଥମନ୍ଦିର, କଟକ।

# ଦ୍ୱିତୀୟ ଏକକ : ସାରଳା ସାହିତ୍ୟର ସାମାଜିକ ମୂଲ୍ୟ

ବିଷୟ ଗଠନ :


୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୩.୧ ସାରଳା ଦାସଙ୍କ ସମୟ

୨.୪ ସାରଳା ସାହିତ୍ୟର ସାମାଜିକ ମୂଲ୍ୟ

୨.୪.୧ ସାରଳା ସାହିତ୍ୟରେ ଧର୍ମ

୨.୪.୨ ସାରଳା ସାହିତ୍ୟରେ ସଂସ୍କୃତି

୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୬ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

ସାରଳା ଦାସଙ୍କର ମହାଭାରତ ଓଡ଼ିଆ ସାହିତ୍ୟରେ ଏକ ଅନବଦ୍ୟ ସୃଷ୍ଟି । ସମଗ୍ର ପୂର୍ବଭାରତରେ ସର୍ବ ପ୍ରଥମେ ପଞ୍ଚଦଶ ଶତାବ୍ଦୀର ଆଦ୍ୟଭାଗରେ ଆଞ୍ଚଳିକ ଭାଷାରେ ରଚିତ ଏହା ଏକ ପୂର୍ଣ୍ଣାଙ୍ଗ ଗ୍ରନ୍ଥ । ଏହା ସଂସ୍କୃତ ମହାଭାରତର ଆକ୍ଷରିକ ଅନୁବାଦ ନୁହେଁ । ସଂସ୍କୃତ ମହାଭାରତର ଛାୟାରେ ରଚିତ ସାରଳା ଦାସଙ୍କର ମୌଳିକ ସୃଷ୍ଟି । ଓଡ଼ିଆ ଜନଜୀବନର ଏହା ଏକ ନିଚ୍ଛକ ପ୍ରତିଛବି । ଏଥିରୁ ସାରଳାଦାସଙ୍କର ଅସାଧାରଣ ପ୍ରତିଭାର ପରିଚୟ ମିଳେ । ସାରଳାଦାସ ତାଙ୍କ ମହାଭାରତ ଚରିତ୍ରଗୁଡ଼ିକୁ ଓଡ଼ିଶାର ଜୀବନ ଶୈଳୀ ଅନୁସାରେ ଚିତ୍ରଣ କରିଛନ୍ତି । ଏହି ଗ୍ରନ୍ଥରୁ ଓଡ଼ିଶାର ଆଞ୍ଚଳିକ ସଂସ୍କୃତି ଓ ସ୍ୱାତନ୍ତ୍ର୍ୟ ସମ୍ବଳିତ ଏକ ସାରସ୍ୱତ ଭଣ୍ଡାରର ପରିଚୟ ମିଳିଥାଏ । ସାରଳାଦାସଙ୍କ ମହାଭାରତ ଅନୁକରଣରେ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ବହୁଭାବରେ ସମୃଦ୍ଧ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । ତେଣୁ ଏଭଳି ଏକ ସମୃଦ୍ଧ ସାହିତ୍ୟ ଓ ସାହିତ୍ୟିକଙ୍କ ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବା ହେଉଛି ଏହି ଏକକର ମୂଳ ଉଦ୍ଦେଶ୍ୟ ।

## ୨.୨ ଶିକ୍ଷଣୀୟ ବିଷୟ

**ଏହି ଏକକ ପଠନ ପରେ ଜଣେ ବିଦ୍ୟାର୍ଥୀ ନିମ୍ନଲିଖିତ ବିଷୟରେ ସବିଶେଷ ତଥ୍ୟ ଜାଣିପାରିବ।**

- ସାରଳା ଦାସଙ୍କ ପରିଚୟ ଓ ସାହିତ୍ୟକୃତି ସଂପର୍କିତ ଜ୍ଞାନ ଆହରଣ।
- ସାରଳା ସାହିତ୍ୟ ସୃଷ୍ଟିର ସାମାଜିକ ଭିତ୍ତି ତଥା ଧାର୍ମିକ ଓ ସାଂସ୍କୃତିକ ଉତ୍ତରଣ।
- ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଥିବା ତତ୍କାଳୀନ ବିଧିବ୍ୟବସ୍ଥା।

## ୨.୩ ବିଷୟ ପ୍ରବେଶ

ସାରଳା ଦାସଙ୍କ ମହାଭାରତ ରଚନା ସମୟକୁ ଓଡ଼ିଆ ଭାଷା ସ୍ୱମହିମାରେ ସୁପ୍ରତିଷ୍ଠିତ ହୋଇସାରିଥିଲା । ସାରଳା ଦାସ ଗୋଟିଏ ସମୃଦ୍ଧ ଭାଷିକ ପରମ୍ପରାକୁ ନେଇ ସାହିତ୍ୟ ସୃଷ୍ଟି କରିଛନ୍ତି, ଏହା ତାଙ୍କର ମହାଭାରତ ପାଠକଲେ ଜଣାପଡ଼େ । ତେଣୁ ସାରଳାଦାସଙ୍କ ସାହିତ୍ୟ ଯେ ଏକ ସୁଦୃଢ଼ ଭିତ୍ତିଭୂମି ଉପରେ ସୁପ୍ରତିଷ୍ଠିତ ଏଥିରେ ସନ୍ଦେହ ନାହିଁ । ଓଡ଼ିଆ ସାହିତ୍ୟ ଇତିହାସରେ ଲେଖକ ଓ ଗବେଷକମାନେ ସାରଳାଙ୍କ ପୂର୍ବକାଳୀନ ସାହିତ୍ୟକୁ ପ୍ରାକ୍‌ସାରଳା ସାହିତ୍ୟ ଭାବରେ ଆଲୋଚନା କରିଛନ୍ତି । ସାରଳା ସାହିତ୍ୟର ଯେ କୌଣସି ବିଭାବର ଅନୁଶୀଳନ ପାଇଁ ପ୍ରାସଙ୍ଗିକ ଭାବରେ ପ୍ରାକ୍‌ସାରଳା ସାହିତ୍ୟର ଆଲୋଚନା ମଧ୍ୟ ଅପରହାର୍ଯ୍ୟ ହୋଇଥାଏ । ବସ୍ତୁତଃ ଏହି କାଳର ସାହିତ୍ୟ ହିଁ ସାରଳା ସାହିତ୍ୟର ସୃଷ୍ଟିପାଇଁ ଏକ ସମର୍ଥ ପୃଷ୍ଠଭୂମି ନିର୍ମାଣ କରିଦେଇଛି ।

### ୨.୩.୧ ସାରଳା ଦାସଙ୍କ ସମୟ

ପଞ୍ଚଦଶ ଶତାବ୍ଦୀ ବା ଏହା ପୂର୍ବବର୍ତ୍ତୀ ତାଳପତ୍ର ସାହିତ୍ୟ ଭାବରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ହେଉଛି ସାରଳା ସାହିତ୍ୟ ସମ୍ଭାର। ଏହି ସାହିତ୍ୟର ରଚନା କାଳକୁ ନେଇ ଯଦିଓ ବିବାଦ ଦେଖାଦେଇଛି, ମାତ୍ର ଓଡିଆ ଭାଷା ଓ ସାହିତ୍ୟର ଏହା ଯେ ଏରୁଣ୍ଡିବନ୍ଧ ତାହା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ଗୋପୀନାଥ ମହାନ୍ତି ଏହାର ଭାଷା, ଲେଖନୀଗତ ଶୈଳୀ, ଭୌଗୋଳିକ ବର୍ଣ୍ଣନା ଇତ୍ୟାଦିକୁ ଭିତ୍ତି କରି ଏହା ଚର୍ଯ୍ୟା ପରବର୍ତ୍ତୀ ସାହିତ୍ୟ ଅର୍ଥାତ ନବମ-ଦଶମ ଶତାବ୍ଦୀ ବୋଲି କହିଥିବାବେଳେ ବିଶିଷ୍ଟ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଐତିହାସିକ ଦୃଷ୍ଟିକୋଣରୁ ବିଚାର କରି ଏହାର କାଳ ପଞ୍ଚଦଶ ଶତାବ୍ଦୀ ବୋଲି କହିଛନ୍ତି। ଉଭୟଙ୍କ ମତାମତରେ ପାର୍ଥକ୍ୟ ଏତିକି ଗୋପୀନାଥ ମହାନ୍ତି ବିଭିନ୍ନ ପ୍ରାଚୀନ ତାଳପତ୍ର ଅଧ୍ୟୟନ କରି ନିଜର ସିଦ୍ଧାନ୍ତ ପ୍ରଦାନ କରିଥିବାବେଳେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବିଂଶ ଶତାବ୍ଦୀରେ ବ୍ୟବସାୟିକ ଉଦ୍ଦେଶ୍ୟରେ ମୁଦ୍ରିତ କେତେକ ପୁସ୍ତକ ପାଠ କରି ନିଜ ମତକୁ ପ୍ରମାଣ କରିଛନ୍ତି। ଗୋପୀନାଥ ମହାନ୍ତି ସାରଳାଦାସଙ୍କ ସମ୍ପର୍କରେ ଦୀର୍ଘ ପ୍ରବନ୍ଧରେ ଲେଖିଛନ୍ତି – XXX ତେଣୁ ଯେଉଁଆଡୁ ଦେଖିଲେ ସାରଳା ମହାଭାରତ ସେ ୧୧ଶ ଶତାବ୍ଦୀ ପୂର୍ବର ଓ ବୌଦ୍ଧଗାନ୍

ଓ ଦୋହା ପଛର ଅର୍ଥାତ୍ ୭୫୦ ଖ୍ରୀ:ଅ: ପଛର। ସାରୋଳ ଦାସଙ୍କ ମହାଭାରତରେ ଅନେକ ସ୍ଥାନରେ ଯାଜନଗ୍ରିର ନାମ ଉଲ୍ଲେଖ କରାହୋଇଛି। ଆଦିପର୍ବରେ "ବାରାଣସି କୁସସ୍ଥଳି ଦ୍ୱାରିକାକ୍ଷେତ୍ର ପୁଣ୍ୟ ସସି" ଅର୍ଥାତ୍ ଚନ୍ଦ୍ରଭାଗା କ୍ଷେତ୍ରକୁ ବର୍ଣ୍ଣନା କରିବାକୁ ଯାଇ ତାକୁ ଯାଜନଗ୍ରୀ ଦକ୍ଷିଣ ବୋଲି କୁହାହୋଇଛି, ସେତେବେଳେକୁ ଯାଜପୁରୁ ପ୍ରସିଦ୍ଧି ପାଇ ସାରିଥିଲା ଅର୍ଥାତ୍ ସେବେଳ ଯଯାତିକେଶରୀଙ୍କ ପୂର୍ବବର୍ତ୍ତୀ ଅର୍ଥାତ୍ ପ୍ରାୟ ୮୪୦ଖ୍ରୀ:ଅ: ପଛର। କିନ୍ତୁ ମହାଭାରତ ବା ଚଣ୍ଡୀପୁରାଣରୁ ଲିଙ୍ଗରାଜ ମନ୍ଦିର ତୋଳା ହୋଇଥିବା କଥା ଜଣାପଡ଼େ ନାହିଁ। ଯଦିଚ ଏକାମ୍ରତୀର୍ଥ କଥା ଲେଖା ଅଛି। "ଲିଙ୍ଗରାଜଙ୍କ" ମହିମା ବର୍ଣ୍ଣନା ହୋଇଛି। ଏସବୁ ଆଲୋଚନା କଲେ ଲାଗେ ଯେ ନବମ ଶତାବ୍ଦୀର ଦ୍ୱିତୀୟ ଅଧକରେ କପିଳେଶ୍ୱର ବା କପିଳେସିଂହ ବା କପିଳକେଶରୀ ବୋଲି କେହି ରାଜା ରାଜତ୍ୱ କରୁଥିଲେ ଓ ତାଙ୍କରି ସମୟରେ ମହାଭାରତ ଲେଖା ହୋଇଥିଲା। XXX

ସାରଳା ଦାସଙ୍କ ମହାଭାରତରେ କେବଳ ଇନ୍ଦ୍ରଦ୍ୟୁମ୍ନ ରାଜା ଦେଉଳ ତୋଳିବା କଥାଯାକେ ଅଛି ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଦେଉଳରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ଶ୍ରୀ ମୂର୍ତ୍ତିମାନ ବିଜେ କରିବା କଥା ଲେଖାଅଛି କିନ୍ତୁ ଅନଙ୍ଗଭୀମ ଦେଉଳ ଗଢ଼ିବା କଥା କିମ୍ବା ଦେଉଳର କାରୁକାର୍ଯ୍ୟ କଥା କିଛି ଲେଖା ନାହିଁ। ସେହିପରି ଲିଙ୍ଗରାଜ ଦେଉଳ ଗଢ଼ିବା କଥା ଓ ସେଠାରେଥିବା ମୂର୍ତ୍ତିମାନଙ୍କ କଥା ସେଥିରେ ନାହିଁ। ଯଦିଚ ଏକାମ୍ର ବନର ରାକ୍ଷସମାନଙ୍କ ବିଷୟରେ କିମ୍ବଦନ୍ତୀ କୃତିବାସ ତୀର୍ଥ କଥା, ଭୁବନେଶ୍ୱର ଲିଙ୍ଗ ଓ ଲିଙ୍ଗମାନଙ୍କ ରାଜା ଏମାନଙ୍କ ବିଷୟରେ ବର୍ଣ୍ଣନା ଅଛି ଓ ବିନ୍ଦୁସାଗର ତୀର୍ଥ କଥା ଅଛି। ସେତେବେଳକୁ ଯଦି ଜଗତ୍ ପ୍ରସିଦ୍ଧ ଲିଙ୍ଗରାଜ ଦେଉଳ ଗଢ଼ାହୋଇଥାନ୍ତା ତେବେ ଅବଶ୍ୟ ଏ କବି ସେ ବିଷୟରେ ବର୍ଣ୍ଣନା କରିଥାନ୍ତେ ବୋଲି ବିଶ୍ୱାସ। ସେହିପରି କୋଣାର୍କ ଦେଉଳର ନାମୋଲେଖ ମଧ୍ୟ ମହାଭାରତରେ ନାହିଁ। ଅର୍କତୀର୍ଥ, ଚନ୍ଦ୍ରଭାଗା ତୀର୍ଥ, ଶାମ୍ବଙ୍କ କୁଷ୍ଠରୋଗ ଭଲହେବା ବିଷୟ, ଚନ୍ଦ୍ରଭାଗା ବିଷୟକ କିମ୍ବଦନ୍ତୀ ଏସବୁ ପ୍ରଚୁର ଅଛି କିନ୍ତୁ କୋଣାର୍କ ଦେଉଳ ବିଷୟକ କିମ୍ବଦନ୍ତୀ, ତାର ବର୍ଣ୍ଣନା, ତାର ସ୍ଥାପତ୍ୟ, ଏପରିକି ତାର ନାମ ମଧ୍ୟ ଆଦୌ ନାହିଁ। ସମଲାଇ ଦେବୀଙ୍କ ନାମ ମଧ୍ୟ ନାହିଁ। XXX

ଭାରତର ଏକ ଗୌରବ ମହାକବି ସାରୋଳଦାସ ସେହି ସେ କାଳର, ସେହି ନବମ ଶତାବ୍ଦୀ ଶେଷଭାଗରେ ଓଡ଼ିଶା ମଧ୍ୟ ସେ ଏକ ବିସ୍ମୟକର ଆବିର୍ଭାବ। ଏଗାର ଶହ ବର୍ଷ ତଳେ ଓଡ଼ିଆ ସାହିତ୍ୟ ଏତେ ଉନ୍ନତ ହୋଇପାରିଥିଲା। ଏଥିରୁ ତାର ପୂର୍ବତନ ପରମ୍ପରା ଓ ପରବର୍ତ୍ତୀ ପରମ୍ପରା ମଧ୍ୟ ଅନୁମାନ କରାଯାଇପାରେ। ପୋଥିକୁ ଉଇ ଖାଇଛି,ବିଦ୍ୟା ହଜିଛି। ସମୂହ ଅଧଃପତନ ଘଟିଛି, ଏ ଜାତିର ତା ବୋଲି ଯେଉଁ ମହାପୁରୁଷ ଯେତେବେଳେ ବିରାଜମାନ ହେଉଥିଲେ ତାଙ୍କୁ ୬ ଶହ ବର୍ଷ ପଛେଇ ଦେବାକୁ କିଛି କାରଣ ନାହିଁ।('ଝଙ୍କାର', (୧୯୫୬), ୮/୪, ପୃ. ୩୮୮-୪୦୧)।

"ସାରଳା ସାହିତ୍ୟ ରଚନାକାଳ ଓ ଐତିହାସିକ ଚିତ୍ର" ଶୀର୍ଷକ ପ୍ରବନ୍ଧରେ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି – "ସେ ଖାଲି ଓଡ଼ିଆ ସାହିତ୍ୟର ଜନ୍ମଦାତା ନୁହନ୍ତି, ଓଡ଼ିଆ ଇତିହାସରେ ମଧ୍ୟ ଜନ୍ମଦାତା।

ତା'ଛଡା ସାରଳା ଦାସ ହିଁ ପ୍ରଥମ ଉତ୍କଳର ବୀର ଗାଥା ତଥା ଉତ୍କଳର ନଦୀ ହ୍ରଦ, ବନପର୍ବତ, ନଗର, ଜନପଦ, ଦେବାଦେବୀ ପ୍ରଭୃତିଙ୍କୁ ସାହିତ୍ୟରେ ସ୍ଥାନ ଦେଇ ଜାତୀୟ ଚେତନା ଜାଗ୍ରତ କରି ଯାଇଛନ୍ତି। x x x କବି ଗଙ୍ଗାଧର ବିଜୟନଗରର ରାଜା ଦ୍ୱିତୀୟ ଦେବରାଙ୍କ ଓ ତାଙ୍କ ପୁତ୍ର ମଲ୍ଲିକାର୍ଜୁନଙ୍କ ଯେପରି ସମସାମୟିକ ଥିଲେ, କବି ସାରଳ ଦାସ ମଧ୍ୟ ସେହିପରି ଗଜପତି କପିଳେଶ୍ୱର ଓ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବଙ୍କ ସମସାମୟିକ ଥିଲେ। ଗଙ୍ଗାଧର ଓଡ଼ିଶା ଓ ବିଜୟନଗର ସଂଘର୍ଷ ସମ୍ବନ୍ଧରେ ସାମାନ୍ୟ କେତୋଟି କଥା ତାଙ୍କ ଗ୍ରନ୍ଥରେ ଲେଖିଛନ୍ତି, ମାତ୍ର ସାରଳା ଦାସ ଏହି ସଂଘର୍ଷର ଗୋଟିଏ ସମ୍ପୂର୍ଣ୍ଣ ଚିତ୍ର ତାଙ୍କ ମହାଭାରତରେ ପ୍ରକାଶ କରିଛନ୍ତି। ଏହି ଚିତ୍ର ସଙ୍ଗେ ସଙ୍ଗେ ସେ ପଦେ ପଦେ ଭୌଗୋଳିକ ନାମମାନ ମଧ୍ୟ ଯଥାଯଥ ଭାବରେ ପ୍ରକାଶ କରିଛନ୍ତି। ଇତିହାସ ଅନୁସାରେ କପିଳେଶ୍ୱର ପ୍ରଥମ କୋଣ୍ଡବିଡୁ ଓ ରାଜମହେନ୍ଦ୍ରୀ ସହିତ ରେଡୀ ରାଜ୍ୟ ଏବଂ ତା ପରେ ଦେବରକୋଣ୍ଡା ଓ ଉଆରଙ୍ଗଲ ସହିତ ତେଲିଙ୍ଗାନା ଅଧିକାର କରିଥିଲେ। ତେଲିଙ୍ଗାନା ଅଧିକାର ପରେ ସେ ବିଜୟନଗରର କରଦରାଜ୍ୟ କାଞ୍ଚି ଓ ସର୍ବଶେଷରେ ଖାସ୍ ବିଜୟନଗର ରାଜ୍ୟକୁ ଆକ୍ରମଣ କରିଥିଲେ। ସାରଳା ମହାଭାରତରେ ଏହି କ୍ରମ ଅକ୍ଷୁର୍ଣ୍ଣ ଭାବରେ ପ୍ରଦର୍ଶିତ ହୋଇଛି। ସାରଳା ଦାସ ଓଡ଼ିଶାର ଗଜପତିଙ୍କ ଆଶ୍ରିତ କବି ଥିବାର କୌଣସି ପ୍ରମାଣ ନାହିଁ। ତା'ଛଡା ସେ ତାଙ୍କ ମହାଭାରତରେ ଇତିହାସକୁ ଏପରି ଅନ୍ତଃସ୍ରୋତା ଫଲଗୁ କରି ରଖିଛନ୍ତି ଯେ ତାକୁ ଇତିହାସ ବୋଲି ହଠାତ ବୁଝିଦେବା କାହାରି ସାଧ୍ୟ ନାହିଁ। ଏସବୁ କାରଣରୁ ସେ ଐତିହାସିକ ସତ୍ୟକୁ ଅଧିକ ଦକ୍ଷତା ସହକାରେ ଓ ଅଧିକ ସ୍ୱାଧୀନ ଭାବରେ ପ୍ରକାଶ କରି ଯାଇଛନ୍ତି। "

ଏସବୁ ସତ୍ତ୍ୱେ ଉଭୟ ସ୍ୱୀକାର କରିଛନ୍ତି ଯେ, ସାରଳାଙ୍କ ସାହିତ୍ୟ ହେଉଛି ସଂସ୍କୃତମୁକ୍ତ ସାଧାରଣ ଜନତାର ସାହିତ୍ୟ। ତାଙ୍କ ସାହିତ୍ୟରୁ ଯାହା ଜଣାପଡ଼େ ସାରଳାଙ୍କ ସମୟ ଥିଲା ଦୁଇଟି ଭାବଧାରାର ସମୟ। ପ୍ରଥମତଃ ମହାଭାରତୀୟ କାବ୍ୟ ପରମ୍ପରା ଓ ଦ୍ୱିତୀୟଟି ଲୌକିକ ପରମ୍ପରା। ନୃତତ୍ତ୍ୱବିତମାନେ ସାହିତ୍ୟର ନୃତାତ୍ତ୍ୱିକ ବା ସମାଜତତ୍ତ୍ୱବିତମାନେ ସାହିତ୍ୟର ସାମାଜିକ ତତ୍ତ୍ୱ ବିଶ୍ଳେଷଣ କରି ଏ ଦୁଇଟି ଧାରା ବିଷୟରେ ମତଦେଇଛନ୍ତି। ଏହାର ଅର୍ଥ ହେଉଛି ଭାରତବର୍ଷରେ ସଂସ୍କୃତକୁ ଆଦର୍ଶ ରୂପେ ଗ୍ରହଣ କରି ପ୍ରାଦେଶିକ କବିମାନେ ନିଜନିଜ ଭାଷାରେ ଗ୍ରନ୍ଥ ରଚନା କରିଥିଲେ। ଅପର ପକ୍ଷରେ କବି ଗୋଟିଏ ପ୍ରାଦେଶିକ ଭାଷାଭାଷୀ ହେତୁ ଲୋକ ସମାଜ ଜୀବନ ସଂସ୍କୃତିର ପ୍ରତ୍ୟକ୍ଷ ଅନୁଭବରୁ କଥାବସ୍ତୁ ଓ ଚରିତ୍ର ନିର୍ମାଣ କରିଥାନ୍ତି। ଏଥିରେ ସ୍ଥାନୀୟ ସଂସ୍କୃତି ପ୍ରତିଫଳିତ ହେବା ସ୍ୱାଭାବିକ। ତେଣୁ ସାରଳା ମହାଭାରତର ମୁଖ୍ୟ କଥାବସ୍ତୁ ସଂସ୍କୃତ 'ମହାଭାରତ'ଦ୍ୱାରା ଆବୃତ ହୋଇଥିବାବେଳେ କବି ନିଜ ସମାଜରୁ, ଜୀବନରୁ ଏପରି ଅନେକ ଜନଶ୍ରୁତି ବା ଲୋକକଥା ଭିତରୁ କେତେକ ଘଟଣା ଓ କାହାଣୀକୁ ନେଇ ରଚନା କରିଛନ୍ତି ଯାହା ମୂଳ ଗ୍ରନ୍ଥରେ ମିଳେ ନାହିଁ। ସାରଳା 'ମହାଭାରତ'ରେ ଏ ଦୁଇଟି ଧାରାକୁ ଲକ୍ଷ୍ୟ କରିଲେ ସ୍ପଷ୍ଟ ହେବ ଯେ, ମୂଳ କାହାଣୀ ସହିତ ଅନେକ ଆଶ୍ରିତ କାହାଣୀ ଓଡ଼ିଆ ପରମ୍ପରାର ପ୍ରତିନିଧି ସାଜିଛନ୍ତି। ଅନୁରୂପ ଭାବେ ଚରିତ୍ରଗୁଡ଼ିକ ସଂସ୍କୃତ ଆଦର୍ଶରେ ଗଢ଼ା ହୋଇଥିଲେ ସୁଦ୍ଧା ଏଥିରେ ଓଡିଆ ଜନଜୀବନର ଜ୍ୱଳନ୍ତ ପ୍ରତିଛବି ଦେଖିବାକୁ ମିଳେ। ବିଶେଷକରି ସାରଳା ଦାସ ଓଡିଆ ମହାଭାରତର ଲୋକପ୍ରିୟତା

ଉଦ୍ଦେଶ୍ୟରେ ଓଡିଆ ସମାଜ ଜୀବନରେ ପ୍ରଚଳିତ ଲୋକ କଥାକୁ ପୌରାଣିକ ଆଖ୍ୟାନର ରୂପ ଦେବାର କୌଶଳ ଆପଣେଇ ସଫଳ ହୋଇଛନ୍ତି l ତାଙ୍କ ରଚିତ ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ଓ ଲକ୍ଷ୍ମୀନାରାୟେଣୀ ବଚନିକା କେବଳ ପ୍ରାଚୀନ ଓଡିଆ ସାହିତ୍ୟର ଅମ୍ଳାନ କୃତି ନୁହେଁ, ବରଂ ବୌଦ୍ଧ ସାହିତ୍ୟର ପତନ ଉପରେ ଦଣ୍ଡାୟମାନ ସମୃଦ୍ଧ ଶାକ୍ତ ସାହିତ୍ୟର ଉତ୍କୃଷ୍ଟ ପ୍ରମାଣ ମଧ୍ୟ l ଦାଣ୍ଡୀ ବୃତ୍ତ ଦେଇ ଅକ୍ଷର ବୃତ୍ତକୁ ପ୍ରବେଶ କରିବାର କଳାକୌଶଳ ଏହିଠାରୁ ଆରମ୍ଭ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ l

## ୨.୪ ସାରଳା ସାହିତ୍ୟର ସାମାଜିକ ମୂଲ୍ୟାଙ୍କନ

ଗ୍ରୀକ୍ ସାହିତ୍ୟର ପୁରୋଭାଗରେ ଯେପରି ହୋମର୍ ଓ ଇଂରାଜୀ ସାହିତ୍ୟର ପ୍ରାରମ୍ଭରେ ଚସରଙ୍କ ନାମ ସର୍ବାଗ୍ରେ ଉଚ୍ଚାରିତ, ସେହିପରି ଓଡ଼ିଆ ସାହିତ୍ୟର ବିକାଶ କାଳରେ ସାରଳାଙ୍କ ନାମ ସ୍ମରଣୀୟ। ଚସର ଯେପରି ଇଂରାଜୀ ସାହିତ୍ୟକୁ ଫରାସୀ ଭାଷା ଓ ସାହିତ୍ୟର ନିର୍ଭରଶୀଳତାରୁ ମୁକ୍ତକରି ଏକ ସ୍ୱକୀୟତାର ସମ୍ପୂର୍ଣ୍ଣ ଭିତ୍ତି ଉପରେ ପ୍ରତିଷ୍ଠିତ କରିଥିଲେ, ସାରଳାଦାସ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ଆମ ସମାଜରେ ବହୁକାଳରୁ ପ୍ରଚାରିତ ଓ ପ୍ରସାରିତ ଓଡ଼ିଆ ଭାଷାସାହିତ୍ୟକୁ ସଂସ୍କୃତର ପ୍ରଭାବରୁ ମୁକ୍ତ କରି ତାହାକୁ ଏକ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଥିଲେ। ମଧ୍ୟଯୁଗୀୟ ଇଂରାଜୀ କଥିତ ଭାଷା ଚସରଙ୍କ ପ୍ରୟୋଗ ଓ ଅନୁଶୀଳନୀରେ ମାର୍ଜିତ ହୋଇ ଯେପରି ଏକ ସାହିତ୍ୟିକ ସୌକୁମାର୍ଯ୍ୟ ଲାଭ କରି ଥିଲା, ସାରଳାଙ୍କ ଲେଖନୀରେ କଥିତ ଓଡ଼ିଆ ଭାଷା ସେହିପରି ଏକ ସ୍ୱକୀୟତାସମ୍ପନ୍ନ ଓ ସାବଲୀଳ ସୌନ୍ଦ ର୍ଯ୍ୟ ଲାଭ କରିଥିଲା। ସେ କେବଳ ପୁରାଣ ରଚନା କ ରିନାହାନ୍ତି, ଓଡ଼ିଆ ସଭ୍ୟତା, ସଂସ୍କୃତି, ପରମ୍ପରା, ଧର୍ମ, ଦର୍ଶନ, ରୀତିନୀତି ଏବଂ ଚାହାଣି ଓ ଚଳଣିକୁ ବାଙ୍ମୟ ରୂପଦାନ କରି ଓଡ଼ିଆ ଜାତିକୁ ବିଶ୍ୱସାହିତ୍ୟ ଦରବାରରେ ଏକ ସମ୍ମାନିତ ଆସନ ପ୍ରଦାନ କରିଛନ୍ତି। ଉତ୍କଳୀୟ ଜାତୀୟତାବାଦର ସେ ହେଉଛନ୍ତି ସର୍ବପ୍ରଥମ ଏବଂ ସର୍ବଶ୍ରେଷ୍ଠ ଉଦ୍‌ଗାତା। ତାଙ୍କର ଯାଦୁକରୀ ଲେଖନୀରେ ଏ ରାଜ୍ୟର ନଦନଦୀ, ବନ, ପର୍ବତ, ତୀର୍ଥ, ମନ୍ଦିର ଓ ମୃତ୍ତିକା ପାଷାଣ ଚଳଚଞ୍ଚଳ ହୋଇଉଠିଛି। ନିଜର ଅସାମାନ୍ୟ ପ୍ରତିଭା, ଅକ୍ଲାନ୍ତ ଶ୍ରମ ତଥା ଅପରିସୀମ ସାଧନା ବଳରେ ସେ ଜାତି ସମକ୍ଷରେ ଏକ ଉଚ୍ଚତର ଓ ମହତ୍ତର ଜୀବନର ଆଦର୍ଶ ରଖିଯାଇଛନ୍ତି l

**ସାରଳାକାଳୀନ ସମାଜ :**

ବୌଦ୍ଧ ସହଜଯାନୀମାନଙ୍କର ଉଦାର ଧର୍ମନୀତି ସମାଜ ଜୀବନକୁ ପ୍ରାୟ ଅନ୍ତଃସାରଶୂନ୍ୟ କରିପକାଇଥିଲା। ଏହିଭଳି ଜୀବନ ସାରଳା କାଳକୁ ଯେ ସମ୍ପୂର୍ଣ୍ଣ ଦୂର ହୋଇଯାଇଥିଲା ତାହା ନୁହେଁ, ସାରଳା ମହାଭାରତରେ ବାରମ୍ବାର ଏହି ନୀତିହୀନ ଅନୀତିର ବର୍ଣ୍ଣନା କରାଯାଇଥିବା ଦେଖିବାକୁ ମିଳେ। ସାରଳାଦାସଙ୍କ ଏହି ବର୍ଣ୍ଣନାରେ ଗୋପୀଜନବଲ୍ଲଭ–କୃଷ୍ଣ ହେଉଛନ୍ତି ମୁଖ୍ୟ ନାୟକ । କେବଳ କୃଷ୍ଣ କାହିଁକି, ସମାଜ ଜୀବନର ଅତି ସମ୍ମାନିତ ବ୍ୟକ୍ତି, ଋଷିମୁନି ପରି ଦେବତାମାନେ ମଧ୍ୟ ନୀତି–ଅନୀତି ନିର୍ବିଶେଷରେ ଯେଉଁ ସ୍ୱାଦ୍ୟ ଇନ୍ଦ୍ରିୟ ସେବାରେ ପ୍ରମତ୍ତ

ହୋଇଉଠିଛନ୍ତି, ତହିଁରୁ ଏହା ଅନୁମାନ କରିବା କଷ୍ଟସାଧ୍ୟ ନୁହେଁ ଯେ ଏହାର ସ୍ୱଚ୍ଛ ପ୍ରେରଣାଟି ସମାଜ ଜୀବନରୁ ହିଁ ଆସିଅଛି। ସାରଳାଦାସ ଭଲ ଭାବରେ ବୁଝିଥିଲେ ଯେତେବେଳେ ସମାଜ ଦୈହିକ ସୁଖଲାଳସୀ ହୋଇପଡ଼େ, ସେତେବେଳେ ନିଃସନ୍ଦେହରେ ସମାଜ ଜୀବନର ନାଭିଶ୍ୱାସ ଉଠିବାକୁ ଆରମ୍ଭ କରେ। ଅନେକ ସମୟରେ ଏପରି ମଧ୍ୟ ଦେଖାଯାଏ ଯେ ଏକ, ତଥାକଥିତ ଆତ୍ମ ତୃପ୍ତିବୋଧ ଏବଂ ଏକ କ୍ଷଣସ୍ଥାୟୀ ଆତ୍ମସ୍ଫୀତଭାବ ଅଧିକାଂଶ ମନୁଷ୍ୟଙ୍କର ଚେତନାକୁ ପ୍ରାୟତଃ ଗ୍ରାସ କରିଦେଇଥାଏ। ତଦ୍ଦ୍ୱାରା ସର୍ଜନାତ୍ମକତା ମୋହଗ୍ରସ୍ତ ହୋଇପଡ଼େ। ସମାଜ ଜୀବନକୁ ପାଥେୟ କରି ଅସଲ ସାହିତ୍ୟ ସୃଷ୍ଟିପାଇଁ କାହାରି ଭିତରେ ହୁଏତ ଅସଲ ପ୍ରେରଣା ନ ଥାଏ। ସାମୂହିକ ଜୀବନର ଦୁର୍ଦ୍ଦିନରେ ହୁଏତ ମଣିଷ ଭିତରର କବି, ଲେଖକ ଏବଂ ସର୍ଜନାତ୍ମକ ବ୍ୟକ୍ତିତ୍ୱ ସକାଶେ ଅପେକ୍ଷାକୃତ ଅଧିକ ଆହ୍ୱାନ ଆସି ପହଞ୍ଚେ ଓ ସେ ସେହି ଆହ୍ୱାନଗୁଡ଼ିକର ଜବାବ ଦେବାଲାଗି ଅଧିକ କ୍ରିୟାଶୀଳ ହେବାଦ୍ୱାରା ସାହିତ୍ୟର ନବଉନ୍ମେଷ ଘଟେ, ରଙ୍ଗ ମଧ୍ୟ ବଦଳିଯାଏ, ଯାହା ଘଟିଥିଲା ସାରଳାଦାସଙ୍କ ସମୟରେ। ସାରଳାଦାସ ଏଭଳି ଏକ ସମୟରେ ଆତ୍ମପ୍ରକାଶ କଲେ ଯେତେବେଳେ ଆଧ୍ୟାତ୍ମିକତାର ଛଦ୍ମବେଶରେ ଅନୈତିକତା ସମାଜ ଜୀବନକୁ ପ୍ରାୟ ଦୁର୍ବଳ କରି ପକାଉ ଥିଲା। ନିଜର ପାଠକ ବା ଶ୍ରୋତାମାନଙ୍କର ଏହି ଅନ୍ଧକାର ଦିଗଟି ସହିତ ପରିଚିତ କରାଇଦେଇ ଏହା ବିରୋଧରେ ଏକ ବଳିଷ୍ଠ ଜନମତ ସୃଷ୍ଟି କରିବା ଏବଂ  ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ଏଥି ନିମନ୍ତେ ସେ ତତ୍କାଳୀନ ସମାଜ ଜୀବନରୁ ପ୍ରେରଣା ଲାଭ କରିଥିବେ, ଏହାକୁ ଅସ୍ୱୀକାର କରାଯାଇ ନ ପାରେ।

ସାମାଜିକ ଜୀବନରେ ସାରଳା ଦାସ ଜଣେ ବିପ୍ଳବୀ ଥିଲେ। ତାଙ୍କର ଏ ବିପ୍ଳବ ବ୍ରାହ୍ମଣ୍ୟ ଧର୍ମ ବିରୋଧରେ ଯେତେ ନୁହେଁ, ତାହାଠାରୁ ଅଧିକ ସେହି ଧର୍ମଦ୍ୱାରା ପରିପୁଷ୍ଟ ସାମନ୍ତବାଦୀ ସମାଜ ବ୍ୟବସ୍ଥା ବିରୋଧରେ । ସାମାଜିକ ଜୀବନରେ ସେ କୌଣସି ପ୍ରକାର ଉଚ୍ଚନୀଚ ଭେଦଭାବର ପକ୍ଷପାତୀ ନ ଥିଲେ। ତାଙ୍କ ମତରେ, ମନୁଷ୍ୟ ସବୁ ସମାନ, ନର ହିଁ ନାରାୟଣ । ମଣିଷର ଏହି ଦେହ ତେତିଶ କୋଟି ଦେବତାଙ୍କର ଅଧିଷ୍ଠାନ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ସମାନ। ଅସ୍ପୃଶ୍ୟ ଓ ଘୃଣ୍ୟ ହୋଇ କେହି ନାହିଁ। ଜନ୍ମ ଓ ବଂଶମର୍ଯ୍ୟାଦା ମନୁଷ୍ୟ ଜୀବନର ମାନଦଣ୍ଡ ନୁହେଁ । ମାନବୋଚିତ ଗୁଣ ହିଁ ମନୁଷ୍ୟତ୍ୱର ଏକମାତ୍ର ମାପକାଠି। ସେଥିପାଇଁ ଉଦ୍‌ଯୋଗ ପର୍ବରେ ବିଦୁର ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି ଯେ ତାଙ୍କୁ ପରଜନ୍ମରେ ଆଚଣ୍ଡାଳ ବ୍ରାହ୍ମଣ ଯେକୌଣସି ଯୋନିରେ ଜନ୍ମ ହେଲେ ମଧ୍ୟ ସେଥିରେ ତାଙ୍କର ଆପତ୍ତି ନାହିଁ, କିନ୍ତୁ ସେ ଯେପରି ଭଗବାନଙ୍କ ଚରଣସେବାରୁ ବଞ୍ଚିତ ନ ହୁଅନ୍ତି।

ସାରଳା ମହାଭାରତ ଅଧ୍ୟୟନରୁ ଜଣାଯାଏ ଯେ, ସାରଳା ଦାସ ସାମ୍ୟ ଓ ମୈତ୍ରୀ ଉପରେ ପ୍ରତିଷ୍ଠିତ ଏକ ଶୋଷଣହୀନ ନୂତନ ସମାଜର ପରିକଳ୍ପନା କରିଥିଲେ। ଏହି ସାମ୍ୟ ଉପରେ ପ୍ରତିଷ୍ଠିତ ରାଜ୍ୟରେ ସମସ୍ତଙ୍କର ବଞ୍ଚିବାର ଅଧିକାର ରହିଛି। ସାରଳା ଦାସଙ୍କ ଏହି କଳ୍ପିତ ରାଜ୍ୟରେ ମଣିଷର ମୂଲ୍ୟ ଧନ, କ୍ଷମତା ବା ଐଶ୍ୱର୍ଯ୍ୟରେ ମପାଯାଏ ନାହିଁ। ସତ୍ୟ, ନ୍ୟାୟ ଆଦି ମାନବୋଚିତ ଗୁଣରେ ମପାଯାଏ।

ଶ୍ରୀକୃଷ୍ଣ ରାଜସୂୟ ଯଜ୍ଞସଭାରେ ଅନନ୍ତା ପଡ଼ିଆରୀ ସାଜି ଯୁଧିଷ୍ଠିରଙ୍କ ପରିଚର୍ଯ୍ୟା କରନ୍ତି ଏବଂ ତାଙ୍କର ମୁକୁଟ ଯୁଧିଷ୍ଠିରଙ୍କ ପାଦାଙ୍ଗୁଷ୍ଠି ସ୍ପର୍ଶରେ ପବିତ୍ର ହୁଏ । ସାମ୍ୟ ଓ ମୈତ୍ରୀ ଉପରେ ପ୍ରତିଷ୍ଠିତ ଏହି ସମାଜରେ କେହି ନୀଚ ବୋଲି ବିବେଚିତ ହୁଏ ନାହିଁ। ଚିର ସୁକୁମାର ଚତୁର୍ଥ ପାଣ୍ଡବ ନକୁଳ ବିରାଟ ରାଜ୍ୟରେ ଗୋପାଳ ସାଜି ଗୋ-ରକ୍ଷା କରନ୍ତି। ଭୂତ-ଭବିଷ୍ୟ-ଜ୍ଞାତା ପରମ କୂଟନୀତି ବିଶାରଦ ସହଦେବ ଘୋଡ଼ାଶାଳରେ ସଇଶ ସାଜି ଘୋଡ଼ାମାନଙ୍କର ଯତ୍ନ ନିଅନ୍ତି। ଅମିତ ପରାକ୍ରମଶାଳୀ ମହାବୀର ଭୀମ ରନ୍ଧନ କରି ରାଜ୍ୟବାସୀଙ୍କର ତୃପ୍ତିବିଧାନ କରନ୍ତି। ସ୍ୱର୍ଗାରୋହଣ ପର୍ବରେ ସେହି ଭୀମ ପୁଣି ବିଲରୁ ଧାନ ବୋହିଆଣି ବେଙ୍ଗଳା ପକାଇ ତାକୁ ହାତରେ କୁଟନ୍ତି ଏବଂ ସହସ୍ର ମାଣ ଚାଉଳରେ ଅନ୍ନ ରାନ୍ଧି ଶିଖରେଶ୍ୱରଙ୍କୁ ଭୋଗ ଦିଅନ୍ତି। ଏହି ସମାଜରେ ରାଜାଠାରୁ ଦୀନ ଦୁଃଖୀ ପ୍ରଜାଯାଏଁ ସମସ୍ତେ ସ୍ୱସ୍ୱ କର୍ମପାଇଁ ନୈତିକ ଦାୟିତ୍ୱ ବହନ କରିବାକୁ ବାଧ । ଆପଣା ଅର୍ଜିତ କର୍ମ ଛଡ଼ା ଦୈବ ବା ଭାଗ୍ୟ ବୋଲି କିଛି ନାହିଁ। ସାରଳାଙ୍କ ଭାଷାରେ ଆପଣେ ଯାହା ଅର୍ଜି ତାହାକୁ କର୍ମ ବୋଲି କହି। ରାଜାଧିରାଜଠାରୁ ଆରମ୍ଭକରି ଦୀନ-ଦରିଦ୍ର ଭିକ୍ଷାଶୀଯାଏ ସମସ୍ତଙ୍କର ନିଜ କର୍ମପାଇଁ ଉତ୍ତରଦାୟିତ୍ୱ ରହିଛି। ଯେତେ ବଡ଼ ହେଲେ ମଧ ନିଜ କର୍ମର ପରିମାଣରୁ କେହି ଖସିଯିବାର ଉପାୟ ନାହିଁ। ସାରଳାଙ୍କ କଳ୍ପିତ ରାମରାଜ୍ୟରେ ରାଷ୍ଟ୍ରର ଭୂମିକା ଯେମିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତାତ୍ପର୍ଯ୍ୟପୂର୍ଣ୍ଣ ରାଷ୍ଟ୍ରନାୟକଙ୍କ ଦାୟିତ୍ୱ ମଧ ଅନୁରୂପ।

କୃଷି ଏବଂ ଗୋପାଳନ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ତେଣୁ ଏ ଦୁଇଟିର ବିକାଶପାଇଁ ରାଷ୍ଟ୍ରର ଗୁରୁଦାୟିତ୍ୱ ରହିଛି। ରାଷ୍ଟ୍ର ତରଫରୁ ଜଳସେଚନ ଓ ଗମନାଗମନ ପଥର ବ୍ୟବସ୍ଥା କରାଯିବା ଏକାନ୍ତ ପ୍ରୟୋଜନ। ଗୋରୁମାନଙ୍କପାଇଁ ଚାରଣଭୂମି ଓ ଗୋପାଳମାନଙ୍କପାଇଁ ଆଶ୍ରମାଗାରର ବ୍ୟବସ୍ଥା କରିବା ମଧ ରାଷ୍ଟ୍ରର ଦାୟିତ୍ୱ ରହିଛି। କର ଭାର ଏତେ ଲଘୁ ହେବ ଯେ, ତାହା ଯେପରି କୌଣସି ଶ୍ରେଣୀର ପ୍ରଜାକୁ ନ ବାଧେ । କୃଷି ଓ ଗୋପାଳନ ବ୍ୟତୀତ ରାଜ୍ୟର ଅର୍ଥନୀତି ବାଣିଜ୍ୟ ଉପରେ ମଧ ନିର୍ଭରଶୀଳ। ବାଣିଜ୍ୟ ସତ୍ୟ ଏବଂ ନ୍ୟାୟ ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ସମାଜର ସର୍ବାଙ୍ଗ ଉନ୍ନତି ଦୃଷ୍ଟିରୁ ରାଷ୍ଟ୍ର ତରଫରୁ ଏକ ବ୍ୟାପକ ସମାଜ କଲ୍ୟାଣ ବ୍ୟବସ୍ଥାର ପ୍ରଚଳନ କରାଯିବା ଏକାନ୍ତ ପ୍ରୟୋଜନ। ପଥଶ୍ରାନ୍ତମାନଙ୍କପାଇଁ ଶୀତକାଳରେ ଅନଳ ତଥା ଗ୍ରୀଷ୍ମକାଳରେ ଜଳଦାନ ସହ ଛତ୍ର/ବ୍ୟଞ୍ଜନ ଓ ପାଣ୍ଡୋଇ ଦାନର ବ୍ୟବସ୍ଥା କରିବେ ଏବଂ ତୀର୍ଥସ୍ଥାନମାନଙ୍କରେ ବୁଭୁକ୍ଷୁ ତୀର୍ଥଯାତ୍ରୀମାନଙ୍କପାଇଁ ପ୍ରଚୁର ଅନ୍ନଦାନର ଆୟୋଜନ ରାଷ୍ଟ୍ରମାନଙ୍କର କର୍ତ୍ତବ୍ୟ ବୋଲି ଶାନ୍ତିପର୍ବରେ ଶରଶଯ୍ୟାଶାୟୀ ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜନୀତି ସମ୍ପର୍କିତ ଉପଦେଶ ଦେବା ଛଳରେ ଏସବୁ କଥା କହିଛନ୍ତି। ସାରଳାଙ୍କ ମତରେ, ସବୁ ଦାନ ମଧ୍ୟରେ ଅନ୍ନଦାନ ଶ୍ରେଷ୍ଠ। ରାଜା ଶ୍ୱେତ ବିପୁଳ ଦାନ କରିଥିଲେ ମଧ ଅନ୍ନଦାନ କରି ନ ଥିବାରୁ ପୁନର୍ବାର ମର୍ତ୍ତ୍ୟଭୂମିରେ ଜନ୍ମଗ୍ରହଣ କରି ମଶାଣିଭୂଇଁରେ ପାଉଁଶ ଖାଇବାକୁ ବାଧ ହୋଇଛନ୍ତି। ସମାଜର ଉନ୍ନତି କେବଳ ଧନ, ଐଶ୍ୱର୍ଯ୍ୟ ଉପରେ ନିର୍ଭର କରେ ନାହିଁ। ରାଜ୍ୟର ସାଂସ୍କୃତିକ ବିଭବ ହିଁ ଶାଶ୍ୱତ ବିଭବ। ତେଣୁ ଧର୍ମ, ଶିକ୍ଷା, କାବ୍ୟକଳାର ପୋଷକତା କରିବା ବ୍ରାହ୍ମଣଶାସନ ସ୍ଥାପନ କରିବା ଏବଂ ସାରସ୍ୱତ ସାଧକମାନଙ୍କୁ ମୁକ୍ତ ହସ୍ତରେ ଦାନ କରିବାପାଇଁ ଉପଦେଶ ଦେଇଛନ୍ତି।

ସାରଳାଙ୍କ ରାଜନୀତିକ ଚିନ୍ତାଧାରା ରାଜତନ୍ତ୍ର ପରିସର ମଧ୍ୟରେ ସୀମାବଦ୍ଧ ଥିଲା । ତାଙ୍କ ମତରେ -ରାଜା ରାଜ୍ୟର ପ୍ରଭୁ ନୁହନ୍ତି, ସେବକ ମାତ୍ର। ରାଜ୍ୟ ହେଉଛି ରାଜାଙ୍କର ଏକ ପବିତ୍ର ନ୍ୟାସ। (Trust)ରାଜା କେବଳ ନ୍ୟାସୀ। (Trust) ସେ ହେଉଛି ପ୍ରକୃତ ରାଜା, ଯିଏ ସନ୍ନ୍ୟାସୀର ଭୂମିକା ଗ୍ରହଣ କରି ଜନସେବାରେ ନିଜକୁ ସମ୍ପୂର୍ଣ୍ଣଭାବେ ଉତ୍ସର୍ଗ କରିଦେବାରେ ସମର୍ଥ। ସାରଳା ଦାସ ତାଙ୍କର ଏହି ଆଦର୍ଶକୁ ରୂପାୟିତ କରିଛନ୍ତି ଇକ୍ଷ୍ୱାକୁ, ଶୁକ୍ର, ଜାନୁଘଣ୍ଟ ଆଦି ରାଜର୍ଷିମାନଙ୍କ ଚରିତ୍ର ମାଧ୍ୟମରେ।

ସାରଳାଙ୍କ ମହାଭାରତରେ ତାନ୍ତ୍ରିକ ଯୌନ ବ୍ୟଭିଚାର ସହିତ ସ୍ୱକୀୟ ଶୁଚିନିଷ୍ଠ ସଂଯତ ଜୀବନଯାପନ ଶୈଳୀ ସାରଳା ସର୍ବତ୍ର ପ୍ରଚାର କରିଛନ୍ତି। ସ୍ୱକୀୟା ସହବାସରେ ସଂଯମର ଶୁଚିତା ସାରଳା ବର୍ଣ୍ଣନା କରିଛନ୍ତି। ରଜୋଦର୍ଶନର ୧ମ, ୨ୟ, ୩ୟ, ୪ର୍ଥ ଦିବସରେ ନାରୀ ଅଗମ୍ୟା। କେବଳ ୫ମଠାରୁ ୭ମ ଦିବସ ମଧ୍ୟରେ ବିବାହିତା ପତ୍ନୀ ସହ ସହବାସ ବିଧି ସାରଳା ସୂଚିତ କରିଅଛନ୍ତି। ସାରଳା ମହାଭାରତରେ ଏପ୍ରକାର ବର୍ଣ୍ଣନାର କୌଣସି ସାହିତ୍ୟିକ ମୂଲ୍ୟ ଥାଇ ନ ପାରେ, ମାତ୍ର ଏହାର ସାମାଜିକ ମୂଲ୍ୟ ଅନସ୍ୱୀକାର୍ଯ୍ୟ। ସାହିତ୍ୟ ସମାଜ ଜୀବନରୁ ବିଚ୍ଛିନ୍ନ ହୋଇ ଆଜି ଯେପରି ଏକ ଅନାପେକ୍ଷିକ ରସ ସର୍ବସ୍ୱ ସଂଜ୍ଞାଲାଭ କରିଛି, ସେହି ପରିପ୍ରେକ୍ଷୀରେ ଏପ୍ରକାର ପଦ୍ୟ ସାରଳାଙ୍କ ମହାଭାରତକୁ ଅଯଥା ଭାରାକ୍ରାନ୍ତ କରିଥିବା ମନେ ହୋଇପାରେ। ମାତ୍ର ସାରଳା ଯେଉଁ ଯୁଗରେ ମହାଭାରତ ରଚନା କରିଥିଲେ, ସେ ଯୁଗରେ ସମାଜଠାରୁ ଏକ ଅଭିନ୍ନ ସତ୍ତା ମଧ୍ୟରେ ସାହିତ୍ୟ ଗଠିତ ହେଉଥିଲା। କବି ସେ ସମାଜର ଥିଲା ମନ୍ତ୍ରଗୁରୁ, ପ୍ରବର୍ତ୍ତକ ଓ ଚିନ୍ତାନାୟକ। ସାରଳାଙ୍କ ସାହିତ୍ୟ ସେହି ପରମ୍ପରାରେ ସର୍ଜିତ।

ସେଦିନର ସମାଜରେ ସ୍ତମ୍ଭନ, ମୋହନ, ମାରଣ, ତାରଣ, ବଶୀକରଣ ଓ ଉଚ୍ଚାଟନ ପ୍ରଭୃତି ତାନ୍ତ୍ରିକ ବିଦ୍ୟା ଯେପରି ପ୍ରଚଳିତ ଥିଲା, ପୁଣି ରୋଗ ବ୍ୟାଧି ଆରମ୍ଭ ହେଲେ ତାହାର ପ୍ରଶମନପାଇଁ ଗ୍ରାମଦେବତୀଙ୍କଠାରେ ମେଷ ଓ ଛାଗ ବଳି ଦିଆଯାଉଥିଲା; ତାହା ମଧ୍ୟ ସାରଳାଙ୍କ ମହାଭାରତରେ ବହୁ ସ୍ଥାନରେ ବର୍ଣ୍ଣିତ। ଭୂତ ପ୍ରତିକ୍ରିୟା ଅର୍ଥାତ୍ ଗୁଣିଆମାନେ କିଳିବା, ବାନ୍ଧିବା ଓ ସେମାନଙ୍କୁ ନିଜ ବଶରେ ରଖି ସେମାନଙ୍କଦ୍ୱାରା ଅଦ୍ଭୁତ କ୍ରିୟା କରେଇବାରେ ଗାରୁଡ଼ି ବିଦ୍ୟା, ପୁଣି ମନ୍ତ୍ର ବଳରେ ଘା ଝାଡ଼ିବା ଓ ବିଷ ଛଡ଼େଇବା ପ୍ରଭୃତି ବହୁ ଆଚାର ସାରଳା ଦାସ ବର୍ଣ୍ଣନା କରିଛନ୍ତି। ଏସବୁ ବ୍ୟତୀତ ଓଡ଼ିଆ ଜନମାନସରେ ତୁଳସୀ ପୂଜା, ନବଜାତ ଶିଶୁର ଜନ୍ମରୁ ଷଷ୍ଠ ଦିବସରେ ଷଠିଦୂଶୀ ପୂଜା, ଆ-କା-ମା-ବ-ଇ ସ୍ନାନ, ଚକୁଳିଆପଣ୍ଡା, ସାମୁଦ୍ରିକ ବିଦ୍ୟା, ରାତିରେ ସାପର ନାଁ ଧରିବାପାଇଁ ନିଷେଧ ପ୍ରଭୃତି ବହୁ ପ୍ରଚଳିତ ଧାରଣା ସାରଳାଙ୍କ ମହାଭାରତରେ, ଜନଜୀବନରେ ପ୍ରତିଫଳିତ। ଦୀର୍ଘ ଛଅଶହବର୍ଷ ଧରି ଓଡ଼ିଆଜାତି ତାଙ୍କୁ ଅତ୍ୟନ୍ତ ଭକ୍ତି ଓ ଆଦରର ସହିତ ପାଠ କରି ଆସିଛି। ଓଡ଼ିଆ ସମାଜ, ଚଳଣି, ବିଶ୍ୱାସ, ପରମ୍ପରା ଓ ସାହିତ୍ୟରେ ସାରଳାଦାସଙ୍କର ପ୍ରଭାବ ଯେପରି ଲକ୍ଷ୍ୟ କରାଯାଏ, ବୋଧହୁଏ ଓଡ଼ିଆ ସାହିତ୍ୟର ଆଉ କୌଣସି କବି ଏହିପରି ସୌଭାଗ୍ୟର ଅଧିକାରୀ ହୋଇପାରି ନାହାନ୍ତି।

ପୌରାଣିକ ଚରିତ୍ର ଓ ଘଟଣା ପ୍ରବାହ ଜରିଆରେ କବି ସମକାଳୀନ ସମାଜର ବହୁ ଚିତ୍ର ଅତ୍ୟନ୍ତ ମାର୍ମିକ ଭାବରେ ପ୍ରଦାନ କରିଅଛନ୍ତି । ପୌରାଣିକ ଚରିତ୍ରଗୁଡ଼ିକ ମଧ୍ୟ ଅବିକଳ ଆମରି ଓଡ଼ିଆ ସମାଜର ଚରିତ୍ରମାନଙ୍କ ପରି ବ୍ୟବହାର କରିଥିବା ଜଣାଯାଏ । ସାରଳାଦାସ ଥିଲେ ଲୋକଶିକ୍ଷକ କବି । ଲୋକକଲ୍ୟାଣ ପାଇଁ ସେ ଲେଖନୀ ଧାରଣ କରିଥିବା କଥା ବାରମ୍ବାର କହିଅଛନ୍ତି ।

**ରାଜ୍ୟଶାସନ ପ୍ରଣାଳୀ:**

ରାଜାମାନେ ଉପଯୁକ୍ତ ନହେଲେ ପ୍ରଜାମାନେ କଷ୍ଟ ପାଇଥାଆନ୍ତି । କୃଷକଗଣ ନିର୍ଭର ସହିତ କୃଷିକର୍ମ କରି ପାରନ୍ତି ନାହିଁ । ଅତ୍ୟାଚାରୀ ରାଜାମାନେ ପ୍ରଜାମାନଙ୍କୁ ଉତ୍ପୀଡନ କରନ୍ତି ଏବଂ ସେମାନଙ୍କର ସମ୍ପତ୍ତି ଅପହରଣ କରନ୍ତି । ରାଜା ଅଯୋଗ୍ୟ ଓ ଅନ୍ୟାୟୀ ହେଲେ ବ୍ରାହ୍ମଣ ଓ ଦେବତାମାନେ ଅପୂଜା ରହିଯାଆନ୍ତି । ରାଜ୍ୟରେ ସମ୍ମାନ ଜ୍ଞାନ ରହିତ ପ୍ରଜାମାନେ ଅନ୍ୟାୟୀ ହୋଇ ପଡନ୍ତି । କେହି କାହାକୁ ମାନନ୍ତି ନାହିଁ । ବ୍ରାହ୍ମଣ ଓ ଉଚ୍ଚବଂଶଜ ଲୋକମାନେ ନିଜର ଆଭିଜାତ୍ୟ ଓ କୁଳଗୌରବ ପରିତ୍ୟାଗ କରି ନୀଚ ଲୋକପରି ଆଚରଣ କରିବେ । କଳିଯୁଗରେ ଅନେକ ଅନ୍ୟାୟ ହେବ ଏବଂ ଚାରିଆଡେ ଗୋଳମାଳ ରାଜପଣ କରିବ ।

ସାରଳାଦାସଙ୍କ ମହାଭାରତ ଶାନ୍ତିପର୍ବରେ ଭୀଷ୍ମଙ୍କ ମୁଖରେ ରାଜନୀତିର ଆଲୋଚନା କରାଯାଇଛି । ଯୁଦ୍ଧର ସମାପ୍ତି ହେବାପରେ ଯୁଧିଷ୍ଠିରଙ୍କର ଅଭିଷେକ ଆୟୋଜନ କରାଗଲା । ମାତ୍ର ଭୀଷ୍ମ ପିତାମହଙ୍କଠାରୁ ଉପଦେଶ ଗ୍ରହଣ ନ କରି ରାଜସିଂହାସନରେ ବସିବେ ନାହିଁ ବୋଲି ଯୁଧିଷ୍ଠିର ଘୋଷଣା କଲେ । ତେଣୁ ପାଞ୍ଚ ଭାଇ ଓ ଶ୍ରୀକୃଷ୍ଣ ଭୀଷ୍ମଦେବଙ୍କ ପାଖରେ ପହଞ୍ଚି ତାଙ୍କର ଉପଦେଶ ଭିକ୍ଷା କଲେ । ସେ କହିଲେ-

'ବୋଇଲେ ସୁଖରେ ବାବୁ ରାଜ୍ୟ କର ଯାଇ
ରାଜ୍ୟ କର ବାବୁ ଏବେ ଧର୍ମ ପ୍ରତିପାଳି
ଅଧର୍ମ କଲେ ସହିବ ନାହିଁ ମହୀସ୍ଥଳୀ ।।

ଏଠାରେ ଭୀଷ୍ମଦେବ ଯୁଧିଷ୍ଠିର ମହାରାଜାଙ୍କୁ ଉପଦେଶ ପ୍ରଦାନ କରିବାର ସୂଚନା ଥିଲେ ହେଁ ବାସ୍ତବରେ ଜାତୀୟକବି ସାରଳାଦାସ କାଳକାଳ ପାଇଁ ଓଡ଼ିଶା ରାଜ୍ୟର ଶାସକମାନଙ୍କୁ ଚେତାବନୀ ଶୁଣାଇ ଯାଇଛନ୍ତି । ଆମ ଦେଶର ସମୃଦ୍ଧି କୃଷି ଉପରେ ନିର୍ଭରଶୀଳ । କୃଷକକୁଳ ସୁଖ ଓ ଶାନ୍ତିରେ ରହିଲେ ରାଜ୍ୟର ସମୃଦ୍ଧି ଆଶା କରାଯାଏ । କୃଷିଭିତ୍ତିକ ଅର୍ଥନୀତିରେ ସେ ଥିଲେ ବଳିଷ୍ଠ ପୃଷ୍ଠପୋଷକ, ତେଣୁ ସେ କହିଲେ –

"କୃଷିକାରୀକୁ କଦାପି ଅର୍ଥେ ନ ଦଣ୍ଡିବୁ
ନିର୍ଦ୍ଦୋଷୀ ଜନଙ୍କୁ ସଦା କ୍ଷମା ଆଚରିବୁ ।'

ଏପରି ଭାବରେ ରାଜ୍ୟଶାସନ କରିବ, ଯେପରି ପ୍ରଜାମାନେ ଶତମୁଖରେ ପ୍ରଶଂସା କରୁଥିବେ । ବିଦ୍ରୋହ ରାଜା ଉପୁଜିଲେ ନିଜର ଆତ୍ମୀୟ ଲୋକମାନଙ୍କୁ ଦମନ କରିବାପାଇଁ ପ୍ରେରଣକରିବା ଉଚିତ ହେବ । କାରଣ ସେମାନେ ଅଧିକ ଅନୁଗତ ଓ ବିଶ୍ୱାସୀ । ଚତୁର ଲୋକଙ୍କୁ ନିର୍ବାଚନ କରି ମନ୍ତ୍ରୀପଦରେ ବରଣକରିବ

ଏବଂ ତାଙ୍କର ପରାମର୍ଶରେ ରାଜ୍ୟ ଶାସନ କରିବ। ଗୁପ୍ତଚର ଜରିଆରେ ରାଜ୍ୟର ସମସ୍ତ ଖବର ସଂଗ୍ରହ କରୁଥିବ। ନଚେତ ରାଜ୍ୟରେ ବିପଦ ଅବଶ୍ୟମ୍ଭାବୀ। ପଡ଼ୋଶୀ ରାଜ୍ୟ ପ୍ରତି ସର୍ବଦା ସତର୍କ ଦୃଷ୍ଟି ରଖିଥିବ। କାରଣ ଆଳସ୍ୟ ଓ ବିମୁଖତାର ସୁଯୋଗ ଗ୍ରହଣ କରି ସେମାନେ ଆକସ୍ମିକ ଆକ୍ରମଣ କରିବାକୁ ସାହସ କରନ୍ତି। ରାଜ୍ୟରେ ସେନାବାହିନୀ ସର୍ବଦା ଜାଗ୍ରତ ରହିଥିବେ। ସେମାନଙ୍କପାଇଁ ଅସ୍ତ୍ରଶସ୍ତ୍ର, ଗଜ ଅଶ୍ୱ ପ୍ରଭୃତି ସର୍ବଦା ଯୋଗାଇଦିଆଯାଉଥିବ। ପଣ୍ଡିତମାନଙ୍କୁ ନିଯୁକ୍ତ କରି ସର୍ବଦା ଶାସ୍ତ୍ର ଆଲୋଚନା କରିବା ଆବଶ୍ୟକ। କାହାରି କଥାରେ ହଠାତ୍ ବିଶ୍ୱାସ କରି କୌଣସି କାର୍ଯ୍ୟ କରିବସିଲେ ତାହା ହେବ ଅବିବେକିତା। ସର୍ବଦା ଗୁପ୍ତଚରଠାରୁ ଖବର ସଂଗ୍ରହ କରିବା ସହିତ ଅନ୍ଧାରୀ ବିଜେ କରି ପ୍ରତ୍ୟକ୍ଷ ଭାବରେ ରାଜ୍ୟର ଅବସ୍ଥା ଅନୁଧ୍ୟାନ କରିବା ଉଚିତ। ରାଜା ହେଉଛି ପ୍ରଜାକୁଳର ରକ୍ଷକ ଏବଂ ଆଦର୍ଶ। ସେ ଯେପରି ଆଚରଣ କରିବେ, ପ୍ରଜାମାନେ ତାହା ଅନୁସରଣ କରିବେ। ତେଣୁ ହେ ରାଜା! ସର୍ବଦା ଦେବତା ବ୍ରାହ୍ମଣରେ ଭକ୍ତି ପ୍ରଦର୍ଶନ କରୁଥିବ। ଧାର୍ମିକମାନଙ୍କୁ ଏକାଦଶୀବ୍ରତ କରାଇବା ପାଇଁ ସାହାଯ୍ୟ କରିବ।

"ପରଦାରା ପରଦ୍ରବ୍ୟ ବଳେ ନ ହରିବୁ
ପ୍ରାଣୀ ଶରଣ ପଶିଲେ ତାହାକୁ ରଖିବୁ।
ପରଦାରା ପରଧନେ ଲୋଭ ନକରିବୁ
ବିବାହିତା ନାରୀ ସଙ୍ଗେ କେବଳ ରହିବୁ।।

ରାଜ୍ୟରେ କୃଷକ ବାହିନୀ ଏବଂ ସାମରିକ ବାହିନୀ ଯଦି ସଦା ଜାଗ୍ରତ ଓ ସୁଖୀ, ସେ ରାଜ୍ୟରେ କେବେହେଁ ଅମଙ୍ଗଳ ଘଟିବ ନାହିଁ। ପଣ୍ଡିତ ଓ କବିମାନଙ୍କୁ ସମ୍ମାନିତ କଲେ ରାଜ୍ୟର ସାଂସ୍କୃତିକ ଅଭିବୃଦ୍ଧି ଘଟିଥାଏ। ତେଣୁ ଉପଦେଶ ଦିଆଯାଇଛି-

'କଷ୍ଟ ନ ପାନ୍ତି ଯେପରି ଗୋରୁ ଯେ ବ୍ରାହ୍ମଣ
ଏ କଥାକୁ ସଦା ରଖିଥିବୁ ସାବଧାନ।
କୃଷି କର୍ମଚାରୀ ଜନେ ନ ଦଣ୍ଡିବୁ ଧନ
ଗୋଚର ନିମନ୍ତେ ଛାଡିଦେବୁ ବହୁସ୍ଥାନ।

ସିଂହାସନ ଆରୋହଣ କରିସାରି ଯୁଧିଷ୍ଠିର କିପରି ସୁଖରେ ପ୍ରଜାମାନଙ୍କୁ ପାଳନ କରିଥିଲେ, ତାର ବିସ୍ତୃତ ବର୍ଣ୍ଣନା ସାରଳା ଦାସ ଦେଇଅଛନ୍ତି। ଯୁଧିଷ୍ଠିର ଥିଲେ ଧର୍ମଜ୍ଞ ଏବଂ ସତ୍ୟବ୍ରତ। ତେଣୁ ତାଙ୍କ ରାଜ୍ୟରେ କେହି ମିଥ୍ୟାଚାର କରୁନଥିଲେ। ସମସ୍ତେ ହର୍ଷରେ କୃଷିଜାତ ଦ୍ରବ୍ୟ ଉତ୍ପାଦନ କଲେ। ପ୍ରଜାକୁଳ ଧନୀ ହୋଇ ନାନା ଅଳଙ୍କାରରେ ଭୂଷିତ ହେଲେ। ପ୍ରଜାମାନଙ୍କ ଘରେ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ସ୍ମାରକୀ ସ୍ୱରୂପ ସୁବର୍ଣ୍ଣର କଳଶ ଶୋଭାଯୁକ୍ତ ହେଲା। ରାଜ୍ୟରେ ଅପାଳକ ପଡିଲା ନାହିଁ। ସନ୍ତାନଗଣ ପିତାମାତଙ୍କର ଅନୁଗତ ହୋଇ ରହିଲେ। ବ୍ରାହ୍ମଣମାନେ ସର୍ବଦା ଯଜ୍ଞ କଲେ ଏବଂ ବେଦାଧ୍ୟୟନ କରି ସୁଖୀ ହେଉଥିଲେ। ପ୍ରକୃତି ସଂସାର ସର୍ବଦା ଫଳପୁଷ୍ପରେ ଶୋଭା ପାଉଥିଲେ। ରାଜ୍ୟର ପୁରୁଷ ଓ ସ୍ତ୍ରୀ ସମସ୍ତେ ଅନୁକୂଳ ସ୍ୱାସ୍ଥ୍ୟସଂପଦ

ଉପଭୋଗ କରୁଥିଲେ। ରାଜ୍ୟରେ ଚୋର ତସ୍କରଙ୍କର ନାମ ଶୁଣିବାକୁ ମିଳିଲା ନାହିଁ। କେହି କାହା ଉପରେ ଅତ୍ୟାଚାର କରୁନଥିଲେ।

'ଯମରାଜା ଅନୀତି ନ ଶୁଣନ୍ତି ଶ୍ରବଣେ
ମଙ୍ଗଳେ ଥାଆନ୍ତି ସର୍ବ ନରନାରୀଗଣେ।
ଏ ବିଧିରେ ଯୁଧିଷ୍ଠିର ପ୍ରଜାଙ୍କୁ ପାଳନ୍ତି।।

**ସଂସ୍କାର ଭାବନା ଓ ସମାଜଚେତନା:**

ସାରଳା ଦାସଙ୍କ ମହାଭାରତ ଓଡ଼ିଆ-ସମାଜ-ଜୀବନର ଏକ ଚାରୁଚିତ୍ରଶାଳା । ପଞ୍ଚଦଶ ଶତାବ୍ଦୀର ସାମାଜିକ ପୃଷ୍ଠଭୂମିରେ ଏହି ମହାନ୍ ଗ୍ରନ୍ଥଟିର ତାତ୍ପର୍ଯ୍ୟ ବୁଝିବାକୁ ହେଲେ ଆମକୁ ସମସାମୟିକ କାଳଖଣ୍ଡକୁ ପ୍ରଥମେ ଅନୁଶୀଳନ କରିବାକୁ ହେବ । କାରଣ ସାରଳା ଦାସ ସମାଜରେ ପ୍ରଚଳିତ ପରଂପରା ପ୍ରତି ବିଶେଷ ସଚେତନ ଥିଲେ । ସେଥିପାଇଁ ସଂସ୍କୃତର ବହୁ ପ୍ରସିଦ୍ଧ କଥାକୁ ସେ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରିଛନ୍ତି । ସାରଳାଦାସ ଶୃଙ୍ଖଳିତ ସମାଜ ଜୀବନପାଇଁ ଏକପତ୍ନୀବ୍ରତ ପାଳନ ପାଇଁ ସର୍ବଦା ପ୍ରାଧାନ୍ୟ ଆରୋପ କରି କହିଛନ୍ତି-

'ପରଦାରା ପରଧନେ ଲୋଭ ନକରିବୁ
ବିବାହିତ ନାରୀ ସଙ୍ଗେ କେବଳ ରହିବୁ।"

ଏହି ନିୟମର ବ୍ୟତିକ୍ରମ ଯେଉଁଠାରେ ଦେଖିଛନ୍ତି, ସେ ଯେତେ ଶକ୍ତିଶାଳୀ ଏବଂ ଉଚ୍ଚକୁଳ ସମ୍ଭୂତ ହୁଅନ୍ତୁନା କାହିଁକି, କବି ସେମାନଙ୍କୁ ଆଦୌ କ୍ଷମା ଦେଇନାହାନ୍ତି। କୌଣସି ପ୍ରକାର ଅନୀତି ଅଥବା ବିଶୃଙ୍ଖଳ ଆଚରଣ କବି ଦୃଷ୍ଟିରେ ଅବଶ୍ୟ ଦଣ୍ଡନୀୟ। ଏହି ପ୍ରସଙ୍ଗରେ ସଚଳାହରଣ ଉପାଖ୍ୟାନ ଅତ୍ୟନ୍ତ ଉଲ୍ଲେଖନୀୟ।

ସାରଳା ଦାସଙ୍କ କାଳ ଥିଲା ଘୋର ଭ୍ରଷ୍ଟାଚାର କବଳିତ ସେ ଓଡ଼ିଆ ସାମାଜ ଜୀବନକୁ ଯୌନ ବ୍ୟଭିଚାରର ଅତଳ ପଙ୍କରୁ ଉଦ୍ଧାର କରିବାକୁ ଚାହିଁଥିଲେ । ବସ୍ତୁତଃ ତାହା ଥିଲା ଯେପରି ଏକ ସାମାଜିକ ଆବଶ୍ୟକତା । କବି ଏହି ସାମାଜିକ ପୃଷ୍ଠଭୂମିକୁ ଆଧାର କରି ତାଙ୍କ ମହାଭାରତରେ ଯେପରି ସବୁ କଳ୍ପନା କରିଯାଇଛନ୍ତି, ବର୍ତ୍ତମାନ ତାହାର ଆଲୋଚନା କରାଯାଉଅଛି । ସାରଳା ଦାସଙ୍କ ସମାଜ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଭେଦରେ ବିଭକ୍ତ ଥିଲେ। ବ୍ରାହ୍ମଣମାନେ ହିନ୍ଦୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଜାତି ରୂପେ ପରିଗଣିତ ହେଉଥିଲେ । ସାରଳା ଦାସ ଲକ୍ଷ୍ୟ କରିଥିଲେ ଯେ, ବ୍ରାହ୍ମଣ ସମାଜ ଉପରେ ଯଦିଓ ଆଦର୍ଶ ସମାଜ ଗଠନର ଦାୟିତ୍ୱନ୍ୟସ୍ତ, ତଥାପି ସେମାନଙ୍କ ମଧ୍ୟରେ ଅନେକ କୁସଂସ୍କାର ପ୍ରବେଶ କରିଛି । ତେଣୁ ସେ ବ୍ରାହ୍ମଣ ସମାଜକୁ ପ୍ରତିସ୍ଥଳରେ ସମାଲୋଚନା କରିଛନ୍ତି।

ତତ୍‌କାଳୀନ ସମାଜରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା। କବି କିନ୍ତୁ ଏହାର ବିରୋଧ କରିଛନ୍ତି। କାରଣ ଅନୁମାନ କରାଯାଇପାରେ ଯେ ବାଲ୍ୟ ବିବାହରେ ବର ତୁଳନାରେ କନ୍ୟାର ବୟସ କମ୍ ଥିଲା। ତାର ପରିଣତିରେ ଅନେକ ବ୍ରାହ୍ମଣ କନ୍ୟା ବାଲ୍ୟବିଧବା ହୋଇ ପଡୁଥିଲେ। ଅନ୍ୟ ଜାତିରେ ବିଧବା ବିବାହ ପ୍ରଥା ପ୍ରଚଳିତ ଥିଲେ ହେଁ

ବ୍ରାହ୍ମଣ ସମାଜରେ କରାଯାଇ ନ ଥିଲା । ଫଳରେ ଏହି ବାଲ୍ୟବିଧବାମାନେ ସମାଜରେ ଆଶ୍ରୟ ନ ପାଇ ଘୋର ଅନିଶ୍ଚିତତା ମଧ୍ୟରେ କାଳାତିପାତ କରୁଥିଲେ । ଏହାର ସୁଯୋଗ ନେଇ ଅନ୍ୟମାନେ ସେମାନଙ୍କ ଉପରେ ନାନା ଅତ୍ୟାଚାର କରୁଥିଲେ । ଶ୍ରେଷ୍ଠ ଜାତି ଭାବରେ ବ୍ରାହ୍ମଣମାନେ ଆଦର୍ଶ ସ୍ଥାନୀୟ ହେବା କଥା । ଯଦି ଏମାନେ କଳୁଷିତ ହେବେ, ତେବେ ସମାଜ ମଧ୍ୟ ନଷ୍ଟ ହୋଇଯିବ । ଏହି କଥାକୁ ଦୃଷ୍ଟରେ ରଖି କବି ଶଶିକର ବିପ୍ରର ପତ୍ନୀ ଶ୍ରିୟା ବାମଦେବ ବିପ୍ରର ପତ୍ନୀ ଓ ମଧୁଶ୍ରବଣ ବିପ୍ରର ଭାର୍ଯ୍ୟା କୁରଞ୍ଜନୀ ବିଧବା ଭାବରେ କାଳଯାପନ କରୁଥିଲେ ବୋଲି ଉଲ୍ଲେଖ କରଛନ୍ତି । ବିଧବାର ନୈତିକସ୍ଖଳନ ସମାଜରେ ଅତ୍ୟନ୍ତ ନିନ୍ଦନୀୟ ବିବେଚିତ ହେଉଥିଲା । ଶଶିକର ବିପ୍ରର ପତ୍ନୀ ଶ୍ରିୟା ବାଳ-ବିଧବା ହୋଇଥିଲେ ମଧ କନ୍ୟା ଜାତ କଲା । ପରେ କନ୍ୟାଟିକୁ ଜଳରେ ଭସାଇଦେଲା । ସେହିପରି ମଧୁଶ୍ରବଣ ବିପ୍ରର ପତ୍ନୀ ବିଧବା କୁରଞ୍ଜନୀ, ଶାସେକ ନାମକ ଶୂଦ୍ରର ଔରସରୁ ଗୋଟିଏ ପୁତ୍ରଜାତ କରି ସମାଜ ଭୟରେ ସେ ଶିଶୁକୁ ସଙ୍ଗରେ ନେଇ ଅରଣ୍ୟରେ ବାସ କରିଥିଲା । ଏହିସବୁ ଉପାଖ୍ୟାନ ଓ ପରିଣତିରୁ ଏକଥା ଅନୁମାନ ହୁଏ ଯେ ସାରଳା ଦାସ ସମାଜରେ ବାଲ୍ୟ-ବିବାହ ପ୍ରଥାର ଘୋର ସମାଲୋଚନା କରିଛନ୍ତି ।

ତତ୍‌କାଳୀନ ସମାଜରେ କ୍ଷତ୍ରିୟନାରୀମାନେ ବର ନିର୍ବାଚନରେ ଅପେକ୍ଷାକୃତ ସ୍ୱାଧୀନ ଥିଲେ । ସେମାନେ ଯଦିଓ ଯୁବତୀ ବୟସରେ ବିବାହ କରୁଥିଲେ, ତଥାପି ବିବାହ ପୂର୍ବରୁ ଗୋପନରେ ପ୍ରିୟ ସହିତ ମିଳିବାରେ ବାଧା ନ ଥିଲା । ଏଥିରେ ବୃଦ୍ଧା ସହଚରୀମାନେ ଏହି ଗୋପନ ଅଭିସାରରେ ସେମାନଙ୍କୁ ସାହାଯ୍ୟ କରୁଥିଲେ । ଫଳରେ ବିବାହ ପୂର୍ବରୁ ଗୋପନରେ ଅଙ୍ଗସୁଖ ଲାଭ କରିବା ସମାଜରେ ନିନ୍ଦନୀୟ ବିବେଚିତ ହେଉଥିଲା । ତେଣୁ ସାରଳା ଦାସ ଚନ୍ଦ୍ରାବତୀ ଶାମ୍ବ ଉଷା-ଅନିରୁଦ୍ଧ ଓ ସୁଭଦ୍ରା-ଅର୍ଜୁନଙ୍କ ପ୍ରାକ୍ ବିବାହ ପ୍ରେମରେ ଅଙ୍ଗସଙ୍ଗର ବୃତ୍ତାନ୍ତ ଥିବାରୁ ତାହାର ନିନ୍ଦା କରି କନ୍ୟା ଦୂଷିତା ବୋଲି ଉଲ୍ଲେଖ କରିଛନ୍ତି ।

ସେତେବେଳ ସମାଜରେ କନ୍ୟା ଋତୁମତୀ ହେବା ପୂର୍ବରୁ ବିବାହ କରିବା ଥିଲା ଆଦର୍ଶନୀତି । ପ୍ରାୟ ପ୍ରତ୍ୟେକ କନ୍ୟାର ବିବାହ ପୂର୍ବରୁ କବି ଏହି ପ୍ରସଙ୍ଗର ଅବତାରଣା କରିଛନ୍ତି । ଗାନ୍ଧାର ରାଜ ବ୍ୟାସଙ୍କୁ କହିଥିଲେ, ଯେ, କନ୍ୟା ପିତାଙ୍କ ଘରେ ରଜୋବତୀ ହେଲେ ତାହାର ଶୋଣିତ(ରକ୍ତ) ପିତୃଗଣ ପାନ କରିଚନ୍ତି । ତପତୀର ବିବାହ ବେଳେ ଆଦିତ୍ୟ କହିଛନ୍ତି –

**ଦୋହିତା ପିତା ଘରେଣ ହୋଇଲେ ରଜବତୀ ।**
**ପିତୃଲୋକମାନେ ଯେ ହୁଅନ୍ତି ନର୍କଗତି ॥**

ବିବାହ ନିମିତ୍ତ କୁଳ, ଶୀଳ, ମାନ ମର୍ଯ୍ୟାଦା ପ୍ରତି ଧ୍ୟାନରଖି ପିତାମାତା ବରପାତ୍ର ନିର୍ଣ୍ଣୟ କରୁଥିଲେ । ଏହା ସାଧାରଣତଃ ନିୟମ ଥିଲେ ସୁଦ୍ଧା କେତେକ ରାଜପରିବାରରେ କନ୍ୟାର ମତ ଉପରେ ବିବାହ ନିର୍ଭର କରିଥିବା କବି ବର୍ଣ୍ଣନା କରିଛନ୍ତି । ହାରାବତୀ, ଉଷା, ସୁଭଦ୍ରା ପ୍ରଭୃତି ନିଜ ନିଜର ପତି ନିର୍ବାଚନ କରିଥିଲେ । ବର କନ୍ୟାଙ୍କର ଲକ୍ଷଣ ନିର୍ଣ୍ଣୟ କରି ପିତା ସେହି ଲକ୍ଷଣ ବିଶିଷ୍ଟ ପାତ୍ର ପାଇଁ ଅନ୍ୱେଷଣ କରୁଥିଲେ । ଭାନୁମତୀ ସ୍ୱୟଂମ୍ବରରେ ସେ ଆଗରୁ ସ୍ଥିର କରିଥିଲେ ଯେ, ଯାହାର ହସ୍ତରେ ଶଙ୍ଖନିଧି ଥିବ ତାହାକୁ ସେ ବରଣ କରିବେ ।

**ପୁରୁଷ ଓ ନାରୀ-** ଉଭୟଙ୍କୁ ନେଇ ସମାଜର ସୃଷ୍ଟି । ବିବାହ ପରେ ଉଶୃଙ୍ଖଳ ଜୀବନ ଯାପନ କରିବା ଅନୁଚିତ୍ । ବିବାହ ପରେ ଶୃଙ୍ଗାର ନ କରିବା ଯେପରି ଏକ ଅପରାଧ, ଦିନ ବାର ନ ମାନି ଶୃଙ୍ଗାରରେ ଲିପ୍ତହେବା ମଧ୍ୟ ସେହିପରି ଏକ ଦୋଷାବହ କାର୍ଯ୍ୟ । ଅମ୍ବାକୁ ବିବାହ କରି, ଶୃଙ୍ଗାର ବଞ୍ଚିତ କରିବାରୁ ତାଙ୍କୁ ଅପବାଦ ଦେବା ସହ ଏଥିପାଇଁ ପ୍ରଦତ୍ତ ଉପଦେଶର ବିରୋଧ କରି ପରାଶର ଋଷି ପ୍ରଭୃତି ଗୁରୁଜନମାନଙ୍କୁ ଭୀଷ୍ମ କହିଥିଲେ –

**'ଶୁଦ୍ଧ ସ୍ନାହାନ କରିବ ପଞ୍ଚମ ଦିବସେ**
**ସେଦିନ ଯିବ ପୁରୁଷ ତାହାଙ୍କର ପାଶେ ॥**
**ନାନା ଧର୍ମ ଇଚ୍ଛି ପିତୃ-କାର୍ଯ୍ୟ ଆଦି କରି**
**ସମସ୍ତ ତେଜ୍ୟା କରି ତାହାରେ ହୋଇବ ବ୍ରତଚାରୀ ॥**
**ପଞ୍ଚମ ଦିନୁ ଯେ ସପତମ ଦିନ ପରିଯନ୍ତେ**
**ଯେବଣ ପୁରୁଷ ଉପେକ୍ଷା କରନ୍ତି ନାନା ତାହାର ପିତୃଲୋକେ**
**ଯେସନେକ ଅଛି ଶାହାସ୍ତ୍ର ଧମ୍ର ବାକ୍ୟେ' ॥**

କବି ବିବାହିତ ଦମ୍ପତ୍ତିଙ୍କୁ ସରଳ ଜୀବନଯାପନ କରିବାକୁ ଉପଦେଶ ଦେଇଛନ୍ତି ।

ସାରଳାଙ୍କ ସମୟରେ ସମାଜରେ ପୁତ୍ରର ମହତ୍ତ୍ୱ ସ୍ୱୀକୃତ ହୋଇଥିଲା । ଯେତେ ପାପ କଲେ ମଧ୍ୟ ପୁତ୍ରବାନ ବ୍ୟକ୍ତି ଯମଦ୍ୱାରରେ ଦଣ୍ଡିତ ହୁଏ ନାହିଁ ବୋଲି ଲୋକ ବିଶ୍ୱାସ ଥିଲା । ଅଗ୍ନିକ ଋଷିଙ୍କର ପୁତ୍ର ନ ଥିବାରୁ ଯମ ତାହାକୁ ପୁନର୍ବାର ସଂସାରକୁ ପ୍ରେରଣ କରିଥିଲେ । ସତ୍ୟବତୀ, କୁନ୍ତି, ଅମ୍ବିକା, ଅମ୍ବାଳିକା, ନୀଳା, ଶ୍ୟାମଳା ଓ ରତ୍ନାବତୀ ପ୍ରଭୃତି ମହାଭାରତରେ ନାରୀମାନେ ସ୍ୱୈରିଣୀ ଓ ବହୁବଲ୍ଲଭା ହେଲେ ହେଁ ମାତୃତ୍ୱର ମହିମାରେ ସେମାନେ ଗର୍ବିଣୀ ଥିଲେ ।

ସୁସ୍ଥ ସମାଜ ଗଠନରେ ପୁରୁଷ ଅପେକ୍ଷା ନାରୀର ଭୂମିକା ଅଧିକ । ବିବାହ ପରେ ପରପୁରୁଷ ଗ୍ରହଣ ଏକ ଗର୍ହିତ କାର୍ଯ୍ୟ । ସଂସ୍କୃତ ମହାଭାରତରେ କୁହାଯାଇଛି ଯେ, ସୋମବଂଶର ରକ୍ଷାପାଇଁ ଅମ୍ବିକା, ଅମ୍ବାଳିକା, କୁନ୍ତି ଓ ମାଦ୍ରି ପ୍ରଭୃତି ନାରୀମାନେ ପରପୁରୁଷ ସହ ମିଶି ସନ୍ତାନ ଉତ୍ପତ୍ତି କରିଛନ୍ତି । କିନ୍ତୁ ସାରଳା ଦାସ ଏହି ପରପୁରୁଷ ସମ୍ପର୍କକୁ ଆଦୌ ଗ୍ରହଣ କରି ପାରିନାହାନ୍ତି । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ସେ ନିଜର ସ୍ୱାତନ୍ତ୍ର୍ୟ ବିଚାର କରି କଥାକୁ ନୂଆ ରୂପ ଦେଇଛନ୍ତି । ପ୍ରତ୍ୟେକ ପ୍ରସଙ୍ଗରେ ସେ ନାରୀର କର୍ମ ଓ ଅକର୍ମର ବିଚାର କରିଛନ୍ତି ଓ ସେମାନଙ୍କ ନିଷ୍ଠା ଓ ପବିତ୍ରତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ତେଣୁ ସେ ବ୍ୟାସଙ୍କ ସହ ମିଳିତ ହେବାପରେ ଅମ୍ବିକାର ମୃତ୍ୟୁ ଏବଂ ଅମ୍ବାଳିକାର ପ୍ରୟାଗରେ ଝାସ ପ୍ରଭୃତି ପରପୁରୁଷ ମିଳନ ଜନିତ ପାପର ପରିଣାମ ବର୍ଣ୍ଣନା

ମାଧ୍ୟମରେ ସମାଜକୁ ନୂତନ ଆଦର୍ଶ ଦେଖାଇଛନ୍ତି । କୁନ୍ତୀ ଓ ମାଦ୍ରୀଙ୍କୁ ଏହି ପାପରୁ ମୁକ୍ତ କରିବା ପାଇଁ ଦେବତାଙ୍କ ସହ ମିଳିତ ହେଲେ ନାରୀ ଅସତୀ ହୁଏନାହିଁ ବୋଲି ଉଲ୍ଲେଖ କରିଛନ୍ତି ।

ସାରଳା ଦାସ ସମାଜରେ ଦେଖାଯାଇଥିବା ସପତଣୀ ସୁଲଭ ହିଂସା ଓ କଳହର  ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି । କାରଣ ଏହା ସମାଜରେ ନିନ୍ଦନୀୟ ହେଇଥିଲା । ରାଜସୂୟ ଯଜ୍ଞରେ ହିଡ଼ିମ୍ବାର ଗର୍ଭଜାତ ପୁତ୍ର ଘଟୋତ୍କଚ ପଞ୍ଚୁପାଣ୍ଡବଙ୍କୁ ଯଥାବିଧି ପ୍ରଣାମ କରିବାପରେ ଦ୍ରୌପଦୀଙ୍କୁ ନମସ୍କାର ନ କରିବାରୁ କୁପିତା ଦ୍ରୌପଦୀ ଏବଂ ହିଡ଼ିମ୍ବା ମଧ୍ୟରେ କଳହର ସୂତ୍ରପାତ ହୋଇଥିଲା । ଏହା ସାରଳାଙ୍କ ସମୟରେ ଓଡ଼ିଶାର ଗାଁ ଗହଳରେ ସପତ୍ନୀ କଳହର ଚିତ୍ର ସ୍ମରଣ କରାଇଦିଏ । ଆହୁରି ମଧ୍ୟ କୁନ୍ତୀ-ଗାନ୍ଧାରୀଙ୍କ ଶିବ ପୂଜା ପ୍ରସଙ୍ଗରେଦୁଇ ଭ୍ରାତୃଜାୟାଙ୍କ ମଧ୍ୟରେ ଯେଉଁ କଳହ ହେଇଥିଲା ତାହା ମଧ୍ୟ ସାମାଜିକ ଚଳଣିର ପରିପ୍ରକାଶ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ଘଟଣାରୁ ସେ ଯୁଗର ନାରୀମାନେ କିପରି ଧର୍ମପ୍ରାଣା ଥିଲେ ତାହାର ପରିଚୟ ମିଳେ । କବିଙ୍କର ଗାନ୍ଧାରୀଙ୍କର କପାଳୀ ତୀର୍ଥରେ ବ୍ରତପାଳନ, ବିଶ୍ୱାବସୁଙ୍କ ପତ୍ନୀର ମାଘବ୍ରତ, ଶଚୀଙ୍କର ପ୍ରାଚୀ ନଦୀରେ ସ୍ନାନ, ଶିବପୁର ନାରୀଙ୍କ ଗଣେଶ ପୂଜା, ସାହାଣୀ କନ୍ୟାର ଶିବ ଆରାଧନା, ଗାନ୍ଧାରୀଙ୍କର ଗଙ୍ଗାସ୍ନାନ, ଓ ଅମ୍ବାଙ୍କ ମାଧବ ପୂଜା ପ୍ରଭୃତି ବର୍ଣ୍ଣନାରୁ ଓଡ଼ିଶାରେ ସେ କାଳରେ ନାରୀମାନଙ୍କ ଜୀବନ-ଚର୍ଯ୍ୟାର ସ୍ୱରୂପ ଉପଲବ୍ଧ ହୋଇଥାଏ ।

ସେ କାଳରେ ଉତ୍କଳୀୟ ରାଜବଂଶରେ ବହୁ ପତ୍ନୀ ଗ୍ରହଣର ପରଂପରା ଥିଲା । ଗଙ୍ଗବଂଶର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବଙ୍କର ସତର ଜଣ ରାଣୀ ଥିଲେ । କିନ୍ତୁ କପିଳେନ୍ଦ୍ରଦେବଙ୍କର ୨ଟି ରାଣୀ ଥିଲେ ବୋଲି ଜଣାଯାଏ । ମାତ୍ର ସାରଳା ଦାସ ବହୁ ସ୍ଥଳରେ ଏକପତ୍ନୀ ଗ୍ରହଣ ରୀତିକୁ ପ୍ରଶଂସା କରିଛନ୍ତି । ଦୁର୍ଯ୍ୟୋଧନଙ୍କ ଉକ୍ତିରେ ଏକ ପତ୍ନୀ ଗ୍ରହଣର ପ୍ରଶଂସା ଓ ବହୁପତ୍ନୀ ଗ୍ରହଣର ନିନ୍ଦା ପ୍ରକାଶ ପାଇଅଛି । ଏହି ଏକପତ୍ନୀ ବ୍ରତ ଧର୍ମ ଆଚରିତ ଶୁଦ୍ଧ ନିର୍ମଳ ଦାମ୍ପତ୍ୟ ଜୀବନ ହେଉଛି ଉତ୍କଳୀୟ ଜାତୀୟ ଜୀବନର ଆଦର୍ଶ । ତେଣୁ କବିଙ୍କ ବେଦାଶ୍ରବା, ବିଷ୍ଣୁକର, ଶଶିକର, ଏକଲବ୍ୟ, ଶୁଦ୍ରଶ୍ରମଣ, ଶାନ୍ତିପନି, ମେଳନ, କୌଶିକ ଓ ସୁଜାଣେଶ୍ୱର ପ୍ରଭୃତି ନୃପତି ଏକ ପତ୍ନୀ ପୁରୁଷ । ସେ ସ୍ୱକୀୟା ସହବାସରେ ମଧ୍ୟ ଯୌନ ବୃତ୍ତିର ଅକୁଣ୍ଠ ପରିଚର୍ଯ୍ୟା ପରିବର୍ତ୍ତେ ସଂଯମ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ରଜୋଦର୍ଶନର ପ୍ରଥମ, ଦ୍ୱିତୀୟ,ତୃତୀୟ ଓ ଚତୁର୍ଥ ଦିବସରେ ନାରୀ ଅଗମ୍ୟା କେବଳ ପଞ୍ଚମଠାରୁ ସପ୍ତମ ଦିବସ ମଧ୍ୟରେ ବିବାହିତା ପତ୍ନୀ ସହିତ ସହବାସ ବିଧି । ସାରଳା ତାହାର ଶାସ୍ତ୍ରୀୟ ମତ ପ୍ରଦାନ କରିଛନ୍ତିକବି ଯେପରି ବହୁପତ୍ନୀ ପ୍ରଥାକୁ ସମାଲୋଚନା କରିଛନ୍ତି ସେହିପରି ବହୁସ୍ୱାମୀ ପ୍ରଥାକୁ ନିନ୍ଦା କରିଛନ୍ତି । ତେଣୁ ହିଡ଼ମ୍ବିକା ଦ୍ରୌପଦୀଙ୍କୁ ଅସତୀ ବୋଲି ଭର୍ତ୍ସନା କରିଥିବାର ଉଲ୍ଲେଖ କରିଛନ୍ତି ।

ସେତେବେଳେ ରାଜାମାନେ ବହୁ ସ୍ତ୍ରୀ ସମ୍ଭୋଗ କରୁଥିଲେ । ରାଜପରିବାର ବିଳାସବ୍ୟସନ ଓ ସମ୍ଭୋଗର ପୀଠସ୍ଥଳୀ ଥିଲା । ରାଣୀମାନେ ମଧ୍ୟ ବ୍ୟଭିଚାରିଣୀ ଥିଲେ । ସେମାନେ ସୁଯୋଗ ପାଇଲେ ପରପୁରୁଷ ପ୍ରତି

ଆକୃଷ୍ଟ ହୋଇ ଦୈହିକ କାମନା ଚରିତାର୍ଥ କରୁଥିଲେ । ସେଥିପାଇଁ କବି ଅନଙ୍ଗସେନ ରାଜାଙ୍କ ପତ୍ନୀ ରତ୍ନାବତୀ ପ୍ରସଙ୍ଗର ଅବତାରଣା କରିଛନ୍ତି । ରତ୍ନାବତୀର ଦୁର୍ବାର କାମନାବାସନାକୁ ସଂଯତ କରିବା ପାଇଁ ଅନଙ୍ଗସେନଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଛି । ତେଣୁ ସେ ପରିଶେଷରେ ସ୍ୱାମୀ ହସ୍ତରେ ନିହତ ହୋଇଛି ।

ସାରଳାଦାସଙ୍କ କାଳରେ ସମାଜ ଜୀବନ ସହଜ ତାନ୍ତ୍ରିକ ବ୍ୟଭିଚାର ମଧ୍ୟରେ ପ୍ରଦୂଷିତ ହୋଇପଡ଼ିଥିଲା । ସେହି ପୃଷ୍ଠଭୂମିର ପ୍ରଭାବରେ ତାନ୍ତ୍ରିକ ଯୌନ ବ୍ୟଭିଚାରର ଚିତ୍ର ସାରଳାଦାସ ପ୍ରଦାନ କରିଛନ୍ତି । କାରଣ କେତେକ ତପୋନିଷ୍ଠ ପୁରୁଷ ଓ ଧର୍ମପରାୟଣା ମହନୀୟା ନାରୀଙ୍କ ରୂପ ଚିତ୍ର ସାରଳା ଦାସ ପ୍ରଦାନ କରିଛନ୍ତି । କାମପ୍ରବଣତାର ଯେଉଁ ଚିତ୍ର ପ୍ରଦାନ କରିଛନ୍ତି ତାହା ସଂସ୍କୃତ ମହାଭାରତ କିମ୍ବା ପୌରାଣିକ ଐତିହ୍ୟଦ୍ୱାରା ସମର୍ଥିତ ନୁହେଁ। ଅଗ୍ନିକା ଋଷିଙ୍କ ପରି ବ୍ରହ୍ମମୁନି କାମବାସନାରେ ଆତୁର ହୋଇ ନାରୀ ବଦଳରେ ମୃଗୁଣୀ ସହ ରତିକ୍ରୀଡା କରିଥିଲେ। ଏ ପ୍ରସଙ୍ଗରେ ରାଜା ଅନଙ୍ଗସେନଙ୍କ ସ୍ତ୍ରୀ ରତ୍ନାବତୀ ଘୋର ବ୍ୟଭିଚାରଣୀ ହୋଇ କିପରି ଅଗ୍ନିକ ଋଷିଙ୍କୁ ରତି ଭିକ୍ଷା କରିଥିଲେ, ତାର ଚିତ୍ର ପ୍ରଦାନ କରିଛନ୍ତି । ଯୁବାବସ୍ଥାରେ ବ୍ୟାସ ମୃଗୁଣୀ ସହିତ ଶୃଙ୍ଗାର କରିବାରୁ ଶୁକଦେବ ଋଷି ଜନ୍ମ ହୋଇଥିଲେ । ବ୍ରହ୍ମା ମଧ୍ୟ କାମାତୁର ହୋଇ ଅଷ୍ଟନାୟିକାଙ୍କ ଜଳକେଳି ଦର୍ଶନ କରି ସନ୍ଧ୍ୟାହ୍ନିକ ପରିତ୍ୟାଗ କରିଥିଲେ । ଦ୍ରୋଣଙ୍କ ମାତୃହରଣ ଉପାଖ୍ୟାନ ଏହାର ଅନ୍ୟ ଏକ ଦୃଷ୍ଟାନ୍ତମୂଳକ ବର୍ଣ୍ଣନା। ଏ ସମସ୍ତ ବର୍ଣ୍ଣନାରୁ ତତ୍କାଳୀନ ସମାଜରେ ସ୍ୱୈରାଚାର ଓ ଉଲଗ୍ନ ବ୍ୟଭିଚାର ଚିତ୍ର ପରିଲକ୍ଷିତ ହୁଏ।

ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶା ତଥା ସମଗ୍ର ଭାରତବର୍ଷରେ ପୁରୋହିତ ବାଦ ବିରୁଦ୍ଧରେ ସାଧକମାନେ ସ୍ୱର ଉତ୍ତୋଳନ କରିଥିଲେ । ବ୍ରହ୍ମଣମାନଙ୍କର ଯାଗ-ଯଜ୍ଞ, ନିତ୍ୟକର୍ମ ଓ ହୋମ ପ୍ରଭୃତିରେ ମନୁଷ୍ୟ ମୁକ୍ତିଲାଭ କରେ ନାହିଁ । ଏହା ଅପେକ୍ଷା ବରଂ ଗୃହସ୍ଥାଶ୍ରମରେ ରହି ସନ୍ତାନ ଉତ୍ପତ୍ତି କରିବା ବହୁଗୁଣରେ ଶ୍ରେୟସ୍କର । ତେଣୁ ଅଗ୍ନିକା ଋଷି ବ୍ରାହ୍ମଣୋଚିତ କାର୍ଯ୍ୟ କରିଥିଲେ ହେଁ ନିଜବଂଶର କାରଣପାଇଁ ସ୍ତ୍ରୀ ଗ୍ରହଣ କରି ନ ଥିଲେ । ସେଥିପାଇଁ ଯମପୁରରେ ଦଣ୍ଡିତ ହୋଇ ସନ୍ତାନ ଉତ୍ପତ୍ତି ନିମିତ୍ତ ପୁଣି ଥରେ ମର୍ତ୍ତ୍ୟରେ ଜନ୍ମଗ୍ରହଣ କଲେ ବୋଲି କବି ବର୍ଣ୍ଣନା କରିଛନ୍ତି ।

ସାରଳାଙ୍କ ସମୟରେ ନାରୀମାନେ ଉପହାର ଦ୍ରବ୍ୟ ରୂପେ ବିବେଚିତ ହେଉଥିବାର ଅନୁମିତ ହୁଏ। ତେଣୁ ଦ୍ରୌପଦୀଙ୍କ ପରିଣୟ ବେଳେ ଅଳଙ୍କାରରେ ଭୂଷିତ ଏକଲକ୍ଷ ପୋଇଲିଙ୍କୁ ଯୌତୁକ ରୂପରେ ପ୍ରଦାନ କରାଯାଇଥିଲା । ସେହିପରି ଉତ୍ତରାଙ୍କ ବିବାହ ବେଳେ ଏକ ସହସ୍ର ଦାସୀ, ଭାନୁମତୀଙ୍କ ପରିଣୟ ବେଳେ ନୃତ୍ୟକାରୀ ଗଣିକା, ଦୁଃଶୀଳା ବିବାହ ସମୟରେ ବହୁଦାସୀ ଯୌତୁକ ସ୍ୱରୂପ ପ୍ରଦତ୍ତ ହୋଇଥିଲା ।

ସମାଜର ଚଳଣିକୁ ଆଖିଆଗରେ ରଖି ସାରଳା ଦାସ ତାଙ୍କର ମହାଭାରତ ସୃଷ୍ଟି କରିଛନ୍ତି । ଓଡିଶାରେ ପ୍ରାଥମିକ ଶିକ୍ଷା ପ୍ରଦାନ ବ୍ୟବସ୍ଥାର ବହୁ ପ୍ରାଚୀନ ରୂପ ଭାବରେ ପରିଚିତ ଚାଟଶାଳୀ ଶିକ୍ଷା ପଦ୍ଧତିର ସୁବିସ୍ତୃତ ଓ ପ୍ରାଣବନ୍ତ ଚିତ୍ର ସାରଳା ମହାଭାରତରେ କବି ସାରଳା ଦାସ ପ୍ରଦାନ କରିଛନ୍ତି । ରାମ-କୃଷ୍ଣଙ୍କର ବିଦ୍ୟାଶିକ୍ଷା

ବର୍ଣ୍ଣନା ପ୍ରସଙ୍ଗରେ ବର୍ଣ୍ଣଶିକ୍ଷା ଓ ପଦ୍ୟାବୃତ୍ତି ସଙ୍ଗେସଙ୍ଗେ ସାମାନ୍ୟ ଗଣିତ ଶିକ୍ଷା ଓ ପତ୍ରଲିଖନ ସେକାଳର ଚାଟଶାଳୀ ଶିକ୍ଷାର ପ୍ରଧାନ ଅଙ୍ଗ ଥିଲା ବୋଲି ଉଲ୍ଲେଖ କରିଛନ୍ତି । ସାରଳା ଦାସ ତାଙ୍କର ଗ୍ରନ୍ଥ ସମୂହରେ ଯେଉଁସବୁ ଆଜ୍ଞାପତ୍ରିକା ଓ ଶ୍ରୀମୁଖର ବର୍ଣ୍ଣନା କରିଛନ୍ତି, ସେଗୁଡିକରୁ ସେକାଳର ବିଦ୍ୟାଳୟମାନଙ୍କରେ ପଢାଯାଉଥିବା ପତ୍ରଲିଖନ ଆଦର୍ଶ ସୂଚିତ ହୁଏ ।

ସାରଳାଙ୍କ ସମୟରେ ଜ୍ୟୋତିଷ ଶାସ୍ତ୍ରର ବହୁଳ ପ୍ରଚାରଥିଲା । ତାଙ୍କ ରଚନାରୁ ପ୍ରତିପାଦିତ ହୁଏ ଯେ, ସେତେବେଳେ ସମସ୍ତ ଶୁଭକର୍ମ ଓ ଯାତ୍ରାକାଳରେ ଜ୍ୟୋତିଷଶାସ୍ତ୍ର ସମ୍ମତ ଶୁଭବେଳା ନିର୍ଣ୍ଣୟ କରାଯାଇଉଥିଲା। ପୁତ୍ରଟିଏ ଜନ୍ମ ହେଲେ ଲୋକେ ଶୁଭାଶୁଭ ବିଚାର କରୁଥିଲେ । ରାଜାମାନଙ୍କର  ଅଭିଷେକ ବେଳରେ ମଧ୍ୟ ଜ୍ୟୋତିଷ ଶାସ୍ତ୍ର ସମ୍ମତ ମାସ,ତିଥି, ନକ୍ଷତ୍ର, ବାର, କରଣ ଓ ଯୋଗାଦି ନିର୍ଣ୍ଣୟ କରାଯାଉଥିଲା । ଦୁର୍ଯ୍ୟୋଧନଙ୍କ ଅଭିଷେକ କାଳୀନ ଚିତ୍ରରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ । ବିଦ୍ୟାର ଅନୁକୂଳ, ଯାଗ-ଶାଳର ପ୍ରତିଷ୍ଠା ଶୁଭ ଲଗ୍ନରେ ହେଉଥିଲା। ଗୃହପ୍ରବେଶ ଦିନ, ବାର ଓ କରଣାଦି ଦେଖି କରାଯାଉଥିଲା  ଗଣକମାନେ ବିଚାରକରି ଫଳାଫଳ ପ୍ରକାଶ କରୁଥିଲେ। ସମାଜରେ ପ୍ରଚଳିତ ଜ୍ୟୋତିଷ ଶାସ୍ତ୍ରାନୁସାରେ ସାରଳା ଦାସ ପ୍ରଭାବିତ ହୋଇ ତାଙ୍କ ମହାଭାରତରେ ବହୁ ଜ୍ୟୋତିଷ ତଥ୍ୟ ପ୍ରକାଶ କରିଛନ୍ତି ।

ପଞ୍ଚଦଶ ଶତାବ୍ଦୀରେ ଉତ୍କଳୀୟ ସମାଜରେ ନୃତ୍ୟ ଓ ସଂଗୀତରେ ଖୁବ୍ ଆଦର ଥିଲା । ହାରାବତୀ କନ୍ୟା କାମାକ୍ଷୀଦେବୀଙ୍କ ଆଗରେ ନୃତ୍ୟ କରିବା ବର୍ଣ୍ଣନା ରହିଛି । ଦ୍ରୌପଦୀ ବିବାହ, ଚନ୍ଦ୍ରବତୀ ପରିଣୟ ଓ ଉତ୍ତରା ବିବାହ କାଳରେ ଗଣିକାମାନେ ନୃତ୍ୟ ପରିବେଷଣ କରିଥିଲେ । ଏଥିରୁ ଜଣାଯାଏ, ଗଣିକାମାନେ ହିଁ ତତ୍କାଳୀନ ସମାଜରେ ନୃତ୍ୟ ସଂଗୀତ ଚର୍ଚ୍ଚା କରୁଥିଲେ । ଏହି ପରଂପରା ଓଡ଼ିଶାର ପ୍ରାଚୀନ କାଳରେ ମଧ୍ୟ ଥିଲା । କୋଣାର୍କ ମନ୍ଦିର ଗାତ୍ରରେ ନୃତ୍ୟରତା ନଟୀ ଓ ବାଦ୍ୟ-ବାଜଣାର ବହୁ ଛବି ଅଙ୍କିତ ହୋଇଛି ।

ସାରଳାଦାସଙ୍କ ସମୟରେ ସମାଜରେ ଆୟର୍ବେଦ ଚିକିତ୍ସା, ଗୋଚିକିତ୍ସା, ପ୍ରଭୃତି ଥିଲା । ତେଣୁ କବି ଶ୍ରୀକୃଷ୍ଣ ମହୋଷଧି ବିଷୟ ଶାନ୍ଦିପନୀଙ୍କଠାରୁ ଶିକ୍ଷା କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି ସହଦେବ ଗୋଚିକିତ୍ସାର ବିଭିନ୍ନ ତଥ୍ୟ ପ୍ରକାଶ କରିଛନ୍ତି । ଏହାର ପ୍ରଭାବ ସାରଳା ମହାଭାରତରେ ପ୍ରତିଫଳିତ ହୋଇଛନ୍ତି ।

ଏହିପରି ବିଶାଳ ସାମାଜିକ ପୃଷ୍ଠଭୂମିକୁ ଆଧାରକରି ସାରଳା ଦାସ ମହାଭାରତ ସୃଷ୍ଟି କରିଛନ୍ତି । ସେ ସାମାଜିକ ଜୀବନର ଜଣେ ବିପ୍ଳବୀ ସଂସ୍କାରକ ଥିଲେ । ତେଣୁ ସାମାଜିକ ଜୀବନର ଯୌନସଂଯମ ଓ ଶାସ୍ତ୍ରାନୁଶୀଳନ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଅଛନ୍ତି । ତାଙ୍କ ମତରେ ବ୍ରହ୍ମଚର୍ଯ୍ୟ ସାମାଜିକ ନୈତିକତାର ମୂଳାଧାର ରୂପେ ବିବେଚିତ ହେବା ଆବଶ୍ୟକ । ସମାଜ ଜୀବନରେ ଯେତେବେଳ ସେ ଯୌନବିଚ୍ୟୁତି ଲକ୍ଷ୍ୟ କରିଛନ୍ତି ସେ ତାହାକୁ ଅତି କଠୋର ଭାଷାରେ ନିନ୍ଦା କରିଛନ୍ତି । ସଂସ୍କୃତ ମହାଭାରତର ପରଂପରା ଓ ପୌରାଣିକ ଐତିହ୍ୟ ବର୍ଜିତ ଚରିତ୍ର ଚିତ୍ରଣ କରି ସାରଳାଦାସ ଯେଉଁ ଦୁଃସାହସିକତା ପ୍ରଦର୍ଶନ କରିଛନ୍ତି, ସମାଜ ଦର୍ଶନ ଦୃଷ୍ଟିରୁ ତାହା

ଅତ୍ୟନ୍ତ ସାର୍ଥକ ଓ ଜୀବନ୍ତ ହୋଇପାରିଅଛି । ନିଜ କୃତି ମଧ୍ୟରେ ସମସାମୟିକ ସମାଜକୁ ଆକ୍ଷରିକ ଭାବରେ ରୂପାୟିତ କରିଦେଲେ ସ୍ରଷ୍ଟାର ସାମାଜିକ ଦାୟିତ୍ୱବୋଧ ଶେଷ ହୋଇଯାଏ ନାହିଁ । ଏହି ଦାୟିତ୍ୱବୋଧରେ ପରାକାଷ୍ଠା ସେତିକି ବେଳେ ପ୍ରମାଣିତ ହୁଏ, ଯେତେବେଳେ ସ୍ରଷ୍ଟା ତାର ନୈତିକ ମୂଲ୍ୟବୋଧ ଦେଇ ତାର କାଳକୁ କଳନା କରେ ଓ ମନ୍ଦ ବିରୁଦ୍ଧରେ ଦୃଢ଼ସ୍ୱର ଉତ୍ତୋଳନକରେ । ସାରଳା ମହାଭାରତର ପୃଷ୍ଠଭୂମିରେ, କବିଙ୍କର ଦୃଢ଼ ବ୍ୟକ୍ତିତ୍ୱବୋଧ ଓ ସାମାଜିକ ଦାୟିତ୍ୱ ବୋଧର ମନୋଜ୍ଞ ସମନ୍ୱୟ ତାଙ୍କର ସ୍ୱରକୁ ଯେ ବଳିଷ୍ଠ କରି ଦେଇଛି ଏଥିରେ ସନ୍ଦେହ ନାହିଁ ।

## ୨.୪.୧ ସାରଳା ସାହିତ୍ୟରେ ଧର୍ମ

ଓଡିଆ ପୁରାଣ ସାହିତ୍ୟର ସ୍ରଷ୍ଟା ଭାବରେ ପରିଚିତ ସାରଳା ଦାସଙ୍କୁ କୌଣସି ପ୍ରକାର ଧର୍ମଗତ ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ରଖାଯାଇନପାରେ ଶାକ୍ତ ହୋଇ ମଧ୍ୟ ସାରଳାଙ୍କ ନାମ ତୁଳସୀମାଳା ହୋଇ ତାଙ୍କର କଣ୍ଠ ମଣ୍ଡନ କରୁ ଓ ତୁଳସୀର ବଲ୍ଲଭ ଶ୍ରୀହରି ତାଙ୍କୁ ମୁକ୍ତି ପ୍ରଦାନ କରନ୍ତୁ ବୋଲି ସେ ବାରମ୍ବାର ପ୍ରାର୍ଥନା କରିଛନ୍ତି। ଧର୍ମାଚରଣରେ ସାରଳା ଦାସ ସକଳ ପ୍ରକାର ସାଂପ୍ରଦାୟିକତାରୁ ଉର୍ଦ୍ଧ୍ୱରେ ଥିଲେ। ଶିବ, ଗଣେଶ, କାର୍ତ୍ତିକ, ଦୁର୍ଗା ଓ ପାର୍ବତୀ ଆଦି ଶୈବ ଓ ଶାକ୍ତ ଦେବତାମାନଙ୍କୁ ସେ ଯେପରି ଭକ୍ତି ପ୍ରଦର୍ଶନ କରିଛନ୍ତି, ରାମ, ପର୍ଶୁରାମ, ବଳରାମ, ବରାହ, ବାମନ, ଲକ୍ଷ୍ମୀ ଓ ସରସ୍ୱତୀ ଆଦି ବୈଷ୍ଣବ ଦେବତାମାନଙ୍କ ପ୍ରତି ଅନୁରୂପ ଭକ୍ତି ଅର୍ଯ୍ୟ ନିବେଦନ କରିଛନ୍ତି।। ସେ ତାଙ୍କ ମହାଭାରତରେ ଯେଉଁସବୁ ଦେବତାମାନଙ୍କର ସ୍ତୁତିଗାନ କରିଛନ୍ତି ସେମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ପ୍ରଧାନ। ଶ୍ରୀଜଗନ୍ନାଥଙ୍କର ମହିମା ଗାନରେ ତାଙ୍କର ଲେଖନୀ ଶତଜିହ୍ୱ ହୋଇ ଉଠିଛି। ସାରଳା ଦାସଙ୍କ ମତରେ କୃଷ୍ଣ ଓ ଜଗନ୍ନାଥ ଏକ, ପୁଣି ଅଭିନ୍ନ। କଳିଯୁଗରେ ପାପତାପ କ୍ଲିଷ୍ଟ ପଥଭ୍ରଷ୍ଟ ନରନାରୀମାନଙ୍କର ଉଦ୍ଧାର ନିମିତ୍ତ କୃଷ୍ଣ ଦାରୁବ୍ରହ୍ମ ରୂପେ ନୀଳଗିରିରେ ବିଜେ କରିଛନ୍ତି। ଏ ଜଗନ୍ନାଥ ପୁଣି ବୌଦ୍ଧରୂପ। ସେହି ଜଗନ୍ନାଥ ପୁଣି ଜାରାଶବର ଓ ତାର ପିତା ଅଜ ଶବରଦ୍ୱାରା ଅଗୁରୁ ବୃକ୍ଷ ରୂପରେ ରୋହିଣୀ କୁଣ୍ଡରେ ଆବିର୍ଭୂତ ହୋଇଥିଲା। ଏଠାରେ ବର୍ଣ୍ଣିତ ଚତୁର୍ଦ୍ଧାମୂର୍ତ୍ତି ସହିତ ବୌଦ୍ଧ ଧର୍ମର ତ୍ରିରତ୍ନ ଓ ଧର୍ମଚକ୍ର ତୁଳନୀୟ। ରାମ, କୃଷ୍ଣ ଓ ସୁଭଦ୍ରା ଏବଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଉପାଖ୍ୟାନକୁ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱ ସହିତ ଯୋଡ଼ି ଦିଆଯାଇଛି। ଏସବୁ କେବଳ ଇତିହାସ ଓ କିମ୍ବଦନ୍ତୀ ବିଷୟ । ତାତ୍ତ୍ୱିକ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି ସାକ୍ଷାତ୍ ପରଂବ୍ରହ୍ମ । ବାହ୍ୟ ଧର୍ମାଚାର ଦୃଷ୍ଟିରୁ ସାରଳା ଦାସ ଶାକ୍ତ ହେଲେ ହେଁ ଦର୍ଶନ ଓ ତତ୍ତ୍ୱ ଦୃଷ୍ଟିରୁ ସେ ଥିଲେ ଖାଣ୍ଟି ଅଦ୍ୱୈତବାଦୀ। ଅଦ୍ୱୈତବାଦୀମାନେ ପରଂବ୍ରହ୍ମର ଦୁଇଗୋଟି ଲକ୍ଷଣ ଯଥା ସ୍ୱରୂପ ଲକ୍ଷଣ ଏବଂ ତଟସ୍ଥ ଲକ୍ଷଣ ସ୍ୱୀକାର କରନ୍ତି । ଜ୍ଞାନ ରୂପରେ କେବଳ ତାଙ୍କର ପ୍ରକାଶ, କିନ୍ତୁ ତଟସ୍ଥ ଲକ୍ଷଣ ଦୃଷ୍ଟିରୁ ସେ ସାକାର, ସର୍ବଜ୍ଞ, ସକଳ ଗୁଣ ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟର ଆଧାର ଏବଂ ସୃଷ୍ଟି-ସ୍ଥିତି-ଲୟର କାରଣ। ସାରଳା ଦାସ ତାଙ୍କ ମହାଭାରତରେ ପରମ ବ୍ରହ୍ମର ଏହି ଉଭୟବିଧ ଲକ୍ଷଣର ବର୍ଣ୍ଣନା କରିଛନ୍ତି।

ଗୀତିକବି ଜୟଦେବ ଗୀତଗୋବିନ୍ଦରେ ମଧ୍ୟ ବୁଦ୍ଧଙ୍କୁ ନବମ ଅବତାର ଭାବରେ ବନ୍ଦନା କରିଛନ୍ତି। ପୁରୀଧାମରେ ଶ୍ରୀଜଗନ୍ନାଥ ମନ୍ଦିର ଗାତ୍ରରେ ଥିବା ଦଶାବତାର ଚିତ୍ରରେ ବୁଦ୍ଧଙ୍କ ସ୍ଥାନରେ ଜଗନ୍ନାଥଙ୍କ ମୂର୍ତ୍ତି ଦେଖାଯାଏ। ସାରଳାଦାସ ଜଗନ୍ନାଥଙ୍କୁ ତାଙ୍କ ମହାଭାରତର ବହୁସ୍ଥଳରେ ବୁଦ୍ଧରୂପେ ବର୍ଣ୍ଣନା କରିଛନ୍ତି। କବି ଲେଖିଛନ୍ତି –

**'ନୀଳସୁନ୍ଦର ପର୍ବତେ କଳ୍ପବଟ ତଳେ ମିଳି**
**ଆମ୍ଭେ ତହିଂ ବିଜେ କରିବୁ ବଉଦ୍ଧ ରୂପଧରି।**
**ବଉଧା ଅବତାର ଅବଶ୍ୟ ବିହରିବୁ**
**ଦୁଷ୍ଟଜନ ମାରି ସନ୍ଥଜନ ପ୍ରତିପାଳିବୁ।**
**କଳିଯୁଗ ଚାରିଲକ୍ଷ ବତିଶ ସହସ୍ର ବରଷ ପରିଯନ୍ତେ**
**ବଉଧରୂପେ ପୂଜା ପାଇବେ ନୀଳସୁନ୍ଦର ପର୍ବତେ।'**

ଜଗନ୍ନାଥଙ୍କ ସେବା-ପୂଜା-ବିଧାନରେ ତନ୍ତ୍ରମନ୍ତ୍ରବାଦର ପ୍ରଭାବ ପ୍ରତିଫଳିତ। ଜଗନ୍ନାଥଙ୍କ ମନ୍ଦିର ବେଢ଼ା ଭିତରେ ଥିବା ବିମଳାଙ୍କ ମନ୍ଦିର ତାନ୍ତ୍ରିକମାନଙ୍କ ଦୃଷ୍ଟିରେ ଜଗନ୍ନାଥ ମନ୍ଦିରଠାରୁ ଶ୍ରେଷ୍ଠତର। ଶାକ୍ତ ତାନ୍ତ୍ରିକ ମତରେ ପୁରୁଷୋତ୍ତମ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ବିମଳା। ସେ ଭୈରବୀ- ଜଗନ୍ନାଥ ତାଙ୍କର ଭୈରବ। ତେଣୁ ଜଗନ୍ନାଥଙ୍କ ପ୍ରସାଦ ବିମଳାଙ୍କୁ ଅର୍ପଣ କଲା ପରେ ମହାପ୍ରସାଦରେ ପରିଣତ ହୁଏ। ଏଥିରୁ ଜଣାଯାଏ, ଶାକ୍ତଧର୍ମ ଜଗନ୍ନାଥଧର୍ମ ସହିତ ଏକୀଭୂତ ହୋଇଯାଇଥିଲା। ସାରଳାଦାସଙ୍କ ମହାଭାରତରେ ତାର ସୂଚନା ମିଳେ। କବିଙ୍କ ବର୍ଣ୍ଣନା ଅନୁସାରେ ଜଗନ୍ନାଥ ବୁଦ୍ଧ, ମତ୍ସ୍ୟ, କଚ୍ଛପ, ନୃସିଂହାଦି ଅବତାର ଗ୍ରହଣ କରିଥିଲେ। ସେହି ଅବତାରମାନଙ୍କ ମଧ୍ୟରେ ଶକ୍ତି ଅବତାର ମଧ୍ୟ ଅନ୍ୟତମ। ଜଗନ୍ନାଥ ମୋହିନୀ ରୂପଧାରଣ କରି ସାଗରମନ୍ଥନ କାଳରେ ସୁଧା ବଣ୍ଟନ କରିଥିଲେ। ସେ ପୁଣି ମାଳତୀ କନ୍ୟା ରୂପରେ ଜନ୍ମହୋଇ ବୈଲୋଚନ ନାମକ ଦୈତ୍ୟକୁ ବିନାଶ କରିଥିଲେ।

ଶାକ୍ତଧର୍ମ ପରି ଶୈବଧର୍ମ ମଧ୍ୟ ଜଗନ୍ନାଥ ଧର୍ମରେ ସଂଶ୍ଳିଷ୍ଟ ହୋଇଥିଲା। ସାରଳା ମହାଭାରତରେ ଏହାର ସଙ୍କେତ ଦେଖିବାକୁ ମିଳେ। କବି ଜଗନ୍ନାଥଙ୍କୁ ବିଷ୍ଣୁ, ସୁଭଦ୍ରାଙ୍କୁ ବ୍ରହ୍ମା ଓ ବଳରାମଙ୍କୁ ଶିବ ବୋଲି ଏହି ଗ୍ରନ୍ଥରେ କହିଛନ୍ତି। କବିଙ୍କ ଭାଷାରେ –

**'ସୋହୋଦ୍ରା ରାମକୃଷ୍ଣ ଯେତିକି ପ୍ରତିମା**
**ବ୍ରହ୍ମା, ଈଶ୍ୱର ଯେ ଶ୍ରୀପୁରୁଷୋତ୍ତମା'।**

ମଧ୍ୟପର୍ବର ନୀଳେନ୍ଦ୍ରିବିବାହ ବର୍ଣ୍ଣନାରୁ ଶୈବ ଓ ଜଗନ୍ନାଥ ଧର୍ମର ମିଳନ ପ୍ରତିପାଦିତ ହୁଏ। ଶ୍ରୀଜଗନ୍ନାଥଧର୍ମ ସମସ୍ତ ଧର୍ମର ଯେପରି ମଧୁର ସମନ୍ୱୟ, ସେହିପରି ସବୁଧର୍ମର ଊର୍ଦ୍ଧ୍ୱରେ ଏକକ: ସ୍ୱତନ୍ତ୍ର। ସେହି ମହାସିନ୍ଧୁରେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଧର୍ମଧାରା ଆସି ମିଶି ଯାଇଥିଲେ ହେଁ ସେଗୁଡିକ ନିଜ ନିଜର ସଂପୂର୍ଣ୍ଣ ସତ୍ତା

ହରାଇନାହାନ୍ତି । ସାରଳାଙ୍କ ବହୁପୂର୍ବରୁ ଉତ୍କଳରେ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ କଳ୍ପନା କରିବାର ଯେଉଁ ପରଂପରା ପ୍ରତିଷ୍ଠିତ ହୋଇସାରିଥିଲା, ତାହାକୁ ଆଦିକବି ତାଙ୍କ ମହାଭାରତରେ ସୁରକ୍ଷିତ କରିଅଛନ୍ତି ।

ବୌଦ୍ଧ ଶୂନ୍ୟବାଦ, ଗୋରଖନାଥଙ୍କ ଯୋଗସାଧନ, ଶାକ୍ତଧର୍ମର ତନ୍ତ୍ର ବା ବୈଷ୍ଣବଧର୍ମଧାରା ଗୃହୀତ ହୋଇ ଓ କାଳକ୍ରମେ ସମସ୍ତେ ମିଶି ଜଗନ୍ନାଥଧର୍ମରେ ପରିଣତ ହୋଇଯାଇଥିଲେ । ବୌଦ୍ଧଧର୍ମରେ ଶୂନବାଦ ଏକ ବିଶିଷ୍ଟ ବିଷୟ । ଶୂନ୍ୟରୁ ଜଗତର ଉତ୍ପତ୍ତି ଏଇ ଦର୍ଶନରେ ବୌଦ୍ଧଧର୍ମ ବିଶ୍ୱାସ କରେ । ତେଣୁ ସାରଳା ଦାସ ଶୂନ୍ୟରୁ ପୃଥିବୀର ସୃଷ୍ଟି ବୋଲି ଦର୍ଶାଇ ଲେଖିଛନ୍ତି ।

**ଆହିହୁଁ ଶୂନ୍ୟ ହୋୟେ ଶୂନ୍ୟରୁ ପବନ**
**ପବନହୁଁ ଜଳ ଜଳହୁଁ ତାପନ ॥**
**ତାପନହୁଁ ହେମ ହେମରୁ ବୁଦ ବୁଦ**
**ବୁଦ୍ ବୁଦ୍ ରୁ ଫେନ ହୋଇଗଲା ସମ୍ବାଦ ॥**
**ପବନ ମନ୍ଥନୁଂ ଫେଣ ଜାତ ଅଣ୍ଡ**
**ଡିମ୍ବଫୁଟି କରି ବିକାଶିଲା ପିଣ୍ଡ ॥**

ସାରଳା ମହାଭାରତରେ ଶୂନ୍ୟର ବହୁଳ ଉଲ୍ଲେଖ ପରିଦୃଷ୍ଟ ହୁଏ । ଶୂନ୍ୟ ଶବ୍ଦ ବ୍ରହ୍ମ ଅର୍ଥରେ ପ୍ରଯୁକ୍ତ । ଏହି ଶୂନ୍ୟବାଦ ପ୍ରଥମେ ଓଡିଶାରୁ ପ୍ରଚାରିତ ହୋଇଥିଲା ବୋଲି ପଗ୍ ସାମ୍ ଜୋନ୍ ଯାଂଗ୍ ଗ୍ରନ୍ଥରେ ଲିଖିତ ଅଛି । କାଳକ୍ରମେ ଏହି ଶୂନ୍ୟବାଦ ଓଡିଶାର ବ୍ରଜଯାନ ଓ ସହଜଯାନର ମୁଖ୍ୟବସ୍ତୁ ରୂପେ ପରିଗୃହୀତ ହେଲା। ସାରଳାଦାସଙ୍କଠାରୁ ଅରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡିଆ ସାହିତ୍ୟରେ ଶୂନ୍ୟବାଦର ପ୍ରଭାବ ସ୍ପଷ୍ଟ ଭାବେ ଅଙ୍କିତ । ସାରଳା ମହାଭାରତରେ ଉଲ୍ଲେଖ ଅଛି –

**‘ବାବନ ସମ୍ବାଦ କରଇ ଅମୃତରସ ବାଣୀ’**
**ଉତ୍କଳ ଦେଶେ ବହଇ ନଦୀ ବୈତରଣୀ ॥**
**ବାରାହୀ ବୋଲି କରି ଅଟଇ ୟେକଇ ଶାସନେ**
**ମନୋହର ନଗ୍ର ଚଇତନ ପାଟଣା ସନ୍ନିଧାନେ ॥**
**ନିରାକୁଳ ବଂଶୀ ଆମ୍ଭେ ଜଳଧର ଗୋତ୍ରୀ**
**ନାମ ଆମ୍ଭର ବାବନ ପଣ୍ଡା ଶୂନ୍ୟସାଧନ ମୂରତି ॥’**

ଏହା ଯେ ମହାଯାନୀ ଶୂନ୍ୟସାଧନା ତାହା ବେଶ୍ ଅନୁମାନ କରାଯାଇପାରେ । ତେଣୁ ସାରାଳାଦାସ ମହାଯାନୀ ବୌଦ୍ଧ ଶୂନ୍ୟବାଦଦ୍ୱାରା ପ୍ରଭାବିତ ହୋଇଥିବା ଅନୁମିତ ହୁଏ ।

ବୌଦ୍ଧ ସହଜିଆ ଧର୍ମମତରେ ଯୋଗ-ସାଧନା ଗୁରୁତ୍ୱ ଲାଭକରେ । ଏହି ମତବାଦ ବୌଦ୍ଧଧର୍ମର ପ୍ରବୃତ୍ତି ଓ ରୂପରଙ୍ଗ ଗ୍ରହଣ କରିଥିଲେ ହେଁ ମୂଳତଃ ଏହା ଗୋଟିଏ ଯୋଗ ସଂପ୍ରଦାୟ । ସାରଳା ବହୁ ସ୍ଥଳରେ ଯୋଗ କଥା କହିଛନ୍ତି । ଅଶ୍ୱତ୍ଥାମା ଅଣାକାରଙ୍କୁ ଚତୁର୍ଦ୍ଦଶ ବର୍ଷକାଳ ଧ୍ୟାନ କରିଥିଲେ । ଏହି ଯୋଗକଥାର ବିସ୍ତୃତ ବିବରଣୀ ପଞ୍ଚମ ଅଧ୍ୟାୟରେ ପ୍ରଦାନ କରାଯାଇଛି ।

ସାରଳାଦାସ ଖନିକାର ଜନ୍ମ ବୃତ୍ତାନ୍ତରେ ସହଜସୁନ୍ଦରୀ କଥା ଉଲ୍ଲେଖ କରିଛନ୍ତି । ସମାଲୋଚକ ସୁରେନ୍ଦ୍ର ମହାନ୍ତିଙ୍କ ମତରେ ଏହି ଉପାଖ୍ୟାନଦ୍ୱାରା ସାରଳା ଦାସ ସହଜଯାନ ପ୍ରବର୍ତ୍ତିତ ଯୌନ ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି । ମାତ୍ର ଏହା ସତ୍ୟ ନୁହେଁ। ସହଜଯାନ ହେଉଛି ଗୁରୁଦ୍ୱାରା ସମର୍ଥିତ ସହଜ ଯୋଗ ଓ ପ୍ରାଣାୟମ ସାଧନା। ଏହା ଯୌନ ଉଶୃଙ୍ଖଳା କଥା କେବେ ମଧ୍ୟ କହିନାହିଁ। ବରଂ କାମନା ବାସନାର ସହଜ ଉପାୟକୁ ସାଧାରଣ ଜୀବନ ଗ୍ରହଣ କରିବା ଫଳରେ ସାରଳା ଦାସ ଏହାର ବିପଜ୍ଜନକ ପରିଣାମ ପ୍ରତି ଲକ୍ଷ୍ୟ ରଖି ଏହାକୁ ଘୃଣ୍ୟ ଓ ନିନ୍ଦିତ ବୋଲି ପ୍ରତିପାଦନ କରାଇଛନ୍ତି । ତେଣୁ ଚେତାବନୀ ଶୁଣାଇଛନ୍ତି –

**ପରଦାରା ପରସ୍ତୀରୀ ଯେ ଅମୃତ ତହୁଂ ସୁଆଦ**
**ଏବେ ସେ ଜାଣିଲେ ପରଦାରା ପରମାଦ ।**
**ନାରାୟଣ ବିରସ ଯେ ହୋଇଲେ ଏସନେ**
**ପରଦାରାକୁ ନ ବଢ ସଂସାର ଜନମାନେ ।**

ସେହିପରି କବି ଶୁକ୍ରରାଜା ଉପାଖ୍ୟାନରେ ଯୋନ ସ୍ୱୈରାଚାର ପ୍ରତି ତୀବ୍ର କଟାକ୍ଷପାତ କରିଅଛନ୍ତି । ଭାରଦା ଉପାଖ୍ୟାନରେ କେତେକ ଅଞ୍ଚଳରେ ପ୍ରଚଳିତ ଯୌନ ବିକୃତି ଓ ନୀତିହୀନତାର କଠୋର ସମାଲୋଚନା କରାଯାଇଛି ।

କବି ବୌଦ୍ଧମାନଙ୍କ ପରି ହିନ୍ଦୁମାନଙ୍କ ତୀର୍ଥସ୍ନାନକୁ ନିନ୍ଦା କରିଛନ୍ତି । କାରଣ ନିର୍ମଳ ନ କରି ତୀର୍ଥସ୍ନାନ କଲେ ମୁକ୍ତି ମିଳେନାହିଁ । ସେଥିପାଇଁ ସେ ଋଷିମାନଙ୍କର ଚରିତ୍ର ସ୍ଖଳନକୁ, ବ୍ରାହ୍ମଣମାନଙ୍କର ନିନ୍ଦା କରିବାକୁ ଯାଇ ଶାନ୍ତନୁ ଗଙ୍ଗା ଓ ଅଗ୍ନିକା ଋଷି ଉପାଖ୍ୟାନର ଅବତାରଣା କରିଛନ୍ତି । ତାଙ୍କ ସୃଷ୍ଟି ମହାଭାରତରେ ଧର୍ମକୁ କୌଣସି ସାଂପ୍ରଦାୟିକ ମତବାଦ ଦୃଷ୍ଟିରୁ ବ୍ୟବହାର ନ କରି ବୁଦ୍ଧଙ୍କ ପରି ମଣିଷର ବ୍ୟବହାର ଓ ଆଚରଣକୁ ପ୍ରତ୍ୟାଖ୍ୟାନ କରିବାପାଇଁ ନୁହେଁ ବରଂ ସୁଦୃଢ଼ କରିବା ନିମିତ୍ତ ଉପଦେଶ ପ୍ରଦାନ କରିଛନ୍ତି । ଜଣେ ସାଧାରଣ ହିନ୍ଦୁପରି, ସର୍ବଦେବତାଙ୍କୁ ଭକ୍ତି ପ୍ରଦର୍ଶନ କରିଛନ୍ତି । ବୌଦ୍ଧଧର୍ମର ସମସ୍ତନୀତି ନିୟମ ଯଥା-ରାଗ, ମୋହ ହିଂସା ପ୍ରଭୃତିର ତ୍ୟାଗ, ପରୋପକାର, ବିନୟ, ସୁକର୍ମର ପାଳନ, ପିତା ଓ ଗୁରୁମାନଙ୍କର ବଚନପାଳନ, ସତ୍ୟକଥନ ପ୍ରଭୃତିକୁ ଗ୍ରହଣ କରି ସ୍ଥଳ ବିଶେଷରେ ତାହାର ମହତ୍ତ୍ୱ ବର୍ଣ୍ଣନା କରିଛନ୍ତି ।

ସହଜଯାନ ଓ ବଜ୍ରଯାନରେ ପିଣ୍ଡ-ବ୍ରହ୍ମାଣ୍ଡର ବର୍ଣ୍ଣନା ଦେଖାଯାଏ । ସାରଳା ମହାଭାରତରେ ଭୀମ ଜନ୍ମ ପ୍ରସଙ୍ଗରେ ଅଗ୍ନି ପଣ୍ଡୁଙ୍କୁ ପିଣ୍ଡ-ବ୍ରହ୍ମାଣ୍ଡ ତତ୍ତ୍ୱ କହିଥିଲେ । ସାରଳା ଦାସ ମଧ୍ୟ ତାଙ୍କ ମହାଭାରତରେ ବହୁ ସ୍ଥଳରେ ଜଗନ୍ନାଥଙ୍କୁ ବୁଦ୍ଧରୂପେ ବର୍ଣ୍ଣନା କରିଛନ୍ତି । କବି ଲେଖିଛନ୍ତି –

**ନୀଳସୁନ୍ଦର ପର୍ବତେ ତଳେ ମିଳି**
**ଆମ୍ଭେ ତହିଁ ବିଜେ କରିବୁ ବଉଦ୍ଧ ରୂପଧାରି**
**ବଳଭଦ୍ର, ସୋହୋଦ୍ରା କୃଷ୍ଣ ହୋଇଲେ ତିନିରୂପ**
**ବଉଦ ବାମନ ଯେହା କେ କରୁ ସଂଚେପ ।**
**ବଉଧା ଅବତାର  ଅବଶ୍ୟ ବରିବୁ**
**ଦୁଷ୍ଟଜନ ମାରି  ସନ୍ଥଜନ ପ୍ରତିପାଳିବୁ**
**ସଂସାର ଜନଙ୍କୁ  ତାରିବା ନିମନ୍ତେ**
**ବଉଧ ରୂପେ ବିଜୟ କରିଛନ୍ତି ଜଗନ୍ନାଥେ ।**

ଜଗନ୍ନାଥ ମନ୍ଦିର ମୁଖଶାଳାରେ ଖୋଦିତ ଦଶାବତାର ମୂର୍ତ୍ତିର ନବମ ଅବତାର ସ୍ଥାନରେ ଶ୍ରୀ ଜଗନ୍ନାଥ ମୂର୍ତ୍ତି ଦେଖିବାକୁ ମିଳିଥାଏ । ଓଡିଶାରେ ସାରଳାଙ୍କ କାଳରେ ବୌଦ୍ଧଧର୍ମାଚାରର ପ୍ରଭାବ ଥିବାରୁ ସାରଳା ମହାଭରତରେ ଶ୍ରୀକୃଷ୍ଣ 'ବୌଦ୍ଧ ଅବତାର' ରେ ପରିଣତ ହୋଇଯାଇଛନ୍ତି । ତେବେ ସାରଳାଙ୍କ ବହୁ ପର୍ବରୁ ଉତ୍କଳରେ ଜଗନ୍ନାଥଙ୍କୁ ବୁଦ୍ଧରୂପେ କଳ୍ପନା କରିବାର ଯେଉଁ ପରଂପରା ପ୍ରତିଷ୍ଠିତ ହୋଇସାରିଥିଲା, ତାହା ଆଦିକବି ମହାଭାରତରେ ସୁରକ୍ଷିତ କରିଛନ୍ତି ।

ସୂର୍ଯ୍ୟବଂଶର ଗଜପତିମାନେ ମଧ୍ୟ ପରମବୈଷ୍ଣବ, ପରମମାହେଶ୍ୱର ଥିଲେ । କପିଳେନ୍ଦ୍ର ଦେବଙ୍କ କାଳରେ ପାପନାଶିନୀ ମନ୍ଦିର ଗାତ୍ରରେ ନଟରାଜ ଶିବଙ୍କର ମୂର୍ତ୍ତି ସ୍ଥାପିତ ହୋଇଥିଲା । ତେବେ କେଶରୀ ବଂଶର ଅବସାନ ପରେ ଶୈବଧର୍ମର ଆଲୋକ ମ୍ଳାନ ହୋଇଯାଇଥିଲା । ତଥାପି ଏହି ଧର୍ମର ପ୍ରଭାବ ସମାଜରେ ଉଜ୍ଜୀବିତ ରହିଥିଲା ।

ସାରଳା ମହାଭାରତର ବହୁସ୍ଥଳରେ ଶିବଙ୍କର ସ୍ତୁତିଗାନ କରାଯାଇଅଛି । କବି ଶିବଙ୍କର ମହିମା ପ୍ରଦର୍ଶନ କରିବାପାଇଁ ଶିବଦାସ ନାମକ ବ୍ରାହ୍ମଣର ପୁତ୍ର ନିର୍ମଳର କଥା ବର୍ଣ୍ଣନା କରିଛନ୍ତି । ଶିବ, ପୁରୁଷାକାରର ଆଦର କରନ୍ତି । ତେଣୁ ଅର୍ଜ୍ଜୁନଙ୍କର ପାଶୁପତ ଅସ୍ତ୍ରଲାଭ ପ୍ରସଙ୍ଗରେ କବି ଏହା ସୂଚାଇ ଅଛନ୍ତି । ଏକାମ୍ରକ୍ଷେତ୍ରର ନାମ କିପରି କୃତ୍ତିବାସ କ୍ଷେତ୍ରରେ ପରିଣତ ହେଲା ତାହା ଦର୍ଶାଇ ଏହି କ୍ଷେତ୍ରର ମହିମା ପ୍ରଖ୍ୟାପନ କରିଛନ୍ତି । କବି ଅନେକ ଶିବମନ୍ଦିର ବା ଶୈବପୀଠ ଯଥା-ରାମେଶ୍ୱର, ସୂକ୍ଷ୍ମେଶ୍ୱର, ମୁକ୍ତେଶ୍ୱର, ଭଦ୍ରେଶ୍ୱର, ରୁଦ୍ରେଶ, ତ୍ରିପୁରାନ୍ତକ,

କପିଳେଶ୍ୱର, ଈଶାନେଶ୍ୱର, ସିଦ୍ଧେଶ୍ୱର, ଖଗେଶ୍ୱର, ବ୍ରହ୍ମେଶ୍ୱର, କେତୁଶ୍ୱର,ଓ ଯମେଶ୍ୱର ପ୍ରଭୃତିର ବର୍ଣ୍ଣନା ପ୍ରଦାନ କରିଅଛନ୍ତି । ପ୍ରାଚୀ କୂଳରେ ଗୋକୁଳେଶ୍ୱର, ପିଙ୍ଗଳେଶ୍ୱର, ଗ୍ରାମେଶ୍ୱର, ମହେଶ୍ୱର, ନାଟକେଶ୍ୱର ଶୂଳେଶ୍ୱର, ରୁଦ୍ରେଶ୍ୱର, ଦୁରେଶ୍ୱର ନାମକ ଅଷ୍ଟଶମ୍ଭୁ ଥିଲେ । ସେହି ପ୍ରାଚୀନଦୀରେ ସ୍ନାନକରି ଶମ୍ଭୁପୂଜା ଉଦ୍ଦେଶ୍ୟରେ ଶଚୀଦେବୀ ପ୍ରତ୍ୟହ ମର୍ତ୍ତ୍ୟକୁ ଆଗମନ କରୁଥିଲେ ବୋଲି ସାରଳାଦାସ ବର୍ଣ୍ଣନା କରିଛନ୍ତି ।

କବି ସାରଳା ଦାସଙ୍କ ଲେଖନୀରେ ଶିବଙ୍କର ବହୁ ସ୍ତୁତି ମହାଭାରତରେ ରଚିତ । କବି ସତ୍ୟବତୀଙ୍କ ସ୍ତୁତି ଛଳରେ ଶିବଙ୍କୁ ଉମାପତି, ପିନାକଧାରୀ, ଧବଳାଙ୍ଗ, ଅନଙ୍ଗ-ରିପୁ, ମହାଯୋଗୀ ବୋଲି କହିଛନ୍ତି । ସେ ପୁଣି ଅଣାକାର, ଆଦିନାଥ, ଈଶାନ, ଗଙ୍ଗାଧର, ବିରୁପାକ୍ଷ, ତ୍ରିଲୋଚନ, ଚିନ୍ତାମଣି, ମହେଶ୍ୱର, ସଦାନନ୍ଦ, ପରମପୁରୁଷ ଓ କୃତ୍ତିବାସ । କବି ଶିବଙ୍କୁ ସିଦ୍ଧିଦାତା, ଭକ୍ତବତ୍ସଳ, ପାପତାପହାରୀ ରୂପରେ ବର୍ଣ୍ଣନା କରିଛନ୍ତି । ରାଜା ଦ୍ରୁପଦ ଚଉଦବର୍ଷ ପର୍ଯ୍ୟନ୍ତ ରୁଦ୍ରଙ୍କୁ ଧ୍ୟାନ କରି ଦ୍ରୋଣାଚାର୍ଯ୍ୟଙ୍କୁ ଜିଣିବେ ବୋଲି ବରଲାଭ କରିଥିଲେ । ନାଗାର୍ଜ୍ଜୁନ ଦାଶୀନ ନଦୀ ତୀରରେ ବାଲୁକାଲିଙ୍ଗ ପୂଜାକରି ଆମର ବର ପାଇଥିଲେ । ଜୟଦ୍ରଥ ଶିବଙ୍କୁ ଧ୍ୟାନ କରି ଅର୍ଜ୍ଜୁନଙ୍କ ବ୍ୟତୀତ ସମସ୍ତଙ୍କୁ ଜିଣିପାରିବେ ବୋଲି ବରଲାଭ କରିଥିଲେ ।

ସାରଳା ଦାସ ଏକାମ୍ର ତୀର୍ଥରେ ମହିମା ପ୍ରଦର୍ଶନ କରି କହନ୍ତି ଯେ, ଏହି ତୀର୍ଥରେ ରାବଣ ତପସ୍ୟା କରି ଏକାମ୍ବର ନାଥଙ୍କଠାରୁ ବରଲାଭ କରିଥିଲେ । ରାମଚନ୍ଦ୍ର ଲଙ୍କାରୁ ପ୍ରତ୍ୟାବର୍ତ୍ତନ କଲାବେଳେ ଏହି ତୀର୍ଥକୁ ଆସିଥିଲେ । ସେଠାରେ ରାମଚନ୍ଦ୍ର ରାମେଶ୍ୱର, ସୁଗ୍ରୀବ ଭୁବନେଶ୍ୱର, ଜାମ୍ବବ କପିଳେଶ୍ୱର, ଶତବଳ ଈଶାନେଶ୍ୱର, ଅଙ୍ଗଦ ସିଦ୍ଧେଶ୍ୱର, ବ୍ରହ୍ମା ବ୍ରହ୍ମେଶ୍ୱର, ଦକ୍ଷ ପ୍ରଜାପତି କେତୁଶ୍ୱର ଓ ଯମ ଯମେଶ୍ୱର ଲିଙ୍ଗକୁ ପୂଜା କରିଥିଲେ ବୋଲି ଉଲ୍ଲେଖ କରିଅଛନ୍ତି । ଏଠାରେ କବି ଭୁବନେଶ୍ୱର କ୍ଷେତ୍ରକୁ ଲିଙ୍ଗମୟ କ୍ଷେତ୍ରରୂପେ ପ୍ରଦର୍ଶନ କରିଛନ୍ତି ।

ଏତତ୍‌ବ୍ୟତୀତ ଉତ୍କଳର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଶିବ ପୂଜିତ ହେଉଥିଲେ । ଢ଼େଙ୍କାନାଳର କପିଳାସ ପର୍ବତସ୍ଥ ଶିବ, ପୁରୁଷୋତ୍ତମ ଧାମର ଲୋକନାଥ, ଯମେଶ୍ୱର, ବୈତରଣୀ କୂଳସ୍ଥ ରୁଦ୍ରଶାସନର ରାମେଶ୍ୱର, ଚିତ୍ରୋତ୍ପଳା ନଦୀକୂଳର ବିଶ୍ୱେଶ୍ୱର ସେ କାଳରେ ପ୍ରସିଦ୍ଧ ଥିବା ଜଣାଯାଏ ।

ଶୈବଧର୍ମ ଭାରତରେ ନାଥଯୋଗୀ ସଂପ୍ରଦାୟ ମାଧ୍ୟମରେ ବିଶେଷ ପ୍ରସାରଲାଭ କରିଥିଲା । ନାଥଯୋଗୀମାନେ ଶିବଙ୍କୁ ଇଷ୍ଟ ରୂପରେ ଗ୍ରହଣ କରି ଯୋଗ ସାଧନ କରନ୍ତି । ଓଡ଼ିଶା ତଥା ଭାରତର ସମସ୍ତ ଯୋଗୀ 'ଶିବଗୋତ୍ରୀ' ବୋଲି ନିଜକୁ ପରିଚିତ କରାଇଥାନ୍ତି । ଏହି ସଂପ୍ରଦାୟର ପ୍ରଥମଗୁରୁ ହେଉଛନ୍ତି ଗୋରଖନାଥ । ତାଙ୍କ ଆବିର୍ଭାବର ସମୟ ଖ୍ରୀ ୧୦ ମ ଶତାବ୍ଦୀରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଭାରତରେ ତାନ୍ତ୍ରିକ ବୌଦ୍ଧଧର୍ମ ଯଥା ସହଜଯାନ ଓ ବଜ୍ରଯାନର ଅଧଃପତନ କାଳରେ ଏହି ନାଥ ସଂପ୍ରଦାୟର ଉଦ୍ଭବ ଘଟିଛି । ତେଣୁ ନାଥ ସଂପ୍ରଦାୟର ଉଦ୍ଭବକାଳ ଓ ଗୋରଖନାଥଙ୍କ ଆବିର୍ଭାବର ସମୟ ଖ୍ରୀ. ୧୨ଶ ଶତାବ୍ଦୀ ବୋଲି କୁହାଯାଇପାରେ ।

ପଞ୍ଚଦଶ ଶତାବ୍ଦୀର ଉତ୍କଳରେ ନାଥପନ୍ଥାର ପ୍ରଭାବ ଥିବା ଜଣାଯାଏ। ସେ କାଳରେ ବୌଦ୍ଧ ସହଜଯାନ ଓ ବଜ୍ରଯାନ ପ୍ରବର୍ତ୍ତିତ ପ୍ରବୃତ୍ତି ମାର୍ଗର ପ୍ରତିକ୍ରିୟା ସ୍ୱରୂପ ଶୈବାଗମ ପ୍ରଭାବିତ ମତ୍ସେନ୍ଦ୍ରନାଥ ଓ ଗୋରଖନାଥ ଆଦି ନାଥପନ୍ଥୀ ଯୋଗୀମାନଙ୍କ ଯୋଗମୂଳକ ନିବୃତ୍ତିମାର୍ଗ ଉତ୍କଳୀୟ ଜନତାର ଚିତ୍ତ ଆକର୍ଷଣ କରିବାରେ ସମର୍ଥ ହୋଇଥିଲା। ସେଥିପାଇଁ ସାରଳାଦାସ ଇତିହାସର କାଳଗତ ପ୍ରମାଦ ପ୍ରତି ଭ୍ରୂକ୍ଷେପ ନକରି ମହାଭାରତରେଦ୍ୱାଦଶ ଶତାବ୍ଦୀର ଗୋରଖନାଥଙ୍କ ସହିତ ନକୁଳର ଭେଟ କରାଇଛନ୍ତି। ନକୁଳଙ୍କ ଅନୁରୋଧରେ ଗୋରଖନାଥ ତାଙ୍କୁ ଯୋଗସାଧନ ପ୍ରଣାଳୀ ଶିକ୍ଷା ଦେଇଛନ୍ତି। ମତ୍ସ୍ୟ ଦେଶରେ ବିରାଟ ରାଜାଙ୍କର ଅଭିଷେକ ପ୍ରସଙ୍ଗ ବର୍ଣ୍ଣନା ଅବସରରେ ସାରଳାଦାସ ମତ୍ସେନ୍ଦ୍ରନାଥଙ୍କର ଚିତ୍ର ଅଙ୍କନ କରି ଲେଖିଛନ୍ତି -

**ଜୟତୁ ମତ୍ସଲନ୍ଦ୍ର ନାଥ ପ୍ରତ୍ୟକ୍ଷେ ମୀନରୂପୀ**
**କିଞ୍ଚିତ ଅବଲୋକନେ ସପତ ବ୍ରହ୍ମାଣ୍ଡ ବ୍ୟାପି।**
**ଅକାରଣକୁ କାରଣ ଶୂନ୍ୟପବନ ବେତ୍ତା**
**ସାଧନ ପୁରୁଷ ନାଥ ଜୟତୁ ଅବଧୂତା।**

ନାଥଯୋଗୀମାନେ ତନ୍ତ୍ର ସାଧକ ଥିଲେ। ଗୋରଖନାଥ ନକୁଳଙ୍କୁ ତାନ୍ତ୍ରିକ ଷଟ୍‌କର୍ମ ମଧ୍ୟରୁ ସ୍ତମ୍ଭନବିଦ୍ୟା ପ୍ରଦାନ କରିଥିଲେ ବୋଲି ଉଲ୍ଲେଖ ଅଛି।

ରାଣୀପୁର ଝରିଆଲରେ ଥିବା ଚଉଷଠୀ ଯୋଗନୀ ମନ୍ଦିର ତାନ୍ତ୍ରିକ ପୀଠ ରୂପେ ଆସନ ଅଧିକାର କରିଥିଲା। ପୁରୀ ଜିଲ୍ଲାର ଭାର୍ଗବୀ ନଦୀକୂଳରେ ଅବସ୍ଥିତ ହୀରାପୁରର ଚଉଷଠୀ ଯୋଗିନୀ ମନ୍ଦିର ଭୌମକର ବଂଶର ରାଜତ୍ୱ ସମୟରେ ନିର୍ମିତ ହୋଇଥିବା ଅନୁମାନ କରାଯାଏ। ଆସାମରେ ଏକାଦଶ ଶତାବ୍ଦୀରେ ଲିଖିତ 'କାଳିକା ପୁରାଣ'ରୁ ଜଣାଯାଏ ଭାରତରେ ବ୍ରାହ୍ମଣ୍ୟ ତନ୍ତ୍ରପୀଠର ଉଦ୍ଭବ ଓ ବିକାଶ ଉଡ୍ର ବା ଓଡ଼ିଶାରେ ହୋଇଥିଲା ଏବଂ ଏହାର ପ୍ରଥମ ଦେବତା ଥିଲେ ଜଗନ୍ନାଥ। ଏହି ଶାକ୍ତ ତାନ୍ତ୍ରକମାନେ ଜଗନ୍ନାଥଙ୍କୁ ଭୈରବ ଓ ବିମଳାଙ୍କୁ ଭୈରବୀ ରୂପରେ ଗ୍ରହଣ କରିଅଛନ୍ତି।

ଶାକ୍ତପୂଜା ଓଡ଼ିଶାରେ ବିକଶିତ ହୋଇଥଲେ ହେଁ ଏହା ଶୈବଧର୍ମ ପରି ଲୋକପ୍ରିୟ ହୋଇନଥିଲା। ସାରଳାଦାସଙ୍କ ମହାଭାରତରେ ଶାକ୍ତଧର୍ମର ପ୍ରଭୂତ ପ୍ରଭାବ ଥିବାର ପରିଦୃଷ୍ଟ ହୁଏ। କବି କାମାକ୍ଷୀ ଦେବୀ ପ୍ରାତଃକାଳରେ କୁମାରୀ ମଧ୍ୟାହ୍ନରେ ବୃଦ୍ଧା, ସନ୍ଧ୍ୟାରେ କାମସେଣା, ନିଶାରେ ମୋହିନୀ ଓ ଚାମୁଣ୍ଡା ରୂପ ଧାରଣ କରନ୍ତି। କବି ତାଙ୍କୁ ହିଙ୍ଗୁଳାକନ୍ୟା, କାତ୍ୟାୟିନୀ, ଅପୂର୍ଣ୍ଣା, ଅନାଦି, ଅଣାକାର ପ୍ରିୟା, ନିରଞ୍ଜନୀ, ମହାମାୟା ଓ ମାହେଶ୍ୱରୀ ଆଖ୍ୟାରେ ଭୂଷିତ କରିଛନ୍ତି। ତାଙ୍କର ପରମାରାଧ୍ୟା ଇଷ୍ଟଦେବୀ ସାରଳା ମନ୍ଦିର ପୂଜିତା ପାଷାଣମୟୀ ମୂର୍ତ୍ତିମାତ୍ର ନୁହନ୍ତି, ସେ ମନୋମୟୀ, ଭାବମୟୀ ଓ ଆନନ୍ଦନନ୍ଦିନୀ।

ମାନସରୂପୀ ଭାବିନୀ ଭାବକୁଣ୍ଡଳୀ
ଦ୍ୱାଦଶ ରଙ୍ଗେ ସେ ସଦୟେ ମଉଲୋଳୀ ॥
ଆନନ୍ଦ ନନ୍ଦିନୀ ଯେ ବିଘଂସିତ ମମହୃଦେ
ଶୁଦ୍ରମୁନିପଦକୁ ମୁଁ ଭାର୍ଜନ ସାରଳା ପ୍ରସ୍ତାବେ ॥

ସାରଳାଦାସ ବହୁ ଶାକ୍ତ ତନ୍ତ୍ର କଥା ଉଲ୍ଲେଖ କରିଅଛନ୍ତି । ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ସାରଳାଦାସଙ୍କ ପୂର୍ବରୁ ଓଡ଼ିଶାରେ ଶାକ୍ତପରଂପରା ପ୍ରଚଳିତ ଥିଲା । କବି ତାହାଦ୍ୱାରା ପ୍ରଭାବିତ ହୋଇ ନିଜେ ଶାକ୍ତଧର୍ମକୁ ଗ୍ରହଣ କରିନେଇଥିଲେ । ତଥାପି ଅନ୍ୟାନ୍ୟ ଧର୍ମପ୍ରତି କବିଙ୍କ ମନରେ କୌଣସି ବିଦ୍ୱେଷ ନଥିଲା । ସେ ପ୍ରାୟ ସବୁଧର୍ମପ୍ରତି ଆଦରଭାବ ପୋଷଣ କରୁଥିଲେ । ପ୍ରତ୍ୟେକ ଦେବ-ଦେବୀଙ୍କ ପ୍ରତି ତାଙ୍କର ଭକ୍ତି ଓ ସମ୍ମାନ ପ୍ରଦର୍ଶନରୁ ଏହା ସ୍ୱଷ୍ଟ ଉପଲବ୍ଧ ହୋଇଥାଏ ।

ସାରଳାଦାସ ଥିଲେ କନକପୁର ପାଟଣାର ଅଧିଷ୍ଠାତ୍ରୀ ଦେବୀ ସାରଳାଙ୍କ ଉପାସକ । କିନ୍ତୁ ଶାକ୍ତ କହିବା ଠିକ୍ ନୁହେଁ । ସେ ଶକ୍ତି ଉପାସକ ଥିଲେ ସତ, କିନ୍ତୁ ସାଂପ୍ରଦାୟିକ ଅର୍ଥରେ ଶାକ୍ତ କହିଲେ ଯାହା ବୁଝାଯାଏ, ସାରଳାଦାସ ସେ ଦୃଷ୍ଟିରୁ ଶାକ୍ତ ନ ଥିଲେ । କାରଣ ସେ ଶକ୍ତିପୂଜାରେ ତନ୍ତ୍ର ଅପେକ୍ଷା ଭକ୍ତି ମାର୍ଗକୁ ବିଶେଷ ଗୁରୁତ୍ୱ ପ୍ରଦାସ କରିଛନ୍ତି ।

ରାଧାକୃଷ୍ଣ ରତି କ୍ରୀଡ଼ାମୂଳକ ଭାବ- ଭାବନ ଉତ୍କଳରେ ଆଦର ପାଉ ନ ଥିଲା, ତଥାପି ରାଧାକୃଷ୍ଣଙ୍କ ମିଳନ ବର୍ଣ୍ଣନା ସାରଳାମହାଭାରତରେ ବହୁ ସ୍ଥାନରେ ଦେଖିବାକୁ ମିଳେ । ବିରାଟ ପର୍ବରେ ବର୍ଣ୍ଣନା ଅଛିଯେ, ବୃଷଭାନୁ ସୁତା ରାଧା, ଶ୍ରୀକୃଷ୍ଣଙ୍କ ପ୍ରେମ ପ୍ରତି ବିମୁଖ ହୋଇ ଶ୍ରୀକୃଷ୍ଣଙ୍କ ପ୍ରେରିତ ବହୁ ଧନରତ୍ନ ପ୍ରତ୍ୟାଖ୍ୟାନ କଲେ । ଶ୍ରୀକୃଷ୍ଣ ନିରାଶ ହୋଇ ଦେହତ୍ୟାଗ କରିବେ ବୋଲି ସ୍ଥିର କଲେ । ବ୍ରହ୍ମା ଗୋଟିଏ ବିରହବଂଶୀ ଶ୍ରୀକୃଷ୍ଣଙ୍କୁ ପ୍ରଦାନ କଲେ । ସେହି ମୋହନ ବଂଶୀର ସ୍ୱରରେ ରାଧା କୃଷ୍ଣଙ୍କପ୍ରତି ଆକୃଷ୍ଟ ହେଲେ । ରାଧା-କୃଷ୍ଣ ମିଳନ ସମ୍ଭବ ହେଲା । କିନ୍ତୁ ସାରଳାଦାସ ରାଧାଙ୍କର ସ୍ତୁତି କେଉଁଠାରେ କରିନାହାନ୍ତିକି ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର କଥା କହି ନାହାନ୍ତି । ତେଣୁ ବୈଷ୍ଣବୀୟ ସାହିତ୍ୟରେ ପ୍ରେମମୟ ରାଧାକୃଷ୍ଣଙ୍କ ଯେଉଁ ରସାଶ୍ରିତ ଯୁଗଳ ମୂର୍ତ୍ତିର ବର୍ଣ୍ଣନା ଦେଖାଯାଏ, ତାହା ସାରଳା ମହାଭାରତରେ ନାହିଁ ।

ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ରାଧାଭକ୍ତି ଓଡ଼ିଶାରେ ପ୍ରବେଶ କରିପାରି ନ ଥିଲା । ପ୍ରାଚୀନ ଗୋପୀନାଥ ମୂର୍ତ୍ତି ସମୀପରେ କେଉଁଠାରେ ମଧ ରାଧାମୂର୍ତ୍ତି ଦେଖାଯାଏ ନାହିଁ । କାଞ୍ଚିରୁ ଯେଉଁ ଶ୍ରୀକୃଷ୍ଣ ମୂର୍ତ୍ତି ପୁରୁଷୋତ୍ତମଦେବ ଆଣିଥିଲେ ସେଥିରେ ରାଧା ନ ଥିଲେ । କୌଣସି ପ୍ରାଚୀନ ମନ୍ଦିରରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ପୂଜା ପାଉଥିବାର ପରିଦୃଷ୍ଟ ହୁଏ ନାହିଁ । ଜୟଦେବଙ୍କ 'ଗୀତଗୋବିନ୍ଦ'ରେ ବର୍ଣ୍ଣିତ ରାଧାକୃଷ୍ଣଙ୍କ ଲୀଳା ଓଡ଼ିଆ ସମେତ

ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିପାରିଥିଲା । ଏହାର ସୁସ୍ପଷ୍ଟ ପ୍ରମାଣ ବଙ୍ଗକବି ଚଣ୍ଡୀଦାସ ଓ ମୈଥିଳୀ କବି ବିଦ୍ୟାପତିଙ୍କ ରଚନାରେ ମିଳେ । ତଥାପି ସେତେବେଳେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି କୌଣସି ମନ୍ଦିରରେ ସ୍ଥାନ ପାଇ ନ ଥିଲା । ମନ୍ଦିରରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାନ ପାଇବା ଏକ ଦିଗ, ଏବଂ ରାଧାଭାବ ସାମାଜରେ ପ୍ରସାରିତ ହେବା ଅନ୍ୟ ଏକ ଦିଗ । ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ରାଧାଭାବ ଷୋଡ଼ଶ ଶତାବ୍ଦୀର ପ୍ରଥାମାର୍ଦ୍ଧରେ ଓଡ଼ିଶାରେ ପ୍ରଚାରିତ ହୋଇଥିଲା । ସାରଳାଦାସ ରାଧାକୃଷ୍ଣଙ୍କ ପ୍ରେମଭାବ ତାଙ୍କ ମହାଭାରତରେ ବର୍ଣ୍ଣନା କରିଥିଲେ ହେଁ ସେଥିପାଇଁ ଏକ ମାଧ୍ୟମ ଲୋଡ଼ିଛନ୍ତି । ରାଧାଙ୍କ ହୃଦୟକୁ ଜୟ କରିବାରେ କୃଷ୍ଣ ବିଫଳ ହେବାରୁ ବ୍ରହ୍ମା ତାଙ୍କୁ ଗୋଟିଏ 'ବିରହବଂଶୀ' ପ୍ରଦାନ କରିଛନ୍ତି । ଫଳରେ ରାଧାକୃଷ୍ଣଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି । ଏଥିରୁ ଜଣାଯାଏ, ପଞ୍ଚଦଶ ଶତାବ୍ଦୀ ବେଳକୁ ମନ୍ଦିରମାନଙ୍କରେ ରାଧାକୃଷ୍ଣଙ୍କ ଯୁଗଳ ଉପାସନା ନ ଥିଲେ ମଧ୍ୟ ଓଡ଼ିଶାରେ ରାଧାଭାବର ଧାରା ପ୍ରବାହିତ ହେଉଥିଲା । ଯାହାଦ୍ୱାରା ସାରଳାଦାସ ପ୍ରଭାବିତ ହୋଇଅଛନ୍ତି ।

ସେ ଯୁଗରେ ରାଧାକୃଷ୍ଣ ଉପାସନା ପରିବର୍ତ୍ତେ ଲକ୍ଷ୍ମୀ-ନାରାୟଣ ଯୁଗଳ ଉପାସନା ଓଡ଼ିଶାରେ ପ୍ରଚଳିତ ଥିଲା । ରାମାନୁଜାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଲକ୍ଷ୍ମୀ-ନାରାୟଣ ଉପାସନାର ସଙ୍କେତ ସାରଳା ମହାଭାରତରେ ପରିଦୃଷ୍ଟ ହୁଏ । ଯଥା –

**'ସେ ଲକ୍ଷ୍ମୀ ନାରାୟଣ ଯେବେ ଯେଥେ ଅବତରିଥାନ୍ତେ ପୁଣପୁଣ**
**ତେବେ ସେ ଦୁଷ୍ଟଦାନବେ ହୁଅନ୍ତେ ନିବାରଣ ।।'**

ଓଡ଼ିଶାରେ ଗୋପୀନାଥ ଉପାସନା ଚତୁର୍ଦ୍ଦଶ ଶତାବ୍ଦୀରୁ ସ୍ୱୀକୃତି ଲାଭ କରିଥିଲା । ଓଡ଼ିଶାର ବିଭିନ୍ନ ସ୍ଥାନରେ ରାଧାବିହୀନ କୃଷ୍ଣମୂର୍ତ୍ତିମାନ ଦେଖାଯାଆନ୍ତି । ସେମାନଙ୍କୁ ଲୋକମାନେ ଗୋପୀନାଥ ବୋଲି କହିଥାନ୍ତି । ସାରଳାଦାସ ସେହି ଗୋପୀନାଥ ଉପାସନାର ସଙ୍କେତ ପ୍ରଦାନ କରିଛନ୍ତି । ସେ କୃଷ୍ଣ ଓ ଗୋପୀମାନଙ୍କର ମଧୁର ଲୀଳା ବର୍ଣ୍ଣନା କରିଛନ୍ତି ।

ସାରଳାଯୁଗରେ ବାସୁଦେବ ଉପାସନା ମଧ୍ୟ ପ୍ରଚଳିତ ଥିଲା । ଏହି ବାସୁଦେବ ସଂସ୍କୃତି ତ୍ରୟୋଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ପ୍ରତିଷ୍ଠା ପାଇ ସାରିଥିଲା । ଓଡ଼ିଶାରେ ବିଷ୍ଣୁ ତଥା ଶ୍ରୀକୃଷ୍ଣଙ୍କୁ ମାଧବ ରୂପରେ ଉପାସନା କରାଯାଉଥିବାର ଜଣାଯାଏ । ପ୍ରାଚୀ ନଦୀ କୂଳରେ ଶୋଭନେଶ୍ୱର ମନ୍ଦିରର ବେଢ଼ା ମଧ୍ୟରେ ଥିବା ଦଶଗୋଟି ମୂର୍ତ୍ତିକୁ ଲୋକମାନେ ମାଧବ ବୋଲି କହିଥାନ୍ତି । ସାରଳାଦାସଙ୍କ ଯୁଗରେ ବିଷ୍ଣୁ ତଥା କୃଷ୍ଣ ମାଧବ ରୂପରେ ପୂଜା ପାଉଥିଲେ । ତେଣୁ କବି ବହୁ ସ୍ଥଳରେ ତାଙ୍କର ସ୍ତୁତି ପ୍ରଦାନ କରିଛନ୍ତି । ଯଥା –

**ମାଧବ ସୁମର ନରେ ଅନୁକୂଳ ସିଦ୍ଧି**
**ମାଧବ ସୁମର ନରେ ପ୍ରାପତ ହୋଉ ନିଧି ।।**

**ମାଧବ ସୁମର ନରେ ପ୍ରାପତ ହେଉ ଧର୍ମ,**
**ମାଧବ ସୁମର ନରେ ପ୍ରାପତ ହେଉ କର୍ମ।**
**ମାଧବ ସୁମର ନରେ ଜନ୍ମର ସୁଫଳ,**
**ମାଧବ ସୁମର ନରେ ଫିଟୁ ଯମର ଅର୍ଗଳ।'**

ଜାରା ଶବର ଅଜା ବସୁଶବର ପାଷାଣ ରୂପୀ ମାଧବଙ୍କର ପୂଜା କରୁଥିଲେ ବୋଲି କବି ଉଲ୍ଲେଖ କରିଛନ୍ତି। ଆହୁରି ମଧ୍ୟ ରାଜ ଗାଲମାଧବଙ୍କ ଆଦେଶରେ ବାସୁଦେବ ଦ୍ୱିଜ ଶ୍ରୀକୃଷ୍ଣଙ୍କ ସନ୍ଧାନ ନେବାକୁ ଯାଇ ମାଧବଙ୍କର ଦର୍ଶନ କରିଥିଲେ। ଯୁଧିଷ୍ଠିର ପ୍ରାଚୀ ନଦୀରେ ସ୍ନାନ କଲାବେଳେ ମାଧବଙ୍କୁ ଜଳରେ ଦେଖିଲେ ଏବଂ ଉପରକୁ ଆଣିଲେ। ସେ ଆକାଶବାଣୀ ଶ୍ରବଣ କରି ସେହି ମୂର୍ତ୍ତିକୁ ପ୍ରାଚୀନ ନଦୀ କୂଳରେ ଥିବା ମୂର୍ତ୍ତିକାଗିରି ଶିଖରରେ ସ୍ଥାପନ କରିଥିଲେ।

ସାରଳାଙ୍କ କାଳ ବ୍ରାହ୍ମଣ୍ୟ(ବ୍ରାହ୍ମଣ ନୁହେଁ) ସଂସ୍କୃତି ବିରୋଧରେ ପ୍ରବଳ ପ୍ରତିକ୍ରିୟା ଓ ବିଦ୍ରୋହର କାଳ। ଉତ୍କଳରେ ପାରମ୍ପରିକ ବୌଦ୍ଧଧର୍ମର ବିବର୍ତ୍ତନ ଧାରାରେ ବଜ୍ରଯାନ, ସହଜ ସାଧନା, ନାଗପନ୍ଥୀ ଓ ତନ୍ତ୍ରଚାର ପ୍ରଭୃତି ବିଭିନ୍ନ ଅଭିବ୍ୟକ୍ତିର ଯେଉଁ ସମସ୍ତ ଆଧ୍ୟାତ୍ମିକ ଭାବନା ଓ ସାଧନା ପ୍ରକାଶ ପାଇଥିଲା, ତାହା ମଧ୍ୟ ସାରଳାଙ୍କ କାଳରୁ ନିନ୍ଦିତ ହୋଇପଡ଼ିଥିଲା। ବସ୍ତୁତଃ ସାରଳାଙ୍କ କାଳ ଏ ସମସ୍ତ ଆଧ୍ୟାତ୍ମିକ ଆଚାର ଓ ବିଚାରର ବିଲୟର କାଳ। ଯୋଗାଚାର ଓ ସଂଯମର ଅନନ୍ୟ ପ୍ରତିବିମ୍ବ ଭାବରେ ପିଣ୍ଡ ବ୍ରହ୍ମାଣ୍ଡବାଦ ଓ ମହାଯାନୀ ବୌଦ୍ଧଦର୍ଶନର ଶୂନ୍ୟବାଦ ଉତ୍କଳର ଜାତୀୟ ଆଧ୍ୟାତ୍ମିକ ସାଧନା ରୂପେ ପ୍ରତିଷ୍ଠିତ ହୋଇଥିଲା। ଏହି ସମୟ ବେଳକୁ ଜଗନ୍ନାଥ ମହାବିଷ୍ଣୁ ଓ ଶୂନ୍ୟପୁରୁଷ ରୂପେ ପରିକଳ୍ପିତ ହୋଇସାରିଥିଲେ। ସାରଳା ଶାକ୍ତ ଥିଲେ। ତଥାପି ମହାଯାନର ଶୂନ୍ୟବାଦୀ ଭାବନା ଓ ଦର୍ଶନଦ୍ୱାରା ତାଙ୍କର ଆଧ୍ୟାତ୍ମିକ ଚିନ୍ତା ପ୍ରଭାବିତ ହୋଇଥିଲା। ଯାହା ସଂସ୍କୃତ ମହାଭାରତର ପୃଷ୍ଠଭୂମିରେ ନ ଥିଲା ତାହା ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ସାରଳାଦାସଙ୍କ ମହାଭାରତରେ ସୂଚିତ।

ମହାଭାରତରେ ସମସାମୟିକ ଉତ୍କଳର ବିବିଧ ଧର୍ମ ସଂପ୍ରଦାୟର ପ୍ରଚଳିତ ବିଶ୍ୱାସ, ପରମ୍ପରା, ଆଚାର, ଅନୁଷ୍ଠାନ, ରୀତିନୀତି ବିଷୟରେ ସାରଳା ଦାସ ଉଲ୍ଲେଖ କରିଛନ୍ତି। ଏଥିରୁ ପଞ୍ଚଦଶ ଶତାବ୍ଦୀର ଉତ୍କଳର ଧାର୍ମିକ ସ୍ଥିତି ସମ୍ବନ୍ଧରେ ଏକ ସ୍ଥୂଳ ପରିଚୟ ମିଳିଥାଏ। ଜଣେ ନିରପେକ୍ଷ ପର୍ଯ୍ୟବେକ୍ଷକ ଭାବରେ ସାରଳା ଦାସ ଯାହା ଦେଖିଛନ୍ତି, ପ୍ରସଙ୍ଗକ୍ରମେ ସେ ସବୁର ଉଲ୍ଲେଖ କରିଛନ୍ତି ଓ ସ୍ଥଳ ବିଶେଷରେ ବିଭିନ୍ନ ଚରିତ୍ରର ଗୁଣକୁ ବିଶ୍ଳେଷଣ କରିଛନ୍ତି। ପରାଶର, ବ୍ୟାସ, ଦ୍ରୋଣ, ବିଶ୍ୱାମିତ୍ର ଆଦି ମୁନିଋଷି, ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ, ବ୍ରହ୍ମା, ମହେଶ୍ୱରାଦି ଦେବତା ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କ ଅବୈଧ ଯୌନକ୍ରିୟା ଏହାର ଦୃଷ୍ଟାନ୍ତ। ଅଧିକାଂଶ ସ୍ଥଳରେ ସାରଳା ଦାସ ତାହାଙ୍କ ଚରିତ୍ର ସମୂହର ଉପାଦାନ ବିଭିନ୍ନ ପୁରାଣରୁ ଗ୍ରହଣ କରିଛନ୍ତି। ସେହି ପୁରାଣମାନଙ୍କରେ ଯୌନକ୍ରିୟା ସମ୍ବନ୍ଧୀୟ ଘଟଣାମାନ ଏକ ଆଧ୍ୟାତ୍ମିକ ଓ ସାଂକେତିକ ଅର୍ଥରେ ବ୍ୟବହୃତ ହୋଇଅଛି। ସାରଳା ଦାସ ଚରିତ୍ର

ଚିତ୍ରଣରେ ପ୍ରଚଳିତ ଜନଶ୍ରୁତି, କିମ୍ବଦନ୍ତୀ, ଲୋକକଥା ଓ ଢମଢମାଳିଦ୍ୱାରା ପ୍ରଭାବିତ ହୋଇଥିବା ସମ୍ଭବପର । ଏହାର ଏକ ପ୍ରମୁଖ ଉଦାହରଣ ନାରଦ ଚରିତ୍ର । ଅନୁମିତ ହୁଏ, ସାରଳା ସ୍ଥଳବିଶେଷରେ ଲୋକବିଶ୍ୱାସ ଓ ଲୋକପରମ୍ପରାଦ୍ୱାରା ପ୍ରଭାବିତ ହୋଇଛନ୍ତି ।

ଏହି ସମୟରେ ଦେଖା ଦେଇଥିବା ଯୌନ–ଭ୍ରଷ୍ଟାଚାର ଲୋକ ଚକ୍ଷୁରେ ନିନ୍ଦିତ ଓ ଘୃଣିତ ବୋଲି ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ସାରଳା ଖଲ୍ୟକାର ବୃତ୍ତାନ୍ତ ଭଳି ଉପାଖ୍ୟାନ ସୃଷ୍ଟି କରିଥିବା ଖୁବ୍ ସମ୍ଭବପର । ଅନ୍ୟ ପକ୍ଷରେ ସାରଳାଙ୍କ ମତରେ ବାସୁଦେବ କୃଷ୍ଣ ହେଉଛନ୍ତି ସ୍ୱୟଂ ନାରାୟଣ – ସେ ପୁଣି ଜଗନ୍ନାଥ ଓ ପୁରୁଷୋତ୍ତମ । ତାହାଙ୍କ ଜୟଗାନରେ ସାରଳା ମହାଭାରତ ର ପୃଷ୍ଠା ଚିରମୁଖର । ସାରଳା ଦାସ ନିଜକୁ ଏହି କୃଷ୍ଣ ଜଗନ୍ନାଥଙ୍କର ଦାସାନୁଦାସ ବୋଲି ଉଲ୍ଲେଖ କରିଛନ୍ତି ଏବଂ ତାହାଙ୍କ ଚରଣ ସେବାର ସୌଭାଗ୍ୟରୁ ବଞ୍ଚିତ ନ କରିବାପାଇଁ ଭକ୍ତି ଗଦ୍‌ଗଦ ହୃଦୟରେ ଶ୍ରୀକୃଷ୍ଣଙ୍କୁ ବାରମ୍ବାର ପ୍ରାର୍ଥନା କରିଛନ୍ତି । କବି ସାରଳାଦାସ କୃଷ୍ଣଙ୍କୁ ବାରମ୍ବାର ଜଗନ୍ନାଥ ସହ ତୁଳନୀୟ କରିବା ପଛରେ ଉତ୍କଳୀୟ ଧାର୍ମିକ ପରମ୍ପରାର ଏକ ଗୂଢ଼ ତତ୍ତ୍ୱ ରହିଛି । ଏକଥା ସମସ୍ତେ ଜାଣନ୍ତି ଯେ, ଆଦିବାସୀ ଶବର ଦେବତା ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡିଆଙ୍କର ଆରାଧ୍ୟ ଦେବତା, ସଖା – ସହୋଦର ସବୁ କିଛି । ସେ ପୁଣି ପୁରୁଷୋତ୍ତମ । ସେହିପରି କୃଷ୍ଣ ସାଧାରଣ ଗଉଡ ପରିବାରର ଓ ସେ ଉଚ୍ଚବର୍ଗଙ୍କ ସହ ଯୁଦ୍ଧ କରି ସେମାନଙ୍କ ଔଦ୍ଧତ୍ୟ ବିନଷ୍ଟ କରିଛନ୍ତି । ବୋଧହୁଏ ସେଇଥିପାଇଁ ଜଗନ୍ନାଥଙ୍କୁ ବୈଷ୍ଣବୀୟ ଦେବତା ଭାବରେ ସ୍ୱୀକୃତି ଦେବାବେଳେ ତାଙ୍କୁ କୃଷ୍ଣ, ବଳରାମ, ସୁଭଦ୍ରା ଓ ସୁଦର୍ଶନଙ୍କ ପ୍ରତୀକ ଭାବରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନ ନାମରେ ନାମିତ କରାଯାଇଛି । ଜଗନ୍ନାଥଙ୍କୁ ପୁରୁଷୋତ୍ତମ କୁହାଯାଉଥିଲେ ମଧ୍ୟ ମର୍ଯ୍ୟାଦାପୁରୁଷୋତ୍ତମ ରାମଚନ୍ଦ୍ର, ସତ୍ୟନିଷ୍ଠ ଅନୁଜ ଲକ୍ଷ୍ମଣ ଓ ସତୀ ସାଧ୍ୱୀ ସୀତାଙ୍କ ସହ ତୁଳନା ନ କରିବା ପଛରେ ଉଚ୍ଚବର୍ଗଙ୍କୁ ଗୁରୁତ୍ୱ ନ ଦେବା ବୋଲି କେତେକ ଗବେଷକ ମତ ଦିଅନ୍ତି । ସାରଳାଙ୍କ ଲେଖନୀ ସର୍ବଦା ସାଧାରଣ ଜନତାଙ୍କ କଥା କହୁଥିବାରୁ କୁରୁକ୍ଷେତ୍ର ଯୁଦ୍ଧ ମାଧ୍ୟମରେ କ୍ଷତ୍ରିୟ ବଂଶ ବିନାଶକାରୀ ସାଧାରଣ ଗଉଡ ପୁଅ କୃଷ୍ଣ ସହିତ ଜଗନ୍ନାଥଙ୍କୁ ବାରମ୍ବାର ତୁଳନା କରିଛନ୍ତି ।

ସାରଳା ଦାସ ପରମ ଦେବୀଭକ୍ତ ଥିଲେ ଏବଂ ଝଙ୍କଡ଼ର ସାରଳା ଚଣ୍ଡୀ ଥିଲେ ତାଙ୍କର ଇଷ୍ଟଦେବୀ । ଦେବୀଭକ୍ତମାନେ ସାଧାରଣତଃ ଶାକ୍ତ ଧର୍ମାବଲମ୍ବୀ । ସ୍ୱରଚିତ ଗ୍ରନ୍ଥାବଳୀରେ ସେ ଦେବୀ/ଶକ୍ତିର ମହିମା ଗାନ କରିଛନ୍ତି । ତାଙ୍କ ମତରେ ଶକ୍ତି ହିଁ ସୃଷ୍ଟି, ସ୍ଥିତି ଓ ଲୟର କାରଣ । ବିଶ୍ୱର ଅମୃତମୟ ଦୃଷ୍ଟିକୁ ଭାର୍ଯ୍ୟା ରୂପରେ ସେ ସୃଷ୍ଟି କରନ୍ତି । **ବିଲଙ୍କା ରାମାୟଣ**ରେ ସେ ଦର୍ଶାଇଛନ୍ତି ଯେ ରାବଣ ପରାଜୟ ମୂଳରେ ଥିଲେ ସୀତା । ଏହା ପ୍ରମାଣିତ କରବିପାଇଁ ସେ ରାମଙ୍କୁ ସହସ୍ରଶିରା ରାବଣଙ୍କୁ ବଧ କରିବାକୁ ପଠାଇଛନ୍ତି, କିନ୍ତୁ ରାମ ଏକାକୀ ଅସମର୍ଥ ହୋଇଛନ୍ତି । ଶେଷରେ ଦେବତାଙ୍କ ପରାମର୍ଶ କ୍ରମେ ସୀତା ସେଠାକୁ ଯାଇ ନିଜର ଅପୂର୍ବ ଲାବଣ୍ୟମୟୀ ସୌନ୍ଦର୍ଯ୍ୟ ଦର୍ଶନ କରାଇବା ପରେ ସହସ୍ରଶିରା ରାବଣ ହତ ହୋଇଛି । ଚଣ୍ଡୀପୁରାଣରେ ମହିଷାସୁରର ଅତ୍ୟାଚାରରେ ବ୍ୟତିବ୍ୟସ୍ତ ହୋଇ ଦେବତାମାନେ ନାରାୟଣଙ୍କର ଆଶ୍ରୟପ୍ରାର୍ଥୀ ହୋଇଅଛନ୍ତି । ବ୍ରହ୍ମା ପ୍ରକାଶ କରିଛନ୍ତି ଯେକୌଣସି

ପୁରୁଷଦ୍ୱାରା ମହିଷାସୁରର ବିନାଶ ଅସମ୍ଭବ । ତତ୍ପରେ ଦେବତାମାନଙ୍କ ପ୍ରାର୍ଥନା କ୍ରମେ ଦୁର୍ଗା ବିବସନା ଅବସ୍ଥାରେ ହତବୀର୍ଯ୍ୟ ଓ ନିଶ୍ଚେଷ୍ଟ ମହିଷାସୁରର ବକ୍ଷରେ ଶୂଳବିଦ୍ଧ କରି ତାହାର ପ୍ରାଣ ସଂହାର କରିଛନ୍ତି ।

ମହାଭାରତର ନାୟିକା ଦ୍ରୌପଦୀଙ୍କୁ ସାରଳା ଦାସ ସର୍ବସଂହାରିଣୀ ଚଣ୍ଡିକା ରୂପରେ ପରିକଳ୍ପନା କରିଛନ୍ତି । ସତ୍ୟଯୁଗରେ ସେ ଥିଲେ କେତୁକା ଚଣ୍ଡୀ । ତ୍ରେତା ଯୁଗରେ ଅବଳା ପାର୍ବତୀ, ଦ୍ୱାପର ଯୁଗରେ ଦ୍ରୌପଦୀ ରୂପରେ ଅବତୀର୍ଣ୍ଣା ହୋଇ ସେ କୌରବ କୁଳର ବିନାଶର କାରଣ ହୋଇଛନ୍ତି । କର୍ଣ୍ଣ ପର୍ବରେ ବର୍ଣ୍ଣିତ ଯେ ଦୁଃଶାସନର ରକ୍ତରେ କେଶ ପ୍ରକ୍ଷାଳନ କରିବା ସମୟରେ ଲଲାଟ-ନିଃସୃତ ରକ୍ତଧାରା ପାନକରି ଦ୍ରୌପଦୀ ପରମ ସନ୍ତୋଷ ଲାଭ କରିଛନ୍ତି । ହିନ୍ଦୁ ଦେବଦେବୀମାନଙ୍କ ମଧ୍ୟରେ କେବଳ ଚଣ୍ଡୀଙ୍କ ବ୍ୟତୀତ ଅନ୍ୟ କୌଣସି ଦେବୀ ରକ୍ତପାନ କରନ୍ତି ନାହିଁ । ଏଥିରୁ ସାରଳାଙ୍କ ଶାକ୍ତ ଭାବନାର ପରିଚୟ ମିଳେ ।

ସାରଳା ଦାସ ମଧ୍ୟ ତାନ୍ତ୍ରିକ ଏବଂ ତନ୍ତ୍ରସିଦ୍ଧ ଥିଲେ । ସାରଳା ମହାଭାରତରେ ଥିବା ତାନ୍ତ୍ରିକ ବିଧିବିଧାନ ଏବଂ କ୍ରିୟାକଳାପର ବହୁଳ ଉଲ୍ଲେଖରୁ ଏପରି ଅନୁମାନ କରାଯାଇଥାଏ । ନିଜେ ଅର୍ଜୁନ ଗୁଣିଗାରେଡ଼ି ବିଦ୍ୟାରେ ପାରଙ୍ଗମ ଥିବାର ଦୃଷ୍ଟାନ୍ତ କେବଳ ମହାଭାରତ ନୁହେଁ ବିଲଙ୍କା ରାମାୟଣରେ ମଧ୍ୟ ଦେଖିବାକୁ ମିଳେ । ମାୟା ବିଭୂତିଦ୍ୱାରା ରାମଙ୍କୁ ଅପହରଣ କରି ନିଆଯାଇଥିବା ବିଷୟ **ବିଲଙ୍କା ରାମାୟଣ**ରେ ବର୍ଣ୍ଣିତ । ସାରଳା ଦାସଙ୍କ **ମହାଭାରତ**ରେ ଚଉଷଠି ଯୋଗିନୀ ପ୍ରସଙ୍ଗର ଅବତାରଣା ସଙ୍ଗେସଙ୍ଗେ ବିବିଧ ତାନ୍ତ୍ରିକ ମୁଦ୍ରାର ଉଲ୍ଲେଖ ମଧ୍ୟ ଦେଖାଯାଏ । ଏଥିରୁ ଅନୁମିତ ହୁଏ ଯେ, ସାରଳାଙ୍କ ସମୟରେ ତନ୍ତ୍ରର ବିଶେଷ ପ୍ରଭାବ ଓ ପ୍ରସାର ଥିଲା । ଈଶ୍ୱର ଦାସଙ୍କ **ଚୈତନ୍ୟ ଭାଗବତ**ରେ ଉଲ୍ଲେଖ ଅଛି – ତାନ୍ତ୍ରିକ ବ୍ରାହ୍ମଣମାନଙ୍କଦ୍ୱାରା ପ୍ରତାରିତ ହୋଇ ମହାରାଜା ପ୍ରତାପରୁଦ୍ର କେତେକ ବୌଦ୍ଧ ସନ୍ନ୍ୟାସୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଥିଲେ । ଅର୍ଥାତ୍ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳରେ ତାନ୍ତ୍ରିକ ମତର ବିଶେଷ ପ୍ରସାର ଥିବା ଜଣାଯାଏ । ପଞ୍ଚ **ମ** କାର ସେବା ତାନ୍ତ୍ରିକ ସାଧନାର ଏକ ଅପରିହାର୍ଯ୍ୟ ଅଙ୍ଗରୂପେ ବିବେଚିତ ହୋଇଥାଏ । ଏହି ପଞ୍ଚ **ମ** କାର ମଧ୍ୟରୁ ମୈଥୁନ ବା ଯୌନ ଭ୍ରଷ୍ଟାଚାରକୁ ସାରଳା ଅତି କଠୋର ଭାଷାରେ ନିନ୍ଦା କରିଛନ୍ତି ।

ସାରଳାଙ୍କ ସାହିତ୍ୟ ଶାକ୍ତ ଧର୍ମର ପ୍ରତିନିଧିତ୍ୱ କରୁଥିଲେ ହେଁ ଏହି ସମୟ ବେଳକୁ ଜଗନ୍ନାଥ ଧର୍ମ ଓ ସଂସ୍କୃତି ସମଗ୍ର ଉତ୍କଳୀୟ ଜନଜୀବନକୁ ଆବୋରି ସାରିଲାଣି । ଏହି ସମୟରେ ଉକ୍ତ ଧର୍ମ ଓଡ଼ିଆ ଜନଜୀବନକୁ ଏଭଳି ଭାବେ ପ୍ରଭାବିତ କରିଥିଲା ଯେ, ବିଶିଷ୍ଟ ଶୈବଧର୍ମ ପ୍ରଚାରକ ତଥା ଅଦ୍ୱୈତ ମତବାଦର ପ୍ରତିଷ୍ଠାତା ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭକରି ଭକ୍ତିଭାବର କାରୁଣ ମୂର୍ତ୍ତିମନ୍ତ ପ୍ରତୀକ ଶ୍ରୀଚୈତନ୍ୟଙ୍କ ପର୍ଯ୍ୟନ୍ତ ଯେତେସବୁ ଧାର୍ମିକ ମତବାଦ ପ୍ରବକ୍ତା ଓ ପ୍ରଚାରକ ଓଡ଼ିଶା ମାଟିକୁ ଆସିଥିଲେ, ଏମାନେ ସମସ୍ତେ ନିଜକୁ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରି ଜଗନ୍ନାଥୈକ ଚେତନାକୁ ସ୍ୱୀକାର କଲାପରେ ଓଡ଼ିଶାବାସୀ ଏମାନଙ୍କୁ ଗ୍ରହଣ କରୁଥିଲେ, ଯାହା ଭାରତର ଅନ୍ୟ କୌଣସି ଭୂଖଣ୍ଡରେ ହେଉ ନ ଥିଲା ।

ଏହି ଜଗନ୍ନାଥୈକ ଚେତନା ମଧ୍ୟ ପାଲଟି ଯାଇଥିଲା ସର୍ବଧର୍ମ ସମନ୍ୱୟର ମୂଳ କେନ୍ଦ୍ର । ଫଳରେ ଯେଉଁ ଧାର୍ମିକ ଓ ସାମାଜିକ ସହନଶୀଳତାର ଭିତ୍ତିଟିଏ ତିଆରି ହୋଇଥିଲା, ତାହା କେବଳ ଏହି ଭୂଖଣ୍ଡବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିପାରି ନ ଥିଲା, ବରଂ ଆଗଙ୍ଗା- ଗୋଦାବରୀ ଭୂଖଣ୍ଡରେ ସମଗ୍ର ଭାରତର ଅର୍ଦ୍ଧେକ ଅଧିକୃତ କରିଥିବା ମୁସଲମାନ ଶାସନ, ସଂସ୍କୃତି ଓ ପରମ୍ପରା କବଳରୁ ରକ୍ଷା କରିଥିଲା । ସତେଯେପରି ଏହା ଥିଲା ତତ୍କାଳୀନ ସମୟର ଆହ୍ୱାନ ଏବଂ ହିନ୍ଦୁ ବିଶ୍ୱାସ ବୋଧର ସୁରକ୍ଷାକବଚ ।

## ୨.୪.୨ ସାରଳା ସାହିତ୍ୟରେ ସଂସ୍କୃତି:

ବିଭିନ୍ନ କାହାଣୀ ମାଧ୍ୟମରେ ମହାଭାରତ ଭଳି ପୁରାଣ ଧର୍ମୀ ସାହିତ୍ୟକୁ ଗତିଶୀଳ କରାଇବାରେ କବିଙ୍କର ଉଦ୍ଦେଶ୍ୟ ହେଲା ସାଧାରଣ ମନୁଷ୍ୟଙ୍କୁ ସତର୍କ କରାଇଦେବା । ସେଥିପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ପାପକର୍ମର ପରିଣତି ଭୋଗ କରିଛନ୍ତି । କବିଙ୍କ ମତରେ ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଅବତାର ଗ୍ରହଣ କରି ଲଙ୍କାର ଅସୁରରାଜା ରାବଣକୁ ହତ୍ୟାକରି ପୃଥିବୀର ଭାରା ନିବାରଣ କରିଥିଲେ । ରାବଣ ଥିଲା ଋଷିଙ୍କର ସନ୍ତାନ ଏବଂ ପରମ ତପସ୍ୱୀ । ତେଣୁ ରାମଚନ୍ଦ୍ରଙ୍କୁ ବ୍ରହ୍ମହତ୍ୟା ଦୋଷ ଲାଗିବା ସ୍ୱାଭାବିକ । ସେହି ପ୍ରଭୁ ଦ୍ୱାପରରେ ଶ୍ରୀକୃଷ୍ଣ ଅବତାରରେ ଭାରତ ଭୂଖଣ୍ଡରେ ଧର୍ମ ସ୍ଥାପନା ପାଇ ଆଜୀବନ ସାଧନା କରିଗଲେ ଏବଂ ପାପରୁ ମୁକ୍ତି ଲାଭ କରିଥିଲେ । ଏହା ସତ୍ତ୍ୱେ ଶ୍ରୀକୃଷ୍ଣଙ୍କର ଜୀବନରେ ଘଟିଥିବା କିଛି ବ୍ୟତିକ୍ରମପାଇଁ କବି ତାଙ୍କୁ ଦଣ୍ଡିତ କରିଛନ୍ତି । ଏକଦା ଭଗବାନ କ୍ରୋଧ ପୂର୍ବକ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ପଦାଘାତ କରିଥିଲେ । ତେଣୁ ସେ ଜାରା ଶବର ରୂପରେ ଜନ୍ମଗ୍ରହଣ କରି ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କରିଥିଲେ । ଶ୍ରୀକୃଷ୍ଣ ଗୋପପୁରରେ ପରନାରୀମାନଙ୍କୁ ଅପହରଣ କରିଥିଲେ । ସେଥିପାଇଁ ଶ୍ରୀକୃଷ୍ଣ ଦେହତ୍ୟାଗ କଲାପରେ ଯଦୁବଂଶର କୁଳବଧୂମାନଙ୍କୁ ଦସ୍ୟୁମାନେ ଅପହରଣ କରି ନେଇଗଲେ । ଏପରିକି ଧନୁର୍ଦ୍ଧାରୀ ଅର୍ଜୁନ ମଧ୍ୟ ସେମାନଙ୍କୁ ରକ୍ଷା କରିପାରିଲେ ନାହିଁ । ଶ୍ରୀକୃଷ୍ଣ ଧର୍ମରକ୍ଷା କରିବାପାଇଁ କୁରୁବଂଶକୁ ଧ୍ୱଂସ କରିଥିଲେ । ତେଣୁ ମହାରାଣୀ ଗାନ୍ଧାରୀଙ୍କ ଅଭିଶାପ ଯୋଗୁଁ ଶ୍ରୀକୃଷ୍ଣ ଦେହତ୍ୟାଗ କରିବା ସହିତ ଯଦୁବଂଶ ମଧ୍ୟ ଧ୍ୱଂସ ହୋଇଯାଇଥିଲା ।

**ଭାରତୀୟ ସଂସ୍କୃତିର ପ୍ରଭାବ:**

ସାରଳା ଦାସଙ୍କର ସମୟର ଓଡ଼ିଆ ସମାଜ ଥିଲା ଅତ୍ୟନ୍ତ ସମୃଦ୍ଧିବନ୍ତ । ଦେଶ ଥିଲା ସ୍ୱାଧୀନ ଏବଂ ଉତ୍କଳର ଗଜପତି ରାଜାମାନେ ବିଶାଳ ସାମ୍ରାଜ୍ୟର ଅଧିକାରୀ ଥିଲେ । ଦେଶରେ ଶିଳ୍ପ, ବାଣିଜ୍ୟ, ସାମରିକ ନୈପୁଣ୍ୟ, କଳା ଓ ସାହିତ୍ୟ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଅପୂର୍ବ ସମୃଦ୍ଧି ସାଧିତ ହୋଇ ଥିଲା । ଜନସାଧାରଣ ଏକ ସୁସ୍ଥ, ସୁନ୍ଦର ସାଂସ୍କୃତିକ ଜୀବନ ଯାପନ କରୁଥିଲେ । ସେହି ସମାଜର ଚିତ୍ର ପୁରାଣର କାହାଣୀଦ୍ୱାରା ସେ ମନେପକାଇ ଦେଇଛନ୍ତି । ଅହଂକାରକୁ ବଳିଦେବା ହେଉଛି ଏକ ଉନ୍ନତ ସାଂସ୍କୃତିକ ଜୀବନର ଲକ୍ଷଣ । ମନୁଷ୍ୟ ନିଜର ପଦପଦବୀ ଅନୁସାରେ ନମ୍ର ଏବଂ ବିନୀତ ହେବା ଆବଶ୍ୟକ । ଭଗବାନ ଶ୍ରୀକୃଷ୍ଣ ନିଜ ଆଚରଣରେ ତାହା ଦର୍ଶାଇ ଦେଇଥିଲେ । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଶ୍ରୀକୃଷ୍ଣ ଦାୟିତ୍ୱ ନେଇଥିଲେ ଆଗତ ଅତିଥିମାନଙ୍କର ପାଦ ଧୋଇଦେବାପାଇଁ ।

ଏହା ତାଙ୍କପାଇଁ ଥିଲା ଏକ ପୁଣ୍ୟ କର୍ମ । ଭଲ ମଣିଷ ହୋଇ ପ୍ରକୃତ ମାନବିକତାର ପ୍ରତିଷ୍ଠା କରିବା ନିମନ୍ତେ ଯୁଧିଷ୍ଠିରଙ୍କ ପରି ସତ୍ୟ ଓ ଧର୍ମର ସାଧକ ହେବା ଆବଶ୍ୟକ । ସେ ଶୟନେ ସ୍ୱପନେ ଜାଗରଣେ ନୀତି ଓ ନୈତିକତାକୁ ତ୍ୟାଗ କରୁ ନ ଥିଲେ । ଜଗତର କଲ୍ୟାଣରେ ବ୍ୟକ୍ତିର କଲ୍ୟାଣ ହେବ ବୋଲି ଯେଉଁମାନେ ଗ୍ରହଣ କରିଥାନ୍ତି, ସେମାନଙ୍କଦ୍ୱାରା ସମାଜ ସୁଖୀ ଓ ସମୃଦ୍ଧିଶାଳୀ ହୋଇଥାଏ । ନିଜର ବନ୍ଧୁ ଓ ଆତ୍ମୀୟମାନଙ୍କୁ ସାହାଯ୍ୟ କରିବା ହେଉଛି ଭାରତୀୟ ସଂସ୍କୃତି । ଅନ୍ୟପାଇଁ ବଞ୍ଚିବାରେ ଯେଉଁ ଆନନ୍ଦ ମିଳେ, ତାହା କେବଳ ଭାରତୀୟ ସମାଜର ଆଦର୍ଶ କହିଲେ ଅତ୍ୟୁକ୍ତି ହେବ ନାହିଁ । କୁରୁପାଣ୍ଡବ ଯୁଦ୍ଧରେ ଉଭୟ କୁଳର ଜ୍ଞାତି ଓ ସ୍ୱଜନମାନେ ଆସି ସାହାଯ୍ୟ କରିଛନ୍ତି ଏବଂ ହସିହସି ଜୀବନ ଉତ୍ସର୍ଗ କରିଛନ୍ତି ।

ଅତିଥି ଦେବତାପରି ଆଦରଣୀୟ ଓ ପୂଜ୍ୟ । ଅତିଥିମାନଙ୍କୁ ଆନ୍ତରିକ ଭାବରେ ସମ୍ବର୍ଦ୍ଧନା କରିବା ହେଉଛି ଆମର ସାମାଜିକ ନୀତି । କୁରୁ ଓ ପାଣ୍ଡବ ଭୟଙ୍କର ଯୁଦ୍ଧରେ ରତ ଥିଲେ ସୁଦ୍ଧା ସଂଧ୍ୟାକାଳରେ ଯୁଦ୍ଧବିରତି ସମୟରେ ଦୁର୍ଯ୍ୟୋଧନଙ୍କ ଦରବାର କକ୍ଷରେ ଅତିଥି ଅର୍ଜୁନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମାନବ ହେଲେ ହେଁ ପ୍ରତିଭା ପୂଜା ଅନୁରୋଧରେ ଇନ୍ଦ୍ରଙ୍କ ସଭାକକ୍ଷରେ ଅତିଥି ଧନଞ୍ଜୟ ଦେବଭୋଗ୍ୟ ଆଦର ଓ ସମ୍ବର୍ଦ୍ଧନା ଲାଭ କରିଥିଲେ ।

ସତ୍ୟପାଳନ ହେଉଛି ଏକ ଶିଷ୍ଟ ଓ ସୁସ୍ଥ ସମାଜର ଲକ୍ଷଣ । ସତ୍ୟ ରକ୍ଷା କରିବା କ୍ଷତ୍ରିୟର ଧର୍ମ । ତେଣୁ କ୍ଷତ୍ରିୟଶ୍ରେଷ୍ଠ ଅର୍ଜୁନ ଛଦ୍ମବେଶୀ ଅଗ୍ନିଙ୍କ ଶପଥ ରକ୍ଷା କରି ଦୀର୍ଘ ବାରବର୍ଷ କାଳ ବନବାସ କରିଥିଲେ ଏବଂ ଖାଣ୍ଡବବନ ଦହନପାଇଁ ନିଜର ପୂଜ୍ୟ ପିତୃଦେବ ଇନ୍ଦ୍ରଙ୍କ ସହିତ କଠୋର ସଂଗ୍ରାମ କରିବାପାଇଁ ମଧ୍ୟ କୁଣ୍ଠିତ ହୋଇ ନ ଥିଲେ । ଦ୍ୟୁତକ୍ରୀଡାରେ ଶପଥ କରିଥିବାରୁ ପାଣ୍ଡବମାନେ ବାରବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତବାସ କରିଥିଲେ । ଏଥିପାଇଁ ମନରେ ସେମାନଙ୍କର କୌଣସି ଗ୍ଲାନି ମଧ୍ୟ ନ ଥିଲା । ବୈତରଣୀ ନଦୀ କୂଳରେ ବନବାସ କାଳରେ ଦିନେ ନାରଦ ଆସି ଯୁଧିଷ୍ଠିରଙ୍କୁ କୁଶଳ ପ୍ରଶ୍ନ କଲେ । ସେ କହିଲେ, ତାଙ୍କର ବନବାସ ପରମ ସୌଭାଗ୍ୟରେ ପରିଣତ ହୋଇଅଛି ।

ପୂଜ୍ୟପୂଜାର ବ୍ୟତିକ୍ରମ ହେଲେ ସମାଜ ଧ୍ୱଂସ ହୋଇଯାଏ । ପାରିବାରିକ ଜୀବନ ବିଡମ୍ବିତ ହୋଇ ଅବକ୍ଷୟର ସମ୍ମୁଖୀନ ହୁଏ । ପରଶ୍ରୀକାତରତା ଏବଂ ପରନିନ୍ଦା ଅତ୍ୟନ୍ତ ଦୁଃଖାବହ ଆଚରଣ । କୌରବ ଭ୍ରାତାଗଣ ଏହି ପ୍ରକାର ମାନସିକ ରୋଗର ଶିକାର ହୋଇଥିଲେ । ସେମାନେ ଗୁରୁଜନମାନଙ୍କୁ ସମ୍ମାନ କରୁ ନ ଥିଲେ । କ୍ଷମତା ଓ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ଅନ୍ୟକୁ ହେୟ ଜ୍ଞାନ କରୁଥିବା ବ୍ୟକ୍ତିମାନଙ୍କୁ କବି ସାରଳାଦାସ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ସତର୍କ କରାଇ ଦେଇଛନ୍ତି ।

ଦୁରାଚାରୀ ହେଲେ ମନୁଷ୍ୟ ଧ୍ୱଂସକୁ ନିମନ୍ତ୍ରଣ କରି ଆଣେ । ପାଣ୍ଡବଗଣ ସତ୍ୟପଥରେ ଥିବାରୁ ଧର୍ମରାଜ୍ୟ ପ୍ରାପ୍ତ ହୋଇଥିଲେ ଏବଂ ଅସୁମାରି ବିପଦରୁ ଉଦ୍ଧାର ପାଇଥିଲେ । ମାତ୍ର ଏହାର ପ୍ରତିକୂଳରେ ଯାଇ କପଟାଚାରୀ କୌରବକୂଳ ଅକାଳରେ ଯମପୁରକୁ ଯାତ୍ରା କରିଥିଲେ ।

ଶ୍ରୀକୃଷ୍ଣ ସତ୍ୟ କରିଥିଲେ, ଦୁଷ୍ଟ ରାଜା ଶିଶୁପାଳର ଏକଶତ ଦୋଷ କ୍ଷମା କରିଦେବାପାଇଁ। ମାତ୍ର ଉଚ୍ଛୃଙ୍ଖଳ ଓ ଅବିବେକୀ ଶିଶୁପାଳ ଏହାର ବ୍ୟତକ୍ରମ କରି ସୁଦର୍ଶନ ଚକ୍ରରେ ଶିରଚ୍ଛେଦ ହୋଇଥିଲେ। କୁରୁସଭାରେ ଭୀମ ଶପଥ କରିଥିଲେ, ଦୁଃଶାସନର ରକ୍ତରେ ଦ୍ରୌପଦୀଙ୍କର ମୁକ୍ତକେଶରେ ବେଣୀବନ୍ଧନ କରିବାପାଇଁ। ମହାଭାରତ ଯୁଦ୍ଧରେ ଦୁଃଶାସନକୁ ହତ୍ୟା କରି ଭୀମସେନ ବେଣୀବନ୍ଧନ କରିଥିଲେ।

ସନ୍ତାନମାନଙ୍କର ପିତାମାତା ସେବା ଏବଂ ନାରୀର ପତିସେବା ବ୍ରତ ଭାରତୀୟ ସମାଜର ଏକ ବିମଳ ଆଦର୍ଶ। ଭାରତୀୟ ସମାଜର ସଂହତି କେବଳ ଏହାରି ଉପରେ ନିର୍ଭର କରିଥାଏ। ପୁଣି ସାରଳାଦାସ କହିଛନ୍ତି ଉପଯୁକ୍ତ ଭାର୍ଯ୍ୟା ହିଁ ଗୃହସଂସାରର ଲକ୍ଷ୍ମୀ। 'ଭାରିଜା ସମଧନ ନାହିଁରେ ଜଗତି।" କୌଶିକ ବ୍ରାହ୍ମଣ ବୃଦ୍ଧ ପିତାମାତାଙ୍କୁ ଅବହେଳା କରି ଜଙ୍ଗଲରେ କଠୋର ତପସ୍ୟା କରିବାକୁ ଲାଗିଲା। ତପସ୍ୟାରେ ସିଦ୍ଧିଲାଭ କରିବା ଅବସ୍ଥାରେ ଏକଦା ବୃକ୍ଷ ଉପରେ ଥିବା ବଗପକ୍ଷୀ ତାଙ୍କ ଉପରେ ମଳତ୍ୟାଗ କରିବାରୁ ସେ ତାକୁ ଅଗ୍ନିଦୃଷ୍ଟିରେ ଚାହିଁ ଭସ୍ମ କରିଦେଲେ। ତାପରେ ଆସିଲେ ନିକଟବର୍ତ୍ତୀ କୌଣସି ଗ୍ରାମକୁ ଭିକ୍ଷା ସଂଗ୍ରହ କରି, ଯେଉଁଠାରେ ଜଣେ ପତିପରାୟଣା ଗୃହିଣୀ ତାଙ୍କୁ ଅପେକ୍ଷା କରିବାକୁ କହି କ୍ଳାନ୍ତ ପତିଙ୍କର ସେବା କରିବାକୁ ଲାଗିଲା। ଏଥିରେ ଅହଂକାରୀ କୌଶିକ ସେହି ଗୃହିଣୀଙ୍କୁ ବ୍ରାହ୍ମଣ ଅବମାନନାର ପ୍ରତିଫଳ ସ୍ମରଣ କରାଇ ଦେବାରୁ ଗୃହିଣୀ କହିଲେ – 'ହେ ବ୍ରାହ୍ମଣ! ସମସ୍ତଙ୍କୁ ବଣର ବକପକ୍ଷୀ ବୋଲି ବିଚାରୁଛ କାହିଁକି ?' କୌଶିକ ଆଶ୍ଚର୍ଯ୍ୟ ହେଲେ। ଗୃହିଣୀ ଅନ୍ତପୁରବାସୀନୀ ଥାଇ ଅରଣ୍ୟର କଥା ଜାଣିଲେ କିପରି ? ସେ କହିଲେ, 'ପତି ମୋପାଇଁ ପରମ ଦେବତା, ତାଙ୍କର ସେବା କରି ମୁଁ ଏହି ଶକ୍ତିର ଅଧିକାରିଣୀ ହୋଇଅଛି।" କୌଶିକ ତାଙ୍କର ଶିଷ୍ୟତ୍ୱ କାମନା କରିବାରୁ ସେ କହିଲେ, 'ଆପଣ ନଗରକୁ ଯାଆନ୍ତୁ। ସେଠାରେ ମାଂସବିକାଳୀ ଧର୍ମବ୍ୟାଧ ହିଁ ଆପଣଙ୍କର ଉପଯୁକ୍ତ ଗୁରୁ ହୋଇ ପାରିବେ।' ନଗରକୁ ଆସି କୌଶିକ ବଜାର ମଧ୍ୟରେ ମାଂସବିକାଳୀ ବ୍ୟାଧଙ୍କୁ ଦେଖି କଳ୍ପନା କରିପାରିଲେ ନାହିଁ, ଏ କିପରି ତାଙ୍କ ପରି ତପସ୍ୱୀଙ୍କର ଗୁରୁ ହୋଇପାରିବେ। କୌଶିକଙ୍କୁ ଦେଖିବାମାତ୍ରକେ ଧର୍ମବ୍ୟାଧ କହିଲେ, 'ହେ ବ୍ରାହ୍ମଣ! ଆପଣ ଦୟାକରି ମୋର ଅତିଥି ହୁଅନ୍ତୁ। ମୁଁ ଜାଣେ, ଆପଣଙ୍କୁ ସେହି ପତିପରାୟଣା ଗୃହିଣୀ ମୋ ନିକଟକୁ ପ୍ରେରଣ କରିଛନ୍ତି।' କୌଶିକ ଅଧିକ ବିସ୍ମିତ ହେଲେ। ବ୍ୟାଧ କହିଲେ, ମୋର କୌଳିକ ବ୍ୟବସାୟ ମାଂସ ବିକ୍ରୟ କରିବା। ଏଥିପାଇଁ ଆପଣ ମୋତେ ଅନ୍ୟଥା ଭାବନ୍ତୁ ନାହିଁ। ମୋର ବୃଦ୍ଧ ପିତାମାତାଙ୍କୁ ଦେବତା ଜ୍ଞାନ କରି ମୁଁ ସେବା ଓ ପୂଜା କରିଥାଏ। ସେଥିପାଇଁ ମୁଁ ଏପରି ଜ୍ଞାନ ଓ ଶକ୍ତିର ଅଧିକାରୀ ହୋଇଅଛି। ସେହିଠାରୁ କୌଶିକ ଫେରି ଆସିଲେ ନିଜର ଜନପଦକୁ ଏବଂ ଗୃହସ୍ଥ ହୋଇ ପିତାମାତାଙ୍କର ସେବା କରି ସୁଖରେ ରହିଲେ।

ଆଳସ୍ୟ ହିଁ ମଣିଷର ପରମ ଶତ୍ରୁ। ଏହି ସଂସାର ହେଉଛି କର୍ମଭୂମି। ପ୍ରତ୍ୟେକ କର୍ମକ୍ଷମ ଲୋକ ସ୍ଥିରନିଶ୍ଚୟ ହୋଇ କର୍ମ କରି ଯାଉଥିଲେ। ପୁଣି ଯେଉଁମାନେ ସ୍ୱାର୍ଥପର ଲୋକ, ସେମାନେ କେବଳ ନିଜ ପରିବାରର ସୁଖପାଇଁ ଯତ୍ନବାନ ହୋଇଥାନ୍ତି। ନିଜର ସୁଖ ଓ ବିଳାସପାଇଁ ଅଧିକ ଧ୍ୟାନ ଦେଇଥିବାର ଦେଖାଯାଏ। କିନ୍ତୁ ଏହିସବୁ ଅସ୍ଥାୟୀ ଐଶ୍ୱର୍ଯ୍ୟ। ଯାହାର ଜନ୍ମଅଛି, ତାର ଦିନେ ମରଣ ଅବଶ୍ୟମ୍ଭାବୀ। କେହି ଚିରକାଳ ଏଠାରେ

ବସି ରହିଛି ବୋଲି କହି ହେବକି ? ସେଥିପାଇଁ ସାରଳାଦାସ କହିଛନ୍ତି ଧନ, ଐଶ୍ୱର୍ଯ୍ୟ. ଯଶ ଅର୍ଜନ କରିସାରି ମଦ ମତ୍ତ ହୁଅନାହିଁ । ଏହି ସଂସାରରେ ସର୍ବତ୍ର ଈଶ୍ୱରଙ୍କର ଇଛାହିଁ ପୁରଣ ହୋଇଥାଏ । ତାଙ୍କର ଇଚ୍ଛାରେ ସୃଷ୍ଟିରେ ସମସ୍ତ ଲୀଳାଖେଳା ଲାଗି ରହିଛି । ଯଦି ସମସ୍ତେ ଦୈବର ଅଧୀନ, ବିଧାତାର ଇଛା ବଳରେ ଜଗତର ସମସ୍ତ କାର୍ଯ୍ୟ ନିୟନ୍ତ୍ରିତ, ତାହାହେଲେ ଦୁର୍ବଳ ପ୍ରବୃତ୍ତି ପରାଧୀନ ମନୁଷ୍ୟ ଅବିବେକୀ ଆଚରଣ କରେ କାହିଁକି ? ତୁମେ ଯେଉଁ ଧନ ସମ୍ପତ୍ତି, ପରିବାର, ବନ୍ଧୁ ପରିଜନର ଆୟୋଜନ କରି ଆତ୍ମସନ୍ତୋଷ ଲାଭ କରୁଅଛ, ସେମାନେ ସମସ୍ତେ ଅଳ୍ପକାଳ ସ୍ଥାୟୀ । କେହି ତୁମ ସହିତ ଆସି ନ ଥିଲେ ଏବଂ କେହି ତୁମ ସହିତ ଯିବେ ନାହିଁ ମଧ୍ୟ । ତେଣୁ ଏପରି କିଛି କାର୍ଯ୍ୟ କରିଯିବ, ଯେଉଁଥିପାଇଁ ସମାଜର ଲୋକମାନେ ତୁମକୁ ଅନେକଦିନପାଇଁ ମନେରଖି ପାରିବେ ।

ନୀତିଭ୍ରଷ୍ଟ ହେଲେ ସମାଜ -ଜୀବନ ଭୂଲୁଣ୍ଠିତ ହୋଇଯାଏ । କଠୋର ଶୃଙ୍ଖଳିତ ଆଚରଣଦ୍ୱାରା ସମାଜ ହୁଏ ନିର୍ମଳ, ଶୁଦ୍ଧ ଓ ସଂହତି ପରିପୂର୍ଣ୍ଣ । ଉଚ୍ଚାଙ୍ଗ ଆଦର୍ଶ ବ୍ୟତିରେକେ ଜୀବନର ବିକାଶ ମନ୍ଥର ହୋଇଯାଏ । ମହାଭାରତର ଗଳ୍ପ ଛଳରେ ସାରଳାଦାସ ଏହିପରି ଏକ ସୁସ୍ଥ ସମାଜ ଜୀବନର ଚିତ୍ର ଅଙ୍କନ କରିଛନ୍ତି । କେହି କାହାକୁ ଘୃଣା ଓ ତାଚ୍ଛଲ୍ୟ କରିବା ଉଚିତ ନୁହେଁ । ଘୃଣା ଆଚରଣ କରି ଶ୍ରୀକୃଷ୍ଣଙ୍କଠାରୁ ବରପ୍ରାପ୍ତ ହୋଇଥିଲେ ହେଁ ଉତଙ୍କ ବ୍ରାହ୍ମଣ ଅମୃତ ଆସ୍ୱାଦନରୁ ବଞ୍ଚିତ ହୋଇଥିଲେ । ବ୍ରହ୍ମାଙ୍କୁ କପଟତା କରି ନଖ କୋଣରେ ବିଷ୍ଣୁ ଗଙ୍ଗାକୁ ଲୁଚାଇ ରଖିଥବାରୁ ବ୍ରହ୍ମାଙ୍କ ଅଭିଶାପରେ ତାଙ୍କ ପାଦ ଶରବିଦ୍ଧ ହୋଇଥିଲା ।

ଆଚାରଭ୍ରଷ୍ଟ ସମାଜର ପତନ ଅନିବାର୍ଯ୍ୟ । କୁରୁବଂଶ ଏହି ଅନୀତିକୁ ଆଶ୍ରା କରି ଧ୍ୱଂସ ହୋଇଯାଇଥିଲେ । ସାରଳାଦାସ କାମୁକତା, ଲମ୍ପଟତାର ଘୋର ନିନ୍ଦା କରିଛନ୍ତି । ମହାରାଜା ଅନଙ୍ଗସେନଙ୍କ ରାଣୀ କାମୁକୀ ହେବାରୁ ରାଜା ତାକୁ ହତ୍ୟା କରିଛନ୍ତି । ଅଗ୍ନିକା ଋଷି ଓ ବ୍ୟାସ ମୃଗିଣୀ ହରଣ କରିଥିବାରୁ ସାରଳା ମହାଭାରତରେ ନିନ୍ଦିତ ହୋଇଛନ୍ତି । ଦ୍ରୋଣ ଓ କର୍ଣ୍ଣଙ୍କ ଜନ୍ମ ବିବରଣୀରେ ଏହି କାମୁକତାର ନିନ୍ଦା କରାଯାଇଛି । ବିବାହ ପୂର୍ବରୁ ଯୁବକ ଯୁବତୀଙ୍କର ଅଙ୍ଗସଙ୍ଗକୁ ମଧ୍ୟ ସାରଳାଦାସ ଅତ୍ୟନ୍ତ କଠୋର ଭାଷାରେ ନିନ୍ଦା କରିଛନ୍ତି । ଶାମ୍ବ ଓ ଚନ୍ଦ୍ରାବତୀ, ଅନିରୁଦ୍ଧ ଓ ଉଷା, ଅର୍ଜୁନ ଓ ସୁଭଦ୍ରାଙ୍କର ବିବରଣ ପ୍ରଦାନ କାଳରେ କବି ବିବାହ ପୂର୍ବ ଅଙ୍ଗସଙ୍ଗକୁ ସମାଲୋଚନା କରିଛନ୍ତି । ଶଶୀକର ବିପ୍ରର ସ୍ତ୍ରୀ ବାଳବିଧବା ହୋଇ ବିଟପୁରୁଷ ସଂପର୍କରେ କନ୍ୟାଟିଏ ଜନ୍ମକରେ ଏବଂ ସମାଜ ଭୟରେ ଜଳରେ ଭସାଇ ଦିଏ । ସେହିପରି ମଧୁଶ୍ରବଣ ବିପ୍ରର ଭାର୍ଯ୍ୟା କୁରଙ୍ଗିନୀ ଶୁଦ୍ର ଔରସରେ ଅବୈଧ ପୁତ୍ରଟିଏ ଜାତ କରି ସମାଜ ଭୟରେ ଅରଣ୍ୟରେ ପରିତ୍ୟକ୍ତାର ଜୀବନ ଯାପନ କରେ ।

ବଂଶରକ୍ଷା ଓ ରାଜ୍ୟରକ୍ଷାପାଇଁ ପୁତ୍ରକାମନା ଥିଲା ଏକ ସାମାଜିକ ବିଧି । ଅଗ୍ନିକା ଋଷି ବଂଶରକ୍ଷା ପାଇଁ ଦାରା ଗ୍ରହଣ ନକରି ଯମପୁରରେ ଦଣ୍ଡିତ ହୋଇଛନ୍ତି । ବୃଦ୍ଧତପସ୍ୱୀ ଅଗସ୍ତି ମଧ୍ୟ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ଉଦ୍ଦେଶ୍ୟରେ ଯୁବତୀ ରାଜକନ୍ୟା ଲୋପାମୁଦ୍ରାଙ୍କୁ ବିବାହ କରିଛନ୍ତି । କୁରୁବଂଶର ରକ୍ଷାପାଇଁ ଭ୍ରାତୃବଧୂ ଅମ୍ବିକା ଓ ଅମ୍ବାଳିକାଙ୍କ ସହିତ ବ୍ୟାସଦେବଙ୍କର ମିଳନ ହୋଇଛି । ମାତ୍ର ସାରଳାଦାସ ଏହାକୁ ସମର୍ଥନ କରିପାରି ନାହାନ୍ତି । ଫଳରେ ମିଳନ ପରେ ଅମ୍ବିକାର ମୃତ୍ୟୁ ହୋଇଛି ଏବଂ ଅମ୍ବାଳିକା ପ୍ରୟାଗରେ ଝାସ ଦେଇ ଜୀବନଲୀଳା ସାଙ୍ଗ କରିଛନ୍ତି । କୁନ୍ତୀମାଦ୍ରୀ ଦେବତାଙ୍କ ସହିତ ମିଳିତ ହୋଇଥିବାରୁ ରକ୍ଷାପାଇ ଯାଇଛନ୍ତି ।

## ଓଷାବ୍ରତ, ପର୍ବପର୍ବାଣୀ ଓ ସାମାଜିକ ଆଚରଣ:

ଓଡିଶାର ଲୋକାଚାରକୁ ଦୃଷ୍ଟିରେ ରଖି କୁହାଯାଇଛି ଏଠାରେ ବାରମାସରେ ତେର ବ୍ରତ ପାଳନ କରାଯାଏ। ଘରେ ଘରେ କେତେ ନିଷ୍ଠାର ସହ ଲୋକମାନେ ଉପବାସ ଓ ବ୍ରତ ପାଳନ କରିଥାନ୍ତି। ଅତ୍ୟନ୍ତ ପବିତ୍ର ବାତାବରଣ ମଧ୍ୟରେ ଏହା ସମ୍ପନ୍ନ କରାଯାଇଥାଏ। ସାରଳାଦାସ ନିଜ ମହାଭାରତରେ ପ୍ରସଙ୍ଗ ଅନୁକ୍ରମେ ଅସଂଖ୍ୟ ଓଷାବ୍ରତ, ପର୍ବପର୍ବାଣୀର ଉଲ୍ଲେଖ କରିଯାଇଛନ୍ତି। ସେମାନଙ୍କ ମଧ୍ୟରେ ଚାତୁର୍ମାସ୍ୟା ବ୍ରତ, ଏକାଦଶୀ ବ୍ରତ, କାର୍ତ୍ତିକ ସ୍ନାନ, ମାଘସ୍ନାନ, ମଙ୍ଗଳବାର ପୂଜା, ଚନ୍ଦନ ଯାତ୍ରା, ଅକ୍ଷୟ ତୃତୀୟା, କାମାକ୍ଷୀବ୍ରତ, ଗହ୍ମାପୂର୍ଣ୍ଣମୀ, ବିନାୟକ ବ୍ରତ ବନଦୁର୍ଗା ପୂଜା, ଲକ୍ଷ୍ମୀପୂଜା, ଚନ୍ଦ୍ରଭାଗାସ୍ନାନ, ଶିବରାତ୍ରୀ ବ୍ରତ ପ୍ରଭୃତି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ। ଏହି ବିବରଣ ମଧ୍ୟରେ କବି ସାରଳାଦାସ ଓଡ଼ିଶାର ସାମାଜିକ ଜୀବନର ଚଳଣି ଓ ବିଶ୍ୱାସ ସଂପର୍କରେ ଚମତ୍କାର ଆଲୋକପାତ କରିଛନ୍ତି। ଜ୍ୟୋତିଷଙ୍କ ପରାମର୍ଶ ଗ୍ରହଣ କରି ପ୍ରତ୍ୟେକ କାର୍ଯ୍ୟରେ ଶୁଭ ମୁହୂର୍ତ୍ତ ନିରୁପଣ କରାଯାଏ । ମହାଭାରତର ବହୁ ସ୍ଥଳରେ ଜ୍ୟୋତିଷ ବିଦ୍ୟାଚର୍ଚ୍ଚା କରାଯାଇଛି। ଜନ୍ମ, ମୃତ୍ୟୁ, ବ୍ରତ, ଯାତ୍ରା ପ୍ରଭୃତି ପ୍ରତ୍ୟେକ ବିଷୟବର୍ଣ୍ଣନା କାଳରେ କବି ଲଗ୍ନ ଓ କାଳ ନିରୁପଣ କରିଛନ୍ତି। ବିଭିନ୍ନ ଯାତ୍ରା, ବିବାହ, ବ୍ରତ ପ୍ରଭୃତିର ଅବତାରଣା ପୂର୍ବରୁ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସମୟ ନିର୍ଦ୍ଦିଷ୍ଟ କରାଯାଇଛି। ଯେପରି ଜାରାଶବର ବିଦ୍ୟା ଅନୁକୂଳ କରିବା ପୂର୍ବରୁ ଏକ ଶୁଭ ମୁହୂର୍ତ୍ତକୁ ନିର୍ଦ୍ଦିଷ୍ଟ କରି କାର୍ଯ୍ୟ ଆରମ୍ଭ କରିଛି।

ଅଶୁଭ ଲକ୍ଷଣ ବିଷୟରେ ସମାଜରେ ନାନା ବିଶ୍ୱାସ ରହିଛି। ଯାତ୍ରାକାଳରେ କେଉଁ କଥା ଶୁଭ ଓ ଅଶୁଭ, ଏହି ବିଷୟରେ ଲୋକମାନେ ବାଲ୍ୟକାଳରେ ଅନେକ ଧାରଣା ମନରେ ଥାଏ। ଯେପରି ଯାତ୍ରା କାଳରେ ସର୍ପଦର୍ଶନ ଶୁଭଙ୍କର ନୁହେଁ ବୋଲି କୁହାଯାଇଛି। ବିଭିନ୍ନ ତିଥିବାରରେ ନାନାପ୍ରକାର ବିଧିନିଷେଧ ପାଳନ କରାଯାଏ। ଯେପରି –

‘ସନ୍ଧ୍ୟାବେଳେ ଶାସ୍ତ୍ର ପଢିଲେ ମୁର୍ଖ ହୁଅନ୍ତି ପଣ୍ଡିତ ଜନେ।”<br>
‘ଅହୋ ଦଧିବାମନ ଅନୁକୂଳ ଯାତ୍ରା ଶୁଭ ପାଇଁ।”<br>
‘ରାତି ଦଶଦଣ୍ଡ ଅନ୍ତେ ଶୃଙ୍ଗାର ସନ୍ତାନ ବର୍ଦ୍ଧୁତି।”

କେଉଁ ତିଥିରେ ସ୍ତ୍ରୀ ସହବାସ କରଣୀୟ ଏବଂ କଲ୍ୟାଣକର, ସେ ବିଷୟରେ କବି ବିସ୍ତୃତ ବର୍ଣ୍ଣନା କରିଛନ୍ତି।

‘ପୂର୍ଣ୍ଣମୀ ପଞ୍ଚମୀ ଦଶମୀ ତିନି ତିଥି<br>
ଯେଥି ବୀର୍ଯ୍ୟ ଦେଲେ ହୁଅନ୍ତି ପୁତ୍ରବତୀ।<br>
ପ୍ରତୀପ ଏକାଦଶୀ ଚତୁର୍ଦ୍ଦଶୀ ତିଥି<br>
ଯେଥି ବୀର୍ଯ୍ୟ ଦେଲେ ସେ ରୋଗୀ ହୋଇ ପୁତ୍ର ଅଳ୍ପ ଆୟୁଷ ଯୁଗତି।<br>
ଦ୍ୱିତୀୟା ଦ୍ୱାଦଶୀ ତ୍ରୟୋଦଶୀ ଦିନ ତିନି<br>
ଯେଥି ବୀର୍ଯ୍ୟ ଦେଲେ କର୍ମ ହୋୟେ ହାନି।

ତୃତୀୟା ସପ୍ତମୀ ନବମୀ ତିଥି ତିନି
ଯେଥୀ ବୀର୍ଯ୍ୟ ଦେଲେ ସନ୍ତାନ ହୋଏ ହାନି ।
ଚଉଠି ଷଷ୍ଠି ଅଷ୍ଟମୀ ତିନି ତିଥି
ଯେଥି ବୀର୍ଯ୍ୟ ଦେଲେ ଆୟୁଷ ଧର୍ମଯୁଗତି ।
ସଙ୍କରାନ୍ତି ଅମାବଇ ଗ୍ରହଣ ଶନି ଅନ୍ତେ
ଛୋଟା କୁବୁଜା ହୁଅନ୍ତି ଯେଥିରେ ବୀର୍ଯ୍ୟ ଦିଅନ୍ତେ ।'

ମହାଭାରତର ବିଭିନ୍ନ ସ୍ଥାନରେ ଅନେକ ଓଷାବ୍ରତର କଥା କୁହାଯାଇଛି । ନିଷ୍ଠାର ସହିତ ଓଷା ପାଳନ କଲେ ପରିବାରରେ ଅଶେଷ କଲ୍ୟାଣ ସାଧିତ ହୋଇଥାଏ । କିପରି ଓଷା ପାଳନଦ୍ୱାରା ମାନସିକ କରାଯାଏ ସେହି ବିଷୟରେ ଦୁର୍ଯ୍ୟୋଧନ କନ୍ୟା ଚନ୍ଦ୍ରାବତୀଙ୍କୁ ଚୈତ୍ର ମଙ୍ଗଳବାର ଗୌରୀପୂଜା କରିବାପାଇଁ କୁହାଯାଇଛି । ଏଥିପାଇଁ ନିର୍ଦ୍ଦିଷ୍ଟ ପରିମାଣ ଚାଉଳ, ଦୁବ, କଦଳୀ, ନଡ଼ିଆ, ଚମ୍ପାଫୁଲ, ବିଭିନ୍ନ ଫୁଲ, ଗୁଆ ପ୍ରଭୃତି ସଂଗ୍ରହ କରି ପୂଜା କରିବ ।

**ନାରୀ ପୁରୁଷ ସମ୍ପର୍କ:**

ଭାରତୀୟ ସମାଜ ପୁରୁଷକୈନ୍ଦ୍ରିକ । ମାତ୍ର ଓଡିଶାର ସାମାଜିକ ଜୀବନ ଉଭୟ ପୁରୁଷ ଓ ନାରୀକୈନ୍ଦ୍ରିକ । କାରଣ ପୁରୁଷ ପ୍ରଭାବିତ ସମାଜରେ ନାରୀମାନେ ନିଜକୁ ହୀନ ଏବଂ ଦୁର୍ବଳ ମନେ କରିଥାନ୍ତି । ମାତ୍ର ନାରୀକୁ ଗୁରୁତ୍ୱ ଦିଆଗଲେ ସମାଜ ସନ୍ତୁଳିତ ହୋଇ ରହିଥାଏ । କବି ନାରୀମାନଙ୍କର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି - ସ୍ତ୍ରୀ ନ ଥିଲେ ସଂସାରରେ ସୃଷ୍ଟି ସମ୍ଭବ ହୁଅନ୍ତା ନାହିଁ । ଯେଉଁ ପୁରୁଷ ଆଜି ଚତୁର୍ଦ୍ଦିଗରେ ପ୍ରଭାବଶାଳୀ ହୋଇଛି, ସେ ମଧ୍ୟ ସେହି ସ୍ତ୍ରୀଠାରୁ ଜନ୍ମ ଗ୍ରହଣ କରିଛି । ସ୍ତ୍ରୀ ବିନା ସମାଜରେ କୌଣସି ଧର୍ମ ଅନୁଷ୍ଠାନ ଅସମ୍ଭବ । ଏଣୁ ସ୍ତ୍ରୀମାନେ ନିଜକୁ ଅବହେଳିତ ମନେ କରିବା ଅନୁଚିତ । ଏଥିସହିତ କବି ସମାଜର ସୁସ୍ଥ ଓ ବଳିଷ୍ଠ ବାତାବରଣପାଇଁ ଏକ ପତ୍ନୀବ୍ରତ ପାଳନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପରକୀୟା ପ୍ରୀତି ଏବଂ ବେଶ୍ୟାଗମନ ସମାଜ-ଜୀବନରେ ଅତୀବ ଅସ୍ୱାସ୍ଥ୍ୟକର ଏବଂ ଗର୍ହିତ ଅପରାଧ ବୋଲି କବି ବାରମ୍ବାର ସୂଚାଇଛନ୍ତି । ଯେଉଁମାନେ ଏହି ଦୁର୍ବଳତାର ଶିକାର ହୁଅନ୍ତି, ସେମାନେ ନିଜର ଅମଙ୍ଗଳକୁ ନିମନ୍ତ୍ରଣ କରି ଆଣନ୍ତି । ଏହାଦ୍ୱାରା ମନୁଷ୍ୟ ସମସ୍ତ ପ୍ରକାର ଅକୀର୍ତ୍ତି ଓ ଅକଲ୍ୟାଣର ଅଧିକାରୀ ହୋଇଥାଏ । ତାର ଆୟୁଷ କ୍ଷୟ ହୁଏ ଓ ଅସାଧ ରୋଗ ଆକ୍ରମଣ କରେ । କବି ଏହି ପ୍ରସଙ୍ଗର ଆଲୋଚନାପାଇଁ ମୁଦୁଗଲ ପଣ୍ଡା ଓ ହିରଣ୍ୟକେଶୀ ବେଶ୍ୟାର କାହାଣୀ କହିଛନ୍ତି । ବେଶ୍ୟା ସହିତ ମିଳିତ ହେବା ଯୋଗୁଁ ମୁଦୁଗଲ ପଣ୍ଡାଙ୍କର ଅଧଃପତନ ହେଲା । ସେ ଅର୍ଜନ କରିଥିବା ସମସ୍ତ ପୁଣ୍ୟ ହରାଇ ବସିଲେ । ପରିଣାମରେ ସେ ମୃତ୍ୟୁପରେ ଶୃଗାଳ ରୂପରେ ଜନ୍ମଗ୍ରହଣ କରି କଷ୍ଟ ଭୋଗ କଲେ । କବି କହିଛନ୍ତି-

'ବେଶ୍ୟାଙ୍କର ସଙ୍ଗେ ପଡନ୍ତି ଯେବଣ ପୁରୁଷ
ସମସ୍ତ ଧର୍ମ ନାଶଯାଇ ଜାତି ହୋଯେ ନାଶ ।
ବେଶ୍ୟାର ସଙ୍ଗେ ପଡିଲେ ସରଇ ଧନ ଧର୍ମ
ବହୁତ ଆୟୁଷ ଥିଲେ ଅଳପ ଦିନକେ ନିଅଇ ଯମ ।

**ନୃତ୍ୟ, ସଙ୍ଗୀତ ଓ ବାଦ୍ୟ:**

ଏକ ଉନ୍ନତ ଓ ସମୃଦ୍ଧ, ସଭ୍ୟ ଓ ସଂସ୍କୃତି ସମ୍ପନ୍ନ ସମାଜରେ ସାହିତ୍ୟ, ଶିଳ୍ପ, ସ୍ଥାପତ୍ୟ ବାଣିଜ୍ୟ ସହିତ ସମତାଳରେ ନୃତ୍ୟ, ସଙ୍ଗୀତର ବିକାଶ ସାଧିତ ହୋଇଥାଏ । ସମାଜରେ ବିଭିନ୍ନ ଉତ୍ସବ, ବିବାହ, ବ୍ରତ ଓ ଦିଗବିଜୟ ଅବସରରେ ନୃତ୍ୟ ଓ ସଙ୍ଗୀତର ଆୟୋଜନ କରାଯାଇଥାଏ । ରାଜା, ସାମନ୍ତ ପରିବାର ଓ ଦେବାଳୟଗୁଡ଼ିକ ଏହି ଅନୁଷ୍ଠାନର ପୃଷ୍ଠପୋଷକତା କରିଥାଆନ୍ତି । ଜନସାଧାରଣ ନିଜର ଅବସର ସମୟରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତର ଆୟୋଜନ କରି ଆମୋଦ ଅନୁଭବ କରିବାର ବ୍ୟବସ୍ଥା ସର୍ବଦା ରହିଥାଏ । ଅର୍ଥାତ ନୃତ୍ୟ, ସଙ୍ଗୀତ ଓ ତା ସହି ବିଭିନ୍ନ ବାଜଣା ଯନ୍ତ୍ରର ବିକାଶ ଏକ ଉନ୍ନତ ସମାଜ-ଜୀବନର ପରିଚୟ ପ୍ରଦାନ କରିଥାଏ । କବି ଚନ୍ଦ୍ରାବତୀଙ୍କର ସ୍ୱୟମ୍ବର ସଭାର ବର୍ଣ୍ଣନା କରିବା ଅବସରରେ କିପରି ନୃତ୍ୟଗୀତର ଆୟୋଜନ ହୋଇଥିଲା, ତାହାର ଉଦାହରଣ ଦେଇଛନ୍ତି ।

ଇନ୍ଦ୍ରଙ୍କ ଦେବସଭାରେ ସର୍ବଦା ସ୍ୱର୍ଗର ଅପସରୀଗଣ ନୃତ୍ୟ କରୁଥିଲେ । ରମ୍ଭା, ମେନକା, ଚିତ୍ରରେଖା, କାମସେଣା, ମଦନିକା, ମୋହିନୀ, ଅମ୍ବିକା ପ୍ରଭୃତି ଅସଂଖ୍ୟ ବିଳାସୁଣୀ ନୃତ୍ୟ ପ୍ରଦର୍ଶନ କରି ଦେବତାମାନଙ୍କର ମନୋରଞ୍ଜନ କରିବାର ବର୍ଣ୍ଣନା ମହାଭାରତରେ ବାରମ୍ବାର କୁହାଯାଇଛି । ଓଡ଼ିଶୀନୃତ୍ୟର ସମୃଦ୍ଧ ପରମ୍ପରା ତାର ଐତିହାସିକ ମନ୍ଦିରଗାତ୍ରମାନଙ୍କରେ ଦେଖିବାକୁ ମିଳେ । ସ୍ୱାଧୀନ ଗଜପତି ସାମ୍ରାଜ୍ୟ କାଳରେ ପଣ୍ଡିତ, ରସିକ ଓ ବିଳାସୀ ରାଜପୁରୁଷଗଣ ସେ ନୃତ୍ୟ ସଙ୍ଗୀତର ବିକାଶପାଇଁ ଅଧିକ ଧ୍ୟାନ ଦେଇଥିବେ, ଏହା ଅତ୍ୟନ୍ତ ସ୍ୱାଭାବିକ । ବିରାଟ ପର୍ବରେ ଅର୍ଜୁନ ଅଜ୍ଞାତବାସ କାଳରେ ନୃତ୍ୟକାରୀ ଭାବରେ ଆତ୍ମଗୋପନ କରିଥିଲେ ଏବଂ ରାଜଜେମାଙ୍କୁ ନୃତ୍ୟଶିକ୍ଷା ପ୍ରଦାନ କରୁଥିଲେ । ସୁରେଖା ହରଣ ପ୍ରସଙ୍ଗ ଏହାର ଦୃଷ୍ଟାନ୍ତ ମାତ୍ର । ସେକାଳରେ ପ୍ରଚଳିତ ନାନା ବାଦ୍ୟଯନ୍ତ୍ର ଓ ନୃତ୍ୟକାରୀମାନଙ୍କର ଅଭିନୟ ସଂପର୍କରେ କବି ବାରମ୍ବାର ଉଲ୍ଲେଖ କରିଥିବା ଜଣାଯାଏ । ଓଡ଼ିଶାରେ ବହୁକାଳରୁ ନୃତ୍ୟଗୀତର ପ୍ରଚଳିତ ଅଛି ବୋଲି ଇତିହାସ ପ୍ରମାଣ କରିଛି । ଓଡିଶାର ପୂଜା, ପାର୍ବଣ, ମନ୍ଦିର ସ୍ଥାପତ୍ୟ ଏବଂ ସାହିତ୍ୟରେ ଦେଖିବାକୁ ମିଳିଥାଏ । ମହାଭାରତରେ ଯେତେ ପ୍ରକାର ବାଦ୍ୟଯନ୍ତ୍ରର ବର୍ଣ୍ଣନା ରହିଛି, ସେମାନଙ୍କ ମଧ୍ୟରେ ଢୋଲ, ଦମା, ଦୋଷରି, କାହାଳୀ, ପଖାଉଜ, ଟମକ, ଭେରୀ, ଘୁମୁରା, କଂସାଳ, ଝଂଝାଳ, ମର୍ଦ୍ଦଳ, ଶଙ୍ଖ, ତେଲିଙ୍ଗିବାଜା, ବଂଶୀ, ନିଷାଣ, ଦମାଲୁ, ଦାଉଣ୍ଡି, ବିଜିଘୋଷ, ତିମ୍ବୁର ପ୍ରଭୃତି ଉଲ୍ଲେଖଯୋଗ୍ୟ । ସଂଗୀତ ଗାୟନ କାଳରେ ବିଭିନ୍ନ ରାଗରାଗିଣୀର ଯେ ଆଶ୍ରୟ ଗ୍ରହଣ କରାଯାଉଥିଲା, ସେହି ବିଷୟରେ ମଧ୍ୟ କବି ସାରଳା ଦାସ ସୂଚନା ପ୍ରଦାନ କରିଅଛନ୍ତି ।

ଭୀଷ୍ମପର୍ବରେ ଗଣେଶଙ୍କ ନୃତ୍ୟ ପ୍ରସଙ୍ଗରେ ଓଡ଼ିଶୀ ସଂଗୀତରେ ପ୍ରଚଳିତ ବିଭିନ୍ନ ରାଗରାଗିଣୀର ବ୍ୟବହାର ବିଷୟ ଉଲ୍ଲେଖ କରାଯାଇଛି । ସେହିପରି ତତ୍କାଳୀଣ ଓଡିଶାରେ ମୁଖ୍ୟତଃ ସଙ୍ଗୀତ ଗାନପାଇଁ ମାଳବ, ଲଳିତ, ବସନ୍ତ, ଭୈରବୀ, ମାଳଶ୍ରୀ, ନାରାୟଣୀ, ଗଉରୀ, ମଙ୍ଗଳ, ବରାଡି, ନାଗବଲ୍ଲୀ, କର୍ଣ୍ଣାଟ, ଗୁଜ୍ଜରୀ, ଭୋପାଳ, ମହ୍ଲାର, ସାମଳା, ତୋଡି, ବିଭାସ, ବଙ୍ଗଳାଶ୍ରୀ, ଧନାଶ୍ରୀ, କଲ୍ୟାଣୀ, ପଟହମଞ୍ଜରୀ, କନଡା, ଗୁଣ୍ଡକେରୀ, ଦେଶାକ୍ଷ ପ୍ରଭୃତି ବହୁ ରାଗ ରାଗିଣୀର ପ୍ରଚଳନ ଥିଲା । ସଙ୍ଗୀତ ନୃତ୍ୟର ବହୁଳ ବ୍ୟବହାର ଏକ ସୁଖୀ ଓ ସମ୍ପଦଶାଳୀ ସମାଜର ରୁଚିପୂର୍ଣ୍ଣ ଓ ପ୍ରଗତିଶୀଳ ଆଭିମୁଖ୍ୟର ପରିଚୟ ପ୍ରଦାନ କରିଥାଏ ।

ଉପରୋକ୍ତ ଆଲୋଚନାରୁ ସୁସ୍ପଷ୍ଟ ଯେ କବି ଧର୍ମଭାବନା କ୍ଷେତ୍ରରେ ଏକ ବଳିଷ୍ଠ ଓ ଉଦାର ଦୃଷ୍ଟିକୋଣ ପ୍ରକାଶ କରିଥିଲେ । ଧାର୍ମିକ ଭାବନାର ଏହି ଉଦାର ଦୃଷ୍ଟିକୋଣ ସାରଳାଙ୍କର ସଂସ୍କୃତି ସଚେତନତାର ଏକ ବଳିଷ୍ଠ ସଂକେତ ବୋଲି ମନେହେଲେ ମଧ୍ୟ ଉତ୍କଳୀୟ ସଂସ୍କୃତିର ଏହା ଏକ ପାରମ୍ପରିକ ବିଶେଷତ୍ୱ । ମନେହୁଏ ସାରଳା ଦାସ ଧର୍ମକ୍ଷେତ୍ରରେ ଏହି ଉଦାର ଧର୍ମଧାରାର ଜଣେ ପ୍ରଧାନ ପରିପୋଷଣକାରୀ ଓଡ଼ିଶାର ଲୋକଜୀବନରେ ଧାର୍ମିକ ଓ ସାମାଜିକ ଉଦାରତାର ଜଣେ ସମର୍ଥ ସଂସ୍କାରମୁଖୀ ପ୍ରତିନିଧି ହେବା ସହିତ ତାଙ୍କ ସାହିତ୍ୟ ଜାତିର ଜୀବନଧାରାରେ ଏକ ସୁଦୃଢ଼ ସେତୁ ରୂପେ ସ୍ମରଣୀୟ ହୋଇ ରହିଆସିଛି ।

## ୨.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ**

(କ) ସାରଳା ଦାସଙ୍କ ବର୍ଣ୍ଣନାରେ ତତ୍କାଳୀନ ସାମାଜିକ ବିଧିବ୍ୟବସ୍ଥା ।

(ଖ) ଭୀଷ୍ମଙ୍କ ଉପଦେଶ ଓ ଏହାର ବର୍ଣ୍ଣନାର ଆବଶ୍ୟକତା ।

(ଗ) ସାରଳାଙ୍କ ଦୃଷ୍ଟିରେ ଧର୍ମ ଓ ସଂସ୍କୃତି ।

**୨) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ**

(କ) ନୀତି ଓ ନୈତିକତା ହେଉଛି ସାହିତ୍ୟର ମୂଳ ଆଧାର -ପଠିତ ବିଷୟାନୁସରଣରେ ପ୍ରମାଣ କର ।

(ଖ) ଓଡିଆ ସମାଜର ଜ୍ୱଳନ୍ତ ଚିତ୍ରାୟନ ହେଉଛି ସାରଳା ମହାଭାରତ - ସଦୃଷ୍ଟାନ୍ତ ଆଲୋଚନା କର ।

(ଗ) ସାରଳାଙ୍କ ଲେଖନୀ ହେଉଛି ଉତ୍କଳୀୟ ଧର୍ମ ଓ ସଂସ୍କୃତିର ଜାଗ୍ରତ ପ୍ରହରୀ-ଯଥାର୍ଥତା ନିରୂପଣକର ।

## ୨.୬ ସହାୟକ ଗ୍ରନ୍ଥସୂଚୀ


- ଦାଶ, ସୂର୍ଯ୍ୟନାରାୟଣ, (୧୯୬୮), *ଓଡିଆ ସାହିତ୍ୟର ଇତିହାସ(ପ୍ରଥମ ଭାଗ),* ଗ୍ରନ୍ଥମନ୍ଦିର, କଟକ ।
- ପୃଷ୍ଟି, ସୁବ୍ରତ କୁମାର, (୨୦୧୭), *ଓଡିଆ ଭାଷା ସାହିତ୍ୟ ପରିଚୟ(୩ୟ ସଂସ୍କରଣ),* ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି., ବାଦାମବାଡି, କଟକ ।

# ତୃତୀୟ ଏକକ : ସାରଳା ସାହିତ୍ୟର ସାହିତ୍ୟିକ ମୂଲ୍ୟ

**ବିଷୟ ଗଠନ :**


**୩.୧ ପଠନର ଉଦ୍ଦେଶ୍ୟ**

**୩.୨ ଶିକ୍ଷଣୀୟ ବିଷୟ**

**୩.୩ ବିଷୟ ପ୍ରବେଶ**

**୩.୪ ସାରଳା ସାହିତ୍ୟର ସାହିତ୍ୟିକ ମୂଲ୍ୟ**

**୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ**

**୩.୬ ସହାୟକ ଗ୍ରନ୍ଥସୂଚୀ**


## ୩.୧ ପଠନର ଉଦ୍ଦେଶ୍ୟ

ପୁରାଣ ସାହିତ୍ୟ ଓଡ଼ିଆ ସାହିତ୍ୟରେ ଏକ ସମୃଦ୍ଧ ବିଭାଗ । ସଂସ୍କୃତ ପୁରାଣ ଅନୁସରଣରେ ଓଡ଼ିଆ ଜନଜୀବନର ମୌଳିକ ସତ୍ତାକୁ ନେଇ କେତେକ ପୁରାଣ ଲେଖାଯାଇଥିବାବେଳେ ଆଉ କେତେକ ସଂସ୍କୃତ ପୁରାଣରୁ ଅନୂଦିତ ହୋଇଛି । ସଂସ୍କୃତ ଅଷ୍ଟାଦଶ ପୁରାଣ ଓ ଅଷ୍ଟାଦଶ ଉପପୁରାଣ ସହିତ ଆହୁରି କେତେକ ମୌଳିକ ପୁରାଣ ରଚିତ ହୋଇଛି । ଏହି ମୌଳିକ ପୁରାଣର ଆଦ୍ୟ ସ୍ରଷ୍ଟା ଭାବରେ ମାଟିର କବି ସାରଳା ଦାସଙ୍କୁ ଗ୍ରହଣ କରାଯାଇଛି । ଏହି ଆଦ୍ୟସ୍ରଷ୍ଟାଙ୍କ ସାହିତ୍ୟ ସହିତ ବିଦ୍ୟାର୍ଥୀଙ୍କୁ ପରିଚିତ କରିବା ଉକ୍ତ ଏକକର ମୂଳ ଉଦ୍ଦେଶ୍ୟ ।

## ୩.୨ ଶିକ୍ଷଣୀୟ ବିଷୟ

**ଏହି ଏକକ ପାଠ ଶେଷରେ ବିଦ୍ୟାର୍ଥୀ ଜାଣିବାକୁ ପାଇବେ:-**

- ଓଡିଆ ପୁରାଣ ସାହିତ୍ୟ ଓ ସାରଳା ଦାସ ।
- ସାରଳା ସାହିତ୍ୟର ବିଶେଷତ୍ୱ ।
- ଓଡିଆଭାଷାର ପ୍ରାଚୀନ ସାହିତ୍ୟରେ ସାରଳା ସାହିତ୍ୟର ଭୂମିକା ।

## ୩.୩ ବିଷୟ ପ୍ରବେଶ

ସାରଳା ଦାସଙ୍କ ଆଦିନାମ ସିଦ୍ଧେଶ୍ୱର ପରିଡ଼ା। ସେ କୃଷକ କୁଳରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଝଙ୍କଡ଼ ତାଙ୍କର ବାସସ୍ଥାନ। ଏହାକୁ ଜଙ୍ଖେରପୁର କୁହାଯାଉଥିଲା। ସାରଳା ଠାକୁରାଣୀଙ୍କ ଆଶୀର୍ବାଦରୁ ତାଙ୍କର କବିତ୍ୱ ଉଦ୍ରେକ ହେଲା ବୋଲି ସେ ବହୁସ୍ଥାନରେ ସୂଚନା ଦେଇଛନ୍ତି। ସେ ମୂର୍ଖ ଥିଲେ ଦେବୀଙ୍କ ଦୟାରୁ ରଚନା କଲେ ପୁରାଣ। ସେ ନିଜେ କହିଛନ୍ତି, ଦେବୀ ଶାରଳା ତାଙ୍କୁ ଯାହା ରାତ୍ରିରେ ଯାହା କହନ୍ତି, ସେ ତାକୁ ଲେଖିପକାନ୍ତି। ଏହା ତାଙ୍କର ନମ୍ରତାର ନିଦର୍ଶନ ଅଥବା ତତ୍‌କାଳୀନ ସଂସ୍କୃତାଭିମାନୀ ବ୍ରାହ୍ମଣ ପଣ୍ଡିତମାନଙ୍କ ବିରୋଧ ବିଦ୍ରୂପରୁ ରକ୍ଷା ପାଇବାପାଇଁ ସାରଳା ଦାସଙ୍କର ଏକ ସୁଚତୁର ଅଭିବ୍ୟକ୍ତି। କାରଣ ତାଙ୍କ ରଚିତ ପ୍ରତ୍ୟେକ ରଚନାରେ ଥିବା ସମାଜ ସଂସ୍କାରିତ ଓ ତତ୍ତ୍ୱମୂଳକ ଆଲେଖ୍ୟକୁ ପାଠ କଲେ ଜଣାପଡିଯାଏ ଯେ ସେ ଥିଲେ ଜଣେ ବିଜ୍ଞ ଓ ପଣ୍ଡିତ। ସେ ଗଭୀର ଶାସ୍ତ୍ର ଅଧ୍ୟୟନ କରି ଥିଲେ ; ସୁତରାଂ ସେ ଏଭଳି ଉଚ୍ଚକୋଟୀର ସାହିତ୍ୟ ରଚନା କରିପାରିଛନ୍ତି।

## ୩.୪ ସାରଳା ସାହିତ୍ୟର ସାହିତ୍ୟିକ ମୂଲ୍ୟ

ସାରଳା ଦାସ ଓଡ଼ିଆ ସାହିତ୍ୟକୁ ପ୍ରଦାନ କଲେ ୪ଟି ପୁରାଣ ଗ୍ରନ୍ଥ । ଯଥା– (୧) ଚଣ୍ଡୀପୁରାଣ (୨) ବିଲଙ୍କା ରାମାୟଣ (୩) ମହାଭାରତ ଏବଂ (୪) ଲକ୍ଷ୍ମୀନାରାୟେଣୀ ବଚନିକା। କେତେକ ଆଲୋଚକ ବିଚିତ୍ର ରାମାୟଣକୁ କବିଙ୍କ ଆଦ୍ୟଲେଖା ବୋଲି କହିଥାନ୍ତି।

ଉପରୋକ୍ତ ପୁରାଣ ଦାଣ୍ଡୀବୃତ୍ତରେ ରଚିତ। ସମସ୍ତଙ୍କର ଭାଷା ସାଧାରଣତଃ ଓଡ଼ିଆ ଜନସାଧାରଣଙ୍କ ଲୋକମୁଖର ଭାଷା । ସମସ୍ତ ଗ୍ରନ୍ଥ ସାରଳା ଦାସଙ୍କର ମୌଳିକ କଳ୍ପନା ବିଳାସର ନିଦର୍ଶନ । ମୂଳ ସଂସ୍କୃତ ପୁରାଣର କଥାବସ୍ତୁକୁ ସବୁଥିରେ ଅବଲମ୍ବନ କରାଯାଇଥିଲେ ହେଁ ମୌଳିକତା ସର୍ବତ୍ର ବିଦ୍ୟମାନ । ସବୁ ଗ୍ରନ୍ଥ ରଚନା ପଦ୍ଧତି ପ୍ରାୟ ସମାନ । ସବୁଥିରେ ଶାକ୍ତଧର୍ମର ମହତ୍ତ୍ୱ ପ୍ରତିପାଦିତ । ଏହାସତ୍ତ୍ୱେ ବୈଷ୍ଣବ, ଶୈବ, ସୌର ଆଦି ସକଳ ଧର୍ମର ରହିଛି ସମାନ ବର୍ଣ୍ଣନା । ଶ୍ରୀଜଗନ୍ନାଥଙ୍କର ମହିମା ପ୍ରକୀର୍ତ୍ତିତ । **ସବୁଥିରେ ନାରୀକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଛି । ଚଣ୍ଡୀପୁରାଣରେ ଦୁର୍ଗା, ମହାଭାରତରେ ଦ୍ରୌପଦୀ, ବିଲଙ୍କା ରାମାୟଣରେ ସୀତା, ଲକ୍ଷ୍ମୀନାରାୟଣ ବଚନିକାରେ ଲକ୍ଷ୍ମୀ ଚରିତ୍ର ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ସବୁ ଗ୍ରନ୍ଥରେ ନାରୀ ଶକ୍ତିର ବିଜୟ ଉଦ୍‌ଘୋଷିତ ।** ସର୍ବତ୍ର ଅଛି ଓଡ଼ିଶାର ସ୍ଥାନିକ ପଟ୍ଟଭୂମିର ଚିତ୍ର, ସାଧାରଣ ମଣିଷମାନଙ୍କର ସମାବେଶ ।

**ଚଣ୍ଡୀ ପୁରାଣ :**

ସାରଳା ଦାସ ଥିଲେ ଶାକ୍ତ । ଶାରଳା ଚଣ୍ଡୀ ତାଙ୍କର ଉପାସ୍ୟ ଦେବୀ । ସେଥିପାଇଁ ସେ ରଚନା କଲେ ଚଣ୍ଡୀପୁରାଣ । ଏହା ସଂସ୍କୃତ ମାର୍କଣ୍ଡେୟ ଚଣ୍ଡୀ ବା ସପ୍ତଶତୀ ଚଣ୍ଡୀର ଅନୁବାଦ ନୁହେଁ । ଦେବୀ ଭାଗବତ ଅବଲମ୍ବନରେ ସେ ଏହି

ଗ୍ରନ୍ଥ ରଚନା କରିଥିଲେହେଁ ଏହା ମୌଳିକ କଳ୍ପନାବିଳାସରେ ବେଶ୍ ଜୀବନ୍ତ ଓ ହୃଦୟସ୍ପର୍ଶୀ । ଚଣ୍ଡୀପୁରାଣର ଆରମ୍ଭରୁ କବି ନିଜ ପରିଚୟ ଓ ଜ୍ଞାନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି —

ଅଭୟେ ମାତାଙ୍ଗୀ ସେ ଶ୍ରୀ ସାରୋଳା ଚଣ୍ଡୀଦେବୀ ଶୂଦ୍ରମୁନି ସାରୋଳା ଦାସ ଜନ୍ମେଜନ୍ମେ ଭାବି ।

ହେ ବୁଦ୍ଧଜନେ ନ ଘେନିବା ମୋହର ଦୋଷ        କିଂଚିତ କର୍ମେ ମୋହର ଜନ୍ମେଜନ୍ମେ ଆଶ ।

ଜନ୍ମେଣ ମୂରୁଖ ଅଛଇ ଅସାଧି        ଅପଣ୍ଡିତ ଗୋତ୍ର ଯେ କିସ ମୋର ବୁଦ୍ଧି ।

ଅଭୟେ କାନ୍ତାନି ଯେ ଜଂଖେରପୁରବାସୀ        ସେ ମୋତେ ପ୍ରସନ୍ନେ କହଇ ବିଶ୍ୱାସୀ ।

ସେ ଦେବୀର ଆଜ୍ଞା ପ୍ରମାଣେ କରି        ସାହାସ କହିତ ଯିବଇ ମୁଁ ଦେବୀର ନାମ ଧରି ।

ହେ ବୁଧଜନେ ସେ ପ୍ରସନ୍ନେ ମୋତେ ଯାହା କହଇ ଅରୁଣ ପ୍ରକାଶେ ମୁଁ ତାହା ଲେଖଇ ।

କବି ସାରଳା ଦାସ ସଂସ୍କୃତ ଚଣ୍ଡୀପୁରାଣକୁ କେବଳ ମାତ୍ର ଅବଲମ୍ବନ କରିଛନ୍ତି । କିନ୍ତୁ ସେ ଆପଣାର ମୌଳିକ କଳ୍ପନା ବିଳାସରେ ଏହାକୁ ଦେଇଛନ୍ତି ନୂତନ ରୂପ । କବିଙ୍କ ବିଚାରରେ ଚ ଣ୍ଡୀ ହେଉଛନ୍ତି ବିଷ୍ଣୁଙ୍କ ଅବତାର । ଏହି ଗ୍ରନ୍ଥରେ ତେଣୁ ସେ ଲେଖିଛନ୍ତି *ବିଷ୍ଣୁ ହୋଇଲା ଯେ ସ୍ତିରୀଲିଙ୍ଗ ଅବତାର* । ଏହି କାରଣରୁ ସେ ଚଣ୍ଡୀପୁରାଣକୁ ବିଷ୍ଣୁପୁରାଣ, ଭାଗବତ ଓ ହରିବଂଶ ଆଖ୍ୟା ଦେଇଅଛନ୍ତି । **ଦୁର୍ଗା ସପ୍ତସତୀ**ରେ ବକ୍ତା ହେଉଛନ୍ତି ମେଧା ଋଷି ଓ ଶ୍ରୋତା ହେଉଛନ୍ତି ସୁରଥ ରାଜା ଓ ସମାଧି ବୈଶ୍ୟ, ମାତ୍ର ସାରଳା ଦାସଙ୍କ ଚଣ୍ଡୀପୁରାଣରେ ବକ୍ତା ହେଉଛନ୍ତି ଶୁକଦେବ ଓ ଶ୍ରୋତା ପରୀକ୍ଷିତ ।

ଚଣ୍ଡୀପୁରାଣରେ ମହିଷାସୁରର ଜନ୍ମ ବୃତ୍ତାନ୍ତ, ତାର କ୍ରମବିକାଶ, ତପସ୍ୟା, ବ୍ରହ୍ମାଙ୍କଠାରୁ ବରପ୍ରାପ୍ତି, ଅତ୍ୟାଚାର, ଦେବ ମାନବ ଗନ୍ଧର୍ବ କିନ୍ନର ତାର ଅତ୍ୟାଚାରରେ ଥରହର, ଚଣ୍ଡୀଙ୍କଦ୍ୱାରା ବିନାଶ ଏହି ଗ୍ରନ୍ଥରେ ବର୍ଣ୍ଣିତ । ପ୍ରଥମେ ଅସୁରରାଜା କପିଳସିଂହଙ୍କ ଯୁବତୀ ପତ୍ନୀ ଧର୍ମରେଖା ଅସୁରର ଶୃଙ୍ଗାରକୁ ଭୟକରି ମହିଷ ରୂପରେ ସିଂହଳ ଦ୍ୱୀପକୁ ଚାଲିଯାଇଛି । ସେଠାରେ ଯମରାଜାଙ୍କ ବାହନ ମହିଷ ସହିତ ହୋଇଛି ସଂଗମ । ଫଳରେ ଜନ୍ମଲାଭ କରିଛି ମହିଷାସୁର । କପିଳସିଂହ ପତ୍ନୀକୁ ଖୋଜିଖୋଜି ପାଇଛି । ସେହି ସିଂହଳରେ କାମାକ୍ଷୀ ନଦୀ କୂଳରେ ଯନ୍ତ୍ରାବଳୀ ନାମରେ ନଗର ନିର୍ମାଣ କରି ରହିଲା । ମହିଷାସୁର ହେଲା ଦୁର୍ଦ୍ଧର୍ଷ । ବ୍ରହ୍ମାବଳରେ ସେ ହେଲା ବଳୀୟାନ୍ । ବରପ୍ରାପ୍ତ ହେଲାପରେ ଦିଗ୍‌ବିଜୟରେ ବାହାରିଛି । ସମଗ୍ର ସିଂହଳ ଦ୍ୱୀପର ହେଲା ସେ ଅଧୀଶ୍ୱର, ଅଧିକାର କଲା ମେରୁଶୃଙ୍ଗ ରାଜ୍ୟ । ଏହାପରେ ଚଣ୍ଡମୁଣ୍ଡଳ କାଳବିମୋଚନ, ଧୁମ୍ରଲୋଚନ, ବୈଲୋଚନ, ରକ୍ତବୀର୍ଯ୍ୟ, କାଳଦଣ୍ଡ, ବିଡ଼ାଳାକ୍ଷ, ବୀରଘଣ୍ଟ, କାଳଦଣ୍ଡ, କାନ୍ତିମାଳା, ଚାମର, ବେମାନ୍ଦ, ଶୁମ୍ଭ, ନିଶୁମ୍ଭ ଆଦି ବହୁ ରାକ୍ଷସମାନଙ୍କ ସହିତ କରିଛି ସ୍ୱର୍ଗ ଅଭିଯାନ । ଦେବୀ ଚଣ୍ଡୀ ଯେପରି ଉଲଗ୍ନା ହୋଇ ମହିଷାସୁରକୁ ନିସ୍ତେଜ କରିଦେଇ ତାକୁ ବିନାଶ କରିଛନ୍ତି, ତାହାକୁ କବି ସାରଳା ଦାସ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି । ଏ ସବୁ ବର୍ଣ୍ଣନା ସାରଳା ଦାସଙ୍କର ମୌଳିକ । ଏହି ଗ୍ରନ୍ଥରେ କବି ପୁଣି ଦେବୀମାନଙ୍କର ଯେପରି କାଳ୍ପନିକ ନାମକରଣ କରିଅଛନ୍ତି ତାହା ମଧ୍ୟ

ତାତ୍ପର୍ଯ୍ୟପୂର୍ଣ୍ଣ । କବି ଯେ ଶାକ୍ତ ଥିଲେ, ତାହାର ପ୍ରମାଣ ଏହି ଗ୍ରନ୍ଥରୁ ମିଳିଥାଏ । ତତ୍କାଳୀନ ସାମାଜିକ ଅବସ୍ଥାର ମଧ୍ୟ ଯଥାର୍ଥ ଚିତ୍ର ଏହି ଗ୍ରନ୍ଥରୁ ମିଳେ । **ଅମ୍ବିକା ଚଣ୍ଡାଳର କନ୍ୟା ଅରୁଂଧତୀ ସହିତ ବ୍ରାହ୍ମଣ ବଶିଷ୍ଠଙ୍କର ବିବାହ ଓ ବିପୁଳ ଯୌତୁକ ରୂପେ ଧାନ ପ୍ରାପ୍ତି ଏବଂ ସେହି ଧାନକୁ ନଘୋଷ ରାଜାଙ୍କର ଦୁର୍ଭିକ୍ଷଗ୍ରସ୍ତ ରାଜ୍ୟରେ ବଣ୍ଟନ ପ୍ରସଙ୍ଗକୁ କବି ଯେପରି ବର୍ଣ୍ଣନା କରିଛନ୍ତି, ତାହା ଏକାନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଜାତିଜାତି ମଧ୍ୟରେ ଯେଉଁ ଭେଦ ଥିଲା, ତାହାର ବିଲୋପପାଇଁ ସାରଳା ଦାସ ଦେଇଛନ୍ତି ଏହି ପ୍ରସଙ୍ଗରେ ଆହ୍ୱାନ ।** ନାରୀମାନଙ୍କୁ ସମାଜରେ ଯଥାର୍ଥ ସମ୍ମାନ ଦେବା ଥିଲା କବିଙ୍କର ଅନ୍ୟତମ ଲକ୍ଷ୍ୟ । ପୁରୁଷ ନିୟନ୍ତ୍ରିତ ସମାଜରେ ନାରୀମାନଙ୍କୁ ପାମରୀ, ଦୁରାଚାରୀ, ମୋଢ଼ୀ, ଛାର ଇତ୍ୟାଦି କୁହାଯାଉଥିଲା । ସାରଳା ଦାସ ନାରୀମାନଙ୍କୁ ଦେଲେ ଉପଯୁକ୍ତ ସମ୍ମାନ । ସେତେବେଳେ ସର୍ବଭାରତୀୟ ସ୍ତରରେ ମୁସଲମାନମାନେ ଯେପରି ପ୍ରଭାବ ବିସ୍ତାର କରିଥିଲେ, ସାରଳା ଦାସ ତାହାକୁ ଅସୁରମାନଙ୍କ ବର୍ଣ୍ଣନା ପ୍ରସଙ୍ଗରେ ବ୍ୟଞ୍ଜିତ କରିଅଛନ୍ତି । ଦେଶର ଲୋକମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ପ୍ରତିଷ୍ଠା, ଦେଶପ୍ରେମ, ନାରୀମାନଙ୍କୁ ସମ୍ମାନ ପ୍ରଦାନ, ଶୂଦ୍ରମାନଙ୍କର ଅଧିକାରକୁ ସ୍ୱୀକାର, ଜାତିଭେଦ ବିଲୋପ, ରାଜା ଓ ପ୍ରଜାର ସୁସମ୍ପର୍କ ପ୍ରତିଷ୍ଠା, ଭକ୍ତି, କର୍ମ ଓ ଜ୍ଞାନର ବିସ୍ତାର, ଅଧର୍ମ, ଅନ୍ୟାୟ ଓ ପାପର ବିନାଶ ଇତ୍ୟାଦି ଭାବକୁ ସାରଳା ଦାସ ଯେପରି ତାଙ୍କର ପୁରାଣରେ ବର୍ଣ୍ଣନା କରିଛନ୍ତି, ତାହା ଏକାନ୍ତ ହୃଦ୍ୟ । ଏହିସବୁ କାରଣରୁ ସାରଳା ଦାସଙ୍କ ଚଣ୍ଡୀପୁରାଣ ଓଡ଼ିଆ ସାହିତ୍ୟରେ ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ଗ୍ରହଣ କରିବାକୁ ସମର୍ଥ ହୋଇଥାଏ ।

**ବିଲଙ୍କା ରାମାୟଣ :**

ସାରଳା ଦାସ ଆପଣାର ଗ୍ରନ୍ଥ ପରିଚୟ ଚଣ୍ଡୀପୁରାଣ ଗ୍ରନ୍ଥରେ ପ୍ରଦାନ କରିଅଛନ୍ତି—

ପ୍ରଥମେ ରାମାୟଣ ଦ୍ୱିତୀଏ ଭାରତ । ତୃତୀଏ ଲେଖନ ଶ୍ରୀଭାଗବତ ।।

ଏଥିରୁ ଜଣାଯାଏ ଯେ ସାରଳା ଦାସ ପ୍ରଥମେ ରାମାୟଣ ରଚନା କରି ତାପରେ ମହାଭାରତ ରଚନା କରିଥିଲେ ଓ ପରେ ଶ୍ରୀଭାଗବତ ରଚନା କରିଥିଲେ । ଏହି ଶ୍ରୀଭାଗବତ ହିଁ ଦେବୀ ଭାଗବତ ବା ଚଣ୍ଡୀପୁରାଣ । ରାମାୟଣ ସୂଚନାରୁ ଜଣାଯାଏ ଯେ ସେ ବିଲଙ୍କା ରାମାୟଣ ରଚନା କରିଥିଲେ । ବିଭିନ୍ନ ସମାଲୋଚକମାନେ ବିଲଙ୍କା ରାମାୟଣର ଲେଖକ ସାରଳା ଦାସ ଓ ଏହାର ରଚନା ସମୟ ପଞ୍ଚଦଶ ଶତାବ୍ଦୀ କହିଥିଲାବେଳେ ଅନ୍ୟ କେହି ଏହାକୁ ସିଦ୍ଧେଶ୍ୱର ଦାସଙ୍କ ରଚନା ଓ ଷୋଡ଼ଶ ଶତାବ୍ଦୀ ପରବର୍ତ୍ତୀ ସୃଷ୍ଟି ବୋଲି ମତ ଦେଇଅଛନ୍ତି । ବିଲଙ୍କା ରାମାୟଣର କବି ସିଦ୍ଧେଶ୍ୱର ଦାସ । ଏହି ଗ୍ରନ୍ଥରେ କେଉଁଠି ସାରଳା ଦାସ ବୋଲି ଉଲ୍ଲେଖ ନାହିଁ । କିନ୍ତୁ ସାରଳା ଦାସଙ୍କ ପ୍ରଥମ ନାମ ଥିଲା ସିଦ୍ଧେଶ୍ୱର ଦାସ । ଏହି କାରଣରୁ ସିଦ୍ଧେଶ୍ୱର ଦାସଙ୍କୁ ସାରଳା ଦାସ ବୋଲି କୁହାଯାଉଛି । ଅଧିକନ୍ତୁ ବିଲଙ୍କା ରାମାୟଣରେ ଦେବୀ ସାରଳାଙ୍କ କୃପାରୁ ସାରଳା ଦାସଙ୍କ କବିତ୍ୱ ସୃଷ୍ଟି ହୋଇଥିଲା ବୋଲି ଉଲ୍ଲେଖ ନାହିଁ । ସାରଳା ଦେବୀଙ୍କ ସ୍ଥାନରେ ହିଙ୍ଗୁଳାଙ୍କ କଥା ଉଲ୍ଲେଖ ଅଛି । ପୁନଶ୍ଚ ମହାଭାରତ ଓ ଚଣ୍ଡୀପୁରାଣରେ ସାରଳାଙ୍କୁ ପରମ ବୈଷ୍ଣବୀ କୁହାଯାଇଥିଲାବେଳେ ବିଲଙ୍କା ରାମାୟଣରେ ଏକଥା କୁହାଯାଇ ନାହିଁ । ମହାଭାରତ ଓ ଚଣ୍ଡୀପୁରାଣରୁ ସାରଳା ଦାସ ଶାକ୍ତ ଥିଲେ ବୋଲି ଜଣାଯାଏ ମାତ୍ର ବିଲଙ୍କା ରାମାୟଣରେ ଏହାର ସୂଚନା ନାହିଁ ।

ଭାଷା ଶୈଳୀ, ବିଷୟ ଉପସ୍ଥାପନା କୌଶଳ ଇତ୍ୟାଦି ଦୃଷ୍ଟିରୁ ମଧ୍ୟ ବିଲଙ୍କା ରାମାୟଣର ଲେଖକ ସିଦ୍ଧେଶ୍ୱର ଦାସ ନୁହନ୍ତି । ତଥାପି କେତେକ ବଳିଷ୍ଠ କାରଣ ଯୋଗୁଁ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥମାନଙ୍କରେ ସାରଳା ଦାସଙ୍କୁ ହିଁ ବିଲଙ୍କା ରାମାୟଣର କବି ଭାବରେ ବିଚାର କରାଯାଇଅଛି ।

ବିଲଙ୍କା ରାମାୟଣ ସଂସ୍କୃତ ଅଦ୍ଭୁତ ରାମାୟଣ ଓ ଆନନ୍ଦ ରାମାୟଣ ବିଷୟବସ୍ତୁ ଆଧାରରେ ରଚିତ । ଏହା କିନ୍ତୁ ଅନୁବାଦ ନୁହେଁ, ଅନୁସରଣ ମାତ୍ର । ଅଦ୍ଭୁତ ରାମାୟଣରେ ସୀତା ସହସ୍ରଶିରା ରାବଣକୁ ମାରିବାପାଇଁ ଭୟଙ୍କର ରୂପ ଧାରଣ କରିଛନ୍ତି । ନିଜେ ଯୁଦ୍ଧକରି ରାକ୍ଷସକୁ ହତ୍ୟା କରିଅଛନ୍ତି । ମାତ୍ର ବିଲଙ୍କା ରାମାୟଣରେ ସୀତା ସେପରି ରୂପ ଧାରଣ କରିନାହାନ୍ତି । ସେ ଲାବଣ୍ୟମୟୀ ରୂପରେ ଉଲଗ୍ନା ହୋଇ ରାକ୍ଷସକୁ ନିର୍ବୀର୍ଯ୍ୟ କରି ଦେଇଛନ୍ତି ଓ ରାମଚନ୍ଦ୍ର ତାକୁ ହତ୍ୟା କରିଛନ୍ତି । ଚଣ୍ଡୀପୁରାଣରେ ସାରଳା ଦାସ ଏହି କୌଶଳ ଅବଲମ୍ବନ କରିଥିଲେ । ବିଲଙ୍କା ରାମାୟଣରେ ବର୍ଣ୍ଣନା କରାଯାଇଛି ଯେ ଲଙ୍କାରେ ରାବଣକୁ ବିନାଶ କରି ରାମଚନ୍ଦ୍ର, ଲକ୍ଷ୍ମଣ, ସୀତା ଓ ହନୁମାନାଦି ସହିତ ଅଯୋଧ୍ୟାକୁ ଆସିଲେ । ସରଯୂ ନଦୀ ନିକଟରୁ ଭରତ ସୈନ୍ୟସାମନ୍ତ ପାତ୍ରମନ୍ତ୍ରୀମାନଙ୍କ ସହିତ ଆସି ରାମଚନ୍ଦ୍ରଙ୍କୁ ରଥରେ ବସାଇ ଅଯୋଧ୍ୟାକୁ ନେଲେ । ରାମଚନ୍ଦ୍ରଙ୍କର ଅଭିଷେକୋତ୍ସବ ଆୟୋଜିତ ହେଲା । ଏହି ସମୟରେ ବ୍ରହ୍ମା, ଇନ୍ଦ୍ର, କୁବେର ଆଦି ଦେବତାମାନେ ଚିନ୍ତା କଲେ ଯେ, ରାମଚନ୍ଦ୍ର ଯଦି ରାଜା ହୋଇଯିବେ ତେବେ ସେ ଆଉ ସହସ୍ରାଶିର ରାବଣକୁ ମାରିବାକୁ ଯିବେ ନାହିଁ । ତେଣୁ ବ୍ରହ୍ମା ଖଳ ଦୁର୍ବଳକୁ ଆଦେଶ ଦେଲେ ଜାନକୀଙ୍କ କଣ୍ଠରେ ଖଳ ବସି ରାମଚନ୍ଦ୍ରଙ୍କୁ ଝିଙ୍ଗାସ କରାଇବେ । ଫଳରେ ଯେତେବେଳେ ରାମଚନ୍ଦ୍ର ଲଙ୍କାକୁ ସେତୁବନ୍ଧ ବାନ୍ଧି ବାନର ସୈନ୍ୟମାନଙ୍କ ସହିତ ଯାଇ ରାବଣକୁ ମାରି ଜାନକୀଙ୍କୁ ଉଦ୍ଧାର କରିବା କଥା କହିଲେ ସେତେବେଳେ ଜାନକୀ ରାମଚନ୍ଦ୍ରଙ୍କୁ କହିଲେ—

ମୁହିଂ ନ ମାଇଲେ କାହୁଂ ମରନ୍ତା ଅସୁର । ତୁମେ କିବା କଷ୍ଟ ପାଇଅଛ ରଘୁନାନ ॥
ଘୋର କଷ୍ଟ ପାଇଣ ମୁଂ ମାଇଲିଂ ରାବଣ ।ଯେବେଟି ପ୍ରତିଜ୍ଞା କରି କହିଲି ରଘୁସାଇଂ ।
ବିଲଂକାର ରାବଣକୁ ବଧ କର ଯାଇ ॥

ଏହାପରେ ସୀତା ବିଲଂକା ରାବଣର ଶକ୍ତି ଓ ସାମର୍ଥ୍ୟ ସମ୍ପର୍କରେ କହିବା ସଙ୍ଗେସଙ୍ଗେ ତାହାର ସପ୍ତଶିର ମନ୍ତ୍ରୀ, ତ୍ରିଶିର ଭାଇ, ଶତଶିର ପୁତ୍ର ସମ୍ପର୍କରେ କହିଛନ୍ତି । ସେହି ରାବଣକୁ ବଧ କରିପାରିଲେ ରାମଚନ୍ଦ୍ରଙ୍କର ବୀରତ୍ୱ ଜଣାଯିବ । ରାମଚନ୍ଦ୍ର ଏଥର ଏକାକୀ ବିଲଙ୍କା ବାହାରିଲେ । ସେଠାରେ ପହଞ୍ଚି ସେ ସହସ୍ରଶିର ରାବଣକୁ ଯୁଦ୍ଧପାଇଁ ଆହ୍ୱାନ ଦେବା ମାତ୍ରେ ସହସ୍ରଶିର ଆପଣାର ଦୁଇହଜାର ହସ୍ତରେ ଏତେ ଜୋର୍‌ରେ ତାଳିମାରିଲେ ଯେ ସେଥିରୁ ପ୍ରବଳ ପବନ ପ୍ରବାହିତ ହୋଇ ରାମଚନ୍ଦ୍ରଙ୍କୁ ଉଡ଼ାଇ ନେଇ ସତୁରୀ ଯୋଜନ ଦୂରରେ ଥିବା ବୃଦ୍ଧ ଗଣ୍ଡକୀ ନଦୀ କୂଳରେ ପକାଇଦେଲା । ଏଣେ ଅଯୋଧ୍ୟାରେ ଚନ୍ଦନକାଠ ଆଣିବାକୁ ଯାଇଥିବା ହନୁମାନ ଫେରି ସୀତାଙ୍କଠାରୁ ଶୁଣିଲେ ତାହାର ପ୍ରଭୁ ରାମଚନ୍ଦ୍ର ବିଲଙ୍କା ରାବଣକୁ ବଧ କରିବାକୁ ଯାଇଛନ୍ତି । ସେ ସଙ୍ଗେସଙ୍ଗେ ବିଲଙ୍କା ଅଭିମୁଖେ ଯାତ୍ରା କଲେ । ବାଟରେ ସେ ଚିତ୍ରକୂଟ ପର୍ବତରେ ଓ ସୁବଳୟା ପର୍ବତରେ ବିଶ୍ରାମ ନେଲେ । ଲଂକାରେ ବିଭୀଷଣ

ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଲେ । ସେଠାରୁ ସେ ଗଲେ ବିଲଙ୍କାକୁ । ସେଠାରେ ମର୍କଟ ମଞ୍ଜରି, ଭ୍ରମର ରୂପ ହୋଇ ଶ୍ରୀରାମଚନ୍ଦ୍ରଙ୍କୁ ନାନା ସ୍ଥାନରେ ଖୋଜି ପାଇଲେ ନାହିଁ । ତେବେ ସେ ଶୁଣିଲେ ବିଲଙ୍କା ରାବଣକୁ ମନ୍ତ୍ରୀ ଶ୍ରୀରାମଙ୍କ ବିଷୟରେ କହୁଥିବା କଥା । ଶ୍ରୀରାମଙ୍କ ପାଖରେ ଶରଣ ପଶିବାକୁ ସେ ତାକୁ ନିବେଦନ କଲା, ମାତ୍ର ସହସ୍ରଶିର ସେ କଥାକୁ ଭ୍ରୂକ୍ଷେପ କଲା ନାହିଁ । ହନୁମାନ ଶ୍ରୀରାମଙ୍କୁ ଖୋଜୁଥିବା ସମୟରେ ଗ୍ରାମଦେବତୀ ତାଙ୍କୁ ବିଷଜଳ ପାନ କରାଇଦେବାରୁ ହନୁମାନ ମୃତ୍ୟୁବରଣ କଲେ । ଏଣେ ରାମଚନ୍ଦ୍ର କଠୋର ତପସ୍ୟାରେ ବସିଥାନ୍ତି । ଦେବତାମାନେ ହନୁମାନଙ୍କୁ ଜୀବନ୍ୟାସ ଦେଇ ଶ୍ରୀରାମଙ୍କ ନିକଟକୁ ପଠାଇଲେ । ହନୁମାନ ଶ୍ରୀରାମଙ୍କ ପାଖରେ ପହଞ୍ଚି ତାଙ୍କୁ ନେଇ ବିଲଙ୍କାକୁ ଗମନ କଲେ । ହନୁମାନ ରାମଚନ୍ଦ୍ରଙ୍କୁ ପର୍ବତ ଉପରେ ଛାଡ଼ି ସହସ୍ରଶିର ନିକଟକୁ ଗଲେ । ସେତେବେଳେ ସହସ୍ରଶିର ଯୋଜନ ଯୋଜନ ଦୂରକୁ ହସ୍ତ ବଢ଼ାଇ ନରବାନର ପଶୁପକ୍ଷୀ ସବୁ ଗର୍ଭକୁ ଗିଳିଦେଉଥାଏ । ହନୁମାନ ମଧ୍ୟ ତାର ଗର୍ଭକୁ ଚାଲିଯାଇଛି । ସେ ଅସୁରର ଅନ୍ତନାଡ଼ି କିଛି ପାଇଲା ନାହିଁ । ରାମ ନାମ ଉଚ୍ଚାରଣ କରିବାରୁ ଅସୁର ବାନ୍ତି କରିପକାଇଛି । ହନୁମାନ ଜୀବନ ଲାଭ କରନ୍ତେ ସହସ୍ରଶିର ତାର ପରିଚୟ ପଚାରିଛି । ହନୁମାନ ଦେଇଛି ତାର ପରିଚୟ । ସପ୍ତଶିର ରାବଣକୁ ରାମଚନ୍ଦ୍ର ହତ୍ୟା କରନ୍ତେ ତାର ପୁତ୍ର ନାଭିଦୈତ୍ୟ ଜନ୍ମଲାଭ କରି ରାମଙ୍କ ସହିତ ଯୁଦ୍ଧ କରିଛି । ସେ ମୃତ୍ୟୁବରଣ କରିଛି । ରାମଚନ୍ଦ୍ର ଚେଷ୍ଟାକଲେ ମଧ୍ୟ ସହସ୍ରଶିରାକୁ ହତ୍ୟା କରିପାରିଲେନାହିଁ । ଦେବତାମାନେ କୌଶଳ କରିଛନ୍ତି । ରାମଚନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ହନୁମାନ ଅଯୋଧ୍ୟାକୁ ଯାଇ ସୀତା ଓ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ଆସିଛି । ଏଥର ଯୁଦ୍ଧ ହୋଇଛି ଭୟଙ୍କର । ସୀତା ଭୀଷଣ ଗର୍ଜନ କଲେ । ଅସୁର ଦେଖିଲା ସୀତାଙ୍କର ଉଲଗ୍ନ ମୂର୍ତ୍ତି । ତାର ଶରୀର ହେଲା ନିସ୍ତେଜ । ଏଥର ରାମଚନ୍ଦ୍ର ସହସ୍ରାଶିରକୁ ହତ୍ୟା କଲେ । ଏହି ଗ୍ରନ୍ଥର ବର୍ଣ୍ଣନା ସରଳ । ସୀତାଙ୍କ ମହତ୍ତ୍ୱକୁ ଏଥିରେ ସ୍ୱୀକାର କରାଯାଇଅଛି ।

**ମହାଭାରତ :**

ସାରଳା ଦାସଙ୍କର କବି-ପ୍ରତିଭାର ମହାନ୍ ଅର୍ଘ୍ୟ ମହାଭାରତ । ବ୍ୟାସକୃତ ସଂସ୍କୃତ ମହାଭାରତର ଏହା ଅନୁବାଦ ନୁହେଁ, ଅନୁସରଣ ମାତ୍ର । ମୂଳ ଗ୍ରନ୍ଥର କାହାଣୀ ଓ ଚରିତ୍ରମାନଙ୍କ ସହିତ ବହୁ କାଳ୍ପନିକ କାହାଣୀ ଓ ଚରିତ୍ରମାନଙ୍କ ସମାବେଶରେ ଏହି ଗ୍ରନ୍ଥଟି ଓଡ଼ିଆ ସାହିତ୍ୟର ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିଅଛି । ଏହି ମହାଭାରତ ହିଁ ସାରଳା ଦାସଙ୍କୁ ଓଡ଼ିଶାର ଜାତୀୟ କବିର ସମ୍ମାନ ପ୍ରଦାନ କରିଅଛି । ସଂସ୍କୃତ ମହାଭାରତକୁ ଅବଲମ୍ବନ କରି ମାଟିର ମହାକବି ସାରଳା ଦାସ ତାଙ୍କ ରଚିତ ମହାଭାରତରେ ଯେପରି ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀର ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣ ପ୍ରବାହକୁ ବର୍ଣ୍ଣନା କରିଦେଇଅଛନ୍ତି, ତତ୍କାଳୀନ ଓଡ଼ିଶାର ରାଜନୀତିକ ଓ ସାମରିକ ପରମ୍ପରାର ପରୋକ୍ଷ ଚିତ୍ରଣ କରିଅଛନ୍ତି । ବାସ୍ତବିକ ତାହା ଏକାନ୍ତ ଅଭିନବ । ମହାଭାରତ ପରି ଏକ ସର୍ବଜନବିଦିତ ଗ୍ରନ୍ଥରେ ସେ ଯେପରି ଓଡ଼ିଶାର ସ୍ଥାନିକ ପଟ୍ଟଭୂମିର ମାହାତ୍ମ୍ୟ ବର୍ଣ୍ଣନା କରିବା ସହିତ ବିଭିନ୍ନ ନଦନଦୀ, ଅରଣ୍ୟ, ଦେବଦେବୀ ଓ ଦେବୀ ପୀଠ ଏବଂ ନାନା ଲୋକ ଚରିତ୍ରକୁ ଉପସ୍ଥାପନା କରିଅଛନ୍ତି, ତାହା ତାଙ୍କର ଅଜ୍ଞତାପ୍ରସୂତ ନୁହେଁ, ବରଂ ତାହା ଥିଲା ତାଙ୍କର ଉଗ୍ର ଜାତୀୟତାର ସ୍ୱେଚ୍ଛାକୃତ ପରିପ୍ରକାଶ । ମହାଭାରତ ପରି ଏକ ଜାତୀୟ

ଗ୍ରନ୍ଥରେ ସେ ଓଡ଼ିଆ ଜାତି ଓ ଓଡ଼ିଶାକୁ ବିସ୍ତୃତ ଭାବରେ ଦେଖାଇ ଦେବାକୁ ସଂକଳ୍ପ କରିଥିଲା ପରି ମନେହୁଏ । ତେଣୁ ସାରଳା ମହାଭାରତର ସାଂସ୍କୃତିକ ପୃଷ୍ଠଭୂମି ବ୍ୟାସକୃତ ମହାଭାରତର ସାଂସ୍କୃତିକ ପୃଷ୍ଠଭୂମିଠାରୁ ସ୍ୱତନ୍ତ୍ର ।

ସାରଳା ଦାସଙ୍କ ସମୟକୁ ଓଡ଼ିଶାର ରାଜନୀତିରେ ସ୍ଥିରତା ପରିଲକ୍ଷିତ ହୋଇଥିଲେ ହେଁ ବ୍ରାହ୍ମଣ୍ୟ ସଂସ୍କୃତି ବିରୋଧରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶିତ ହୋଇଥିଲା । **ସାରଳାଙ୍କ ପୂର୍ବରୁ ବଜ୍ରଯାନ, ସହଜଯାନ, ନାଥପନ୍ଥୀ ଓ ତନ୍ତ୍ରାଚାର ପ୍ରଭୃତି ମାର୍ଗ** ଲୋକସମାଜରେ ଆଦର ନ ଥିଲା । ପଞ୍ଚଦଶ ଶତାବ୍ଦୀବେଳକୁ ଏକ ନୂତନ ସମନ୍ୱୟବାଦୀ ଆଧ୍ୟାତ୍ମିକ ସାଧନା ଓ ଧର୍ମଭାବନା ସୃଷ୍ଟି ହେବାକୁ ଲାଗିଲା । ଏହି ପରମ୍ପରାରେ ଶ୍ରୀଜଗନ୍ନାଥ ହୋଇଗଲେ କେନ୍ଦ୍ର-ଆଧାର । ସେ ମହାବୌଦ୍ଧରୁ ମହାବିଷ୍ଣୁ ହୋଇ ଶୂନ୍ୟପୁରୁଷ ହୋଇଗଲେ । ଶାକ୍ତ, ଶୈବ, ବୈଷ୍ଣବ — ଏହି ମୁଖ୍ୟ ଧର୍ମତ୍ରୟୀ ତଥା ଅନ୍ୟାନ୍ୟ ଧର୍ମ ସ୍ରୋତ ଜଗନ୍ନାଥଙ୍କୁ କେନ୍ଦ୍ରକରି ଗତିଶୀଳ ହୋଇଛନ୍ତି । ଏସବୁ ଭିତରେ ବ୍ରାହ୍ମଣ-ସଂସ୍କୃତିର ପ୍ରଭାବକୁ ପ୍ରତିହତ କରି ଲୋକ-ସଂସ୍କୃତି ନୂତନ ଭାବରେ ମୁଣ୍ଡ ଟେକି ଉଠିଛି । ମଣିଷ ହୋଇଛି ସର୍ବମାନ୍ୟ । ଜାତିପ୍ରଥାର ବିରୋଧ କରାଯାଇଛି । କ୍ଷମତାର ଯଥେଚ୍ଛାଚାରକୁ ଅସ୍ୱୀକାର କରାଯାଇଛି । ସାରଳା ଦାସ ତତ୍କାଳୀନ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ମହାଭାରତରେ ରୂପାୟନ କରି ଜାତୀୟ ସଂସ୍କୃତିରେ ଓ ସାହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛନ୍ତି ।

ସାରଳା ଦାସଙ୍କ ମହାଭାରତ ସଂସ୍କୃତ ମହାଭାରତ ଅନୁଯାୟୀ ଅଠର ପର୍ବ ବିଶିଷ୍ଟ ଏକ ମହାଗ୍ରନ୍ଥ । ସଂସ୍କୃତ ପର୍ବମାନଙ୍କର ନାମ ଯଥାକ୍ରମେ ଆଦି, ସଭା, ବନ, ବିରାଟ, ଉଦ୍‌ଯୋଗ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, ସୌପ୍ତିକ, ସ୍ତ୍ରୀ, ଶାନ୍ତି, ଅନୁଶାସନିକ, ଆଶ୍ରମିକ, ମହାପ୍ରସ୍ଥାନିକ, ଅଶ୍ୱମେଧ, ମୌଷିକ ଓ ସ୍ୱର୍ଗାରୋହଣ ରଖାଯାଇଥିଲାବେଳେ ସାରଳା ଦାସଙ୍କ ମହାଭାରତରେ ପର୍ବମାନଙ୍କର ନାମକରଣ ଯଥାକ୍ରମେ ଆଦି, ମଧ୍ୟ, ସଭା, ବନ, ବିରାଟ, ଉଦ୍‌ଯୋଗ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, ଗଦା, କାଇଁଶିକା ବା ଐଷିକ, ନାରୀ, ଶାନ୍ତି, ଆଶ୍ରମିକ,ଅଶ୍ୱମେଧ, ମୂଷଳୀ ଓ ସ୍ୱର୍ଗାରୋହଣ କରାଯାଇଅଛି । କେବଳ ପର୍ବମାନଙ୍କର ନାମକରଣରେ ଯେ ବ୍ୟତିକ୍ରମ ଅଛି ତାହା ନୁହେଁ, ବିଷୟ ଉପସ୍ଥାପନା, ଚରିତ୍ର ଚିତ୍ରଣ ଇତ୍ୟାଦିରେ ମଧ୍ୟ ବହୁ ମୌଳିକତା ପରିଲକ୍ଷିତ ।

**ମୌଳିକ କାହାଣୀ :** ସାରଳା ଦାସଙ୍କ ମହାଭାରତରେ ବହୁ କାହାଣୀ ମୌଳିକ ସୃଷ୍ଟି । ଧୃତରାଷ୍ଟ୍ରକୁ କନ୍ୟା ନାହିଁ, ଗାନ୍ଧାରୀକୁ ବର ନାହିଁ, ଉଆଁସୀ କନ୍ୟା, ସାହାଡ଼ା ଗଛର ମାହାତ୍ମ୍ୟ, ଝିମିଟି ଖେଳରୁ ମହାଭାରତ, ଗଙ୍ଗା କହିଲେ ଥିବି ଗାଙ୍ଗୀ କହିଲେ ଯିବି, ଶ୍ରୀକୃଷ୍ଣଙ୍କ ଗଧପାଦ ଧରିବା, ଭୀମଙ୍କର ଦୁର୍ଯ୍ୟୋଧନଙ୍କୁ ଗୋଲକପୁତ୍ର କହିବା, ପହିଲୁ ଯୁଦ୍ଧରେ ଭୀମ ହାରିବା, କର୍ଣ୍ଣ ମଲେ ପାଞ୍ଚ ଅର୍ଜୁନ ମଲେ ପାଞ୍ଚ, ସତ୍ୟ ଆମ୍ବ କାହାଣୀ, ଭୀମବଳ କୁଇନ୍ତାଙ୍କୁ ଜଣା, ନବଗୁଞ୍ଜର, କୋକୁଆ ଉପାଖ୍ୟାନ, ସାହାଡ଼ା ଗଛ-ବାସୁଆ ବଳଦ, ଶିବ ଓ ପାର୍ବତୀ ଉପାଖ୍ୟାନ, କୁନ୍ତୀ ଓ ଗାନ୍ଧାରୀ କଳି, ଖନିକାର ବୃତ୍ତାନ୍ତ, ଶବରୀ ନାରାୟଣ ଓ ବିଶ୍ୱାବସୁ ଉପାଖ୍ୟାନ, ଜଗନ୍ନାଥ ମନ୍ଦିର ନିର୍ମାଣ ଓ ମୂର୍ତ୍ତି ଗଠନ କାହାଣୀ, ଯୁଧିଷ୍ଠିରଙ୍କର ସୁହାଣୀ କନ୍ୟା ବିବାହ କାହାଣୀ, କିରିଷାନ ଓ ବ୍ରାହ୍ମଣଙ୍କର ସୁବର୍ଣ୍ଣଝରିପ୍ରାପ୍ତି କାହାଣୀ, କେତୁକା ଚଣ୍ଡୀ କାହାଣୀ, ଶେଣା ପକ୍ଷୀ ବୃତ୍ତାନ୍ତ, ଦ୍ରୌପଦୀଙ୍କ ଦାଢ଼ରେ ପଡ଼ିବା କାହାଣୀ, ଭାରଦା

କାହାଣୀ, ତୁଳାମୁହାଁ କାଙ୍କ ଓ ତୁଳସୀ ବଣ ବାଘ କାହାଣୀ, ଦ୍ରୌପଦୀ ଓ ହିଡ଼ିମ୍ବିକା କଳହ ଇତ୍ୟାଦି ନାନା କାହାଣୀ ସାରଳା ମହାଭାରତରେ ବର୍ଣ୍ଣିତ ହୋଇଅଛି । ଏସବୁ କାହାଣୀଗୁଡ଼ିକ ସାରଳା ଦାସଙ୍କର ମୌଳିକ କଳ୍ପନା । ଏହି କାହାଣୀଗୁଡ଼ିକରୁ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରମ୍ପରାର ଚିତ୍ର ମିଳିଥାଏ ।

**ଚରିତ୍ର ଉପାଖ୍ୟାନ :** ମୂଳ ମହାଭାରତର ଯେଉଁସବୁ ଚରିତ୍ର ଓ କାହାଣୀ ଅଛି ସେ ସବୁକୁ ମଧ୍ୟ ସାରଳା ଦାସ ବିଭିନ୍ନ ସ୍ଥାନରେ ପରିବର୍ତ୍ତନ କରିଦେଇ ନିଜର କଳ୍ପନା ବଳରେ ନୂଆକରି ବର୍ଣ୍ଣନା କରିଅଛନ୍ତି । ବଶିଷ୍ଠଙ୍କ ଗାଭୀ ହରଣ, ଶାମ୍ବଙ୍କ ଅଭିଶାପ ମୁକ୍ତି, ଅର୍ଜୁନଙ୍କର କଳିକୁ ବାନ୍ଧିବା, ଅର୍ଜୁନ ଓ ହନୁମାନ ଭେଟ, ଭୀମ ଓ ଅର୍ଜୁନ ଭେଟ, ହନୁମାନ ଜନ୍ମ ବୃତ୍ତାନ୍ତ, ବାଳି ଓ ସୁଗ୍ରୀବ ଜନ୍ମ କାହାଣୀ, ଅହଲ୍ୟା ଉପାଖ୍ୟାନ, ଋଷିଶୃଙ୍ଗ ଉପାଖ୍ୟାନ, ବଳି ବାମନ କାହାଣୀ ଶାମ୍ବ ଉପାଖ୍ୟାନ, ବେଲାଳସେନ ଉପାଖ୍ୟାନ, ଘଟୋତ୍କଚ କାହାଣୀ, ଚନ୍ଦ୍ରାବତୀ ହରଣ, ନୀଳେନ୍ଦ୍ରି ହରଣ, ସୁଭଦ୍ରା ହରଣ, ପର୍ଶୁରାମ ଉପାଖ୍ୟାନ, କର୍ଣ୍ଣଙ୍କ ଅସ୍ତ୍ର ଶିକ୍ଷା, ଶୋଷକ ସର୍ପ ଉପାଖ୍ୟାନ, ବାଣ ହରଣ, ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ, ଦୁର୍ଦ୍ଧଷ କାହାଣୀ, ଲୁହା ଭୀମ ଚୂନା କରିବା କାହାଣୀ, କାମଦେବ ରାଜା ଚରିତ, ମେରୁଶୂଳ ଋଷି ଚରିତ, ଶ୍ରୀକୃଷ୍ଣଙ୍କ ଅଶ୍ୱମେଧ ଯଜ୍ଞ କାହାଣୀ, ଶ୍ୱେତକଳ୍ପ ରାଜା ଚରିତ, ଶରଶଯ୍ୟାରେ ଭୀଷ୍ମଙ୍କ ଉପଦେଶ, ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କ ଜନ୍ମ ବୃତ୍ତାନ୍ତ ଶତଶୃଙ୍ଗ ପର୍ବତ କାହାଣୀ, ଦ୍ରୋଣଙ୍କର ଜନ୍ମ ଓ କୃପୀ ସହିତ ବିବାହ, ଏକଲବ୍ୟ କାହାଣୀ, ପାଣ୍ଡବାସୁର ବଧ, ଜତୁଗୃହ ନିର୍ମାଣ ଓ ଜତୁଗୃହ ଦାହ, ଆତାପି ବାତାପୀ କାହାଣୀ, ଖାଣ୍ଡବ ବନ ଦହନ, ସଗର ବଂଶ ଉପାଖ୍ୟାନ, ରାମାୟଣ ବୃତ୍ତାନ୍ତ, ଧର୍ମବକ ପ୍ରସଙ୍ଗ, ସଚଳା ହରଣ, ନଳ ଉପାଖ୍ୟାନ, ପାଞ୍ଚାଳୀଙ୍କର ପଞ୍ଚପୁତ୍ରଙ୍କ ଶିରଚ୍ଛେଦନ ଇତ୍ୟାଦି ବିଭିନ୍ନ କାହାଣୀକୁ ସାରଳା ଦାସ ଆପଣାର ମୌଳିକ କଳ୍ପନା ବଳରେ ଭିନ୍ନ ଭାବରେ ବର୍ଣ୍ଣନା କରିଅଛନ୍ତି । ଏସବୁଥିରୁ ଏତିକି ପ୍ରତିପାଦିତ ହୁଏ ଯେ ସାରଳା ମହାଭାରତ ଏକ ମୌଳିକ ଗ୍ରନ୍ଥ । ଓଡ଼ିଶାର ଜାତୀୟ ସାଂସ୍କୃତିକ ଜୀବନର ମହାକାବ୍ୟ ।

ସାରଳା ଦାସ ଯେପରି ଚରିତ୍ରମାନଙ୍କର ବର୍ଣ୍ଣନା କରିଅଛନ୍ତି, ତାହା ତାଂକର ଗଭୀର ଲୋକଚରିତ ସମ୍ପର୍କରେ ପରିଚୟ ପ୍ରଦାନ କରିଥାଏ । **ସମଗ୍ର ମହାଭାରତରେ ଶ୍ରୀଜଗନ୍ନାଥ ହୋଇଯାଇଛନ୍ତି ପ୍ରଧାନ ଚରିତ୍ର ।** ସାରଳା ମହାଭାରତର କୃଷ୍ଣ ହୋଇଛନ୍ତି ଓଡ଼ିଶାର ଜଗନ୍ନାଥ । ଯୁଧିଷ୍ଠିର, ଭୀମ, ଅର୍ଜୁନ ଆଦି ଚରିତମାନେ ଓଡ଼ିଶାର ଗାଉଁଲି ଚରିତ ରୂପେ ଚିତ୍ରିତ ହୋଇଅଛନ୍ତି । ଭୀମ ହୋଇଛନ୍ତି ସାରଳା ମହାଭାରତର ନାୟକ ଓ ଦ୍ରୌପଦୀ ନାୟିକା । ପୁରୁଷ ଚରିତ୍ରମାନେ ଯେପରି ବର୍ଣ୍ଣିତ ହୋଇଅଛନ୍ତି, ସେହିପରି ମଧ୍ୟ ନାରୀ ଚରିତ୍ରମାନେ ଜୀବନ୍ତ ଭାବରେ ରୂପାୟିତ । କୁନ୍ତୀ, ଗାଂଧାରୀ, ଦ୍ରୌପଦୀ, ହିଡ଼ିମ୍ବୀ, ଗଙ୍ଗା ଆଦି ନାରୀ ଚରିତ୍ରଗୁଡ଼ିକ ବେଶ୍ ଜୀବନ୍ତ ଓ ହୃଦୟସ୍ପର୍ଶୀ । ଦେବତା, ରାଜା ଓ ଅସୁର ଚରିତ୍ରମାନଙ୍କଠାରୁ ଆରମ୍ଭକରି କୃଷକ ଓ ବ୍ୟବସାୟୀ ଚରିତ୍ର ପର୍ଯ୍ୟନ୍ତ ସବୁ ସାରଳା ମହାଭାରତରେ ବର୍ଣ୍ଣିତ । ମୁଦୁସୁଲି, ଗଣିକା, ଶବର ଶବରୁଣୀ, କଂଧ, କଂଧୁଣୀ, କମାର, କୁମ୍ଭାର, ରାଉଳ, ଗୁଡ଼ିଆ, ସାହୁକାର, ଜ୍ୟୋତିଷ, ବୈଦ, ଭାଟ, ନଟ, ନଟୀ, ଶଗଡ଼ିଆ ଚିତ୍ରକାର, ବିନ୍ଧାଣୀ, ନାଉରିଆ, ଗୁଣିଆ, ବ୍ରାହ୍ମଣ, ବାବାଜୀ, ସନ୍ୟାସୀ, ଋଷି, ବୈଷ୍ଣବ, ମଲ୍ଲ, ମହାମଲ୍ଲ, ପାଇକ, ଯୋଗୀ, ଭିକାରୀ, କାପାଳିକ,

ମଦ୍ୟପ, ଚୋର, ଲମ୍ପଟ, ଗାଉଁଲି ହୁଣ୍ଡା ଗୁଣ୍ଡା, ଭୂତ, ପ୍ରେତ ଡାଆଣୀ, ଚିରୁଗୁଣୀ, ବ୍ରହ୍ମରାକ୍ଷସ, ଚଣ୍ଡୀ, ଚାମୁଣ୍ଡା, ନାନାବିଧ ଜୀବଜନ୍ତୁ, ବୃକ୍ଷଲତା ଇତ୍ୟାଦି ବିବିଧ ଚରିତ୍ର ସାରଳା ମହାଭାରତରେ ରୂପାୟିତ ।

**ସାରଳା ମହାଭାରତରେ ଲୋକଚରିତ୍ର ଓ ଲୋକକଥାକୁ** ସାହିତ୍ୟିକ ମାନ୍ୟତା ପ୍ରଦାନ କରାଯାଇଅଛି । ବେଦବେଦାନ୍ତ ଜ୍ୟୋତିଷଶାସ୍ତ୍ର, ଯୋଗ, ତନ୍ତ୍ର, ମନ୍ତ୍ର, ସପ୍ତାଙ୍ଗ, କାମଶାସ୍ତ୍ର ଇତ୍ୟାଦିର ମଧ ପ୍ରଭାବ ଏହି ଗ୍ରନ୍ଥରେ ଅନୁଭୂତ । ଏଥିରୁ ମଧ ରାଜା ଓ ପ୍ରଜାଙ୍କ ସମ୍ପର୍କ, କୃଷକମାନଙ୍କର ଅବସ୍ଥା, ବ୍ୟବସାୟ ବିଧି, ରାଜକର୍ମଚାରୀମାନଙ୍କର କାର୍ଯ୍ୟକଳାପ,ବୈବାହିକ ପ୍ରଥା, ଜମିଜମା ମାପ ଓ ବନ୍ଦୋବସ୍ତ, ରାଜକର ବ୍ୟବସ୍ଥା, ଓଷା ଓ ବ୍ରତ, ଖାଦ୍ୟ ବସ୍ତ୍ର, ବେଶ, ଅଳଂକାର, ନାରୀ ଧର୍ମ, ବଂଶରକ୍ଷା, ନାରୀ ଓ ପୁରୁଷର ସହବାସ, ରଜସ୍ୱଳା ନାରୀର ନିୟମ, ପିତା ପୁତ୍ର ଓ ଗୁରୁଜନମାନଙ୍କ ସହିତ ସମ୍ପର୍କ, କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ରମାନଙ୍କର ସମ୍ପର୍କ, ବ୍ରାହ୍ମଣର ସ୍ଥାନ, ଧର୍ମ ପ୍ରତି ଅନୁରାଗ ଇତ୍ୟାଦିର ପରିଚୟ ମିଳିଥାଏ । ସାରଳା ମହାଭାରତରୁ ବହୁ ଲୋକପ୍ରିୟ ସୂକ୍ତିମାଳାର ପରିଚୟ ମିଳେ । ଦୃଷ୍ଟାନ୍ତ—

ଆରେ ଶଶୁର ଅନ୍ନଖାଇ ବଞ୍ଚଇ ଯେବଣ ଜନ
କାପୁରୁଷର ଲେଖା ହୁଅଇ ସେ ଜାଣ । (ସଭାପର୍ବ)
ବିପଦ କାଳକୁ ମନ୍ଦ ସୁନ୍ଦର ଭାରିଯା
ପଣ୍ଡିତ ଜନେ ତାହା କରନ୍ତି ପରିତ୍ୟଜ୍ୟା । (ବନପର୍ବ)
ପର ଭୋଜନ ଅନ୍ନକୁ ଯେ ନିତି କରଇ ଆଶ
ସେ ପ୍ରାଣୀଙ୍କର କାହିଁ ରହଇ ଲାଜ ଲେଶ ।

ସାରଳା ମହାଭାରତ ବାସ୍ତବିକ ଓଡ଼ିଆ ଜାତିର ଏକ ଅନନ୍ୟ ସଂପଦ। ଏହାର ଭାଷା ଓଡ଼ିଆ । ଲୋକମୁଖର ଭାଷାରେ ଏହା ରଚିତ । ପରବର୍ତ୍ତୀ କାଳରେ ସାରଳା ଦାସଙ୍କ ପ୍ରଭାବ ବିଶେଷ ଭାବରେ ଅନୁଭୂତ ହୋଇଛି । ତାଙ୍କରି ଗ୍ରନ୍ଥରୁ ଉପାଦାନ ନେଇ କବିମାନେ ନାନା କାବ୍ୟକବିତା ରଚନା କରିଅଛନ୍ତି । କୃତ୍ତିବାସ କ୍ଷେତ୍ର, କୋଣାର୍କ କ୍ଷେତ୍ର, ଚନ୍ଦ୍ରଭାଗା ତୀର୍ଥ, ଯାମନିକ ତୀର୍ଥ, ପୁରୁଷୋତ୍ତମ କ୍ଷେତ୍ର, ଏକାମ୍ର ତୀର୍ଥ, ପ୍ରାଚୀ ତୀର୍ଥ, ରାମଚଣ୍ଡୀ କ୍ଷେତ୍ର, କପିଳାସ କ୍ଷେତ୍ର, ବିରଜା କ୍ଷେତ୍ର, ସାରଳାକ୍ଷେତ୍ର, ବୈତରଣୀ, ପ୍ରାଚୀ, ଚନ୍ଦ୍ରଭାଗା, ଚିତ୍ରୋତ୍ପଳା, ଶତଶିଳ, ବୁଢ଼ାନଦୀ ପ୍ରଭୃତିର ବର୍ଣ୍ଣନା ଅଛି । ସେଥିରୁ ସାରଳା ଦାସଙ୍କର ଉତ୍କଳୀୟ ଜାତୀୟତାବୋଧର ପରିଚୟ ମିଳିଥାଏ । ସାରଳା ମହାଭାରତ ଓଡ଼ିଆ ସାହିତ୍ୟରେ ଏକ ବିଶିଷ୍ଟ ଗ୍ରନ୍ଥ ଭାବରେ ସ୍ୱୀକୃତ ।

**ଲକ୍ଷ୍ମୀନାରାୟେଣୀ ବଚନିକା :**

ସାରଳା ଦାସଙ୍କର ଆଉ ଏକ କ୍ଷୁଦ୍ର ପୁରାଣ ଲକ୍ଷ୍ମୀନାରାୟେଣୀ ବଚନିକା । ଏହି ଗ୍ରନ୍ଥର ଶେଷରେ କବି ଲେଖିଛନ୍ତି —

ଲକ୍ଷ୍ମୀ ନାରାୟଣେଙ୍କ ପଦଂ ଚରଣେ ସେବା  ଶୂଦ୍ରମୁନି ସାରୋଳା ଦାସଙ୍କୁ ଗତି ମୁକତି ଦେବା ।

ଏହି ଗ୍ରନ୍ଥ ବଳରାମ ଦାସଙ୍କଦ୍ୱାରା ରଚିତ ଲକ୍ଷ୍ମୀପୁରାଣର ପ୍ରେରଣାବିନ୍ଦୁ । ଏଥିରେ ଲକ୍ଷ୍ମୀ ଓ ନାରାୟଣଙ୍କର କଥୋପକଥନ ବର୍ଣ୍ଣିତ । ଲକ୍ଷ୍ମୀଙ୍କୁ ପଦ୍ମଫୁଲ, ମଣି ଫୁଲ, ଅୟେଳା ଫୁଲରେ ପୂଜା କରିବା, ନାରାୟଣଙ୍କର ଲକ୍ଷ୍ମୀଙ୍କୁ

ଚଞ୍ଚଳା କହି ତାଚ୍ଛଲ୍ୟ କରିବା, ଲକ୍ଷ୍ମୀଙ୍କର ନରନାରୀମାନଙ୍କ ଆଚାର ବ୍ୟବହାର ବିଷୟରେ କହିବା, ସ୍ୱାମୀ ସ୍ତ୍ରୀର ସମ୍ପର୍କ, ଗୃହସ୍ଥ ଓ ଗୃହିଣୀର ଧର୍ମ ଓ କର୍ତ୍ତବ୍ୟ, ସ୍ତ୍ରୀର ଲକ୍ଷଣ, ସାମାଜିକ ଜୀବନରେ ନାନା ବ୍ୟବହାର ଇତ୍ୟାଦି ବିଷୟରେ ଏହି କ୍ଷୁଦ୍ର ପୁରାଣରେ ବର୍ଣ୍ଣନା କରାଯାଇଅଛି । ଏହି ଗ୍ରନ୍ଥରେ ଲକ୍ଷ୍ମୀନାରାୟଣଙ୍କୁ ଗୃହସ୍ଥର ଧର୍ମ ସମ୍ପର୍କରେ କହିଛନ୍ତି— ଘରର ଗିରସ୍ତ ବୋଲେ ସମସ୍ତ ପ୍ରାଣୀ ଥାଇଂ        ଶତେ ଜନ୍ମ ପରିଯନ୍ତେ ମୁଁ ତାହାକୁ ନ ଛାଡ଼ଇଂ ।

ଭାରିଯା ହୋଇଂ ଯେତେବ ଗିରସ୍ତକୁ ନ ସେବଇଂ    ସ୍ତିରୀ ସଂସାରରେ ସେତଲେଖା ଯେ ନୁହଇଂ ।

ଗିରସ୍ତ ହୋଇ ଯେବେ ଭାରିଯାଂକୁ କରଇଂ ସେବା   ସଉଚବନ୍ତ ଧାଇଂ ସେ ଯେ ଅନେକ କଷ୍ଟହୀଂ ପାଇବା ।

ଏହିପରି ନାନା ଉପଦେଶରେ ଉକ୍ତ ଗ୍ରନ୍ଥଟି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇଥାଏ । ଏଣୁ ଆଲୋଚନାରୁ ଜଣାଯାଏ ଯେ କବି କାବ୍ୟ ମାଧ୍ୟମରେ ଜନଜୀବନକୁ ଶୃଙ୍ଖଳିତ ଓ ସୁସଂହତ କରିବା ଦିଗରେ ଜଣେ ପରାମର୍ଶଦାତାର ଭୂମିକା ଗ୍ରହଣ କରିଥିଲେ ।

### ସାରଳା ଦାସଙ୍କ କୃତିରେ ମୌଳିକତା:

ନିଜର ପୂର୍ବ ଜନ୍ମ ସମ୍ପର୍କରେ ସୂଚନା ଦେବାକୁ ଯାଇ ସାରଳା ଦାସ ତାଙ୍କ ମହାଭାରତରେ ବର୍ଣ୍ଣନା କରିଛନ୍ତି ଯେ— ଶିବଙ୍କ ବାହନ ନନ୍ଦୀ ଗଣେଶଙ୍କଠାରୁ ଅଭିଶାପ ପାଇ ମର୍ତ୍ତ୍ୟରେ ପ୍ରଥମେ କାଳିଦାସ, ଦ୍ୱିତୀୟ ଜନ୍ମରେ ମହାକାଳ, ତୃତୀୟ ଜନ୍ମରେ ସାରଳା ଦାସ ଏବଂ ଆଉ ଏକ ଜନ୍ମ ନେଇ ପ୍ରତି ଜନ୍ମରେ ୧୫ ଲକ୍ଷକରି ୬୦ ଲକ୍ଷ କଥା କହିବାପାଇଁ ଅଙ୍ଗୀକୃତ ମହାକବି ସାରଳା ଦାସ ସଂସ୍କୃତ ମହାଭାରତ ଅନୁସରଣରେ ଲେଖିଥିବା ଏହି ବିପୁଳ କୃତିରେ ନିଜର ମୌଳିକତାକୁ ସଗର୍ବେ ଫୁଟାଇ ଏହି ଅଭିଶାପର ଯଥାର୍ଥତା ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି। ତେବେ ଏଥିରେ ସର୍ବଭାରତୀୟ ଚେତନା ପ୍ରତିବଦଳରେ ଉତ୍କଳୀୟ ପ୍ରାଣତାକୁ ସଫଳତାର ସହ ଫୁଟାଇ ନିଜର ମୌଳିକ ଦୃଷ୍ଟିଭଙ୍ଗୀକୁ  ପାଠକ ନିକଟରେ ଉପସ୍ଥାପିତ କରିବା ହେଉଛି ତାଙ୍କ ସ୍ରଷ୍ଟା ଜୀବନର ଏକ ଅଭିନବ କୌଶଳ। ପୁଣି ପାଠକ ନିକଟରେ କୌଣସି ବିରୋଧର ସମ୍ମୁଖୀନ ନ ହେବାପାଇଁ ପାରମ୍ପରିକ ମହାଭାରତର ଅନୁବାଦକ ରୂପେ ଆତ୍ମପ୍ରକାଶ କରି ସୁଚତୁର ଭାବରେ ଏହି ମୌଳିକ ପ୍ରସଙ୍ଗଗୁଡ଼ିକ ଗୁମ୍ଫନ କରିଛନ୍ତି। ମୂଳ ମହାଭାରତର ପ୍ରତ୍ୟେକ ସଂଖ୍ୟାସୂଚୀକୁ ପର୍ବ ନାମରେ ନାମିତ କରିଥିଲେ ବି ପର୍ବର ନାମ ଓ ବିଷୟ କ୍ରମକୁ ରକ୍ଷା କରିପାରି ନାହାନ୍ତି। ସେହିଭଳି ସମୁଦାୟ ଗ୍ରନ୍ଥରେ ଥିବା ଅସଂଖ୍ୟ ମୌଳିକତା ନିମ୍ନୋକ୍ତମତେ ଆଲୋଚନା କରାଯାଇପାରେ।

୧. ମୂଳ ଆଦିପର୍ବକୁ ଦୁଇଭାଗରେ ବିଭକ୍ତ କରି ମଧ୍ୟପର୍ବ ନାମକ ନୂତନ ପର୍ବ ସଂଯୋଜନା କରି ଆଦି ଓ ବନପର୍ବରେ ଥିବା କେତେକ ପ୍ରସଙ୍ଗ ଓ କାଳ୍ପନିକ କାହାଣୀ ଉପସ୍ଥାପନ କରିଛନ୍ତି।

୨. ମୂଳ କାବ୍ୟରେ ଶଲ୍ୟପର୍ବର ହ୍ରଦପ୍ରଦେଶ ଉପପର୍ବ ଓ ଗଦା ଉପପର୍ବ ସାରଳାଙ୍କ ଶଲ୍ୟପର୍ବରେ ନ ଥିବାବେଳେ ଗଦା ଉପପର୍ବକୁ ଗଦାପର୍ବ ନାମରେ ଏକ ସ୍ୱତନ୍ତ୍ର ପର୍ବ ସୃଷ୍ଟିକରି ଦୁର୍ଯ୍ୟୋଧନର ଭଗ୍ନଜାନୁ ପ୍ରସଙ୍ଗ ଏଥିରେ ଉପସ୍ଥାପନ କରିଛନ୍ତି।

୩. ମୂଳଗ୍ରନ୍ଥର ସୌପ୍ତିକ ପର୍ବ ଅନ୍ତର୍ଗତ ଐଷିକ ଉପପର୍ବର ବିଷୟବସ୍ତୁକୁ ନେଇ କାଇଁଷିକା ବା ଐଷିକ ପର୍ବ ନାମକ ସ୍ୱତନ୍ତ୍ର ପର୍ବ ସୃଷ୍ଟି କରିଛନ୍ତି ।

୪. ମୂଳଗ୍ରନ୍ଥର ଭୀଷ୍ମ ଉପଦେଶ ଥିବା ୩୬୫ଅଧ୍ୟାୟ ବର୍ଣ୍ଣିତ ଶାନ୍ତିପର୍ବକୁ ସଂକ୍ଷିପ୍ତ କରି ଏହା ସହ ଆଶ୍ରମିକ ପର୍ବ ମିଶାଇ ୪ଟି ଅଧ୍ୟାୟରେ ଭୀଷ୍ମଙ୍କ ଉପଦେଶ, ତିରୋଧାନ ଓ ପିଣ୍ଡଦାହ, ଦୁର୍ଯ୍ୟୋଧନାଦିଙ୍କ ପିଣ୍ଡଦାହ, ଅଭିଷେକ, ଦୁର୍ବାସାଙ୍କୁ କୃଷ୍ଣଙ୍କ ମାୟାଦର୍ଶନ ଓ କୋଣାର୍କ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନା କରି ଶେଷ କରିଛନ୍ତି ।

୫. ମୂଳ ଅନୁଶାସନ ପର୍ବକୁ ତ୍ୟାଗ କରିଥିବାବେଳେ ମହାପ୍ରସ୍ଥାନିକ ପର୍ବର ସାରାଂଶକୁ ସ୍ୱର୍ଗାରୋହଣ ପର୍ବରେ ସ୍ଥାନିତ କରିଛନ୍ତି ।

୬. ବିଷୟ ଦୃଷ୍ଟିରୁ ଅଷ୍ଟାଦଶଧ୍ୟାୟୀ ଗୀତା ସହିତ ବିଭିନ୍ନ ନିଗୂଢ଼ ଧର୍ମତତ୍ତ୍ୱକୁ ପରିତ୍ୟାଗ କରିଛନ୍ତି ।

୭. ମୂଳଗ୍ରନ୍ଥର ଆଦିପର୍ବରେ ୬୮ ଅଧ୍ୟାୟରୁ ୭୪ ଅଧ୍ୟାୟ ପର୍ଯ୍ୟନ୍ତ ଥିବା ଶକୁନ୍ତଳା ଉପାଖ୍ୟାନ ତ୍ୟାଗ କରିଛନ୍ତି ।

୮. ମୂଳଗ୍ରନ୍ଥରେ ଥିବା ଯାଜପୁର ବୈତରଣୀ ନଦୀ ମାହାତ୍ମ୍ୟ ତଥା କଳିଙ୍ଗ ସମ୍ପର୍କିତ ବର୍ଣ୍ଣନା ଗ୍ରହଣ କରିନାହାନ୍ତି ।

୯. ମୂଳଗ୍ରନ୍ଥର ସୁକନ୍ୟା–ଯବକ୍ରୀତ, ସାବିତ୍ରୀ–ସତ୍ୟବାନ, ଚ୍ୟବନ, ଧର୍ମବ୍ୟାଧ, ଅଭୁଦନଲୋପାଖ୍ୟାନ ଆଦି ୯ଟି ଉପାଖ୍ୟାନ ବର୍ଜନ କରିଛନ୍ତି, ୩୫ଟି ନୂତନ ପ୍ରସଙ୍ଗ ଯୋଗ କରିଛନ୍ତି ଏବଂ ୧୨ଟି ମୂଳଗ୍ରନ୍ଥ ପ୍ରସଙ୍ଗର କ୍ରମ ପରିବର୍ତ୍ତନ କରିଛନ୍ତି ।

୧୦. ଅନ୍ଧ ଦୀର୍ଘତମା ଋଷିଙ୍କ ଜନ୍ମପ୍ରସଙ୍ଗ, ବଳୀପତ୍ନୀ ସୁଦେଷ୍ଣାଙ୍କ ଗର୍ଭରୁ ଜାତ ପୁତ୍ର ଓ ସେମାନଙ୍କ ନାମ ସମ୍ପର୍କିତ ରାଜ୍ୟର ବର୍ଣ୍ଣନା ନ ଥିବାବେଳେ ନହୁଷ ରାଜାଙ୍କୁ ନଘୋଷ ନାମରେ ରୂପାନ୍ତରିତ କରିଛନ୍ତି ।

୧୧. ଦେବଯାନୀ, କଚ, ଶର୍ମିଷ୍ଠା ଓ ଯଯାତି ଉପାଖ୍ୟାନ ପ୍ରତ୍ୟାଖ୍ୟାନ କରି ସଂକ୍ଷେପରେ ଯଯାତିଙ୍କ ନବଜାତିରୁ ନବକନ୍ୟା ବିବାହ, ନବପୁତ୍ରଙ୍କ ମଧ୍ୟରେ ନବଖଣ୍ଡ ମେଦିନୀ ବଣ୍ଟନ, ଯଯାତିଙ୍କ ଓଡ଼ିଆଣୀ ପତ୍ନୀଗର୍ଭରୁ ପୁରୁ ଜନ୍ମ ଆଦି ବର୍ଣ୍ଣନା କରିଛନ୍ତି । ଯେଉଁ ପୁରୁ ନିଜ ପିତାଙ୍କ ଯୌବନ ତୃଷ୍ଣା ମେଣ୍ଟାଇବାକୁ ଯାଇ ନିଜ ଯୌବନ ଦାନ କରିଦେଇଥିଲା ।

୧୨. ମୂଳଗ୍ରନ୍ଥର ଶାନ୍ତନୁ ଓ ଭୀଷ୍ମ ପ୍ରସଙ୍ଗ ପରିତ୍ୟାଗ କରି ବଂଶରକ୍ଷାପାଇଁ ଉପପତି ଗ୍ରହଣ କରିବାର ଅମ୍ବିକା ଓ ଅମ୍ବାଳିକାଙ୍କୁ ସତ୍ୟବତୀଙ୍କ ପରାମର୍ଶ ତତ୍କାଳୀନ ସମାଜରେ ପ୍ରଚଳିତ ସ୍ୱୈରାଚାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ ।

୧୩. ମୂଳଗ୍ରନ୍ଥର ବନପର୍ବ ରେ ଥିବା ଶିବାର୍ଜ୍ଜୁନ ଯୁଦ୍ଧକୁ ସେ ମଧ୍ୟପର୍ବରେ ସ୍ଥାନିତ କରିଛନ୍ତି ।

୧୪. ସାରଳାଙ୍କ କୌରବ କୁଳ ମୂଳ ନାମରେ ଦୁ ଅକ୍ଷର ସଂଯୋଗ ଥିବାବେଳେ ମୂଳଗ୍ରନ୍ଥରେ କନିଷ୍ଠ କୌରବପୁତ୍ର ଯୁଯୁସୁ ପାଣ୍ଡବ ଆନୁଗତ୍ୟ ସ୍ୱୀକାର କରି ବଞ୍ଚିଛନ୍ତି । ମାତ୍ର ଏଠାରେ ତାହା ଦୁର୍ଦ୍ଧକ୍ଷ ନାମ ବହନ କରି କୃଷ୍ଣଙ୍କ କୂଟବୁଦ୍ଧିରେ ଗାନ୍ଧାରୀଙ୍କ କୋପାନଳରେ ଭସ୍ମ ହୋଇଛି ।

୧୫. ଭୀମ ଜନ୍ମ ବୃତ୍ତାନ୍ତରେ ଓ କୌରବ ଜନ୍ମ ବୃତ୍ତାନ୍ତରେ ନୂତନ ତଥ୍ୟ ପ୍ରଦାନ କରିଛନ୍ତି ।

ସାରଳାଙ୍କଦ୍ୱାରା ବିଭିନ୍ନ ପର୍ବରେ ଗ୍ରନ୍ଥିତ ୩୫ଟି ମୌଳିକ ଉପାଖ୍ୟାନ ହେଲା—

(କ) **ମଧ୍ୟପର୍ବ —** ୧– ଅର୍ଜୁନ ହନୁମାନ ଭେଟ, ୨– ସୁଗନ୍ଧିକା ହରଣ, ୩– ଚନ୍ଦ୍ରାବତୀ ହରଣ, ୪– କୁଣ୍ଡଳାଦୈତ୍ୟ ବଧ, ୫– ନୀଳେନ୍ଦ୍ରି ହରଣ, ୬– ଶୋଭାବତୀ ହରଣ ।

(ଖ) **ସଭାପର୍ବ —** ୭– ମେରୁଶୂଳ ଋଷିଚରିତ, ୮– ଯୁଗନ୍ୟାସ ରାଜାଚରିତ, ୯– ଧନୁମୁନରେ ? ଧାରଣ, ୧୦– ଜୟସିଂହ ଦୈତ୍ୟ ବଧ, ୧୧– ନାଗାର୍ଜୁନ–ଅର୍ଜୁନ ଯୁଦ୍ଧ, ୧୨– ଋଷ୍ୟଶୃଙ୍ଗ ଜନ୍ମ ।

(ଗ) **ଭୀଷ୍ମପର୍ବ —** ୧୩–ନୃସିଂହାବତାର ପ୍ରସଙ୍ଗ, ୧୪– କଳିଙ୍ଗ ସେନ ପ୍ରସଙ୍ଗ, ୧୫– ଶ୍ୱେତକଳ୍ପକରାଜା ପ୍ରସଙ୍ଗ, ୧୬– କାମଦେବ ରାଜା ଚରିତ, ୧୭– ବେଲାବାଳୀ ଚରିତ୍ର ।

(ଘ) **ଗଦାପର୍ବ —** ୧୮– ଭୀମଙ୍କ ସିଂହନାଦ ପ୍ରାପ୍ତି ଚରିତ ।

(ଙ) **ଶାନ୍ତିପର୍ବ —** ୧୯– ଶାମ୍ବଙ୍କ ଶାପମୁକ୍ତି ।

(ଚ) **ଅଶ୍ୱପର୍ବ —** ୨୦– ବସୁକଳ୍ପ ଚରିତ,

୨୧– କଦମ୍ବାସୁର ଉପାଖ୍ୟାନ, ୨୨– ଶ୍ରୀକୃଷ୍ଣଙ୍କ ଅଶ୍ୱମେଧ ଯଜ୍ଞ ।

(ଛ) **ବନପର୍ବ —** ୨୩– ବଶିଷ୍ଠଙ୍କ ଗାଭୀ ହରଣ ।

(ଜ) **ମୂଷଳୀପର୍ବ —** ୨୪– ନୀଳଗିରିରେ ଶ୍ରୀକୃଷ୍ଣଙ୍କ ପିଣ୍ଡପୂଜା ।

(ଝ) **ଉଦ୍‌ଯୋଗପର୍ବ —** ୨୫– ବଳିବାମନ ଚରିତ, ୨୬–ବାବନାଭୂତ, ୨୭– ବେଲାଳସେନ ଚରିତ,

୨୮– ଭାରଦା ବୃତ୍ତାନ୍ତ ।

(ଞ) **ଭୀଷ୍ମପର୍ବ —** ୨୯– ଭୀଷ୍ମଙ୍କ ଖଡ୍ଗପରୀକ୍ଷା, ୩୦– ଅଶ୍ୱତ୍ଥାମା ବିବାଦ ।

(ଟ) **ସ୍ୱର୍ଗାରୋହଣ ପର୍ବ —** ହରିସାହୁ ପ୍ରସଙ୍ଗ, ୩୨– ତଣ୍ଡୂଳାହରଣ ଚରିତ, ୩୩– କୃତିବାଦ ଦୈତ୍ୟ ଓ କୀର୍ତ୍ତିବାସ ନିଧନ ବୃତ୍ତାନ୍ତ, ୩୪– ଆରଡ଼କ ଦୈତ୍ୟ ନିଧନ, ୩୫– ଯାଜପୁରରେ ପାଣ୍ଡବ ପ୍ରବେଶ ।

କବିଙ୍କର ଏହି ମୌଳିକତା ସୃଷ୍ଟି ପଛରେ ଥିବା କେତୋଟି ପ୍ରମୁଖ କାରଣ ହେଲା—

(କ) ସାହିତ୍ୟକୁ ଦର୍ଶନମୁକ୍ତ କରି ସୁଖପାଠ୍ୟ କରିବା ।

(ଖ) ଉତ୍କଳୀୟ ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପୌରାଣିକ ମାନ୍ୟତା ପ୍ରଦାନ କରିବା ।

(ଗ) ସଂସ୍କୃତ ସାହିତ୍ୟର ଅଲୌକିକ ବା ଅତିମାନବୀୟ ଚରିତ୍ର ବଦଳରେ ଏ ମାଟିର ସାଧାରଣ ମଣିଷର ସୁଖ ଦୁଃଖ ସଙ୍ଗେ ଭାଗ ନେଇପାରୁଥିବା ଚରିତ୍ର ସୃଷ୍ଟି କରିବା ।

(ଘ) ଉପଯୁକ୍ତ କାରଣ ଦର୍ଶାଇ ଏହାକୁ ଏକ ଦର୍ଶନମୁକ୍ତ ସମର କାବ୍ୟରେ ପରିଣତ କରିବା ।

ଉପରୋକ୍ତ କାରଣ ମଧ୍ୟରୁ ଅସଂଖ୍ୟ ଦୃଷ୍ଟାନ୍ତ ଆମ ସମ୍ମୁଖରେ ଥିବାବେଳେ ଶେଷୋକ୍ତ କାରଣର ପ୍ରମାଣସିଦ୍ଧ ଉଦ୍ଦେଶ୍ୟରେ ସାରଳାଦାସ ସୃଷ୍ଟି କରିଥିବା ଗୋଲୋକ ପୁତ୍ର ଶବ୍ଦକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ । ଲକ୍ଷ୍ମୀ ଆଶୀର୍ବାଦପ୍ରାପ୍ତ ମାନୀ ଦୁର୍ଯ୍ୟୋଧନ ମନରେ କୁରୁକ୍ଷେତ୍ର ଭଳି ଭୟଙ୍କର ଯୁଦ୍ଧ ଘଟାଇବାର ଇଚ୍ଛା ଜାଗ୍ରତ କରିବା ପଛରେ ଏହି ଶବ୍ଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେବେ ଦୁର୍ଯ୍ୟୋଧନକୁ ଗୋଲୋକପୁତ୍ର କୁହାଯିବା ସମ୍ପର୍କରେ ସାରଳା ଦାସ ସୂଚନା ଦେଇ କହିଛନ୍ତି ଯେ— ଦୁର୍ଯ୍ୟୋଧନଙ୍କ ମାତା ଗାନ୍ଧାରୀ ପିତା ଧୃତରାଷ୍ଟ୍ରଙ୍କୁ ବିବାହ କରିବା ପୂର୍ବରୁ ଏକ ଗୋଲକ ବା ସାହାଡ଼ା ବୃକ୍ଷକୁ ବିବାହ କରିଥିଲେ । ଏହି ବିବାହର ବର୍ଣ୍ଣନା ସଂସ୍କୃତ ମହାଭାରତରେ ନାହିଁ । ଗାନ୍ଧାରରାଜା ସୁବଳ କୁରୁଶ୍ରେଷ୍ଠ ଯୋଦ୍ଧା ଭୀଷ୍ମଙ୍କ ଭୟରେ ନିଜର କନ୍ୟା ତଥା ଶଙ୍କରଙ୍କଦ୍ୱାରା ଶତପୁତ୍ରର ଜନନୀ ହେବା ପାଇଁ ବରପ୍ରାପ୍ତା ଅଖଣ୍ଡ ସୌଭାଗ୍ୟବତୀ ଗାନ୍ଧାରୀଙ୍କୁ ପୁତ୍ର ଶକୁନି ହସ୍ତରେ କୁରୁରାଜ୍ୟକୁ ପ୍ରେରଣ କରି ଅନ୍ଧ ଧୃତରାଷ୍ଟ୍ରଙ୍କୁ ବିବାହ ଦେବାକଥା ମୂଳ ମହାଭାରତରେ ବର୍ଣ୍ଣିତ ଅଛି । ମାତ୍ର ସାରଳା ଦାସଙ୍କ ମହାଭାରତରେ ଗାନ୍ଧାର ରାଜା ଗାନ୍ଧାରସେନଙ୍କ କନ୍ୟା ଗାନ୍ଧାରୀ ହୋଇଛି ଏ ଦେଶର ଅଗଣିତ ସାଧାରଣ କନ୍ୟାଭଳି ଉଆଁସୀ । ଯାହାର ବିବାହ ମାତ୍ରକେ ବୈଧବ୍ୟ ଯୋଗ ରହିଛି । ଏହି ତଥ୍ୟକୁ ବାସ୍ତବ, ବିଶ୍ୱାସଯୋଗ୍ୟ, ପୌରାଣିକ ସାବ୍ୟସ୍ତ କରିବାପାଇଁ ସେ ଜ୍ୟୋତିଷଶାସ୍ତ୍ରର ସାହାଯ୍ୟ ନେଇଛନ୍ତି । ତେଣୁ କବି ଗାନ୍ଧାରୀଙ୍କ ଜନ୍ମ ସମ୍ପର୍କରେ ସୂଚନା ଦେଇ ଲେଖିଛନ୍ତି —

× × ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବଇ ରାତ୍ରୀ ।
କୃତ୍ତିକା ନକ୍ଷତ୍ରେଣ ସେ ହୋଇଲା ଉପେତ୍ତି
ନିତାନ୍ତ ଉଆଁସୀ ଜାତି କୃତ୍ତିକା ବୃଷରାଶି ବ୍ରହ୍ମ ଯେ ଅସୁରୀ
ଯେ ହେଲେକ ଲକ୍ଷଣେ ସେ ଜନ୍ମିଲା ଗାନ୍ଧାରୀ । (ଆଦିପର୍ବ)

ପୁନଶ୍ଚ ଗାନ୍ଧାରସେନ ମୁଖରେ କୁହାଇଛନ୍ତି —

ଯେତେକ ନୃପତି ମୁଁ କରିଲି ବିଦ୍ୟମାନେ
ବାଇଶି ରାଜା ମଲେ ବରଣ ବିଧାନେ ।
ଦୁହିତାକୁ ପ୍ରଦାନ ନୋହିଲେ କେହି ଡରେ
ଯୁବାଯୁବତୀ ସେ ଅଛି ମୋହ ଘରେ ।
ଦୁହିତା ଯେବେ ପିତାଘରେ ଅବିଭାଇତ ରଜୋବତୀ
ତାହାର ଶୋଣିତେ ପିତୃଲୋକ ସ୍ନାହାନ କରନ୍ତି ।

ଅବିବାହିତା ଅବସ୍ଥାରେ ପିତୃଗୃହରେ କନ୍ୟା ରଜୋବତୀ ହେଲେ ପିତୃପୁରୁଷଙ୍କ ହାନି ଘଟିବା ଘଟଣାରୁ ମୁକ୍ତି ପାଇବାପାଇଁ ଏହାର ପ୍ରତିକାର ନିମିତ୍ତ ଆମ ରାଜ୍ୟର ପଶ୍ଚିମାଞ୍ଚଳ ଜନଜାତି ସମାଜରେ ପ୍ରଚଳିତ ରୁହିଦାସ ବିବାହ ପଦ୍ଧତିକୁ ଗ୍ରହଣ କରିଛନ୍ତି । ଏହି ପଦ୍ଧତି ଅନୁଯାୟୀ କନ୍ୟାଟିଏ ନିର୍ଦ୍ଦିଷ୍ଟ କାଳରେ ବିବାହ କରି ନ ପାରିଲେ ଏକ ମହୁଲଗଛ ବା ଫୁଲଶର ସହ ବିବାହ ଦେଇ ଅଭିଭାବକମାନେ ମୌଳିକ ସାମାଜିକ ମର୍ଯ୍ୟାଦା ରକ୍ଷା କରନ୍ତି । ପରେ ସମୟ ଦେଖି କନ୍ୟାକୁ କୌଣସି ବରପାତ୍ର ସହ ବିବାହ ଦିଅନ୍ତି । ଏହି ବିବାହ କନ୍ୟାଗୃହରେ ନ ହୋଇ ବରଘରେ ସମ୍ପାଦିତ ହୋଇଥାଏ । ଏହି ପ୍ରଥା ମଧ୍ୟ ଭିନ୍ନ ଭାବରେ ଶବର ସଂପ୍ରଦାୟରେ ପ୍ରଚଳିତ । ତେଣୁ ଏହି ପ୍ରଥାକୁ ଗ୍ରହଣ କରି କବି ସାରଳା ଦାସ ଏହାକୁ ଆର୍ଯ୍ୟରୀତି ପ୍ରଦାନ କରିବା ଉଦ୍ଦେଶ୍ୟରେ ମହୁଲଗଛ ପରିବର୍ତ୍ତେ ସାହାଡ଼ା ଗଛରେ ଆଶ୍ରୟ ନେଇଛନ୍ତି । ଏଥିପାଇଁ ସାହାଡ଼ାଗଛର ମାହାତ୍ମ୍ୟ ବାରମ୍ବାର ବର୍ଣ୍ଣନା କରିବା ସହ ପୌରାଣିକତା ପ୍ରଦାନପାଇଁ ଶିବ–ବୃଷଭ ଉପାଖ୍ୟାନ ସଂଯୋଗ କରିଛନ୍ତି । ସାହାଡ଼ା ଗଛରେ ବିଷ୍ଣୁ ରଥଚକ୍ର ବ୍ୟବହାର ବିଧି ମଧ୍ୟ ଉଲ୍ଲେଖ କରିଛନ୍ତି । ଫଳରେ ଗାନ୍ଧାରୀଙ୍କ ପରି କୌରବ ବଂଶୋଦ୍ଭବ ମନ୍ଦ କ୍ଷଣରେ ଜନ୍ମି ଧୃତରାଷ୍ଟ୍ର ସହ ଗାନ୍ଧାରୀଙ୍କୁ ବିବାହ ଦେବା ପୂର୍ବରୁ ବ୍ୟାସଙ୍କ ପରାମର୍ଶରେ ରିଷ୍ଟଖଣ୍ଡନପାଇଁ ଗାନ୍ଧାରୀଙ୍କୁ ସାହାଡ଼ା ବୃକ୍ଷ ସହ ବିବାହ କରାଇଛନ୍ତି । କୁଶ ବନ୍ଧନ ପରେ ସାହାଡ଼ାଗଛ ହଠାତ୍ ମରିଯିବାରୁ ରିଷ୍ଟଖଣ୍ଡନ ହେବାଦ୍ୱାରା ରୁହିଦାସ ପରମ୍ପରା ଅନୁଯାୟୀ ଗାନ୍ଧାରୀ ପିତୃରାଜ୍ୟ ତ୍ୟାଗପୂର୍ବକ ହସ୍ତିନା ମଣ୍ଡଳରେ ଯୁବରାଜ ଧୃତରାଷ୍ଟ୍ରଙ୍କୁ ବିବାହ କରିଛନ୍ତି ।

ଏହି ବିବାହ ପଛରେ କବିଙ୍କ ସୃଜନଶୀଳତାର ମୁଖ୍ୟ ଆଭିମୁଖ୍ୟ ହେଲା— ସାହାଡ଼ା ଭଳି ଉପକାରୀ ବୃକ୍ଷକୁ ପୌରାଣିକ ରୂପ ପ୍ରଦାନ କରିବା, ଧୃତରାଷ୍ଟ୍ର ସହ ଗାନ୍ଧାରୀଙ୍କ ବିବାହକୁ ବୈଧ ଓ ନ୍ୟାୟସଙ୍ଗତ ଘୋଷଣା କରିବା ତଥା ଗାନ୍ଧାରୀଙ୍କ ଗର୍ଭଜ ସମସ୍ତ ସନ୍ତାନକୁ ଗୋଲୋକପୁତ୍ର କଳଙ୍କରେ କଳଙ୍କିତ କରି ମହାଭାରତ ଯୁଦ୍ଧକୁ ଆମନ୍ତ୍ରଣ କରିବା ଓ ମହାଭାରତ ଯୁଦ୍ଧ ପଛରେ ଏକ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିବା, ସର୍ବୋପରି ତତ୍କାଳୀନ ଓଡ଼ିଶା ଜନଜୀବନରେ ପ୍ରଚଳିତ ରୁହିଦାସ ବିବାହ ପଦ୍ଧତି ଓ ଶବର ବିବାହ ପଦ୍ଧତି ଭଳି ସାମାଜିକ ପ୍ରଥାକୁ ପୌରାଣିକ ମାନ୍ୟତା ପ୍ରଦାନ କରିବା ।

ମଣିଷ ସମାଜର ଏକ ଚିରନ୍ତନ ସତ୍ୟ ହେଉଛି ମଣିଷ ମଣିଷର ସେତେବେଳେ ଶତ୍ରୁ ହୁଏ, ଯେତେବେଳେ ସେ ନ୍ୟାଯ୍ୟଦାବିରୁ ବଞ୍ଚିତ ହୁଏ। ଏଥିସହିତ ଯଦି ତାହାର ମାଆ, ଭଉଣୀ କିମ୍ବା ସ୍ତ୍ରୀ ଲାଞ୍ଛନା ଓ ଜନ୍ମ ଅବୈଧତା ପ୍ରକାଶ ପାଏ, ତେବେ ପ୍ରଜ୍ୱଳିତ ଅଗ୍ନିରେ ଘୃତ ନିକ୍ଷେପ ପରେ ଏହାର ଦହନ ଶକ୍ତି ବୃଦ୍ଧି ହେବା ଭଳି ମାନବିକ କ୍ରୋଧ ଅଗ୍ନିର ରୂପନେଇ ଶତ୍ରୁ ସଂହାରରେ ବ୍ରତୀ ହୁଏ। ଫଳରେ ମଣିଷ ସମାଜରେ ଦେଖାଦେଇଥାଏ ମହାଭାରତ ଭଳି ଆତ୍ମୀୟଙ୍କ ମଧ୍ୟରେ ମୃତ୍ୟୁ ଆଶ୍ରୟୀ ଭୟଙ୍କର ଯୁଦ୍ଧ। ଏହି ତଥ୍ୟକୁ ଦର୍ଶାଇବାକୁ ଯାଇ ବା ପ୍ରମାଣସିଦ୍ଧ କରିବାପାଇଁ ବ୍ୟାସଦେବ ବିଫଳ ହୋଇଥିବାବେଳେ ମାଟିର କବି ସାରଳାଦାସ କିନ୍ତୁ ଚତୁରତାର ସହ ନିଜସ୍ୱ ମୌଳିକ ବିଚାରଶକ୍ତି ବଳରେ ବ୍ୟାସଙ୍କ ଦୁର୍ବଳତାକୁ ପରିତ୍ୟାଗକରି ନିଜ କାବ୍ୟରେ ଯୁଦ୍ଧୋପଯୋଗୀ ବାତାବରଣ ସୃଷ୍ଟିପାଇଁ ବହୁ ନୂତନ ବିଷୟ ସଂଯୋଗ କରିବା ସହ କାବ୍ୟ ଓ ଯୁଦ୍ଧକ୍ରିୟାକୁ ଏକ ଔଚିତ୍ୟବୋଧ ମଧ୍ୟ ଦେଇ ଗତି କରାଇଛନ୍ତି। ତେଣୁ ସାରଳା ଦାସଙ୍କ ମହାଭାରତ ମୂଳଗଣ୍ଡିରୁ ବାହାରି ନିଜସ୍ୱ ମୌଳିକତା ବହନ କରି ଓଡ଼ିଆ ଜନଜୀବନକୁ ସମ୍ପୂର୍ଣ୍ଣରୂପେ ପ୍ରଭାବିତ କରିପାରିଛି।

**ସାରଳା ମହାଭାରତରେ ସାହିତ୍ୟିକ ମୂଲ୍ୟ:**

ସହଜ ଚର୍ଯ୍ୟାପଦାବଳୀର ଚର୍ଯ୍ୟାପଦ ଓ ବତ୍ସଦାସଙ୍କ କଳଶା ଚଉତିଶା ଓଡ଼ିଆ ଭାଷାରେ ସାହିତ୍ୟ ରଚନାର ଆଦ୍ୟ ଉଦ୍ୟମ ରୂପେ ଅନୁମିତ ହେଲେ ହେଁ ପରିମାଣାତ୍ମକ ଓ ଗୁଣାତ୍ମକ ଉଭୟ ଦୃଷ୍ଟିରୁ ଅତ୍ୟନ୍ତ କ୍ଷୀଣ । ସାରଳାଙ୍କ ପୂର୍ବରୁ ମାର୍କଣ୍ଡ ଦାସ କେଶବ କୋଇଲି ଓ ଦନାଇ ଦାସ ଗୋପୀଭାଷା ରଚନା କରି ଥିଲେ ବୋଲି ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଲେଖିଛନ୍ତି । ସାରଳାଙ୍କ ପୂର୍ବରୁ କେଶବ କୋଇଲି, ଗୋପୀଭାଷା ପ୍ରଭୃତି କେତେକ ଅତି କ୍ଷୁଦ୍ର ପୁସ୍ତକ ଛଡ଼ା ଆଉ କିଛି ଥିବାର କେହି ନିର୍ଣ୍ଣୟ ଦିଅନ୍ତି । ମାତ୍ର ଏହି ଦୁଇ ରଚନାର ଭାଷା, ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିକୁ ଲକ୍ଷ୍ୟକଲେ ଏହାକୁ ସାରଳାଙ୍କ ପୂର୍ବକାଳୀନ ସାହିତ୍ୟ ରୂପେ ଗ୍ରହଣ କରାଯାଇ ନ ପାରେ । ଶୁଦ୍ଧାଭକ୍ତିର କ୍ରମବିକାଶ ଓ ବିବର୍ତ୍ତନରେ ବାତ୍ସଲ୍ୟ ରସାଶ୍ରିତ ସମ୍ପର୍କରୁ ଆଦିରସାଶ୍ରିତ ସମ୍ପର୍କକୁ ଗୋପୀ ଭାଷାରେ ଲକ୍ଷ୍ୟ କରାଯାଇପାରେ । ପୁଣି ସାରଳାଙ୍କ ପରବର୍ତ୍ତୀ ବଳରାମ ଦାସଙ୍କ କାଳ ପର୍ଯ୍ୟନ୍ତ ଶୁଦ୍ଧାଭକ୍ତିର ଭାବ-ବିଗ୍ରହ ରୂପେ ଯଶୋଦା ଓ କୃଷ୍ଣ କଳ୍ପିତ ହୋଇ ନ ଥିଲେ । ତେଣୁ ସାରଳାଙ୍କ ସାହିତ୍ୟର ଇତିହାସରେ ସ୍ଥାପିତ କରିବା ସମୀଚୀନ ନୁହେଁ । ଓଡ଼ିଆ ସାହିତ୍ୟରେ ସାରଳା ମହାଭାରତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

ବିଲଙ୍କା ରାମାୟଣ ଓ ମହାଭାରତ ଦାଣ୍ଡୀବୃତ୍ତରେ ରଚିତ । ବସ୍ତୁତଃ ସାରଳାଙ୍କ କାଳରୁ ଦାଣ୍ଡୀବୃତ୍ତରେ ପଦ୍ୟ ରଚନାର ଯେଉଁ ରୀତି ପ୍ରବର୍ତ୍ତିତ ହୋଇଥିଲା ତାହା ଛନ୍ଦୋବଦ୍ଧ ରୀତିଯୁଗର ପ୍ରଚଣ୍ଡ ମଧ୍ୟାହ୍ନରେ ସୁଦ୍ଧା ବିଭିନ୍ନ ପୁରାଣ ରଚନାରେ ବ୍ୟବହୃତ ହୋଇଥିଲା । **ଓଡ଼ିଆ ସାହିତ୍ୟରେ ସାରଳା ଦାସ ହିଁ ଦାଣ୍ଡୀବୃତ୍ତର ଆଦି ପ୍ରବର୍ତ୍ତକ । ପଦମାନଙ୍କରେ ଅକ୍ଷର ସଂଖ୍ୟାର ଅସମାନତା ଦାଣ୍ଡୀବୃତ୍ତର ଲକ୍ଷଣ । ଗୋଟିଏ ଗୋଟିଏ ୮ଟି ଅକ୍ଷରରୁ ଆରମ୍ଭ ହୋଇ ୩୨ ଅକ୍ଷର ପର୍ଯ୍ୟନ୍ତ ଥିବା ସାରଳା ମହାଭାରତ ପୋଥିମାନଙ୍କରେ ପରିଲକ୍ଷିତ ହୁଏ ।** ଦାଣ୍ଡୀବୃତ୍ତ ପ୍ରକୃତ ଦାଣ୍ଡୀବୃତ୍ତର ଅନୁବର୍ତ୍ତନ ବୋଲି କୁହାଯାଉଥିଲେ ହେଁ ଏହା ଏକ ବୃତ୍ତ ନୁହେଁ । ନିୟମ ସଂଯମ ଓ

ଶୃଙ୍ଖଳା ବୃତ୍ତର ପ୍ରଧାନ ଆଭିମୁଖ୍ୟ । ମାତ୍ର ଆଲୋଚିତ ଦାଣ୍ଡୀବୃତ୍ତରେ ଏହା ଆଦୌ ପରିଲକ୍ଷିତ ହୁଏ ନାହିଁ । ସାରଳାଙ୍କ ମହାଭାରତ ଅବଶ୍ୟ ଆବୃତ୍ତି ପ୍ରଧାନ । ଆବୃତ୍ତି ଉପଯୋଗୀ, କଥନ ସୁଲଭ ଅନର୍ଗଳତା ଏହାର ପ୍ରଧାନ ଲକ୍ଷଣ । ବୃତ୍ତ ଓ ଛନ୍ଦର ବନ୍ଧନ ଓ ଶୃଙ୍ଖଳାରୁ ମୁକ୍ତ ଆବୃତ୍ତି ଉପଯୋଗୀ । ଗଦ୍ୟର କଥକତା ପୁଣି ପଦ୍ୟର ସାଙ୍ଗୀତିକତା ସମନ୍ୱୟରେ ଗଠିତ । ପଦ୍ୟର ମହାପ୍ରବାହ, ଦାଣ୍ଡୀ ପରି ମୁକ୍ତ ଓ ଅନର୍ଗଳ ମନେହୁଏ ନାହିଁ । ତାହା ହିଁ ଦାଣ୍ଡୀର ଯଥାର୍ଥ ଲକ୍ଷଣ ଓ ପରିଚୟ ।

ସାରଳା ସାହିତ୍ୟର ଭାଷା ସରଳ, ନିରାଡ଼ମ୍ବର ଓ ନିସର୍ଗସୁନ୍ଦର । କୌଣସି ପ୍ରକାର କୃତ୍ରିମତା ଏହାକୁ ସ୍ପର୍ଶ କରି ନାହିଁ । ଏହାର ଅର୍ଥ ଗ୍ରହଣ କରିବାରେ ପାଠକ/ଶ୍ରୋତାର କୌଣସି ଅସୁବିଧା ହୁଏ ନାହିଁ । କି ଘଟଣାବିନ୍ୟାସ ଚରିତ୍ର ଚିତ୍ରଣ କି ରୂପବର୍ଣ୍ଣନା ସର୍ବତ୍ର ବିମ୍ୱଚରିତ୍ର ନୀତି ଅନୁସୃତ ହୋଇଛି । ସାରଳା ସାହିତ୍ୟର ଭାଷା ଏକାଧାରରେ ବାସ୍ତବ, ଜୀବନ୍ତ ଓ ଅସାଧାରଣ ଶକ୍ତିଶାଳୀ । ପ୍ରାଣପ୍ରାଚୁର୍ଯ୍ୟ ହିଁ ଏହାର ପ୍ରଧାନ ବିଶେଷତ୍ୱ । ସାରଳା ସାହିତ୍ୟର ଭାଷା ଓ ରଚନାଶୈଳୀ ଏପରି ବଳିଷ୍ଠ ଯେ ତାହାର ଉକ୍ତିଗୁଡ଼ିକ ପ୍ରବାଦ ପ୍ରବଚନ ଆକାରରେ ଜନମାନସରେ ଚିରଦିନପାଇଁ ଲିପିବଦ୍ଧ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଶାଶ୍ୱତ ସମ୍ପଦରେ ପରିଣତ ହୋଇଛି ।

ସାରଳାଙ୍କ ଓଡ଼ିଆଭାଷାରେ ଅଗାଧ ପ୍ରବେଶ ଥିଲା ଏବଂ ଓଡ଼ିଆ ଭାଷାର ପ୍ରକୃତି ସେ ଉତ୍ତମ ରୂପେ ଅଧ୍ୟୟନ କରିଥିଲେ । ସେଥିପାଇଁ ପ୍ରାଚୀନ ଶବ୍ଦରେ ଓଡ଼ିଆ ପ୍ରତ୍ୟୟ ଯୋଗଦ୍ୱାରା ଅସଂଖ୍ୟ ନୂତନ ଶବ୍ଦ ସୃଷ୍ଟିକରି ସେ ଓଡ଼ିଆ ଭାଷାର ସମୃଦ୍ଧି ସାଧନ କରିଛନ୍ତି । ତାଙ୍କର ଅକ୍ଳାନ୍ତ ଶ୍ରମ ଓ ସାଧନା ଫଳରେ ଓଡ଼ିଆ ଭାଷା ଓ ସାହିତ୍ୟ ତାହାର ଶୈଶବକୁ ଅତିକ୍ରମ କରି ଏକ ସମୃଦ୍ଧ ଓ ପରିପକ୍ୱ ଭାଷାରେ ପରିଣତ ହୋଇଥିଲା । ଅବଶ୍ୟ ସାରଳାଙ୍କ ରଚନାବଳୀରେ ମୁକୁ, ତୁକୁ, ଆମ୍ଭନ୍ତ, ତୁମ୍ଭନ୍ତ, ନେସି, ଦେଶି, ଯିସ, ତିସ, କୋଉଣ, ଯେଉଣ ଆଦି ବହୁ ପ୍ରାଚୀନ ପ୍ରୟୋଗ ଦେଖିବାକୁ ମିଳେ । ସାରଳା ଦାସ ସଂସ୍କୃତ କବଳରୁ ଓଡ଼ିଆକୁ ମୁକ୍ତ କରି ଏକ ପରିପୁଷ୍ଟ ସ୍ୱାଧୀନ ଭାଷାରୂପେ ପ୍ରତିଷ୍ଠିତ କରିବାପାଇଁ କଠୋର ସଂଗ୍ରାମ ଚଳାଇଥିଲେ । ଭାଷା ଓ ପ୍ରୟୋଗ ରୀତିରେ ମଧ୍ୟ ଏକ ଦୁଃସାହସିକତାର ପରିଚୟ ଦେଇଛନ୍ତି । ଏହା ବ୍ୟାକରଣ ବହିର୍ଭୂତ ଓ ବ୍ୟାକରଣ ନିୟମ ବିରୁଦ୍ଧ ହୋଇପାରେ । ମାତ୍ର ଏଠାରେ ସାହିତ୍ୟ ମୁଖ୍ୟ ଏବଂ ବ୍ୟାକରଣ ଗୌଣ ।

ସାରଳାଙ୍କ ମହାଭାରତରେ ଆଦି ବା ଶୃଙ୍ଗାର ରସ ପ୍ରଖର, ମାତ୍ର ସେଥିରେ ଉତ୍କଟତା ନାହିଁ । ଏକ ସୁକୁମାର ଓ ଲଳିତ ସୌନ୍ଦର୍ଯ୍ୟବୋଧ ଉତ୍କଟ ଆଦିରସର ବହୁ ଚିତ୍ରତାକୁ କମନୀୟ ଶିଳ୍ପରୂପ ପ୍ରଦାନ କରିଛି । ପୁଣି ଏହାର ଚଟୁଳ ବର୍ଣ୍ଣନାଭଙ୍ଗୀ ଓ ବିଦଗ୍ଧ ରସିକତା ଏକ କାବ୍ୟିକ ରସୋତ୍ତୀର୍ଣ୍ଣତା ଲାଭ କରିଅଛି । ନାରୀର ରୂପ ବର୍ଣ୍ଣନାରେ କେଶଠାରୁ ପାଦାଙ୍ଗୁଳି ପର୍ଯ୍ୟନ୍ତ ବର୍ଣ୍ଣନା ରୀତି, ଯାହା ରୀତି ବା କାବ୍ୟଯୁଗର ରଚନାରେ ଏକ ପ୍ରଧାନ ଆଭିମୁଖ୍ୟ ରୂପେ ପରିଲକ୍ଷିତ ହୁଏ, ତାହା ମଧ୍ୟ ସାରଳାଙ୍କ ରଚିତ ମହାଭାରତରେ ଅନୁଶୀଳନ ହୋଇଅଛି ।

ଆଦିରସର ପ୍ରାଚୁର୍ଯ୍ୟ ସାରଳାଙ୍କ ମହାଭାରତରେ ପରିଲକ୍ଷିତ ହେଲେହେଁ ଦୁଃଖାନ୍ତକ ଗାମ୍ଭୀର୍ଯ୍ୟ ପୁଣି ବୀର ଓ ବୀଭତ୍ସ ରସ ଏଥିରେ ମୁଖ୍ୟତଃ ଅବଲମ୍ବିତ ହୋଇଛି । ବିଭିନ୍ନ ଯୁଦ୍ଧ ବର୍ଣ୍ଣନା ଓ ବୀର ରସାଶ୍ରୟୀ ଯୁଦ୍ଧର ଚିତ୍ର ଏଥିରେ

ଆଲୋକ ଚିତ୍ରର ପରିଚ୍ଛନ୍ନତା ଲାଭ କରିଛି । ପୁଣି ଏହାର ବର୍ଣ୍ଣନାରେ ସାରଳା ଦାସ ଯେଉଁ ଶବ୍ଦବିନ୍ୟାସ ଓ ଅନର୍ଗଳ ରୀତି ପ୍ରୟୋଗ କରିଅଛନ୍ତି, ତାହା ବିଷୟବସ୍ତୁର ଅନୁରୂପ ହୋଇଛି; ଅର୍ଥାତ୍ ଭାଷା, ଭାବ ଓ ବିଷୟବସ୍ତୁ ମଧ୍ୟରେ ଏକ ଅବିଚ୍ଛେଦ୍ୟ ଐକ୍ୟ ପ୍ରତିଷ୍ଠିତ ହୋଇପାରିଛି । ବୀଭତ୍ସ ରସାଶ୍ରିତ ବର୍ଣ୍ଣନା ସାରଳାଙ୍କ ମହାଭାରତରେ ଯଥାର୍ଥରେ ବୀଭତ୍ସ ଓ ଲୋମହର୍ଷଣକାରୀ । ଶଲ୍ୟପର୍ବରେ କୁରୁକ୍ଷେତ୍ରର ବର୍ଣ୍ଣନା ଅତ୍ୟନ୍ତ ଭୟଙ୍କର ଭାବେ ବର୍ଣ୍ଣିତ । ନିପୁଣ ଚିତ୍ରଶିଳ୍ପୀର କେତେଗୋଟି ଅଯତ୍ନ ବିନ୍ୟସ୍ତରେଖା ଦ୍ୱାରା ଏକ ନିପୁଣ ଚିତ୍ର ଅଙ୍କିତ ହେଲାପରି ସାରଳାଙ୍କ ଶବ୍ଦବିନ୍ୟାସ ଅନ୍ଧକାର ରଜନୀର ପ୍ରେତିନୀ ଓ ଯୋଗିନୀ ଅଧ୍ୟୁଷିତ ରଣାଙ୍ଗନରେ ଶବାରଣ୍ୟର ଯେଉଁ ଚିତ୍ର ଅଙ୍କନ କରିଛି , ତାହା ଯେତିକି ପ୍ରଭାବଶାଳୀ ସେତିକି ସମ୍ବେଦନଶୀଳ ।

ଉପମା, ଉପମେୟର ସଂଯତ ବିନ୍ୟାସ ଓ ନୂତନ ରୂପ କଳ୍ପନା ମଧ୍ୟ ଉଲ୍ଲେଖଯୋଗ୍ୟ ସଫଳତା ଓ ନୂତନ ରୂପ କଳ୍ପନାତ୍ମକ କାବ୍ୟିକ କମନୀୟତା ଲାଭ କରିଛି । ଉପମା ଓ ଉପମେୟର ବିନ୍ୟାସରେ ସାରଳା ପ୍ରକୃତିର ବିଭିନ୍ନ ସୌନ୍ଦର୍ଯ୍ୟମୟ ବିଭୂତି ବ୍ୟତୀତ ଦୈନନ୍ଦିନ ଗ୍ରାମ୍ୟଜୀବନରୁ ମଧ୍ୟ ବହୁ ଉପାଦାନ ଆହରଣ କରିଛନ୍ତି ।

ମହାଭାରତର ବିଷୟବସ୍ତୁ ପରିବେଷଣରେ ଏକ ନାଟକୀୟ ରୀତି ଓ ସଂଳାପମୟ ଚାତୁର୍ଯ୍ୟ ସାରଳାଙ୍କ ଓଡ଼ିଆ ମହାଭାରତକୁ ଏକ କାବ୍ୟିକ ସୌନ୍ଦର୍ଯ୍ୟ ପ୍ରଦାନ କରିବା ସହିତ ସ୍ଥାନେସ୍ଥାନେ ସାର୍ଥକ କବିତାର କୋଟି ସ୍ପର୍ଶ କରିପାରିଛି । ଦୃଷ୍ଟାନ୍ତ ସ୍ୱରୂପ ସହଜସୁନ୍ଦରୀ ଶ୍ରୀକୃଷ୍ଣଙ୍କ ସହିତ ନିଷିଦ୍ଧ ଶୃଙ୍ଗାର ଉପଭୋଗ କରି ପ୍ରତୀକ୍ଷମାଣା ରାଧାଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିବା ପରେ ରାଧା ଓ ସହଜସୁନ୍ଦରୀ ମଧ୍ୟରେ କଥୋପକଥନର ରସିକତା, ଚାତୁର୍ଯ୍ୟ ମୟତା ଓ ଚଟୁଳ ବର୍ଣ୍ଣନାଭଙ୍ଗୀ ଏହାକୁ ଏକ ସାର୍ଥକ କବିତାରେ ପରିଣତ କରିଛି ।

ସାରଳାଙ୍କ ସୃଷ୍ଟି ପ୍ରାଚୀନ କାବ୍ୟର ଏକ ମହାପ୍ରବାହ । ଏହା କେଉଁଠାରେ ଅଯତ୍ନ ବିନ୍ୟସ୍ତ ଓ ରୁକ୍ଷ, କେଉଁଠାରେ ରୁଦ୍ର ଓ ଭୟଙ୍କର, କେଉଁଠାରେ ବୀଭତ୍ସ ଓ ବିକଟତ ପୁଣି କେଉଁଠାରେ କାନ୍ତକମନୀୟ ପ୍ରସାଦଗୁଣଯୁକ୍ତ ଓ କାବୈଶ୍ୱର୍ଯ୍ୟମୟ । ସାରଳା ସାହିତ୍ୟର ଏହି ଗୌରବମୟ ଦୀପ୍ତି ଓଡ଼ିଆ ସାହିତ୍ୟର ଭିତ୍ତି ଉପରେ କେବଳ ନିର୍ମିତ ହୋଇ ନ ଥିଲା, ବରଂ ସାରଳାଙ୍କ ପ୍ରଭାବ ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କାବ୍ୟସାହିତ୍ୟକୁ ସ୍ୱଚ୍ଛନ୍ଦରେ ବିକଶିତ କରିଥିଲା ।

## ସାରଳା ମହାଭାରତର କେତୋଟି ପ୍ରମୁଖ କାହାଣୀ:

ସାରଳାଦାସ ଥିଲେ ପଲ୍ଲୀ ମଣିଷ। ଏ ମାଟିର କୃଷକ ଓ ଶ୍ରମିକ ଭଳି ସାଧାରଣ ଜନତା କିପରି ଶାସ୍ତ୍ର ପୁରାଣର ମହତ୍ତ୍ୱ ଉପଲବ୍ଧି କରିପାରିବେ, ସେହି ଉଦ୍ଦେଶ୍ୟରେ ନିଜର ମହାଭାରତରେ ବହୁ କାହାଣୀର ଅବତାରଣା କରିଛନ୍ତି। ଏହାର ଲୋକପ୍ରିୟତା ହିଁ କାହାଣୀଗୁଡିକୁ ଲୋକକାହାଣୀରେ ରୂପାନ୍ତରିତ ହୋଇପାରିଛି। ଓଡିଆ ପରିବାର ଓ ସମାଜ ଜୀବନରେ ଯେଉଁ ପ୍ରକାର ଚରିତ୍ର କବିଙ୍କର ଆଖିରେ ନିତିଦିନ ଚଳପ୍ରଚଳ ହେଉଥିଲେ, କବି ସେମାନଙ୍କୁ ଅବିକଳ ଧରି ରଖିଛନ୍ତି ପୌରାଣିକ ଚରିତ୍ରମାନଙ୍କ ମାଧ୍ୟମରେ। ସେଥି ମଧ୍ୟରୁ ଅତି ଲୋକପ୍ରିୟ କାହାଣୀ କେତୋଟି ନିମ୍ନରେ ପ୍ରଦାନ କରାଗଲା।

**ପାର୍ବତୀ ଓ ଲକ୍ଷ୍ମୀଙ୍କ କଳହ:**

ସାରଳାଦାସ ମଧ୍ୟପର୍ବରେ ଏହି ପ୍ରସଙ୍ଗରେ ଅବତାରଣା କରିଛନ୍ତି, ଲକ୍ଷ୍ମୀ ଓ ପାର୍ବତୀ ହେଉଛନ୍ତି ହିନ୍ଦୁ ଜଗତର ଅତ୍ୟନ୍ତ ବନ୍ଦନୀୟା । ଦୁଇଜଣ ଦେବୀ । କିନ୍ତୁ ସାରଳା ଦାସ ଦୁଇଜଣ ଈର୍ଷାକାତର ଗ୍ରାମ୍ୟ ମହିଳାଙ୍କ ପରି ଏହି ଦୁଇଦେବୀଙ୍କୁ ଚିତ୍ରଣ କରି ସେମାନଙ୍କର ଟାପରା, ଥଟ୍ଟା ଓ କଟାକ୍ଷର ସୂଚନା ଦେଇଛନ୍ତି । ଏହା ଦେବୀଜନୋଚିତ ନ ହେଲେ ହେଁ ନିତ୍ୟ ପରିଚିତ ଘଟଣା ମନେକରି ଜନସାଧାଣ ଏହାକୁ ଉପଭୋଗ କରିଛନ୍ତି । ଯଥା –

ଲକ୍ଷ୍ମୀଙ୍କ ଉକ୍ତି – ‘ଲକ୍ଷ୍ମୀ ବୋଇଲେ ଗୋ ଦେବୀ ! ଶୁଣ ଏକ ଚିତ୍ତେ
ଭିକ୍ଷାଣୀ ଗୋଟାଏ ଯିବାର ଦେଖିଲୁ କି ପଥେ ?”

ପାର୍ବତୀଙ୍କ ଉକ୍ତି – “ଭିକ୍ଷାଣୀ ଜାଣନ୍ତି ସିନା ଭିକ୍ଷାଣୀର କଥା
ବଳିକି ଯେ ଦାନ ମାଗୁଅଛି ଟେକି ମଥା ।’
‘ଲକ୍ଷ୍ମୀ ବୋଇଲେ ଗୋ ଆଳି ଗଲା କିଏ ବାଟେ
ତାଣ୍ଡବ ନୃତ୍ୟ କରିଣ ଦେଖିଲ କି ନଟେ ?

**ହିଡିମ୍ବିକୀ ଦ୍ରୌପଦୀ ସପତ୍ନୀ ଭାବ:**

ପରିବାର ମଧ୍ୟରେ ଦୁଇ ସଉତୁଣୀଙ୍କର କଳହ ଏବଂ ଅସୂୟାଭାବ ସର୍ବଜନବିଦିତ । ରାଜା ଅନ୍ତଃପୁରର ଅଭିଜାତ ଓ ସମ୍ଭ୍ରାନ୍ତ ପରିବେଶରେ ଚଳପ୍ରଚଳ ପାଣ୍ଡବ ଘରଣୀ ହିଡମ୍ବୀ ଅସୁରୁଣୀ ଏବଂ ଦ୍ରୌପଦୀ ଯେଉଁ ପ୍ରକାର ଆଚରଣ ପ୍ରକାଶ କରିଛନ୍ତି, ତାହା ଅତ୍ୟନ୍ତ ଗ୍ରାମ୍ୟ ହେଲେ ହେଁ ସାଧାରଣ ଲୋକେ ତହିଁରୁ କୌତୁକ ଲାଭ କରିଥାଆନ୍ତି । ଭୀମର ଦାନବୀ ପତ୍ନୀ ହିଡିମ୍ବୀକାର ସନ୍ତାନ ହେଉଛି ଘଟୋତ୍କଚ । ସେ ମାତା ସହିତ ଇନ୍ଦ୍ରପ୍ରସ୍ଥକୁ ଆସିଲାବେଳେ ମା’ ତାକୁ ପରାମର୍ଶ ଦେଲେ, ପିତା ଭୀମସେନ, ବଡ ତାତ ଯୁଧିଷ୍ଠିର, ବାସୁଦେବ ଶ୍ରୀକୃଷ୍ଣ ଏବଂ ଯଜ୍ଞବେଦୀକୁ ନମସ୍କାର କରିବୁ । ମାତ୍ର ଆଉ କାହାକୁ ପ୍ରଣାମ କରିବୁ ନାହିଁ । ରାଜକୁମାର ଘଟୋତ୍କଚ ପ୍ରଶ୍ନ କରିଛି, ଲକ୍ଷେ ନୃପତି ଦ୍ରୌପଦୀଙ୍କୁ ନମସ୍କାର କରୁଥିଲାବେଳେ ମୁଁ ଅସମ୍ମାନ କରିବା କଣ ସମୀଚୀନ ହେବ ? ମାତ୍ର ଈର୍ଷାକାତରା ହିଡିମ୍ବିକା ନାନା ଯୁକ୍ତି ଦର୍ଶାଇ ଦ୍ରୌପଦୀ ନମସ୍କାରର ଯୋଗ୍ୟା ନୁହନ୍ତି ବୋଲି କହିଛି । ମାତା ଶିକ୍ଷା ପାଇ ଘଟୋତ୍କଚ ଦ୍ରୌପଦୀଙ୍କୁ ନମସ୍କାର ନ କରିବାରୁ ଦ୍ରୌପଦୀ ଅଭିଶାପ ଦେଇଛନ୍ତି –

ତୋର ମାତା ନିଲକ୍ଷଣୀ ଅଟଇ ଅସୁରୀ
X X X
ମୋ ଶାପରେ ତୁ ପାମର ହେବୁ ଅଳ୍ପଆୟୁ ।

ବିନିମୟରେ ଭୀମଘରଣୀ ହିଡିମ୍ବକୀ ଦ୍ରୌପଦୀଙ୍କ ଉଦ୍ଦେଶ୍ୟରେ କହିଛି –

ଆଲୋ ଆଣ୍ଠୁକୁଡି ତୋହର ନାହାନ୍ତି ସନ୍ତାନ
X X X
ସାତ ସାତ ବର୍ଷେ ହେବ ତାଙ୍କ ମୁଣ୍ଡ ଛେଦ ।

**ଅଳସୁଆ କାହାଣୀ:**

ଯୁଧିଷ୍ଠିରଙ୍କୁ ଉପଦେଶ ଦେବା ଛଳରେ ମନ୍ତ୍ରୀ ଶକୁନି ଏହି କାହାଣୀ କହିଥିଲେ। କୃଷ୍ଣାବେଣୀ ନଦୀ ତୀରରେ କାମପୁର ନଗ୍ରରେ ମେନକା ନାମରେ ଜଣେ ଶୂଦ୍ର ବାସ କରୁଥାଏ। ସେ ଅତ୍ୟନ୍ତ ଅଜ୍ଞାନ ଓ ଅଳସୁଆ। କାଠ ଭାଙ୍ଗି ଯେକୌଣସି ପ୍ରକାରେ ଗୁଜୁରାଣ ମେଣ୍ଟାଉଥାଏ। ଥରେ ପ୍ରବଳ ଝଡ ହେବାରୁ ଅଳସୁଆ ଆଉ କାଠ ସଂଗ୍ରହ କରିବାପାଇଁ ବାହାରି ପାରିଲା ନାହିଁ। ସେହି ବେଳାରେ ସେ ଗୋଟିଏ ମନ୍ଦିର ମଧ୍ୟରେ ଆଶ୍ରୟ ଗ୍ରହଣ କରିଥିଲା। ଦେଖିଲା, ମନ୍ଦିର ମଧ୍ୟରେ କାଠରେ ତିଆରୀ ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କର ତିନୋଟି ମୂର୍ତ୍ତି ପୂଜା ପାଉଅଛନ୍ତି। ଏହା ଏକ ସୁଯୋଗ ମନେକରି କାଠ ସଂଗ୍ରହ ଉଦ୍ଦେଶ୍ୟରେ ସେ ବିଷ୍ଣୁ ପ୍ରତିମାକୁ ହାଣିବାକୁ ବସନ୍ତେ ବିଷ୍ଣୁ ନିଜେ ଉପସ୍ଥିତ ହୋଇ ତାକୁ ବାରଣ କଲେ ଏବଂ ସବୁଦିନ ଚଳିବାପାଇଁ ବ୍ୟବସ୍ଥା କରିଦେଲେ। କାରଣ ବିଷ୍ଣୁ, ଜାଣିଲେ ଯେ ଅଳସୁଆର ହିତାହିତ ଜ୍ଞାନ ଆଦୌ ନାହିଁ। ଅଳସୁଆର ପଡୋଶୀ ଥିଲା ଅନନ୍ତ। ସେ ଶ୍ରମ କରି ଜୀବିକା ନିର୍ବାହ କରୁଥିଲା। ଅଳସୁଆ ଏପରି ସହଜ ଉପାୟରେ ସୁଖରେ ରହିବାରୁ ନିଜ ସ୍ତ୍ରୀର ପ୍ରରୋଚନାରେ ସେ ମଧ ବାହାରିଲା ମନ୍ଦିର ମଧ୍ୟରେ କାଷ୍ଠନିର୍ମିତ ଦେବପ୍ରତିମାକୁ ହାଣିବାପାଇଁ। ଦେବତା ଉଭା ହୋଇ ତାକୁ ଧମକ ଦେବାରୁ ଅନନ୍ତ କହିଲା - ଏକି ଅନ୍ୟାୟ ? ଅଳସୁଆ ଯଦି ସେହି କାର୍ଯ୍ୟ କରି ସୌଭାଗ୍ୟର ଅଧିକାରୀ ହେଲା, ମୋ ପ୍ରତି ଏପରି କଠୋର କାହିଁକି ? ଦେବତା କହିଲେ - ଅଜ୍ଞାନ ଲୋକକୁ ଦେବତାମାନେ ମଧ ଡରନ୍ତି।

**ଭାରଦା ବୃତ୍ତାନ୍ତ:**

ମହାଭାରତର ଅଠରଦିନର ଯୁଦ୍ଧ ବିବରଣୀ ସଂପର୍କରେ ଭାରଦା ଭବିଷ୍ୟତ ବାଣୀ କରିଥିଲା ବୋଲି ସାରଳାଦାସ ଲେଖଛନ୍ତି। ମୂଳ ମହାଭାରତରେ ଏହି ପ୍ରସଙ୍ଗ ଆଦୌ ନାହିଁ। ଯୁଧିଷ୍ଠିର ଯୁଦ୍ଧ ସଂପର୍କରେ ପୂର୍ବରୁ ଜାଣିବାପାଇଁ ଇଛା କରିବାରୁ ଭବିଷ୍ୟତା ଜ୍ଞାତା ସହଦେବ ଭାରଦାକୁ ଅଣାଇ ତାହାଠାରୁ ଶ୍ରବଣ କରିବାପାଇଁ ପରାମର୍ଶ ଦେଇଛନ୍ତି।

ଆଜି ଓଡ଼ିଶାର ବୈତରଣୀ ନଦୀ କୂଳରେ ଯେଉଁ ଯାଜପୁର ନଗ୍ର ଉପସ୍ଥିତ ସେତେବେଳେ ସେହିଠାରେ ସ୍ଥିତ ଧବଳ ପର୍ବତ ପାଦଦେଶରେ ଭାରଦା ତାର ସୁନ୍ଦରୀ ସ୍ତ୍ରୀ ସହିତ ବାସ କରୁଥାଏ। ସ୍ତ୍ରୀର ସେବା କରି ଏବଂ ତାର ଯୌବନକୁ ବିକ୍ରୟ କରି ସେ ଚଳୁଥାଏ। ଜ୍ୟେଷ୍ଠଭ୍ରାତାଙ୍କ ଆଦେଶରେ ଭୀମସେନ ଭାରଦାକୁ ଆଣିବାପାଇଁ ଆସିଥିଲେ। ଏହିଭଳି ପାପିଷ୍ଠର ଅଙ୍ଗ ସ୍ପର୍ଶ କରିବାପାଇଁ ଭୀମଙ୍କର ମନ ଡାକିଲା ନାହିଁ। ଧର୍ମହାନି ଭୟରେ ଭୀମସେନ ତାର ଚୁଟି ଧରି ଶୂନ୍ୟେ ଶୂନ୍ୟେ ହସ୍ତିନାପୁରକୁ ନେଇଗଲେ। କୁରୁକ୍ଷେତ୍ର ରଣଭୂମିରେ ଏକ ସ୍ତମ୍ଭରେ ଭାରଦାକୁ ବାନ୍ଧି ଦିଆଗଲା ରାତ୍ରି କାଳରେ। ସେ ଏଡେ ପାପିଷ୍ଠ ଯେ ଭୂତ ପ୍ରେତ ମଧ ତାକୁ ଭକ୍ଷଣ କଲେ ନାହିଁ। ସେହିଠାରେ ଶ୍ରୀୟା ନାମରେ ଶୃଗାଳ ଏବଂ ତା'ର ସ୍ତ୍ରୀ ତାରାକ୍ଷୀ ଉପସ୍ଥିତ ହୋଇ ଏହି ପାପୀଷ୍ଠର ମାଂସ ମଧ ଭକ୍ଷଣ କଲେ ନାହିଁ। ଶ୍ରୀୟା ଶୃଗାଳ ମହାଭାରତ ଯୁଦ୍ଧ ହେବ ଏବଂ ସେତେବେଳେ କୁଢ କୁଢ ମାଂସ ଖାଇବାକୁ ମିଳିବ ବୋଲି ସାନ୍ତ୍ୱନା ପ୍ରଦାନ

କରିଛି । ତାହାଠାରୁ ଶୁଣିଥିବା କଥା ପରଦିନ ପ୍ରଭାତରେ ଭାରଦା ଯୁଧିଷ୍ଠିର ମହାରାଜାଙ୍କୁ କହିଛି-

ମାନଗୋବିନ୍ଦ ହାରିବେ ଜିଣିବେ ଯୁଧିଷ୍ଠି ।
ଉଭୟ କୁଳର ଥାଟ ସକଳ ମରିବେ
ତେରଜଣ ମାତ୍ର ତହୁଁ ଉବୁରି ରହିବେ ।।

**ତୁଳସୀବଣ ବାଘ କଥା:**

ଲୋକକଥାକାର ସାରଳାଦାସ ଏହି କାହାଣୀ ଜରିଆରେ ସାଧାରଣ ଜନତାକୁ ଶିକ୍ଷା ଦେବାପାଇଁ ଚେଷ୍ଟା କରିଛନ୍ତି । ସଂସ୍କୃତ ମହାଭାରତରେ ଏହି ପ୍ରସଙ୍ଗର ଉଲ୍ଲେଖ ନାହିଁ । ସୌରାଷ୍ଟ୍ର ଗ୍ରାମାନ୍ତରେ ଥିବା ଏକ ପିପ୍ପଳ ବୃକ୍ଷରେ ଏକ ମାଙ୍କଡ ବାସ କରୁଥାଏ । ଏକଦା ଏକ କପଟୀ ବାଘ ନିଜର ଆଚରଣଦ୍ୱାରା ପ୍ରକାଶ କରୁଥିଲା ଯେ ସେ ପଶୁହତ୍ୟା ଛାଡିଦେଇ ଏବେ ଶାକାହାରୀ ହୋଇଯାଇଛି । ମାୟା ମୋହ ଛାଡିଦେଇ ସେ ବର୍ତ୍ତମାନ ବୈଷ୍ଣବ ।

'ମାୟା ମୋହ ଛାଡି ଆମ୍ଭେ ବଇଷ୍ଣବ ହୋଇଲୁ
ସ୍ନେହି ଭାବେ ଦେଖ ଆମ୍ଭେ ଧରିଛୁ ଶରୀର ।

କପଟାଚାର କରି ବାଘ ମାଙ୍କଡକୁ ହତ୍ୟା କରିବ ବୋଲି କୌଶଳ କରିଥିଲେ ହେଁ ବୁଦ୍ଧି ବଳରେ ବାନର ସେଥିରୁ ଉଦ୍ଧାର ପାଇଯାଇଛି । ଅନ୍ଧରାଜା ଧୃତରାଷ୍ଟ୍ରଙ୍କୁ ଅପମାନିତ କରିବାପାଇଁ ଏହି କଥାଟି କୁହାଯାଇଥିଲା ଶକୁନିଙ୍କ ମୁଖରେ ।

"ତୁଳସୀବଣ ବ୍ୟାଘ୍ର ପରା ଯେହ୍ନୁ ଅନ୍ଧ
ସେହୁ ମନ୍ଦ ପାପିଷ୍ଠ ବଚନ ନ ଶୁଣିବା ।" ?

**ତୁଳାମୁହାଁ କାଙ୍କ କଥା:**

ଶକୁନି ମନ୍ତ୍ରୀଙ୍କୁ ଧୃତରାଷ୍ଟ୍ର ଏହି କଥାଟି କହି ଅପମାନିତ କରିଛନ୍ତି । ଏକ ଗଭୀର ଜଳାଶୟ ନିକଟରେ ଗଛଟିଏ ଥିଲା । ଏହାର ଶାଖାରେ ବଗଟିଏ ବାସ କରୁଥିଲା । ସେ ଗଭୀର ଜଳରୁ ମାଛ ଖାଇବାର ସୁବିଧା ନ ପାଇ କପଟ ଆଚରଣ କରି ଥଣ୍ଟରେ ତୁଳା ଦେଇ ପାଣି ପିଉଥାଏ । ମାଛମାନେ ଏହାର କାରଣ ପଚାରିବାରୁ କହିଲା, ଜୀବବଧ ଛାଡି ଦେଇଛି । ପାଣି ପିଇଲାବେଳେ କାଳେ ଛୋଟଛୋଟ ମାଛ ପେଟକୁ ଚାଲିଯିବେ, ସେଥିପାଇଁ ତୁଳାରେ ଛାଣି ଜଳପାନ କରୁଛି ।

ତେଣୁ ତୁଳା ମୁଖେ ଦେଇ ଆମ୍ଭେ ସାରୁ ନୀର
ତେଣୁ ତୁଳା ମୁହାଁ କାଙ୍କ ନାମଟି ଆମ୍ଭର ।

ଏକଦା ବଗ ମୁହଁ ଶୁଖାଇ ବସିଥାଏ । ମାଛମାନେ କାରଣ ପଚାରିବାରୁ ସେ କହିଲା, ଏହି ଜଳଭାଗର ପାଣି ଅପାଳକ ଯୋଗୁ ଅଳ୍ପଦିନ ମଧ୍ୟରେ ଶୁଖିଯିବ, ବିଚରା ମାଛମାନେ ଛଟପଟ ହୋଇ ମରିଯିବେ ବୋଲି ଦୁଃଖ କରୁଛି । ଏହି ଆସନ୍ନ ବିପଦରୁ ଉଦ୍ଧାର ପାଇବାପାଇଁ ମାଛମାନେ ପ୍ରାର୍ଥନା କରିବାରୁ ସେ ଗୋଟିଏ ଗୋଟିଏ

ମାଛ ଥଣ୍ଟରେ ଧରି ମାନସରୋବରରେ ଛାଡି ଦେଇ ଆସିବ କହିଲା ଏବଂ ସେହିଦିନୁ ମାଛମାନଙ୍କୁ ବୋହିନେଇ ନିର୍ଜନ ସ୍ଥାନରେ ହତ୍ୟାକରି ଆନନ୍ଦରେ ଭକ୍ଷଣ କଲା । ଦିନେ ଗୋଟିଏ କଙ୍କଡାର ପାଳି ପଡିଲା । କଙ୍କଡା ବଗ ଥଣ୍ଟରେ ଥାଇ ଆକାଶରୁ ଦେଖିଲା, ତଳେ ମାଛକଣ୍ଟା କୁଢକୁଢ ଜମା ହୋଇ ରହିଛି । ବଗର ଚକ୍ରାନ୍ତ ବୁଝିପାରି ନିଜ ବୁଢା ଗୋଡରେ ବଗର ତଣ୍ଟି ଚିପି ମାରି ପକାଇଲା । ଧୃତରାଷ୍ଟ୍ର କହିଲେ-

ଯେ ଶକୁନି ହେଲା ଯେବେ ତୁଳାମୁହାଁ କାଙ୍କ
କାଳେହେଁ ପୁଣ ସେହୁ ଯିବ ଯମପୁର ।

**ବାବନା ଭୂତ କଥା:**

ସାରଳା ଦାସ ରାଣୀ ଭାନୁମତୀଙ୍କ ମୁଖରେ ଦୁର୍ଯ୍ୟୋଧନ ଉଦ୍ଦେଶ୍ୟରେ ଏହି କାହାଣୀ କହିଛନ୍ତି । ତୁଙ୍ଗଭଦ୍ରା ନଦୀକୂଳରେ ଏକ ଅମୋକ୍ଷ ଭୂମି ଥିଲା । ତାହା ଥିଲା ପ୍ରେତମାନଙ୍କର ଲୀଳାଭୂମି । ପଶ୍ଚିମ ସୋମରାଷ୍ଟ୍ରର ଶୂଦ୍ରକ ବୋଲି ରାଉଳ ସେଠାରେ ତନ୍ତ୍ରମନ୍ତ୍ର କରି ଜୀବନଯାପନ କରୁଥାଏ । ସେ ସେହି ପ୍ରେତଭୂମିକୁ ଚାଷ କରିବାରୁ ପ୍ରେତମାନେ ଉତ୍ପାତ କଲେ । ମାତ୍ର ରାଉଳର ମନ୍ତ୍ର ବଳରେ ସେମାନେ ଆୟତ୍ତ ହୋଇଗଲେ । ଶେଷରେ ପ୍ରେତମାନଙ୍କର ରାଜା ବାବନା ଭୂତ ରାଉଳ ସହିତ କଟାଳ କରିବାକୁ ବସିଲା । ଭୂତମାନେ ବାରଣ କରିବା ସତ୍ତ୍ୱେ ବାବନା ଭୂତ କଥା ନ ମାନି ଶେଷରେ ମନ୍ତ୍ରଦ୍ୱାରା ଅଧୀନ ଓ ଦଣ୍ଡିତ ହେଲା । ଭୂତନିଶାଚରଗଣଙ୍କ କଥାକୁ ଅସ୍ୱୀକାର କରି ବାବନାଭୁତ ଯେପରି ଧ୍ୱଂସକୁ ନିମନ୍ତ୍ରଣ କରି ଆଣିଲା, ସେହିପରି ଶକୁନି ମନ୍ତ୍ରୀ ମଧ୍ୟ ସମସ୍ତଙ୍କ ଉପଦେଶକୁ ପ୍ରତ୍ୟାଖ୍ୟାନ କରି କୁରୁକୁଳ ଧ୍ୱଂସର କାରଣ ହୋଇଥିଲା । ଅତୀତରେ ପାଣ୍ଡବମାନେ ପାଣ୍ଡବାସୁର ଏବଂ ଚିତ୍ରସେନ ଗନ୍ଧର୍ବ ଆକ୍ରମଣରୁ ଦୁର୍ଯ୍ୟୋଧନକୁ ଉଦ୍ଧାର କରିଥିଲେ । ତେଣୁ ଶକୁନି କଥାରେ କୃତଘ୍ନତା ଆଚରଣ ଭଲ ହେବ ନାହିଁ ।

ସ୍ୱାମୀ କଲା ଉପୁଚାର ନ ମାନନ୍ତି ଯେବଣ ଜନ
ଜୀବନ୍ତେ ଅସ୍ୱାର୍ଥକୁ ମଲେଣ ନରକ ପତନ ।

**ଅନ୍ଧକୁ ଚକ୍ଷୁଦାନ:**

ଶ୍ରୀକୃଷ୍ଣଙ୍କ ମହିମା କୀର୍ତ୍ତନ କରି କବି ସାରଳାଦାସ ଏହି ପ୍ରସଙ୍ଗଟି ମନ୍ତ୍ରୀବର ବିଦୁରଙ୍କ ମୁଖରେ ମହାରାଜା ଧୃତରାଷ୍ଟ୍ରଙ୍କ ଆଗରେ କହିଛନ୍ତି । ବୈତରଣୀ ନଦୀ କୂଳରେ କରବୀରପୁର ବୋଲି ନଗରଟିଏ ଥିଲା । ସେହିଠାରେ ବହୁତ ବ୍ରାହ୍ମଣ ଅବସ୍ଥାନ କରୁଥାଆନ୍ତି । ସେମାନଙ୍କ ମଧ୍ୟରେ ରୁଦ୍ରଶ୍ରବଣ ନାମରେ ଜଣେ ଅନ୍ଧ ବ୍ରାହ୍ମଣ ଥିଲେ । ସେ ଜନ୍ମରୁ ଅନ୍ଧ ଏବଂ ଦରିଦ୍ର । ତାଙ୍କର ପରିବାର କହିଲେ ସ୍ତ୍ରୀ ଏବଂ ଗୋଟିଏ ପୁତ୍ର ସନ୍ତାନ । ବ୍ରାହ୍ମଣୀ ପ୍ରତିଦିନ ସେହି ନଗ୍ରରୁ ଭିକ୍ଷା କରି ଯାହା ଆଣନ୍ତି, ସେଥିରେ ପରିବାରର କୃତ୍ୟ ଚଳିଯାଏ । ତାଙ୍କର ନିରଞ୍ଜନ ଦୀକ୍ଷା ହୋଇଥିବାରୁ ଏକାଧିକ ସ୍ଥାନରେ ଭିକ୍ଷା କରିବା ତାଙ୍କୁ ଯୋଗାଏ ନାହିଁ । ଦିନେ ବ୍ରାହ୍ମଣୀ ଭିକ୍ଷା ନ ପାଇ ଫେରି ଆସିଲେ । ଅପାଳକ ହେତୁ ନଗର ଜନଶୂନ୍ୟ ହୋଇଯାଇଛି । ସମସ୍ତେ ଦେଶଛାଡି ଚାଲିଯାଇଛନ୍ତି । ଅନ୍ଧବ୍ରାହ୍ମଣ ପରିବାର ସହିତ ପଥ ଅନ୍ୱେଷଣ କରି ବହୁତ ଦିନପରେ ସମୃଦ୍ଧ ଦ୍ୱାରକାନଗରୀରେ ପହଞ୍ଚିଲେ । ସେଠାରେ ଭିକ୍ଷାର ଅଭାବ

ନ ଥାଏ। ବ୍ରାହ୍ମଣ ପରିବାର ସୁଖରେ ଥାଆନ୍ତି। ଦିନେ ଦ୍ୱାରକାର ଛୋଟ ପିଲମାନଙ୍କ ଧୂଳିଖେଳ ଚାଲିଥାଏ। ସେମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ଏବଂ ଅନ୍ଧବ୍ରାହ୍ମଣର ପୁଅ ମଧ୍ୟ ଥିଲେ। ଖେଳ ଅବସରରେ କଳି ହେବାରୁ ବ୍ରାହ୍ମଣପୁତ୍ର ପ୍ରଦ୍ୟୁମ୍ନ ଆଖିରେ ଧୂଳି ପକାଇ ଦେଲେ ପ୍ରଦ୍ୟୁମ୍ନ ମଧ୍ୟ ବ୍ରାହ୍ମଣପୁତ୍ର ଆଖିରେ ଧୂଳି ପକାଇବାରୁ ସେ ପ୍ରଦ୍ୟୁମ୍ନକୁ ମାରିଲେ। ପ୍ରଦ୍ୟୁମ୍ନ କାନ୍ଦିକାନ୍ଦି ପିତା ଶ୍ରୀକୃଷ୍ଣଙ୍କ ଆଗରେ ଆପତ୍ତି କରିବାରୁ କ୍ରୋଧିତ ଶ୍ରୀକୃଷ୍ଣ ଦଉଡି ଆସିଲେ ବ୍ରାହ୍ମଣପୁତ୍ରକୁ ମାରିବାପାଇଁ। ସେ ବିକଳ ହୋଇ ଅନ୍ଧପିତାଙ୍କ ପରାମର୍ଶ କ୍ରମେ ତାଙ୍କ ପିଠିପଛ ପଟେ ଆତ୍ମଗୋପନ କଲେ। ଶ୍ରୀକୃଷ୍ଣ ପହଞ୍ଚିଯିବାରୁ ନିଜ ପୁତ୍ରପାଇଁ ସଫେଇ ଦେଇ ଅନ୍ଧବ୍ରାହ୍ମଣ କହିଲେ –

"ମୋ ପୁତ୍ର କି ତୁମ୍ଭ ପୁତ୍ରେ ମାରି ସାମରଥ,<br>
ରାଗେ ପ୍ରତିବାକ୍ୟେ ତାକୁ କହିଲେ ଗୋବିନ୍ଦ।<br>
ତୋ ପୁତ୍ର ଚାପୋଡ ଚିହ୍ନ ଦେଖ ଆରେ ଅନ୍ଧ େ<br>
ଦଖ ଦେଖ ଦେଖ ବୋଲି ରାଗେ କଲେ ପାଟି।<br>
ତାର ଜନ୍ମାନ୍ଧ ପଟଳ ବେଗେ ଗଲା ଫିଟି।

**ସାହାଡାଗଛର ମାହାତ୍ମ୍ୟ:**

ଏହି କାହାଣୀ ସାରଳା ଦାସ ଆଦିପର୍ବରେ କୁହାଇଛନ୍ତି। ଦିନେ ମହାଦେବ ତାଙ୍କର ବୃଷଭ ବାହନରେ ବସି ଯାତ୍ରା କରୁଥିଲେ। ବାଟରେ ସାହାଡା ଗଛ ଦେଖି ଅତ୍ୟନ୍ତ ଭକ୍ତିର ସହିତ ପତ୍ରଟିଏ ତୋଳି ବୃଷଭ କାନରେ ଖୋସିଲା। ମହାଦେବ କାରଣ ପଚାରିବାରୁ ସେ କହିଲା – "ସାହାଡାଗଛ ଅତିଶୟ ପବିତ୍ର। ଏହାର ପତ୍ର ମଥାରେ ଘେନିଲେ ସୁମିଷ୍ଟ ଖାଦ୍ୟ ଖାଇବାକୁ ମିଳେ। ମହାଦେବ ଏହି ବିଷୟ ପରୀକ୍ଷା କରିବାପାଇଁ ମନଇଛା ବୈତରଣୀ ନଦୀକୂଳରେ ବୁଲିବାକୁ ଲାଗିଲେ। ଏଣେ ଖାଇବାବେଳ ଗଡିଗଲା। ଶିବ ଫେରିବାର ବିଳମ୍ବ ଦେଖି ପାର୍ବତୀ ବଢାବଢି କରି ଖାଇବାକୁ ଯାଉଥାଆନ୍ତି। ଏହି ସମୟରେ ଶିବଙ୍କର ଡମ୍ବରୁ ଶବ୍ଦ ଶୁଭିଲା। ଶିବ ଆସିଗଲେ ଜାଣି ପାର୍ବତୀ ସଙ୍କୋଚରେ ଖାଦ୍ୟତକ ନେଇ ବୃଷଭ କୁଣ୍ଡରେ ଅଜାଡି ଦେଲେ। ଶିବ ପହଞ୍ଚିବା ପରେ ବୃଷଭ ତା ସ୍ଥାନରେ ବନ୍ଧା ହୋଇ ରହିଲା। ସେ ପାର୍ବତୀଙ୍କୁ ଆଦେଶ ଦେଲେ ବୃଷଭକୁ କିଛି ଖାଇବାକୁ ନ ଦେବାପାଇଁ। ତହିଁ ଆରଦିନ ମହାଦେବଙ୍କୁ ବୃଷଭ କହିଲା – 'କାଲି ପ୍ରଚୁର ଖାଦ୍ୟ ଖାଇବାକୁ ମିଳିଲା।" ମହାଦେବ ଆଶ୍ଚର୍ଯ୍ୟ ହେଲେ ଏବଂ ପରେ ଅନୁସନ୍ଧାନ କରି ସବୁ ବିଷୟ ଜାଣିଲା ପରେ ସାହାଡାପତ୍ରର ମହତ୍ତ୍ୱ ବୁଝିପାରିଲେ।

**ଭଣ୍ଡେଶ୍ୱର ରାଜା ଓ କୋକୁଆଭୟ କଥା :**

ମହାଭାରତର ଉଦ୍‌ଯୋଗ ପର୍ବରେ କବି ଏହି ଲୋକକଥାଟି କହିଛନ୍ତି। ଦକ୍ଷିଣ ସୋମରାଷ୍ଟ୍ରରେ କୁଚାଳ ନାମରେ ଏକ ଦେଶ ଥିଲା। ସେହି ଦେଶର ବାବାରପୁରୀ ନଗ୍ରରେ ଭଣ୍ଡେଶ୍ୱର ରାଜତ୍ୱ କରୁଥିଲେ। ମନ୍ତ୍ରୀଙ୍କର ନାମ ବାଇତୁଣ୍ଡ। ସେ ରାଜ୍ୟର ଆରାଧ୍ୟଦେବତା ହେଉଛନ୍ତି ଅଣ୍ଡିଆ କ୍ଷେତ୍ରପାଳ। ଏହି ରାଜ୍ୟର ଠାକୁର ଲଙ୍ଗଳା ଏବଂ ପୁରୋହିତ ମଧ୍ୟ ଲଙ୍ଗଳା ହୋଇ ପୂଜା କରନ୍ତି। ଏହି ରାଜ୍ୟ ସ୍ତ୍ରୀ ପୁରୁଷ ସମସ୍ତେ ଲଙ୍ଗଳା।

ସମସ୍ତେ ମିଥ୍ୟା କଥା କହନ୍ତି। ସତ୍ୟ କହିଲେ ଦଣ୍ଡ ପାଇଥାନ୍ତି। ଲୋକମାନେ ସୁଖରେ ଥାଆନ୍ତି। କେହି କାହା ସହିତ କଳିଗୋଳ କରନ୍ତି ନାହିଁ। ଦିନେ ସେ ରାଜ୍ୟରେ କୋକୁଆଭୟ ହେଲା। କୋକୁଆ ବିଷୟରେ କାହାର କିଛି ଧାରଣା ନ ଥିଲା। କୋକୁଆର ନାଁ ଶୁଣି ତାଟି କବାଟ ପଡିଗଲା। କୋକୁଆର ସ୍ୱରୂପବିଷୟରେ କୁହାଯାଇଥାଏ - ତାର ସାତଟା ଆଖି, ନଅଟା ପକ୍ଷୀ। ପେଟ ତାର ବଡ ଏବଂ ମୁଣ୍ଡଟା ଆକାଶକୁ ଲାଗିଛି। ସେ ଯାହାକୁ ପାଇବ, ଗୋଟାସୁଦ୍ଧା ଗିଳିଦେବ। ପିଲାଏ କାନ୍ଦିଲେ ତାକୁ ଶାନ୍ତି କରାଇବାପାଇଁ ଲୋକମାନେ କୋକୁଆ ଆସିଲା ବୋଲି ଭୟ କଥା କହି ଡରାଇଥାଆନ୍ତି। ଏଥିରୁ ସାରଳାଦାସଙ୍କର ପ୍ରଭାବ ସହଜରେ ଅନୁମେୟ।

ସାରଳା ମହାଭାରତରେ ଏହିପରି ଅନେକ କାହାଣୀ କୁହାଯାଇଛି। କବି ଏହି କାହାଣୀଦ୍ୱାରା ଲୋକମାନଙ୍କର ମନରେ ଆନନ୍ଦ ପରିବେଷଣ କରିବା ସହିତ ଅନେକ ସ୍ଥଳରେ ନୈତିକ ଉପଦେଶ ମଧ୍ୟ ପ୍ରଦାନ କରିଛନ୍ତି।

## ୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ**

(କ) ସାରଳା ଦାସଙ୍କ ରଚନାବଳୀ।

(ଖ) ସାରଳା ମହାଭାରତରେ ଆହରଣ ଓ ସମୀକରଣ।

(ଗ) ସାରଳାଙ୍କ ଚଣ୍ଡୀପୁରାଣରେ ମୌଳିକତା।

(ଘ) ସାରଳାଙ୍କ ଲୋକପ୍ରିୟ କାହାଣୀ।

(ଙ) ସାରଳା ସାହିତ୍ୟର ସାହିତ୍ୟିକ ବିଶେଷତ୍ୱ।

**୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(କ) ସାରଳା ଦାସଙ୍କୁ ଆଦିକବି କହିବାର ଯଥାର୍ଥତା ନିରୂପଣ କର।

(ଖ) ପୁରାଣକାର ସାରଳା ଦାସ ଓ କାହାଣୀକାର ସାରଳା ଦାସ ମଧ୍ୟରେ କି ସାମଞ୍ଜସ୍ୟ ରହିଛି ?

(ଗ) ସାରଳା ଦାସଙ୍କ ମହାଭାରତ ଏକ ମୌଳିକ ପୁରାଣ ଗ୍ରନ୍ଥ - ସଦୃଷ୍ଟାନ୍ତ ପ୍ରମାଣ କର।

## ୩.୬ ସହାୟକ ଗ୍ରନ୍ଥସୂଚୀ


- ଦାଶ, ସୂର୍ଯ୍ୟନାରାୟଣ, (୧୯୬୮), *ଓଡିଆ ସାହିତ୍ୟର ଇତିହାସ(ପ୍ରଥମ ଭାଗ)*, ଗ୍ରନ୍ଥମନ୍ଦିର, କଟକ।
- ପାଢୀ,ବେଣୀମାଧବ,(୧୯୯୫),*ଓଡିଶାର ସାହିତ୍ୟ, ସଂସ୍କୃତି ଓ ଧାରା*, ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
- ପୃଷ୍ଟି, ସୁବ୍ରତ କୁମାର, (୨୦୧୭), *ଓଡିଆ ଭାଷା ସାହିତ୍ୟ ପରିଚୟ(୩ୟ ସଂସ୍କରଣ)*, ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି., ବାଦାମବାଡି, କଟକ।
- ମହାନ୍ତି, ବଂଶୀଧର, (୧୯୭୩), *ସାରଳା ସାହିତ୍ୟ*, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ।

# ଚତୁର୍ଥ ଏକକ : ସାରଳା ସାହିତ୍ୟର ଭାଷାତାତ୍ତ୍ୱିକ ମୂଲ୍ୟ

ବିଷୟ ଗଠନ :


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ସାରଳା ସାହିତ୍ୟର ଭାଷାତାତ୍ତ୍ୱିକ ମୂଲ୍ୟ

୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୬ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

ଓଡିଆ ସାହିତ୍ୟର ମୌଳିକ ପୁରାଣକାର ସାରଳା ଦାସଙ୍କ କାଳ ନିରୂପଣ ଯଦିଓ ପଞ୍ଚଦଶ ଶତାବ୍ଦୀ ବୋଲି ନିର୍ଦ୍ଧାରଣ କରାଯାଇଛି । ମାତ୍ର ଭାଷାଦୃଷ୍ଟିରୁ ଆଲୋଚନା କଲେ ଏହାର କାଳ ଚର୍ଯ୍ୟାସାହିତ୍ୟ ସମସାମୟିକ କିମ୍ବା ଏହା ସାମାନ୍ୟ ପରବର୍ତ୍ତୀ କାଳକୁ ଇଙ୍ଗିତ କରିଥାଏ । କାରଣ ଏହି କବିଙ୍କ ରଚିତ କାବ୍ୟ-ପୁରାଣ ମହାଭାରତରେ ଏଭଳି ଅସଂଖ୍ୟ ଶବ୍ଦର ବ୍ୟବହାର ରହିଛି, ଯେଉଁଗୁଡିକ ବୌଦ୍ଧ ଚର୍ଯ୍ୟାସାହିତ୍ୟ ଏବଂ ଜୟଦେବଙ୍କ ଗୀତଗୋବିନ୍ଦରେ ବ୍ୟବହୃତ ହୋଇଥିବାର ଦେଖାଯାଏ । ଏଥିରେ ପୁଣି ବ୍ୟାକରଣିକ ସଂରଚନା ଏବଂ ଗାନ କରିବାର ଶୈଳୀ ମଧ୍ୟ ପ୍ରାଚୀନ କବିତା ଅନୁରୂପ । ତେବେ ଏହି ଆଦ୍ୟସ୍ରଷ୍ଟାଙ୍କ ସାହିତ୍ୟର ଭାଷା ବିଷୟରେ ବିଦ୍ୟାର୍ଥୀଙ୍କୁ ପରିଚିତ କରିବା ଉକ୍ତ ଏକକର ମୂଳ ଉଦ୍ଦେଶ୍ୟ ।

## ୪.୨ ଶିକ୍ଷଣୀୟ ବିଷୟ

**ଏହି ଏକକ ପାଠ ଶେଷରେ ବିଦ୍ୟାର୍ଥୀ ଜାଣିବାକୁ ପାଇବେ:-**

- ସାରଳା ସାହିତ୍ୟରେ ବ୍ୟବହୃତ ଭାଷା ଓ ଏହାର ବ୍ୟାକରଣିକ ସଂରଚନା ।
- ସାରଳା ସାହିତ୍ୟର ଭାଷା ସହିତ ତୁଳନାତ୍ମକ ବିଶ୍ଳେଷଣ ।

## ୪.୩ ବିଷୟ ପ୍ରବେଶ

ଓଡ଼ିଆ ମାଟିର ମହାକବି ତଥା ଓଡ଼ିଆ ଜାତିର ପ୍ରଥମ ଭାଷ୍ୟକାର ଭାବରେ ପରିଚିତ ସାରଳା ଦାସଙ୍କ କାଳ ନିରୂପଣ ହେଉଛି ଏକ ବିବାଦମାନ ବିଷୟ । ଏହି ବିବାଦର ସୂତ୍ରପାତ ହୁଏ ସାରଳା ମହାଭାରତରେ ଉଲ୍ଲିଖିତ ଐତିହାସିକ ବିଷୟବସ୍ତୁ ଓ ଏହି ବିଷୟବସ୍ତୁକୁ ବର୍ଣ୍ଣନା କରିବାପାଇଁ ବ୍ୟବହୃତ ହୋଇଥିବା ଭାଷାକୁ ନେଇ କେତେକ ସମାଲୋଚକ ବୌଦ୍ଧଗାନ ଓ ଦୋହା ଓ ସାରଳା ମହାଭାରତ ଭାଷାର ତୁଳନା କରି ଅନେକ ପ୍ରାଚୀନ ଶବ୍ଦ ସାରଳା ମହାଭାରତରେ ଥିବାର ଉଲ୍ଲେଖ କରିଛନ୍ତି । ଏବେ ମଧ୍ୟ ଗ୍ରାମାଞ୍ଚଳର ଲୋକ ମୁଖରେ ସାରଳା ମହାଭାରତର ଅନେକ ଭାଷା ରହିଛି । ଭୟାଙ୍କାର, କାପୃଣ, ଯଟୀଆ, ଶ୍ୟାନ୍ତୀ, ବାଛା, ବେବସ୍ଥା, ଦ୍ରଶନ, ସଭୀୟେ, ଉପେଖି, ଦଗାମ୍ବର ଇତ୍ୟାଦି ଏହିପରି ଅନେକ ଅପଭ୍ରଷ୍ଟ ଗାଉଁଲୀ ଶବ୍ଦ ଲୋକ ମୁଖରେ ପ୍ରଚଳିତ । ବିଭିନ୍ନ ପାଠରେ ଅପଭ୍ରଷ୍ଟ ଶବ୍ଦର ରୂପ ଅନେକ କ୍ଷେତ୍ରରେ ଭିନ୍ନ । ଏପରିକି ଗୋଟିଏ ଗୋଟିଏ ପଦର ଭିନ୍ନଭିନ୍ନ ରୂପ ଭିନ୍ନଭିନ୍ନ ପୋଥିରେ ରହିଛି । ଯେପରି-

କରୁଣାମୟ ନାଥ ଶରଣ ପଞ୍ଜର ବୀରଧ
ସଂସାର ବାରାଧି ନାଥ ବରଦାତା ଦେବସିନ୍ଧୁ"(କ-ପୋଥି)
କରମୟେ ନାଥ ଅଭୟେ ବରବଂଧୁ
ସଂସାରବର ନାଥ ଅଭୟେ କରୁଣା ସିନ୍ଧୁ (ଖ-ପୋଥି)
କରୁଣାକରନାଥ ଶରଣ ପଙ୍କଜ ବୀରଧୂ
ସଂସାର ସାଗର ବାରାନିଧି ବର ସିନ୍ଧୁ (ଗ-ପୋଥି)
କରୁଣାବତ୍ସଳନାଥ ଶରଣ ପଞ୍ଜର ଜାର ବନ୍ଧୁ
କୃପାରେ ବାରାନିଧି ବର ଦାତା ସିନ୍ଧୁ ।(ଘ-ପୋଥି)

ଏହା ବ୍ୟତୀତ ଅନେକ ଅପଭ୍ରଂଶ ଶବ୍ଦ ଯଥା - ଗ୍ରନ୍ଥିକ, ଗ୍ରନ୍ଥକ, ଗ୍ରନ୍ଥିକାର, ସାର୍ଥୁକ, ସାର୍ଥେକ, ସାର୍ଥୁକ୍ୟ, ଦୁହିତୀ,ଦୁହିନ୍ଦୀ, ଭ୍ରଛନା, ଭରଛନା, ଭରଚନା, ଆର୍ଦୋଳି, ଆରଦୋଳି, ଅର୍ଦଳି, ବାଣରାସି, ବାରାଣାସି ବାରଣାସି ସନିଧେଂ, ସନିଧେ, ତୃପୁତି ତ୍ରିପୁତି, ପ୍ରଭୃତି ବ୍ୟବହାର ହୋଇଥିବା ଦେଖାଯାଏ । ମହାଭାରତରେ ସ୍ଥାନୀତ ଶବ୍ଦଗୁଡିକ ଅପଭ୍ରଂଶ ଓ ପ୍ରାକୃତ ଶବ୍ଦର  ସହ ଅର୍ଥପ୍ରକାଶ କରୁଥିବାରୁ ଏହାକୁ ଭିତ୍ତି କରି ସମୟ ନିରୂପଣ କରିବାଦ୍ୱାରା ସାରଳା ମହାଭାରତର କାଳ ବହୁ ପଛକୁ ଚାଲିଯିବ ।

ବୌଦ୍ଧ ଚର୍ଯ୍ୟାକବିତା ବ୍ୟତୀତ ଭରଥରୀ, ମଚ୍ଛନ୍ଦରନାଥ, ଗୋରଖନାଥଙ୍କର ଗୋରଖ ବୋଧ, ଗର୍ପଟୀନାଥ ଓ ସିଦ୍ଧ କାହ୍ନୁପା, ସରହପା ଓ  ଭୁସୁକାଚାର୍ଯ୍ୟଙ୍କର ଅନେକ ପଦର ଭାଷା ଓ ସାରଳା ମହାଭାରତର ଭାଷା ଏକ ଯୁଗର ଭାଷା ବୋଲି ଜଣାପଡେ । ସରହପାଙ୍କର ଗୋଟିଏ ପଦର ଦୃଷ୍ଟାନ୍ତ-

ଅଣମିଶ ଲୋଅଣ ଚିତ୍ତ ନିରୋହେଂ
ପବନ ଶିରୁହଇ ସିରି ଗୁରୁ ବୋହେଂ
ପବନ ବହଇ ସୋ ନିଚ୍ଚଲୁ ଜଇେଂ
ଜୋଇ କାଲୁ କରଇ କି ରେ ତଛେ

ପଦରେ ବହଇ, କରଇ, ରୁହଇ ପ୍ରଭୃତି ଶବ୍ଦରେ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ରହିଛି, ଯାହା ସାରଳାଙ୍କ "ବନ୍ଦଇ ଦଧି ମଙ୍ଗଳ ବିଘ୍ନରାଜ" ଭାଷା ସହିତ ସମାନ କହିଲେ ଅତ୍ୟୁକ୍ତି ହେବନାହିଁ।

ଭୌମ ରାଜତ୍ୱର ସଂସ୍କୃତ ଅଭିଲେଖରେ ପୃଥ୍ୱୀ, ପୁଷ୍ୟ, ବାରିହସ୍ୱତ୍ୟ, ଉଶତଥ ପ୍ରଭୃତି ଅପଭ୍ରଂଶ ଶବ୍ଦ ଦେଖିବାକୁ ମିଳେ। ସେହି ପ୍ରକାରର ବହୁ ଶବ୍ଦ ସାରଳା ମହାଭାରତରେ ପର୍ଯ୍ୟାପ୍ତ ପରିମାଣରେ ଦେଖିବାକୁ ମିଳେ। ସେହିପରି ପ୍ରାକୃତ ଭାଷାରେ-ହେଠ, ମୁହଁ, ଗାହା, ମଣୂସ, ମେହ (ମେଘ) ନାଥ-ନାହୁ, ସାହୁ, ସୋହଇ, ବାଉଳ, ଜିଅଇ, ମହୁ, ସିଆଳ, ବିଅଣା, ସୁନ୍ଦେର, ପଡିହାରୀ, ରାଉଳ, ଲାଭ, ବେଣ୍ଟ, ଶରୁଆ, ଧର୍ମ-ଧ୍ରମ, ପ୍ରିୟଦର୍ଶୀ-ପ୍ରିୟଦ୍ରଶି, (ଦ୍ରସନ-ସା.ମ) ବୃଦ୍ଧ- ବୁଧ୍ର, ପଚ୍ଛିମ-ପଚ୍ଛା, ବହୁ, ରାଏ ଆଦି ଶବ୍ଦ ତଥା ବିଭିନ୍ନ କ୍ରିୟାରେ ପଢ଼ଇ, ପଢ଼ସି, ପଢ଼ନ୍ତି, ପଢ଼ିଅଇ, ହସସଇ, ହୋଇ, ହସେଇ, ହସସି ପ୍ରଭୃତି ଅଜସ୍ର ଓଡ଼ିଆ ଶବ୍ଦ ପ୍ରଚଳିତ ଅଛି। ଏ ସବୁ ଶବ୍ଦ ସମ୍ଭାରରେ ଓଡ଼ିଆତ୍ୱ ଯଥେଷ୍ଟ ରହିଛି।

ଏଠାରେ ସୂଚନାଯୋଗ୍ୟ ଯେ, ସମସ୍ତ ବୌଦ୍ଧ ସିଦ୍ଧାଚାର୍ଯ୍ୟ ଏକ ସମୟରେ ଆବିର୍ଭୂତ ହୋଇ ନ ଥିଲେ। ବିଭିନ୍ନ ଆଲୋଚକ ଲୁଇପା ବା ଲୁହାରିଆ ତିବତୀୟଙ୍କ ମତରେ ଖ୍ରୀ.୯୮୦ ରେ ଜନ୍ମ ଗ୍ରହଣ କରିଥିଲେ। ମତ୍ସେନ୍ଦ୍ରନାଥ ବା ମୀନନାଥ ଖ୍ରୀ ୯୦୦ ରେ ଜୀବିତ ଥିଲେ। ଗୋରଖନାଥଙ୍କର ସମୟ ଖ୍ରୀ.୯ମ ଓ ୧୦ ମ ଶତାବ୍ଦୀ। (Medieval Mysticism P.19-21) ଗୋରେଖ ନାଥ ମତ୍ସେନ୍ଦ୍ରନାଥଙ୍କର ଆବିର୍ଭାବ ସମୟ ହେଉଛି ଖ୍ରୀ.୧୦୭୫ ରୁ ଖ୍ରୀ.୯୭୫। ଚର୍ପଟପାଦ-ଖ୍ରୀ. ୯୨୦ ରେ ତୋଲୋପା ବାତିଲିପା ଖ୍ରୀ.୯୬୮ ଓ ନାରୋପା ଖ୍ରୀ ୯୯୦ ରେ ଜୀବିତ ଥିବାର ଜଣାଯାଏ।

ଖ୍ରୀ.୧୦ମ ଶତାବ୍ଦୀର ଶେଷ ଭାଗକୁ ଏକାଦଶ ଶତାବ୍ଦୀର ଶେଷ ଭାଗ ଏବଂ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଏହି ଅପଭ୍ରଂଶ ମିଶା ଭାଷା ଓଡ଼ିଶା, ବଙ୍ଗଳା, ଆସାମ ଓ ଅନ୍ୟାନ୍ୟ ଅଞ୍ଚଳରେ ପ୍ରଚଳିତ ଥିଲା। ଗୋରଖ ନାଥଙ୍କୁ ସାଧାରଣତଃ ଦ୍ୱାଦଶ ଶତାବ୍ଦୀର ସାଧକ ବୋଲି ଗ୍ରହଣ କରାଯାଇଛି। ଲୁଇପା (ଖ୍ରୀ.୯୫୦- ୦୫୦ ହରପ୍ରସାଦ ଶାସ୍ତ୍ରୀ)ଙ୍କର ଅନ୍ୟ ଜଣେ ଶିଷ୍ୟ ଭୁସୁକାଚାର୍ଯ୍ୟଙ୍କର ସମୟ ଖ୍ରୀ.୧୧ଶ ଶତାବ୍ଦୀ ବୋଲି କୁହାଯାଇଛି। ଖ୍ରୀ.୯ମ ଶତାବ୍ଦୀରୁ ଖ୍ରୀ ୧୨ଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ଅପଭ୍ରଂଶ ଓ ପ୍ରାକୃତର ଧାରା ଭାରତୀୟ ଆର୍ଯ୍ୟ ଭାଷାର ସାହିତ୍ୟରେ ପ୍ରଚଳିତ ଥିଲେ।

ଉପରୋକ୍ତ ସିଦ୍ଧଚାର୍ଯ୍ୟମାନଙ୍କର କେତେକ ପଦର ଉଦାହରଣ ପ୍ରଦାନ କରାଗଲା –

ଲୁଇପା–ଲୁଇ ଭଣଇ ଦୁଲ୍‌କଥ ବିଣାଣା
ତିଅ ଧାଏ ବିଲସଇ ଉହ ନ ଠାନା।
ଭୁସୁକୁ–ଅମ୍ଭୁପରସତୁ ଚନ୍ଦନ ବାରହ ଅକ୍‌କ
ହେଟ୍‌ଠ କମଲ କରି ଶୟନ ଥକ୍‌କ।
.....ଚାପିଶଶି ସମରସଂ ଜାଇ
ରାଉତୁ ବୋଲେ ଜର ମରଣ ଭୟ।
X X X
ଭୁସୁକୁ ଫୁଲିଲ୍ଲୌ ଅନୁପମ ଫୁଲ୍ଲା
ଲେହୁର କୁସୁମ ଅନରାଘ ବିମୁଲ୍ଲ

ଏହି ପଦମାନଙ୍କ ବ୍ୟତୀତ ଗୋରଖ ନାଥଙ୍କର ଭାଷାରେ ବହୁ ପ୍ରାକୃତ ଭାଷାର ପ୍ରଭାବ ରହିଛି। 'ଗୋରଖ୍ ବୋଧ'ର ଏକ ପଦକୁ ଦୃଷ୍ଟାନ୍ତ ଭାବରେ ନିଆଯାଇପାରେ।

"ପାଂଚ ବୀଣି କୌଣ ମାରଗ ଚଛୁବୀଣିକୁଣ ଦୃଷ୍ଟି।
କରଣ ବିଣି କୁଶ ସରବଣ। ମୁଖ ବିଣି କୁଶ ଶବ୍ଦ।
X X X
କୌଣ ସବଦ କୌଣ ସୁରତି
କୌଣ ସୋ ନିରତି କୌଣ ସୋ ବଂଧ
ଦୁବଧ୍ୟା ମେଟିର କେସେ ରହୈ
ସତଗୁର ହୋଇ ସୁ ବୁଝାୟା କହୈ।"

ଏସବୁ ସାହିତ୍ୟର ଭାଷା ଖ୍ରୀ. ୯ମ–୧୨ ଶ ଶତାବ୍ଦୀର ଭାଷା। ଏଥିରୁ ପ୍ରାକୃତ ତଥା ଅପଭ୍ରଂଶର ସ୍ୱରୂପ ଯଥେଷ୍ଟ ରହିଥିବାର ଜଣାପଡୁଛି। ଖ୍ରୀ. ୭ମ ଶତାବ୍ଦୀକୁ ଆରମ୍ଭ ହୋଇଥରବା ବୌଦ୍ଧ ସାହିତ୍ୟର ୨୦୦ ବର୍ଷ ପରେ ବା ସେହି ସମୟ ଭିତରେ ସାରଳା ଦାସଙ୍କ ଗ୍ରନ୍ଥର ରଚିତ ହୋଇଥିବାର ଅନୁମିତ ହୁଏ।

'ହିନ୍ଦୁ ସାହିତ୍ୟକି ଆଦ୍ୟ କାଳ' ପ୍ରବନ୍ଧରେ ଡାକ୍ତର ହଜାରୀ ପ୍ରସାଦ ଦ୍ୱିବେଦୀ ରାହୁଲ ସଂକୃତାୟନଙ୍କର ବୌଦ୍ଧଗାନ ସମ୍ବନ୍ଧରେ ଉଦ୍ଧାର କରି କହିଛନ୍ତି ଯେ ବୌଦ୍ଧଗାନ ଓ ଦୋହା ସହିତ ବଙ୍ଗଳା, ମଗହୀ, ମୈଥଳୀ ଭୋଜପୁରୀ ଓ ଓଡିଆ ଭାଷାର ସର୍ବରୂପ ମିଳେ। ରାହୁଲ ସଂକୃତାୟନ ଅପଭ୍ରଂଶ ସାହିତ୍ୟର କବିମାନଙ୍କର କାଳ ନିରୂପଣ ନିମ୍ନ ଭାବରେ କରିଛନ୍ତି।

ଖ୍ରୀ.୮ମ ଶତକ-ସରହପା, ସବରପା, ସ୍ୱୟଂ ଭୂ, ଭୂସୁକୁପା ପ୍ରଭୃତି ।

ଖ୍ରୀ.୯ମ ଶତକ-ଲୁଇପା, ବିରୂପା, ଡୋମ୍ବୀପା, ଦାରିକପା, ଗୁଣ୍ଡରୀପା, ଟେଣ୍ଟଣପା, ଭାଦେପା, ଧାମପା ଇତ୍ୟାଦି ।

ଖ୍ରୀ.୧୦ମ ଶତକ-ତିଲୋପା, ପୁଷ୍ପଦନ୍ତ, ଶାନ୍ତିପା, ଧନପାଳ ଇତ୍ୟାଦି ।

ଖ୍ରୀ.୧୧ମ ଶତକ-ଜିନଦତ୍ତସ୍ୱରି, ବଜ୍ଜର, କନକାମର, ମୁନି ପ୍ରଭୃତି ।

ଖ୍ରୀ.୧୨ମ ଶତକ-ହେମଚନ୍ଦ୍ର, ଜିନପଦମ, ଚଂଦ. ବିଦ୍ୟାଧର ପ୍ରଭୃତି

ଖ୍ରୀ.୧୩ମ ଶତକ-ଜଜ୍ଜଳ, ହରିବ୍ରହ୍ମା, ରାଜଶେଖର ସୁରି ପ୍ରଭୃତି

ଅର୍ଥାତ ଅପଭ୍ରଂଶ ସାହିତ୍ୟ ଖ୍ରୀ: ୮ମ ଶତକଠାରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଭାଷା ଦୃଷ୍ଟିରୁ ଆଲୋଚନା କରି ସାରଳା ଦାସ ଏହି ସମୟର କବି ଭାବରେ କେତେକ ଆଲୋଚକ ମତ ବ୍ୟକ୍ତ କରିଥାନ୍ତି । ପ୍ରାଚୀନ ବଙ୍ଗଳା କବି ଚଣ୍ଡୀଦାସଙ୍କର ରଚନାରେ (ଖ୍ରୀ.ପଞ୍ଚଦଶ ଶତାବ୍ଦୀ) ହାଥେ, ମାକଡ, ମାଇଲ, ଭାଦର, ଚିଆଇଲ, ବଡାୟି, ଅନୁପାମା, ଯୁଗତି, କରିବାକୁ, ଯୋଡିହାଥ, ପୁଚ୍ଛନ୍ତି, ନଖପାନ୍ତୀ, ନିଫଳ, ଅହୋନିଶି, କିକେ, ନେତକସନ, ରାତାଉନପଲ, ଥଳକମଳ, ମୟାଣେ, ନହୁଲି ଯୌବନ, ଉପମା ପ୍ରଭୃତି ଅନେକ ଶବ୍ଦ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପକୁ ମନେ ପକାଇଦେଇଥାଏ, ଯାହା ସାରଳାଙ୍କ ବିଶାଳ ମହାଭାରତରେ ଦେଖିବାକୁ ମିଳେ । ତେବେ ତାଳପତ୍ର ପୋଥିର ଆୟୁଷ ମାତ୍ର ୨୦୦ବର୍ଷ ହୋଇଥିବାବେଳେ ତଥା ପ୍ରତ୍ୟେକ ପୁରୁଷରେ ଏହାର ସଂରକ୍ଷଣପାଇଁ ପୁନର୍ଲିଖନ ହେଉଥିବାରୁ ବର୍ତ୍ତମାନ ମିଳୁଥିବାପୋଥିରେ ଅନେକ ନୂତନ ଶବ୍ଦର ପ୍ରାବଲ୍ୟ ଦେଖିବାକୁ ମିଳିଥାଏ । ଯାହାକୁ ଭିତ୍ତିକରି କେବଳ ଐତିହାସିକ ଚିତ୍ର ଓ ଚରିତ୍ରକୁ ଭିତ୍ତି କରି ସାରଳା ଦାସଙ୍କ ସମୟ ପଞ୍ଚଦଶ ଶତାବ୍ଦୀ ବୋଲି ଗ୍ରହଣ କରାଯାଇଛି । ବିଶେଷକରି ଖ୍ରୀ.୧୮୯୩ ରେ ପ୍ରକାଶିତ ଓଡ଼ିଆ ଶିଳାଲେଖ ( J.A.S.B. 1893) Vol. LXXII P.I)ରେ କପିଳେନ୍ଦ୍ର ଦେବଙ୍କ ଶିଳାଲେଖରେ ବ୍ୟବହୃତ ଶବ୍ଦାବଳୀ ଯଥା- ଗଜପ୍ତି, ଗଉଡେସର, ଏମତଂ, ଆମାବୈ, ପରିସା (କ୍ଷା) ଅଇଂଗା. ଗୁବାରେ ସୁଏ (ସମୟ) ଜିସ, ହାଥ, ବ୍ରତିଲେ, ସର୍ବସ, ଦିଲେ, ସମସ୍ତନ୍ତୀ, କାଣଫୁଲ, ମଦ୍ରକ (ପଦକ)ମରକ୍ତ, ଯୋଗିବ୍ର, ଜଗଣାଥ, ମୁଦ୍ରହସ୍ତ ଇତ୍ୟାଦି ସାରଳା ମହାଭାରତରେ ଦେଖିବାକୁ ମିଳୁଥିବାରୁ ଏହାକୁ କପିଳେନ୍ଦ୍ରଦେବଙ୍କ ସମସାମୟିକ ଭାଷା ଭାବରେ କେତେକ ମଧ୍ୟ କହିଥାନ୍ତି । ତେବେ ଏସବୁ ମତାମତ ଗବେଷଣା ସାପେକ୍ଷ ।

ସାରଳା ଦାସଙ୍କର ପ୍ରଥମ ନାମ ସିଦ୍ଧେଶ୍ୱର ଦାସ ଥିଲା ବୋଲି ମୃତ୍ୟୁଞ୍ଜୟ ରଥ ତାଙ୍କର 'ଶାରଳା' ଚରିତରେ କହି ଅଛନ୍ତି-

"ପ୍ରଥମେ ଶ୍ରୀ ରାମାୟଣ ଦ୍ୱିତୀୟେ ଭାରତ" ।

ଏହି କ୍ରମରେ ସେ ପୁରାଣ ରଚନା କରିଥିଲେ । ସାରଳାଙ୍କର ଦାସ ହେବା ପୂର୍ବରୁ ତାଙ୍କର ନାମ ସିଦ୍ଧେଶ୍ୱର ଥିଲା । "ପ୍ରଥମେ ଶ୍ରୀ ରାମାୟଣ" କହିବାର ଅର୍ଥ ବିଲଙ୍କା ରାମାୟଣ ହିଁ ସାରଳା ଦାସଙ୍କର ପ୍ରଥମ ରଚନା ।

କେତେକ ଆଲୋଚକ ବିଲଙ୍କା ବଦଳରେ ବିଚିତ୍ର ରାମାୟଣକୁ ସାରଳା ଦାସଙ୍କ ପ୍ରଥମ ରଚନା ବୋଲି କହିଥାନ୍ତି । ମହାଭାରତ ପୋଥିମାନଙ୍କରେ ବହୁ ପ୍ରକ୍ଷିପ୍ତାଂଶ ରହିଛି । ଜଟଣୀରୁ ପ୍ରାପ୍ତ ଏକ ମହାଭାରତ ପୋଥିରୁ ଏ ପ୍ରକାର ଅଂଶ ପ୍ରଥମରୁ ହିଁ ଦେଖିବାକୁ ମିଳିଲା । ଏ ଅଂଶଗୁଡିକ ଦାଣ୍ଡି ବୃତ୍ତରେ ଲିଖିତ ମହାଭାରତ ଆରମ୍ଭର କେତେକ ଅଂଶ ପରେ ସ୍ଥାନ ପାଇଛି । ଯେପରି:-

ଶ୍ରୀ ମହାଭାରତ ଏ ଅଟଇ ମାହା ଭାରି
ସବୁ ସାଶ୍ତ୍ରରୁ ଏ ଅଟଇ ଅଗ୍ଗୁଲି
ଶ୍ରୀ ମହାଭାରତର ଅର୍ଥ କେହି ପାଇ ନାହିଁ
ଅଗମ୍ୟ ଚରିତ ଏ ଗମିତ ନ ପାରଇଂ
ପୂର୍ବର ଭାଗ୍ୟ ଯା ହୋଇବ ଭକତ
ଏ ଗ୍ରନ୍ଥକୁ ସେହୁ କରିବ ସମାପତ
ସମ୍ପୂର୍ଣ୍ଣ କରିଣ ଯେ ଏହାକୁ ଲେଖାଇବ
ଅଧା ବିଧା କଲେ ଅପ୍ରାଧ ପାଇବ
ପୁୟାବରଣ ଯେ କରିବ ଭୋଗ ଦେଇ
ଲେଖନ କାରକୁ ଯେ ସୁଚିତ କରାଇ । ଇତ୍ୟାଦି ଅନେକ । ପୃ-୧୪

ସାରଳା ଦାସଙ୍କର ସମୟ ନିରୂପଣରେ ଓଡ଼ିଆ ଲିପି ବିଷୟର ଆଲୋଚନା ଏକାନ୍ତ ଆବଶ୍ୟକ । ସାରଳା ଦାସଙ୍କର ସମୟକୁ ଓଡ଼ିଆ ଭାଷାର ବିକାଶ ହେଲାଣି । ସାରଳା ଦାସ ମହାଭାରତ ମଧ୍ୟପର୍ବରେ ଶ୍ରୀକୃଷ୍ଣଙ୍କର ଚାଟ ଧର୍ମ ପ୍ରସଙ୍ଗରେ ଲେଖିଛନ୍ତି -"ଓଡ଼ିଆ ତେଲଙ୍ଗି ଯେ ନାଗେରି ଦଖିଣୀ" ପ୍ରଭୃତି ଭାଷା ସହିତ ଏକାଦଶ ଅକ୍ଷର (ଲିପି ) ଓ ୬୪ ଭାଷା କୃଷ୍ଣ ଶିକ୍ଷା କରିଥିଲେ । ଓଡ଼ିଶାର ଚାଟଶାଳୀରେ ସେତେବେଳ ପ୍ରଥମେ 'ଶ୍ରୀ' ଫଳା ଲେଖି ଦ୍ୱିତୀୟରେ 'କ' ଫଳା ପୁଣି ୩୪ ଅକ୍ଷର ୧୨ ମାତ୍ରା, କୁରୁ କୁଲୁ ଅଙ୍କ ଅମ୍ଳ ଅଷ୍ଟାତ୍ରୀୟ ବିଧାନ" ପ୍ରଭୃତି ଧରଣରରେ କୃଷ୍ଣ ପାଠ ପଢ଼ିଥିଲେ ।(ମ:ପ: ପୃ-୮୦୩) ସେହି ମଧ୍ୟ ପର୍ବରେ-

"ଉଦ୍ଧବକୁ ରାଇ ଆଜ୍ଞା ଦେଲେ କାମ ପାଳ
ଲେଖା ଗୋଟିଏ ଲେଖ ହସ୍ତିନା ମଣ୍ଡଳ
ତାଳପତ୍ର ଗୋଟିଏ ଦେବ କରନ୍ତି ଲେଖନ
ଯେଉଁ ରୂପେ ଆଜ୍ଞା ହେବ ଦେବ ବଳରାମ" । ପୃ-୪୫୬

ଖ୍ରୀ: ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ "ପ୍ରତ୍ନଓଡିଆ" ଲିପିରେ ଖୋଦିତ ଓଡ଼ିଆ ଶିଳାଲିପି ଦେଖାଯାଏ । କପିଳେନ୍ଦ୍ର ଦେବଙ୍କ ସମୟକୁ ଓଡ଼ିଆ ଲିପିର ବିକାଶ ହୋଇଥିଲା । ଲିପିର ବିକାଶ ହିଁ ଭାଷାକୁ ସ୍ଥାୟିତ୍ୱ ପ୍ରଦାନ କଲା । ଅର୍ଥାତ

ଏହି ସମୟରେ ଲିଖନ ପ୍ରକ୍ରିୟା ଏକ ସାମାଜିକ ଓ ସାମୁହିକ କାର୍ଯ୍ୟ ଭାବରେ ପରିଣତ ହେବାରୁ ଉଭୟ ଭାଷା ଓ ଲିପିରେ ସ୍ଥାୟିତ୍ୱ ଆସିଲା । ଆଉ ଏହି ସ୍ୱୟିତ୍ୱର ମୂଳ ଆଧାର ହେଲା ସାରଳା ଦାସଙ୍କ ରଚିତ ମହାଭାରତର ଅତୀବ ଲୋକପ୍ରିୟତା । ଯାହାକୁ ଆଧାର କରି ପରବର୍ତ୍ତୀ ସାହିତ୍ୟିକ ପଞ୍ଚସଖାଗଣ ସମାନ ଧରଣର ସାହିତ୍ୟ ରଚନାରେ ନିଜକୁ ନିୟୋଜିତ କରି ଓଡିଆଭାଷାକୁ ମାନକ ଭାଷାରେ ପରିଣତ କରିଦେଲେ ।

## ୪.୪ ସାରଳା ସାହିତ୍ୟର ଭାଷାତାତ୍ତ୍ୱିକ ମୂଲ୍ୟ:

କବି ସାରଳା ଦାସ ନିଜର ପୁରାଣ ପୃଷ୍ଠାରେ ଜଣେ ବକ୍ତାତୁଲ୍ୟ । ସେ ତାଙ୍କ ଆଗରେ ଦେଖନ୍ତି ଶ୍ରୋତାଙ୍କୁ, ପାଠକଙ୍କୁ ନୁହେଁ । ଏଣୁ କବିଙ୍କ ସମ୍ପର୍କ ଦ୍ୱିପାକ୍ଷିକ । ଏହି ଦ୍ୱିପାକ୍ଷିକତା ହେଉଛି ଜଣେ (କବି) କହିବେ, ଅନ୍ୟ ଜଣେ (ବା ଅନେକ)ଶୁଣିବେ । ଶ୍ରୋତାର ପ୍ରଶ୍ନ ପଚାରିବା ଧର୍ମ । ପ୍ରଶ୍ନର ସମ୍ଭାବିତ ଉତ୍ତର ଦେବାକୁ କବି ବକ୍ତା ବାଧ୍ୟ । ବାସ୍ତବରେ ଶ୍ରୋତା ଦେହ ମେଲାଇ କବି ସାମ୍ନାରେ ବସି ନଥାଏ କେବଳ ଥାଏ ଶ୍ରୋତାର ଏକ କାଳ୍ପନିକ ମୂର୍ତି, ତାର କା'ଟିଏ । ଏଇଟି କବି ଚିନ୍ତାର ବିପକ୍ଷରେ ପ୍ରତୀକଟିଏ, ଯିଏ କବି ପାଇଁ ପରିପ୍ରଶ୍ନର ଅନନ୍ତ ସମ୍ଭାର, ଯଥାର୍ଥରେ କାବ୍ୟସ୍ଫୂର୍ତ୍ତିର ସୂତ୍ରଧର । ପୁରାଣଶୈଳୀ କଥୋପକଥନର । ଏଣୁ କବି ଶ୍ରୋତାର ବା ପ୍ରଶ୍ନକର୍ତ୍ତାର ନିକଟତର । ସେ କଳ୍ପନା କରନ୍ତି ତାଙ୍କର ପ୍ରସ୍ତାବ ବାକ୍ୟ । ଏଇଟିରେ ଆତ୍ମଗୋପନ କରିଥାଏ ଅସ୍ଥିର ସନ୍ଧାନର ଭାବ । ଅସ୍ଥିର ଏଇଥିପାଇଁ ଯେ ଶ୍ରୋତାର ଉଛନ୍ନ ପ୍ରାଣକୁ ପ୍ରଶମିତ କରିବେ ସେ । ଜିଜ୍ଞାସାର ତାଡନାକୁ ଶାନ୍ତକରି ଶୁଣାଇବେ ରୁଚିକର ଅଖ୍ୟାନ । ଶ୍ରୋତା ସମାଜ ସବୁକାଳରେ ପ୍ରଶ୍ନମୁଖର, କୌତୁହଳୀ । କାହିଁକି ହେଲା, କିପରି ହେଲା ? ସେପରି ହୋଇ ନ ଥିଲେ କ'ଣ ହୁଅନ୍ତା ବା ହୋଇଥା'ନ୍ତା ? ଶ୍ରେତାର ଅକ୍ଷର ପରିଚିତି ନାହିଁ ସତ; କିନ୍ତୁ ରହିଛି ବହୁଦିନର ସଂସ୍କାର, ବଡ କୌତୁକ କଟାଳ ସଂସ୍କୃତିଜାତ ରହସ୍ୟମୟ ଅନୁସନ୍ଧାନ ପ୍ରବଣତା । ଅବସର ବିନୋଦନର ସାମାନ୍ୟ କାଳ ଅପସାରଣ ନୁହେଁ ବା କାହାଣୀ ଶୁଣି ମନକୁ କେବଳ ଉତ୍‌ଫୁଲ୍ଲ କରିବା ନୁହେଁ । ତା' ମଧ୍ୟରେ ସଂସାର ଅନୁଭୂତିଟି କ୍ରିୟାନ୍ୱିତ । ସେହି କ୍ରିୟାନ୍ୱୟ ଗୁଣଟି ହେଉଛି ନିଜପାଇଁ ସାଦୃଶ୍ୟର ସନ୍ଧାନ । ଯୁଧିଷ୍ଠିର ଧର୍ମବନ୍ତ ଓ ସତ୍ୟପ୍ରିୟ । ବିଦୁର ନୀତିଜ୍ଞ, କର୍ଣ୍ଣ ଦାନୀ, ଭୀଷ୍ମ ପ୍ରତିଜ୍ଞା ପୁରୁଷ-ଏମାନଙ୍କ ଉପଲକ୍ଷରେ ନିଜ ଜୀବନର ନାୟକ ଗ୍ରହଣ କରିବା ଫଳରେ ଛୋଟ ଗ୍ରାମ୍ୟ ପରିବେଶରେ ଆଦର୍ଶ ନାୟକ ଅବତରି ଆସିବେ । ପୁରାଣ, ରାମାୟଣ, ମହାଭାରତ ଏକଦା ଏପରି ଲୋକଶିକ୍ଷାର ଭୂମିକା ଗ୍ରହଣ କରିଥିଲା । ସଚେତନ ଥିଲେ ସାରଳାଦାସ ଏ ବିଷୟରେ । ତେଣୁ କଥୋପକଥନର ଶୈଳୀ ଭିତରେ ଶ୍ରୋତାର ଜିଜ୍ଞାସାକୁ ସ୍ଥାନ ଦେଇ ତିଆରି କରିଥିଲେ ଆଖ୍ୟାନର ଅନୁରୂପ ଗଢଣକଳା । ପ୍ରଶ୍ନ ଅନୁଭୂମିର ତୁଲ୍ୟତାରେ ଉତ୍ତରର ବାହ୍ୟସୌଧ ଗଢି ତୋଳିଥିଲା ଗୋଟିଏ ଅନ୍ତରାତ୍ମାର କୌତୂହଳକୁ ଆଧାର କରି । ଭାଷା କୌତୂହଳକୁ ସେ ମୂର୍ତ୍ତିମନ୍ତ କରୁଥିଲେ ଗ୍ରାମ୍ୟଶୈଳୀରେ । ସାଧାରଣ ପାଠକ ଶବ୍ଦର ଅର୍ଥ ଖୋଜେ ନାହିଁ; କିନ୍ତୁ ପୁରାଣ ଶ୍ରୋତା ଶବ୍ଦର ପ୍ରାତ୍ୟହିକ ଅର୍ଥରୁ ଆହୁରି ଆଗକୁ ମାଡିଯାଏ । ତା'ର ବ୍ୟାକୁଳତା ଏକ ଭିନ୍ନ ଶ୍ରେଣୀର ସ୍ଥାନ ଓ କାଳର ବାହାରେ ଖୋଜୁଥାଏ ଭିନ୍ନ ଏକ ସତ୍ୟ ।

ଗୋଟିଏ ଦୃଷ୍ଟିରୁ ବକ୍ତା, କବି ଓ ଶ୍ରୋତା ଉଭୟଙ୍କର ଖୋଜାଖୋଜିର ମୂଳଭିତ୍ତି ଅବଶ୍ୟ ଶବ୍ଦ; କିନ୍ତୁ ଶବ୍ଦର ଅର୍ଥ ଘଂଟାଳ ସ୍ୱରରେ ଯେଉଁ ଅନର୍ଗଳାପଣ ତା'ର ପହିଲି ଆବିଷ୍କର୍ତ୍ତା କବି ନୁହଁନ୍ତି, ଜନସାଧାରଣ। ଉଦାହରଣସ୍ୱରୂପ (୧)ଲେଛାଲେଛି କବି ଲେଖିଲେ-ଲେଛନ୍ତି,ଲାଛନ୍ତି,ହୁଂହୁଂଶବଦେ ହାକଂନ୍ତି। ଲେଛନ୍ତି, ଲାଛନ୍ତି, ଜାରନ୍ତି, ଜୁରନ୍ତି, ନଟନ୍ତି, ଲକ୍ଷନ୍ତି।

(୨)ଘୋଟିବା କ୍ରିୟାପଦ-ଘୋଟନ୍ତି,କୁରୁଳନ୍ତି,ଘୋଟାଳନ୍ତି କୁରୁ ସଇନି ଥାଟ।

(୩)କରିବା କ୍ରିୟାପଦ -କୁରନ୍ତି,କାରନ୍ତି,କିରନ୍ତି,କୁକୁନ୍ତ,ଚଉଷଠି ବିନ୍ଧାଣ।

(୪)କୁରୁଳିବା କ୍ରିୟାପଦ -କୁରୁଳନ୍ତି,କୁହୁଳନ୍ତି,କରନ୍ତି,କାରନ୍ତି,କିକକନ୍ତି,କୁକନ୍ତି।

ଏଇ କ୍ରିୟାପଦଗୁଡିକର ଆଭିଧାନିକ ଅର୍ଥ କ'ଣ ହୋଇପାରେ ? ମାତ୍ର ପ୍ରସଙ୍ଗତଃ ଧ୍ୱନି ସମବାୟରେ ଯେଉଁ ତାନ ସୃଷ୍ଟି ହୁଏ ତାହା ବୀରରସ ଯୋଗ୍ୟ ଏକ ପରିବେଶରେ ଆବେଗର ଝଙ୍କାର ଓ ସାମର୍ଥ୍ୟର ନିଦାପଣର ସୁଲଭତା ସୂଚାଇଦିଏ। ବୀରର କର୍ମ ଯୁଦ୍ଧକ୍ଷେତ୍ରରେ ପରିସ୍ଥିତି ଓ ପରିବେଶ ସହିତ ଅଭିନ୍ନ ହୋଇଥାଏ। - ହୁଂକାର, ଟଂକାର, ଝଂକାର, ଝଣତ୍କାର- ପାଦର ଅଥୟ ଗତି ସହିତ ବର୍ତ୍ତମାନ ହୋଇ କାଳିଶି ପରି ନୃତ୍ୟ କରେ। ତା'ର ଭାଷା ଉପରି ଉକ୍ତ ଛନ୍ଦରେ ଯେତେ ସ୍ୱାଭାବିକ ଓ ଉଦ୍‌ବୋଧକ ହୋଇପାରେ କବି ତାହା ଶ୍ରୋତା ମୁଖରୁ ସଂଚୟ କରିଛନ୍ତି। ଧ୍ୱନି ନିରନ୍ତର ଯୁଗ୍ମ ଶବ୍ଦ ରୂପେ ସୌନ୍ଦର୍ଯ୍ୟର ଏକ ବିଭବ ଧ୍ୱନ୍ୟାନୁକରଣର ଆଶ୍ରୟ ନିଏ। ଯେପରି ଖୁନ୍ଦାଖୁନ୍ଦି, ଗଡାଗଡି, ଛନ୍ଦାଛନ୍ଦି, ଧଡଧଡ, ପଡାପଡି, ଫଡ ଫଡ -ଏହି ଶ୍ରେଣୀର ଶବ୍ଦପଦ ପଙ୍‌କ୍ତିରେ ଅର୍ଥାନ୍ୱିତ ହେବା ଠାରୁ ଅଧିକ ସାର୍ଥକ ହୁଏ ଧ୍ୱନିଗତ ମୂଲ୍ୟରେ। ଅତି ପରିଚିତ ଏହି ଶବ୍ଦାନୁକରଣରେ ଶ୍ରୋତା ଉପଲବ୍ଧି କରେ ଯୁଦ୍ଧଭୂମିରେ ଯୋଦ୍ଧାର ବିଜୟ ପାଇଁ କସରତର ପ୍ରାଣପୂର୍ଣ ଉଦ୍ୟମ। ଅନୁରୂପ ଦୃଶ୍ୟାତ୍ମକ ଶବ୍ଦପୁଂଜ-ଜଟାଜଟି, ଛାଉଳିଛାଉଳି, ଛାପିଛାପି, ଧଉଳିଧାଉଳି, ଜାଙ୍ଗୁଳୁଜାଙ୍ଗୁଳୁ ଆଖି ପ୍ରତକ୍ଷ୍ୟ କରୁଥିବା ବସ୍ତୁରାଜିର ଛବିକୁ ଶବ୍ଦର ଭାବାତ୍ମକ ସମ୍ପଦରେ ଉତ୍ତୋଳିତ କରିବା କଳା ଲୋକଜଗତର ସୂକ୍ଷ୍ମ କାର୍ଯ୍ୟ। ଲୋକ ହିଁ ଭାଷାର ସ୍ରଷ୍ଟା, ଧ୍ୱନିର ବିବିଧ ସ୍ୱରର ଆବିଷ୍କର୍ତ୍ତା।

ଏହାହିଁ ବିଚିତ୍ର। କିସମ କିସମ ଚରିତ୍ରର ଜୀବନାଭୂତିର ଆଲୋକରେ କବିର ଶବ୍ଦଜଗତ ତିଆରି ହୁଏ। କ୍ଲାସିକ କବି ପକ୍ଷରେ ଏହା ସମ୍ଭବ। ଚିନ୍ତାର ପ୍ରତିମା ଗଢିବା ପାଇଁ ଶବ୍ଦ କବିର ନିହାଣ ପରି। ଶବ୍ଦଅନ୍ତରାଳରେ ସଂସ୍କୃତି ଓ ସାମାଜରେ ପ୍ରକୃତି ଏବଂ ଯୁଦ୍ଧଭୂମି । ଘଟଣାନୁସାରେ ଯେଉଁ ସ୍ଥାନରେ ଯିଏ ଯେପରି ସୁସଜ୍ଜିତ ଏବଂ ଧାରାବାହିକ ଭାବେ ପ୍ରତିଷ୍ଠିତ। ଚରିତ୍ର, ଘଟଣା, ସ୍ଥାନ ଶବ୍ଦର ପ୍ରତିମାରେ ଝଲିଉଠନ୍ତି , କଥା କୁହନ୍ତି ଭିନ୍ନଭିନ୍ନ ଭାବେ। ଯେଉଁ ସାଧାରଣ ଜଗତରେ ପାଦ ରଖି କବି ଆଖି ନଚାଉଥା'ନ୍ତି କାବ୍ୟର ବକ୍ଷରେ ସେହି ଜଗତର ଚରିତ୍ର ତା'ର ଦୃଶ୍ୟ ଓ କାହାଣୀ କାୟା ବିସ୍ତାର କରୁଥାଏ। ବେଳେବେଳେ ଆକାଶର କୋଳ ଛାଡି ଗଳିପଡନ୍ତି ଆକାଶର ଜନ, ଅଶ୍ୱିନଠାରୁ ଅପସରାଯାଏ। କିମ୍ଭୂତକିମାକାର କିନ୍ନର,ଇନ୍ଦ୍ର,ଚତୁର୍ମୁଖ ବ୍ରହ୍ମା। ସମସ୍ତେ ଶବ୍ଦରେ ବଶ। ଶବ୍ଦ କାରିଗର ଜାଣେ କିଏ କିପରି ବଶ ହୋଇପାରିବ। ଆମ ଆଦିକବିଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଅନେକ। ଯେଉଁ ଶବ୍ଦସହ ସାଧାରଣ ଲୋକଙ୍କ ହସଖେଳ,ସେଗୁଡିକୁ ସେ ଦେଖନ୍ତି ଲୋକର ଲୁହରେ,ଝଗଡାଝଗଡିରେ, ଭୀରୁ

ଅଳସୁଆର ବାଙ୍କ ଚାହାଣିରେ,ବୀରଦର୍ପଭଙ୍ଗୀ ଠାଣିରେ। ଝଡା ମୁଦୁସୁଲୀର ମୁହଁ ଫଣଫଣଠୁ ରଙ୍ଗସଭାର ଭରହର ଗାୟେଣୀ ରସବତୀର ଓଠ ଯାଏ-ସବୁଠି ପ୍ରାଣଖୋଲା କରି ବସିଥାଏ ଶବ୍ଦ। ଚାଷୀର କାକରହକଳା ଧାନବିଡା, ପଉଷର ଶୀତ ବା ଶ୍ରାବଣର ଧାରା, ନିଦାଘର ପ୍ରଚଣ୍ଡ ଉଷ୍ଣତା ଭିତରେ ପାଟବଂଶୀର ଉଚ୍ଚାଟନରେ ତାହା ଯେତିକି ସରସ,ବଇଠାରାଜା ଶକୁନିର ଭିଡ ଓଠରେ ଲୁଚିଥିବା ସଙ୍କେତ ଭେଦ କରିବାରେ ସେତିକି ସମର୍ଥ। ସନ୍ଧାନ ଅଥୟ କବି ଦୃଷ୍ଟି ପହଁରିଯାଏ ଅଭେଦ୍ୟର ଅନାବୃତ କରିବାକୁ। ଶ୍ରୋତା ମଧ୍ୟ ବିଦଗ୍ଧ କାଳାନ୍ତରରେ ସେମାନେ ଅନୁଭବ କରିଆସିଥାନ୍ତି ଯେତେ; କାହାଣୀର ଗମ୍ଭୀରାରେ ବିଜେ ଥିବା ସାମନ୍ତ ସଇନ-ସେଥିରୁ ଅର୍ଥ ଖୋଜି ବଢାଇଥାନ୍ତି ନିଜର ଅନୁଭୂତି। ଆଜ୍ଞେୟ ଆଡକୁ ଚିଉପ୍ରସରି ଯାଏ ବଡ ରହସ୍ୟଘନ ଦୃଷ୍ଟିରେ, କୌତୂହଳରେ । ନିଜର ପରିସର ବାହାରେ ଯେଉଁ ଅଦୃଶ୍ୟ ଜଗତ ଅଛି ତା'ର ସ୍ୱାମୀମାନେ ଚିରକାଳ ବାନ୍ଧି ରଖିଥା'ନ୍ତି ତା'ର ଭାଗ୍ୟକୁ। ଭବିଷ୍ୟତକୁ ବର୍ତ୍ତମାନ ଠାରୁ ପୃଥକ୍ କରି ଶୁଣାନ୍ତି କର୍ମ ଓ କର୍ମଫଳର ବାର୍ତ୍ତା, ପୂର୍ବଜନ୍ମର ରହସ୍ୟ। କେତେ ଦର୍ଶନ, କେତେ ବାଖ୍ୟା ବିଶ୍ଳେଷଣ –କେଉଁଠି ଆତ୍ମସମର୍ପଣ ତ କେଉଁଠି ଅଭିମାନ । କବି ବକ୍ତାର ତୁଣ୍ଡରେ ପାପ ପୁଣ୍ୟ, ଧର୍ମ ଅଧର୍ମ,ସ୍ୱର୍ଗ ନରକ, ମୁକ୍ତି ଓ ପୂର୍ବଜନ୍ମର ଘଟଣା କିଏ କେତେ ପାପପଙ୍କରେ କେଉଁ ନରକର ଫଳ ଭୋଗେ। କେଉଁ ଧର୍ମ ବା କର୍ମ ଆଧାରରେ ବାସ କରେ ବୈକୁଣ୍ଠରେ, କାହାଣୀକେ କାହାଣୀ ଚରିତ୍ରକେ ଚରିତ୍ର-ବାଗବାଗିକା ଭାଷା ଶବ୍ଦର ନୂଆ ନୂଆ ଶକ୍ତି। କବି ଓ ଶ୍ରୋତା ହୁଅନ୍ତି ଗୋଟେ ଛନ୍ଦର ରିଆଜ;କିନ୍ତୁ ପୃଥକ୍ ଦୁଇଟି ମୁହୂର୍ତ୍ତ -କବିର ଚିନ୍ତନ କାଳ ଓ ଶ୍ରୋତାର ଅନୁଭବ କାଳ। ପ୍ରଥମଟିର ଉଦୟ ଆବିଷ୍କାର ବେଳରେ, ଦ୍ୱିତୀୟଟିର ସଂଚାର ପୁରାଣ ପାଠ ବା ଆବୃତ୍ତି କାଳରେ –ଯେତେବେଳେ ସବୁ ଗୁମର ତୋଳିଉଠନ୍ତି ଶବ୍ଦ। ଶବ୍ଦର ସେହି ଗୁମର ଭିତରେ ଲୁଚିଥାଏ କୌଳିକତା, ପୌରୁଷର ପ୍ରଚଣ୍ଡ ସୃଜନ ସାମର୍ଥ୍ୟ। ସେତେବେଳେ ଆବେଗ ଯେତିକି ସ୍ୱାଭାବିକ ହୁଏ, ବୋଧ ସେତିକି ହୁଏ ଦୃଢ ଓ ଉନ୍ମେଷଧର୍ମୀ। ଭାଷା ବ୍ୟବହାରରେ ଶବ୍ଦର ଶକ୍ତି ବିଷୟକୁ ଆଖିରେ ରଖି କେହି ଜଣେ କହିଥିଲେ "words are ghost unless they speak the heart'' ଆର୍ଥାତ୍ ଶବ୍ଦଗୁଡିକ ଭୂତ, ଯେପର୍ଯ୍ୟନ୍ତ ହୃଦୟର କଥା କହି ନାହିଁ।

ସାରାଳା ଦାସ ଓଡିଆ ଭାଷାର ଆଦିକର୍ତ୍ତା ନୁହନ୍ତି; କିନ୍ତୁ ଶବ୍ଦ ବୈଚିତ୍ର୍ୟର ଆଦ୍ୟ ନାୟକ। ଶବ୍ଦକୁ ବାଙ୍ମୟ ଭାବନା ସହ ଯୋଡି ଚିତ୍ରମୂଲ୍ୟ ଦେବାରେ ସେ ଅଗ୍ର ନାୟକ। ହୃଦୟ ବୃତ୍ତିକୁ ଆବିଷ୍କାର କରିବା ପରି ଶବ୍ଦସୃଷ୍ଟି କରିବା ଓ ତାକୁ ଖଞ୍ଜିବାରେ ସେ ନୂଆ ଓଡିଆ ଶୈଳୀରେ ନାୟକ। କାହାଣୀ ଘଟଣାର ନିର୍ଣାୟକ ହୁଏ। ଘଟଣାର ଆକାର ତଥା ଭେଦ ଅନୁସାରେ ଚରିତ୍ର ବର୍ଗର ଆତ୍ମପ୍ରକାଶ ଘଟେ। ଶବ୍ଦହୁଏ ତାହାର ବାହକ। ଚରିତ୍ର ସଂସାର ଓ ଶବ୍ଦସଂସାର ଏକ କାଳବାଚୀ ଓ ଏକ ପ୍ରାଣଧର୍ମୀ ହୋଇଉଠେ।

ସାରଳା ଦାସଙ୍କ ଭାଷାର ବ୍ୟବହାର କୌଶଳ ବିଶେଷ ଏକ ରୀତିର ପରିଚୟ ଦିଏ। ସେହି ରୀତିଟି ଲୋକମୁଖୀ ଭାଷାର କାବ୍ୟିକ ରୂପାନ୍ତର। ଲୋକମୁଖରେ ଭାଷା ଯେପରି କୁହାଯାଏ କାବ୍ୟରେ ଅନୁରୂପ ହୁଏ ନାହିଁ। କାବ୍ୟଭାଷା ଏକ ପୃଥକ ଭାଷା। ତାହାକୁ ଏହିପରି ଚିହ୍ନିହେବ। (୧) ସଂକୋଚନ ପ୍ରସାରଣଶୀଳ (୨)

ସଂଶ୍ଲେଷଣଧର୍ମିତା (୩) ଲୋକ ଅପ୍ରଚଳିତ ଶବ୍ଦ ସାହାଯ୍ୟରେ ପଦର ବର୍ଣ ବୃଦ୍ଧି ଓ ପଦ ସୌନ୍ଦର୍ଯ୍ୟ ବିଧାନ (୪) ନୂଆ ଶବ୍ଦସୃଷ୍ଟିର ଆୟୋଜନ (୫) ବ୍ୟାକରଣିକ ଶୃଙ୍ଖଳା ଭଙ୍ଗ (୬) ନୂଆ ବାଗଧାରା ବା ପଦ ପଦାଂଶ ସୃଷ୍ଟି।

ବର୍ଣନା କାଳରେ କବି ସଙ୍କୁଚିତ ହୋଇପାରନ୍ତି ନାହିଁ । ସେ ଭାଷାର ନୂଆ ଅଭିବ୍ୟକ୍ତି ସାମର୍ଥ୍ୟର ପ୍ରସ୍ତାବମାନ ଉନ୍ମୋଚନ କରନ୍ତି । ଏହି ଦ୍ୱିବିଧ ଆବିଷ୍କାରମୂଳକ। ପ୍ରଥମଟି ଶବ୍ଦର ସହଜବଶ୍ୟତା ବା ନମନୀୟତା,ଦ୍ୱିତୀୟଟି ହୃଦୟଗ୍ରାହୀତା। ଲୋକଭାଷାକୁ କାବ୍ୟ ରୂପ ଦେଲାବେଳେ ଛନ୍ଦ ଓ ସ୍ୱନର ମିଳନକୁ ଲକ୍ଷ୍ୟ କରି ବବର୍ଣ ସଂଖ୍ୟା ସ୍ଥିର କରାଯାଏ। ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଶିଷ୍ଟ ବା ଉତ୍କୃଷ୍ଟ ଶବ୍ଦର ସଂଯୋଜନ ଦରକାର ହୁଏ । ଆବଶ୍ୟକ ହୁଏ କଠିନ ଶବ୍ଦ ପରିହାର । ଏହି ଦୃଷ୍ଟିରୁ ବିଚାର କରିଲେ ସାରଳା ଦାସ ଧ୍ୱନି ମୂଲ୍ୟଠାରୁ ଅକ୍ଷର ମିଳନକୁ ଅଧିକ ଗୁରୁତ୍ୱ ଦେଇନାହାଁନ୍ତି। ଏପରି ସ୍ଥଳରେ ସାଧାରଣ ସ୍ତରରେ ଗୋଟିଏ ଶବ୍ଦର ଉଚ୍ଚାରଣ ଠାରୁ ବ୍ୟତିକ୍ରମ ହେଉଛି ଧ୍ୱନି ସଂକୋଚନ ବା ପ୍ରସାରଣ।

**୧ :** ଧ୍ୱନି ସଂକୋଚନ : ଅବିବାହିତ - ଅବିଭାୟୀ - ଅବିହାଇ, ଇଛା କଲେ - ଇଛିଲେ,ଜଗତଜିଣା - ଜଗଜିଣା, ଜଗତମୋହିନୀ - ଜଗମୋହି(ନୀ), ଜଗତଜନଜିତା - ଜଗଜିତା, ପୁରୋହିତ - ପ୍ରୋହିତ, ପରାଭବ - ପ୍ରାଭବ, କୃଶବତତନୁ - କୃଶାନୁ।

**୨ :** ଧ୍ୱନି ପ୍ରସାରଣ - ଅମର୍ଷ - ଅମରିଷ, ଅହିବର୍ତ୍ତ-ଅହିବର୍ତ୍ତକ,ବିନାଶ - ବିନଶ୍ୟତି ,ପ୍ରାକୃତ - ପରାକୃତ,ସମୁଦ୍ର - ସୋମୁଦ୍ର,ଶସ୍ତ - ଶଅସ୍ତ/ ଶହସ୍ତ । ଏହି ପ୍ରସଙ୍ଗରେ ବିଶେଷ ତାତ୍ପର୍ଯ୍ୟପୂବର୍ଣ ଯେ ନାମବାଚକ ଶବ୍ଦ କ୍ଷେତ୍ରରେ ସାରଳା ଦାସ ଧ୍ୱନି ସଂକୋଚନ ପରିବର୍ତେ ପ୍ରସାରଣ କରିଛନ୍ତି । ଯଥା: ଶାନ୍ତନୁ - ଶାୟେଂତନୁ, କୁନ୍ତୀ - କୋଇନ୍ତା,ଧୃତରାଷ୍ଟ୍ର- ଧ୍ରିତଯେରାଷ୍ଟ୍ର, ଦୁର୍ଯ୍ୟୋଧନ- ଦ୍ରିର୍ଯୋଧନ / ଦୁରୁଯୋଧନ, ଯାଜ୍ଞସେନୀ - ଜିଗ୍ନସେନୀ, ଭୂମନ୍ୟୁ - ଭୂଅମନ୍ୟୁ, ଭୂରିଶ୍ରବା - ଭୂରିଶରବା।

**୩:** ସଂଶ୍ଲେଷଣଧର୍ମିତା - ଅର୍ଥାତ୍ ଶବ୍ଦସହ ଶବ୍ଦର ବା ପ୍ରତ୍ୟକ୍ଷର ସନ୍ଧି। କେତକ ଦୃଷ୍ଟାନ୍ତ। ବ୍ରହ୍ମରାକ୍ଷସୀ - ବ୍ରହ୍ମ ଯେ ରାକ୍ଷସୀ, ପ୍ରିୟ - ପ୍ରିୟବନ୍ତୀ, ରସାଣିତ - ରସାଣଲାଗି,ଶବମୁଣ୍ଡ - ମୃତ୍ୟୁଶିରମାଳା, ଦୟାର୍ଦ୍ର - ଦୟା ପ୍ରତିପାଳି, ତେଣୁ -ତେନ୍ୟାୟୁ ମନୋହାରି - ମନୋ ଯେ ହାରିଣୀ, ମୂର୍ଦ୍ଧାପାତ - ମୃଧୁନା ଯେ ପାତ, ବ୍ରହ୍ମମୂର୍ତି - ବ୍ରହ୍ମଯେ ମୂରତି। ଏପରି ସଂଶ୍ଲେଷଣର ଶୃଙ୍ଖଳା ନିରୂପଣ ସହଜ ନୁହେଁ। ଅନେକତ୍ର ଅର୍ଥ ଦ୍ୱୈତ ମଧ୍ୟ ହୋଇପାରେ, ଯଥା; ପାଣ୍ଡବନ୍ତ(ନ୍ତ-ମାନେ) ପାଣ୍ଡବନ୍ତମାନଙ୍କୁ।

**୪ :** ବ୍ୟାକରଣର ଶୃଙ୍ଖଳା ଭଙ୍ଗ ଓଡିଆ ଭାଷାର ପଦକ୍ରମ ହେଉଛି କର୍ତା କର୍ମ କ୍ରିୟା। କାବ୍ୟ ରୀତିରେ ଏହାର କ୍ରମ ନିର୍ଧାରିତ ନ ହେବା ସ୍ୱାଭାବିକ ; କିନ୍ତୁ ସମାସାନ୍ତ ପଦରେ ସମାସ ଓ ବିଗ୍ରହ ବାକ୍ୟରେ ଶୃଙ୍ଖଳା ଆବଶ୍ୟକ। ସାରଳା ଦାସ ତାହା ଭାଙ୍ଗିଛନ୍ତି। ଏହି ଉଦାହରଣଟି ଦେଖାଯାଉ - ଆସମୁଦ୍ର - ସଂସ୍କୃତରେ ଏହା ବୀପ୍ସାର୍ଥକ,

ଏହିପରି ଆବାଳବୃଦ୍ଧବନିତା ହୁଏ । କିନ୍ତୁ ସାରଳା ଲେଖିଲେ ପାଟିରୁ କପାଳ ଯାଏ – ପାଟିଆ କପାଳ(ଆପାଟି କପାଳ ହେବା ସ୍ଥଳେ); ମାଟିଆ ଆକାଶ (ଆମାଟିଆକାଶସ୍ଥଳେ); ସସାଗରା ଧରା ସ୍ଥଳେ ସସୋମୋଦ୍ରଧରା ।

**୫:** ସାଧାରଣ କଥିତ ଭାଷାରେ ନିମ୍ନ କେତେକ ଅବ୍ୟୟ ପଦର ବ୍ୟବହାର ବିରଳ; ମାତ୍ର ସାରଳା ଏହାର ବ୍ୟବହାର କରିଛନ୍ତି ବହୁଳ ଭାବେ–କେହ୍ନେ,ତେହ୍ନେ, ଯେହ୍ନେ, ଏସନ, କେସନ, ଯେସନ, କେବଣ, ଯେବଣ, ତଥାଚ, ଅପିଚ(ସଂସ୍କୃତ) । ସ୍ୱର ସଂଗତି ସହ ବର୍ଣସଂଗତି ଯୁଗପତ୍ ମିଶି ପଦ ଅଧିକ ସୁନ୍ଦର ଓ ମନୋହାରୀ ହୋଇଛି ।

୬ : ପ୍ରଚଳିତ ଅପ୍ରଚଳିତ ଶବ୍ଦ ପ୍ରତ୍ୟୟ ସହାୟତାରେ ନୂଆ ଶବ୍ଦଗଠନ – ଆଗିଆଣିଥାଟ, ପଛିଆଣିସେନା, ଅମେଣ୍ଟଣ ବୀର୍ଯ୍ୟ, ନିତ୍ୟାପ୍ରତି ଘାଟୋଇ, କଛା କଉପୁନି, ନବ ଯଉବନବତୀ, ଅଚାର୍ଗଳା ଥାଟମନ୍ଥା,ଘଟଣସୁନ୍ଦର,ବକାଚିରା,ବକକଚଡା । ଆଶ୍ଚର୍ଯ୍ୟ ଯେ ଏପରି ଶବ୍ଦବା ପଦପଦାଂଶ ଯୁକ୍ତ ବାକ୍ଧାରା ସଂଖ୍ୟାରେ ଅଗଣିତ ।

**୭:** ସୁନ୍ଦର ବାକ୍ଭଙ୍ଗୀ ପବନହୁଂ ପାଦଗତି, ଦକ୍ଷିଣରୁ ଅଇଲା ମୂରତି, ସୋହଡ ଥାଟମଛନ, ମୋତିହାର ପର୍ବତ, ନ କରନ୍ତି ନା ନୟନ, ନ ଧରୁ କିପାଁ ସୀମା(ଧୈର୍ଯ୍ୟ) ।

**୮:** ଆଦରର୍ଥକ ପଦ ତପୋଧନି, ଦୋହତି, ଅପତ୍ୟି, ଗଉରୋବୀ, ଅପବାଦୀ, ପ୍ରଭଞ୍ଜନୀ, କଉରୋବୀ ଭାଇ, ଗରବିରାଧେୟ ।

**୯:** କେତକ ବିଶିଷ୍ଟ ଲକ୍ଷଣାଶ୍ରିତ ପଦ – ଖେଳକାରୀ, ବାଦ୍ୟକାରୀ, ମନ୍ତ୍ରକାରୀ, କୃଷିକରୀ, ସ୍ୱାର୍ଥ ନାଶକାରୀ ବୀରା(ବୀରଭାବ), ଅନ୍ଧା(ଅନ୍ଧଭାବ) । ବୁକୁଫଟା ରୋଳ, ଖେଳାକରି ଆଦି ତାତ୍ପର୍ଯ୍ୟ ଯେ ଶବ୍ଦର ଅଭିବ୍ୟକ୍ତି ଶକ୍ତି ଏହାଦ୍ୱାରା ଅଧିକ ମନୋଜ୍ଞ ହୋଇଛି ।

**୧୦:** ଉପରେ ପ୍ରଦର୍ଶିତ ୧ରୁ ୯ ଅନ୍ତର୍ଗତ ପଦବନ୍ଧନ ରୀତି – ପଦ ସଂକୋଚନ ବା ସଂପ୍ରସାରଣ, ବିଶେଷ୍ୟରେ ପ୍ରତ୍ୟୟ (ଆ)ଯୋଗେ ବିଶେଷଣପଦ ଗଠନ, ବିଶେଷ୍ୟରେ କର୍ତ୍ତୃବାଚ୍ୟ ଯୋଗରେ ପୁନଃ ବିଶେଷ୍ୟ ପଦ – ପଦାଂଶ ବା ବାକ୍ – ବୈଚିତ୍ର୍ୟ ଓଡିଆ ଭାଷାର ପରବର୍ତ୍ତୀ ବିକାଶ ଆଉ ବ୍ୟବହାରକୁ ବହୁଭାବେ ପ୍ରଭାବିତ କରିଛି । ଆଜିର ବହୁପଦ, ପଦାଂଶ ରୂଢ, ବାକ୍ଭଙ୍ଗୀ, ଢଗ ମାଳି, ଆପ୍ତବାକ୍ୟ, ଲୋକବାଣୀ ସବୁ ପ୍ରସରି ଆସିଛି ସାରଳାଙ୍କ ରଚନାରୁ ।

**୧୧:** ଲୋକମୁଖୀ ଭାଷା ଉଭୟ କୋମଳ ଓ କର୍କଶ । ଧ୍ୱନି ବଳରେ କର୍କଶ ହୁଏ କୋମଳ କାବ୍ୟଭାଷା କର୍କଶକୁ କରେ ଅଧିକ ରସମୟ, ପ୍ରଭାବଶାଳୀ । ସାରଳା ଦାସ ଓଡିଆ କାବ୍ୟଭାଷାର ଜନକ । ଏଣୁ ତାଙ୍କର ପ୍ରଭାବ ସୁଦୂରପ୍ରସାରୀ ।

**୧୨ :** ସାରଳାଙ୍କ ବର୍ଣ୍ଣନା ମୁଖ୍ୟତଃ ଉପମା ଓ ରୂପକ ଏବଂ ସ୍ଥଳବିଶେଷରେ ଉତ୍‌ପ୍ରେକ୍ଷାଯୁକ୍ତ । ଉପମା ଓ ରୂପକ ସରଳ, ପ୍ରାଣପୂର୍ଣ୍ଣ। ଏହାର ଅର୍ଥଦ୍ୟୁତି ଇନ୍ଦ୍ରିୟାନୁଭୂତିର ବାହକ।ପ୍ରାକୃତିକ ଜଗତରୁ ଉପମାନ ସଂଗୃହୀତ। ଏଥିପାଇଁ ଗଣଚିତ୍ତ ଉନ୍ମେଷକ ହୋଇଛି। ଯଥା (୧) କଣୟ ପର୍ବତେ ଯେହ୍ନେ ଜଳଧର ମେଘ ଚଢ଼ି, ତେସନେକ ତାର ଦେହ କଳାରେଖା ଜଡ଼ି, ବିରାଟ ୩୨୪। (୨) ଏସନେ ମହାସତୀ ମନେ ବିକଳ ଭାବଇ, ପବନେ ନାଡ଼କା ଯେସନେ ବୁଲଇ ଅନ୍ତରାଳ ହୋଇ, ବିଚିତ୍ର ରାମାୟଣ, ୩୩୫। (୩) ତେଲରେ ମାଛି ପଡ଼ିଲେ ଯେସନେ ସମସ୍ତେ, ହେ ବିଛନ ହୋଇଲେ ତେସନେ, ବି.ରା.୩୮୮।

**୧୩:** ତତ୍‌ସମ ଶବ୍ଦସହ ତଦ୍‌ଭବ ଓ ଦେଶଜ ଶବ୍ଦର ମିଶ୍ରଣ ଫଳରେ  ନୂଆ ଶବ୍ଦଗଠନ ଓ ବାକ୍‌ଧାରା ଉତ୍ପନ୍ନ ହୋଇଛି। କୈଣସି ବର୍ଗର ଶବ୍ଦଅକ୍ଷର ବର୍ଗକୁ ଗ୍ରାସ କରି ଅନୌଚିତ୍ୟତା ଉତ୍ପନ୍ନ କରି ନାହିଁ।

**୧୪:** ନବରସର ବ୍ୟବହାର ଘଟିଥିଲେହେଁ ବୀର, କରୁଣ ଓ ଶୃଙ୍ଗାର ରସର ପ୍ରାଧାନ୍ୟ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ  ଯେ ଭାଷା କାବ୍ୟରୂପ ନେବାବେଳେ ରସ ନିଷ୍ପତ୍ତିରେ ବହୁ ବାଧାର ସମ୍ଭାବନା ଥାଏ, କାରଣ ଭାଷା ବ୍ୟବହାରରେ ଭାବ ପ୍ରକଟ ସୁଲଭ ହେବା କଠିନ; କିନ୍ତୁ ଜଣେ  ପ୍ରତିଭାବାନ କବି ପକ୍ଷରେ ଏହା ସହଜରେ ଲଙ୍ଘନଯୋଗ୍ୟ। ରସ ପରିବର୍ତ୍ତେ ରସାଭାସ ସୃଷ୍ଟି ହେବାର ଯେଉଁ ସମ୍ଭାବନା ଉପୁଜେ ସାରଳାଙ୍କ କ୍ଷେତ୍ରରେ ତାହା ଆଦୌ ପରିଦୃଷ୍ଟ ହୁଏ ନାହିଁ।  ଆଦ୍ୟ କାବ୍ୟ ନିର୍ମାଣ ବେଳେ ରସର ଉପଯୋଗିତା ଗୁରୁତ୍ୱପୂର୍ଣ୍ଣ  । ସେ ଲେଖୁଛନ୍ତି ମହାଭାରତ ସାଦୃଶ୍ୟରେ ଓଡ଼ିଆ ଜାତିର ବୀରଗାଥା। ଆଣୁଛନ୍ତି ତାଙ୍କ ପୂର୍ବବର୍ତ୍ତୀ ତିନିଶହ ବର୍ଷର ଇତିହାସର କାହାଣୀ। ସେ କାହାଣୀ କିମ୍ବଦନ୍ତୀରେ ଥିଲା ଜୀବିତ। ସେପରି କାହାଣୀକୁ ମହାଭାରତରେ ମିଶାଇବା (History mythologized) ବେଳେ କବି ବୀରରସର  ସାହାଯ୍ୟ ନେଇଛନ୍ତି।ଶାସ୍ତ୍ରୀୟ ଲକ୍ଷଣରେ ମହାଭାରତରେ ଅଙ୍ଗୀରସ  ଯୁଗପତ୍ ଅବସ୍ଥାନ ଘଟିଛି। ସାରଳାଙ୍କ ପାଣ୍ଡିତ୍ୟ,କଳ୍ପନା ଓ ବିଷୟ ସଂଯୋଜନାରେ ବୀରରସର ଅଙ୍ଗୀରସ ହେଉଛି କରୁଣରସ, ଶୃଙ୍ଗାରରସର ଅଙ୍ଗୀରସ ହେଉଛି ଶାନ୍ତରସ। ଏହିପରି ରୌଦ୍ର ଓ ଭୟାନକ ତୁଲ୍ୟତାରେ ଅବସ୍ଥାନ କରନ୍ତି। କହିବା ବାହୁଲ୍ୟ ଯେ ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ବୀରରସ ଅପସରି ଯାଇଛି। ଶୃଙ୍ଗାର ହୋଇଛି ମୁଖ୍ୟ ରସ। କାବ୍ୟଯୁଗରେ ଶୃଙ୍ଗାରରସ ସହ କରୁଣ ରସର ଅବସ୍ଥାନ କାବ୍ୟକୁ ଏକ ନୂଆ ରସବୋଧରେ ଶାଣିତ କରିଛି। ସାରଳାଙ୍କ ପ୍ରଭାବ ଏ ସ୍ଥଳରେ ଅତିକ୍ରମ ଘଟୁନାହିଁ, ଭିନ୍ନ ମାର୍ଗରେ ଗତି କରିଛି।

**୧୫:** ଓଡ଼ିଆ ଭାଷାର ପ୍ରାଣପ୍ରତିଷ୍ଠାତା ସାରଳା ଦାସ। ସଂସ୍କୃତରୁ ବିଷୟବସ୍ତୁ କାହାଣୀ ନିର୍ମାଣଶୈଳୀ ଅନୁସୃତ ଘଟିଥିଲେ ମଧ୍ୟ ସଂସ୍କୃତମୁକ୍ତି ଘଟୁଛି। ବହୁ ତତ୍ସମ ଓ ଅର୍ଦ୍ଧତତ୍ସମ ବା ତଦ୍‌ଭବ ଶବ୍ଦ ସହିତ ପ୍ରାୟ ୩୦ଭାଗ ଦେଶଜ ଶବ୍ଦ ଭଣ୍ଡାର ସୃଷ୍ଟି ହୋଇଛି। ଗୋଟିଏ ଭାଷା ପାଇଁ ଦେଶଜ ଶବ୍ଦର ଅନୁକୂଳତା ଦ୍ୱିବିଧ। ପ୍ରଥମତଃ ତାହା ଲୌକିକ ସ୍ତରର ଭାବକୁ ପ୍ରକଟ କରିବା ପାଇଁ ଆବଶ୍ୟକ ସାମର୍ଥ୍ୟ ଯୋଗାଏ। ଦ୍ୱିତୀୟତଃ ତାହା

ଭାଷାର ଗତିଶୀଳତା ବା ଜୀବନ୍ତ ରୂପ ଉଦ୍‌ଘୋଷଣ କରେ। ସାରଳା ଦାସଙ୍କ ଦେଶଜ ଶବ୍ଦ ଏଥିପାଇଁ ଓଡ଼ିଆ ଚିନ୍ତନ ରାଜ୍ୟକୁ ସୃଜନଶୀଳ ସାମର୍ଥ୍ୟ ଯୋଗାଇଛି।

**୧୬:** ସଂସ୍କୃତ ମୁକ୍ତିର ନିଦର୍ଶନ ମିଳେ ବ୍ୟାକରଣିକ ବ୍ୟବହାରରୁ। ପଦବନ୍ଧନ ରୀତି, ବାକ୍ୟ ସଂଗଠନ, ପଦକ୍ରମ, ବିଭକ୍ତି, କ୍ରିୟାପ୍ରକରଣ, ବଚନପ୍ରାରୂପ ଓ ଲିଙ୍ଗପ୍ରକରଣରୁ। ଏ ସମସ୍ତ ବ୍ୟାକରଣିକ ଶୃଙ୍ଖଳାରେ ଓଡ଼ିଆ ଭାଷା ସଂସ୍କୃତ ରୀତିକୁ ପରିହାର କରିଛି। ନିଜର ଏକ ରୀତି ବା ଶୃଙ୍ଖଳା ଗଠନ ପାଇଁ ବରଂ ପ୍ରାକୃତର ସାହାଯ୍ୟ ନେଇଛି। ପ୍ରାକୃତ ପ୍ରଭାବରେ ଓଡ଼ିଆ ଧ୍ୱନି ସାମଗ୍ରୀରେ ଦୀର୍ଘଧ୍ୱନି ପରିହୃତ, ସଂଯୁକ୍ତ ଧ୍ୱନି (ଐ ଔ) ଅଇ, ଅଉ ରୂପେ ଉଚ୍ଚାରିତ। 'ଣ' ଧ୍ୱନି ସ୍ୱତନ୍ତ୍ର ଓ ବହୁ ଉଚ୍ଚାରିତ। ଶ, ଷ, ସ ମଧ୍ୟରୁ 'ସ'ର ପ୍ରାଧାନ୍ୟ ଆସିଛି।

**୧୭:** ସାଧାରଣ କଥିତ ଭାଷା ସଙ୍କେତାର୍ଥପରକ (referential) ଓ କାବ୍ୟ ଭାଷା ଭାବାର୍ଥ ପରକ (emotive) ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ଅର୍ଥାତ୍ ଭାଷାର କଥକମାନେ (ସାଧାରଣ ଲୋକ) ନିଛକ ବାସ୍ତବ ଜଗତ ସହିତ ସଂପୃକ୍ତ ଥିବାବେଳେ କବିର ସମ୍ପର୍କ ଥାଏ ଆବେଗ ସହିତ। କଥୋପକଥନ ବେଳେ ଶବ୍ଦର ବିନିମୟ ହୁଏ ସାଂକେତିକ; କିନ୍ତୁ କାବ୍ୟଭାଷା ସାଙ୍କେତିକ ନ ହୋଇ ହୁଏ ପ୍ରତୀକାତ୍ମକ। ଭାବ ସଂପ୍ରେଷଣ ତା'ର ମୂଳକଥା। ଏଣୁ ବ୍ୟଞ୍ଜନାଧର୍ମିତା ତା'ର ଲକ୍ଷଣ। ଓଡ଼ିଆ ଭାଷାକୁ ସାଙ୍କେତିକ ସ୍ତରରୁ ପ୍ରତୀକାତ୍ମକ ଓ ବ୍ୟଞ୍ଜନାଧର୍ମିତାକୁ ଆରୋହଣ କରାଇବା ଫଳରେ ଓଡ଼ିଆ ଭାଷା ଲୋକସ୍ତରରୁ ବୌଦ୍ଧିକସ୍ତରକୁ ଉନ୍ନୀତ ହୋଇଛି। ଏହି ସ୍ତରରେ ଭାଷାର ଭାବପ୍ରକାଶନ ସାମର୍ଥ୍ୟ କେବଳ ବୃଦ୍ଧି ହୋଇ ନାହିଁ, ଐଶ୍ୱର୍ଯ୍ୟଶାଳୀ ହୋଇଛି ମଧ୍ୟ।

**୧୮:** ଆଦ୍ୟ ସ୍ରଷ୍ଟା, ବସ୍ତୁତଃ ସାହିତ୍ୟର ଦିଗ୍‌ଦର୍ଶକ। ଲେଖୁଛନ୍ତି ମହାଭାରତ: ଭାରତୀୟ ବାଙ୍ମୟ ଶାସ୍ତ୍ରରେ ଇତିହାସ ଭାବେ ପରିଚିତ: ପ୍ରଥମ ଉଦ୍ୟମରେ ଯୁବା କାଳରେ ସାହସ କରିଥିଲେ 'ବିଚିତ୍ର ରାମାୟଣ' ରଚନାରେ, ରାମ ଆଖ୍ୟାନର ସପୂର୍ଣ୍ଣ ନୂଆ ଏକ କାହାଣୀ। ଲେଖୁଛନ୍ତି ଚଣ୍ଡୀପୁରାଣ ଦେବୀ ଭାଗବତ ଓ ଆଧାତ୍ମ ରାମାୟଣର ଛାୟାରେ। ଏ ତିନୋଟି ଓଡ଼ିଆରେ ଆଧାତ୍ମ ପୁରାଣ ମର୍ଯ୍ୟାଦା ଲାଭ କରିଛି। ସଂସ୍କୃତରେ ପୁରାଣ ଏକ ବିଦ୍ୟା, 'ପରା' ବିଦ୍ୟା, ପାଞ୍ଚଲକ୍ଷଣ ଆଶ୍ରିତ। ଗାଥା ଓ ଇତିହାସ ଏହାର ପ୍ରାଣଭୂମି; କିନ୍ତୁ ଓଡ଼ିଆରେ ଏହା ଏକ ଶୈଳୀ ମାତ୍ର। ଏପରି ଶୈଳୀର ଆଦ୍ୟ ପ୍ରବର୍ତ୍ତକ ଜଣେ ଶୂଦ୍ର କବି। ସଂସ୍କୃତ ପୁରାଣ ବିଦ୍ୟାକୁ ଠିକେ ଠିକେ ବଖାଣ (ବ୍ୟାଖ୍ୟାନ) କରିବା ତାଙ୍କର କବିକର୍ମ। ଏହି ବଖାଣ ଏକ ସ୍ୱତନ୍ତ୍ର ଶୈଳୀ। ମୂଳଗ୍ରନ୍ଥର ଶୈଳୀ ଅନୁସରଣ ଦ୍ୱାରା ଏହା ସମ୍ପନ୍ନ ହୋଇଛି। ଫଳରେ (ଇତିହାସ) ମହାଭାରତ, (କାବ୍ୟ) ରାମାୟଣ, ଉପପୁରାଣ 'ନୃସିଂହ ପୁରାଣ', 'ହରିବଂଶ', 'ଚଣ୍ଡୀପୁରାଣ' ପ୍ରଭୃତି ସବୁ ଗ୍ରନ୍ଥ ଓଡ଼ିଆରେ

ପୁରାଣ ପଦବାଚ୍ୟ, ଏପରିକି କ୍ଷୁଦ୍ର ରଚନା ଲକ୍ଷ୍ମୀପୁରାଣ ମଧ୍ୟ ପୁରାଣତୁଲ୍ୟ ସମ୍ମାନିତ। ବସ୍ତୁତଃ ଓଡ଼ିଆରେ କଥିତ ଗ୍ରନ୍ଥରାଜି ସଂସ୍କୃତର ସମପର୍ଯ୍ୟାୟ, ସମବଂଶୀ (generic) ତଥା ଏକ ପର୍ଯ୍ୟାୟର ( typology) ଶୈଳୀସମ୍ପନ୍ନ। ସଂସ୍କୃତ ଗ୍ରନ୍ଥଗୁଡ଼ିକର କଥାବସ୍ତୁ, ଚରିତ୍ର, ବର୍ଣ୍ଣନା ରୀତି, କଥାବିନ୍ୟାସ ମୋଡ଼ ଅନୁସରଣଦ୍ୱାରା ଏହି ଶୈଳୀର ଆତ୍ମପ୍ରକାଶ ଘଟିଛି। ସାରଳା ଦାସ ଏହାର ଉଦ୍‌ଭାବକ। ଏପରି ଏକ ଉଦ୍‌ଭାବକଙ୍କୁ ତାଙ୍କଦ୍ୱାରା ଗୃହୀତ 'ଦାଣ୍ଡିବୃତ୍ତ' ଯୋଗାଇଛି ଅଦ୍ଭୁତ କଥନ କଳା ସାମର୍ଥ୍ୟ। କହିବା ବାହୁଲ୍ୟ ହେବ ନାହିଁ ଯେ ତାଙ୍କର ଏହି ରୀତି, ଛନ୍ଦ ଓ ବାକ୍‌ଧାରା ପରବର୍ତ୍ତୀ କାବ୍ୟଜଗତକୁ ଆଚ୍ଛାଦିତ କରିରଖିଛି। ଓଡ଼ିଆ ଭାଷାରେ ସେ ହିଁ ଆଦ୍ୟ ମାର୍ଗନିର୍ଦ୍ଦେଶକ ପୁରୋଧା, ଆଦ୍ୟ ପିତା। ଭାଷାର ନିପୁଣ ଅଭିବ୍ୟକ୍ତି ସାମର୍ଥ୍ୟ ବସ୍ତୁପରକ, ବର୍ଣ୍ଣନାପରକ, ଚରିତ୍ରର ଚିତ୍ରପରକ ଓ ରସ ନିଷ୍ପତ୍ତି ସହାୟକ ସମର୍ଥ – କଳାବୋଧର ସୁବିସ୍ତୃତ ଅଙ୍ଗ ଓ ପରିସର ତାଙ୍କର ଉଦ୍ଭାବନୀ ଶକ୍ତିର ନିଦର୍ଶନ ଦିଏ।

## ଉପସଂହାର:

କଳା ଜାତିର ଆତ୍ମପ୍ରତିଷ୍ଠାରେ ସହାୟକ ହୁଏ ଏବଂ ଭବିଷ୍ୟତ ପାଇଁ ସମୁଜ୍ଜ୍ୱଳ ମାର୍ଗ ନିର୍ଦ୍ଦେଶ କରେ। ସାରଳାଙ୍କ ଦ୍ୱାରା ତାହା ସମ୍ପନ୍ନ ହୋଇଛି। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଜଣେ ଅଦ୍ଭୁତ କଳାକର୍ମୀ ଏକାକୀ ଏତେ କର୍ମ ସମ୍ପାଦନା କରିଥିବା ଉଦାହରଣ ବିରଳ। ଭାରତର ଅନ୍ୟ କୌଣସି ଭାଷାରେ ସେ ସମୟରେ ଏପରି ସଂସ୍କୃତମୁକ୍ତ ମୌଳିକ ଗ୍ରନ୍ଥ ରଚନା ଜଣେ ବ୍ୟକ୍ତିଦ୍ୱାରା ସମ୍ଭବ ହୋଇ ନ ଥିଲା। ଏପରିକି ବ୍ୟାସ ରଚିତ ସଂସ୍କୃତ ମହାଭାରତ ଜଣେ ବ୍ୟାସଙ୍କ ରଚନା ନୁହେଁ। ତାହା ବହୁକାଳ ଧରି ଭିନ୍ନ ଭିନ୍ନ ସମୟରେ ବ୍ୟାସଙ୍କ ନାମରେ ଲେଖାଯାଇଛି। ତାମିଲ ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା ହେଲେ ମଧ୍ୟ ସେ ଭାଷାରେ ଏତେବଡ଼ ଗ୍ରନ୍ଥ ବା ମହାଭାରତ ଗ୍ରନ୍ଥ ରଚିତ ହୋଇନାହିଁ। ତେଲୁଗୁ ମହାଭାରତ ଲେଖିଛନ୍ତି ତିନିଜଣ କବି ୨୦୦ ବର୍ଷ ଭିତରେ। ବଙ୍ଗଳା, ଅହମିୟା, ହିନ୍ଦୁ, ମରାଠୀ, ଗୁଜୁରାଟି ଆଦି ଭାଷାରେ ଏଭଳି ଗ୍ରନ୍ଥ ଦୁର୍ଲ୍ଲଭ। ୧୫ଶ ଶତକ ହିସାବରେ ଓଡ଼ିଆ ମହାଭାରତ ଏସିଆ ମହାଦେଶର ବୃହତ୍ତମ ଗ୍ରନ୍ଥ। ସାରଳା ଦାସ ଏକମାତ୍ର କବି, ଯିଏକି ମହାଭାରତ ସମେତ ଆଉ ଦୁଇଟି ବୃହତ୍ ଗ୍ରନ୍ଥ– ବିଲଙ୍କା ରାମାୟଣ ଓ ଦେବୀ ଭାଗବତ ବା ଚଣ୍ଡୀପୁରାଣ ତାଳପତ୍ରରେ ଲେଖିବା ସହ ଲକ୍ଷ୍ମୀନାରାୟଣ ବଚନିକା ନାମକ କଥାସାହିତ୍ୟ ସୃଷ୍ଟିକରି ଓଡ଼ିଆ ସାହିତ୍ୟକୁ ଏକ ନୂତନ ମୋଡ଼ ପ୍ରଦାନ କରିଛନ୍ତି। ଏସବୁ କୃତିରେ ପୁରାଣର ମହାଭାରତୀୟ ଚେତନାକୁ ପ୍ରତ୍ୟାହାର କରି ଓଡ଼ିଆତ୍ୱ ମହକକୁ ପାଠକ ପ୍ରାଣରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଆ ପାଣି, ପବନ, ଭୂଗୋଳ, ଇତିହାସ, ଜାତୀୟ ଜୀବନ, ସଂସ୍କୃତି ସହ ଖାପ ଖୁଆଇଥିବା ତଥ୍ୟ ପ୍ରଦାନ ପୂର୍ବକ ବିଶ୍ୱାସଯୋଗ୍ୟ ଉପାଖ୍ୟାନ ମିଶାଇ ଏହିସବୁ ଗ୍ରନ୍ଥକୁ ଆହୁରି ରସାଳ, ମନୋଜ୍ଞ ଓ ସୁଖପାଠ୍ୟ କରିଛନ୍ତି। ଏଥିସହ ମଧ୍ୟଯୁଗୀୟ ଭାରତୀୟ ସମାଜ ଓ ସାହିତ୍ୟରେ ନାରୀର ଅବମୂଲ୍ୟାୟନ ଘଟୁଥିବାବେଳେ ସମଗ୍ର ଭାରତବର୍ଷରେ ଏକମାତ୍ର କବି ଭାବେ ନାରୀର ମହନୀୟ ଭୂମିକାକୁ ଲୋକପ୍ରିୟ ସାହିତ୍ୟରେ ସ୍ଥାନିତ କରି ସେମାନଙ୍କ ସ୍ଥିତିକୁ ସୁଦୃଢ଼ କରିବାକୁ ଚେଷ୍ଟା କରିଛନ୍ତି। ଯାହାର ପରିଣାମ ପରବର୍ତ୍ତୀ କବି ବଳରାମ ଦାସଙ୍କଦ୍ୱାରା ଲିଖିତ ଲକ୍ଷ୍ମୀପୁରାଣ ପରିବାରର କେବଳ ଶ୍ରେଷ୍ଠତ୍ୱକୁ ପରିପ୍ରକାଶ କରି ନ ଥିଲା, ବରଂ ସାମାଜିକ ଜାତି ବ୍ୟବସ୍ଥା ଉପରେ କୁଠାରାଘାତ କରିଥିଲା।

ସାରଳା ମହାଭାରତବଙ୍ଗଳା ଭାଷାରେ ଅନୁବାଦ ହୋଇଥିବାର ଏପର୍ଯ୍ୟନ୍ତ ପ୍ରମାଣ ମିଳିଛି। ଏପରିକି ଜାପାନର ଏକ ମନ୍ଦିରରେ ମଧ୍ୟ ସାରଳା ମହାଭାରତ ପୋଥି ପୂଜା ପାଉଛି। ଅର୍ଥାତ କେବଳ ଆଗଙ୍ଗା-ଗୋଦାବରୀ ଭୂଖଣ୍ଡରେ ଏହାର ଲୋକପ୍ରିୟତା ନ ଥିଲା, ବରଂ ଦେଶ ବିଦେଶରେ ଏହା ବିଭିନ୍ନ ଭାଷାଭାଷୀଙ୍କୁ ଯେ ଆକର୍ଷିତ କରିଥିଲା, ଏହା ହିଁ ହେଉଛି ବଳିଷ୍ଠ ପ୍ରମାଣ। ତେବେ ଏହି ଲୋକପ୍ରିୟତା ପଛରେ ରହିଛି ସାରଳା ମହାଭାରତରେ ରହିଥିବା ଉପଦେଶାତ୍ମକ ପ୍ରଚୁର ବାସ୍ତବବାଦୀ କାହାଣୀ। ଅସଂଖ୍ୟ କାହାଣୀ ମଧ୍ୟରୁ ଏକ ବିରଳ କାହାଣୀ ଭାବରେ ସତ୍ୟଆମ୍ବ କାହାଣୀକୁ ଏହାର ଦୃଷ୍ଟାନ୍ତ ଭାବରେ ନିଆଯାଇପାରେ। ସେହିପରି ତୁଳସୀବଣ ବାଘ, ତୁଳାମୁହାଁ କାଙ୍କ, ଧର୍ମବକ ଉପାଖ୍ୟାନ ଭଳି କାହାଣୀ ମହାଭାରତର ପୋଥିରୁ ବାହାରି ଆସି ଆଜି ବି ଲୋକ କଥାରେ ପରିବର୍ତ୍ତନ ହୋଇଯାଇଛି। ତେବେ ସାରଳା ମହାଭାରତର ସବୁଠାରୁ ହୃଦୟ ବିଦାରକ ମୌଳିକ କାହାଣୀ ହେଉଛି ଦୁର୍ଯୋଧନଙ୍କ ରକ୍ତନଦୀ ସନ୍ତରଣ। ଏକ ଅହଂକାରୀ ଯୁଦ୍ଧପ୍ରିୟ ବ୍ୟକ୍ତିତ୍ୱର ହୃଦୟ ଭିତରେ ଲୁଚି ରହିଥିବା ସନ୍ତାନ ବତ୍ସଳରଭାବନା କିପରି କରୁଣ ରସରେ ବର୍ଣ୍ଣନା କରାଯାଇଛି, ତାହା ଅନ୍ୟ କୌଣସି ବିଶ୍ୱସାହିତ୍ୟମାଳାରେ ମିଳିବା ନିଶ୍ଚିତ ଭାବରେ ବିରଳ।

**ସାରଳାଙ୍କ ଲେଖନୀରେ ସ୍ଥାନୀତ କେତୋଟି ଶବ୍ଦ:**

***ଚର୍ଯ୍ୟା ସାହିତ୍ୟର ଶବ୍ଦ:*** କେରୁଆଳ, ଅଛନ୍ତେ, ଚାହାନ୍ତେ, ଜଗନ୍ତେ, ଦେହ, ସରିସା, ମାରଇ, ଦୋସ, ମରଇ, ମାରି, ମାଇଏ, ମିଛେନାଇ, ମୋହିଓ, ରାହଇ, ରମଇ, ରୁଆ, ଲାଭଇ, ଲିପାଇ, ଲିଖା, ସଇ, ସଇଛ, ସିରି ଆଦି।

***ଅବୋଧ ଶବ୍ଦ:*** ଉକ୍ରର୍ମ, ଦର୍ଦ୍ଦୁର, ମାଘବ, ପୁରୁହୁତ, ଜତୁଧନ, ଭବିନଷ୍ଟ, ଉଡନାସାଇ ଇତ୍ୟାଦି। ଏପରି ବହୁ ଓଡ଼ିଆ ଶବ୍ଦ (କେତେକ ପ୍ରାଚୀନ ରୂପରେ) ଅଛି।

ଏହି ସବୁ ଶବ୍ଦ କିପରି ପ୍ରୟୋଗ ହୋଇଛି, ତାର ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଗଲା। ଯଥା-

ସମସ୍ତ ବାଡ଼ିଣ ଦେବ ବସିଲି ମୁଁ ଭୁଞ୍ଜି
ଏସନ ବେଳେ ଦେବ ଡମ୍ବରୁ ଶବ୍ଦ ବାଜି। (ଆ.ପ.) (ବାଜି=ବାଜିଲା)
ଅତ୍ୟନ୍ତ ଭକ୍ତିରେ କାଶୀବାସୀ ସେବାକରି
କଷା କଉପୀନ ବହି ମାଥେ ଜଟା ଧରି। (ଆ.ପ.) (ମାଥେ= ମଥାରେ)

ଦେବତା ବ୍ରାହ୍ମଣେ ହୋଇଛୁଟିକି ଭଗତି । (ଆ.ପ.)

(ହୋଇଛୁଟିକି=କରିଛୁଟିକି)

ଦୁର୍ଜ୍ଜନ ନିବାରଣ ସୁଜନ ରଖନ୍ତା । (ରଖନ୍ତା = ରକ୍ଷାକର୍ତ୍ତା)

ଗାବ ଚୋରାନ୍ତେ ଷଣ୍ଢାସୁର ଦର୍ପହନ୍ତା । (ପ୍ର.ପ.) (ଦର୍ପହନ୍ତା=ଦର୍ପହାରୀ)

ଯୋଗାଡ଼ମାନନ୍ତ ଠାବେ ଠାବେ ରୁହାଇଲେ । (ଆ.ପ.) (ମାନନ୍ତ=ମାନଙ୍କୁ)

ପଦ୍ମନାଭ ବୋଇଲେ ମୁଁ କରିଲି ତୁମ୍ଭନ୍ତ । (ଆ.ପ.) (ତୁମ୍ଭନ୍ତ=ତୁମ୍ଭଙ୍କୁ)

ଆମ୍ଭ ତହୁଁ ଶୁଣ ତୁହି ଯେ ଶାସ୍ତ୍ର ସଙ୍ଗତ । (ଆ.ପ.) (ଆମ୍ଭତହୁଁ= ଆମ୍ଭଠାରୁ)

ପିତାବଧ ଦୋଷ ନଦେବ ଯେ ମୁକୁ । (ମଧ୍ୟ ପ.) (ମୁକୁ=ମୋତେ)

**ସାରଳାଙ୍କ ଲେଖନୀରେ ସ୍ଥାନୀତ କେତୋଟି ଶବ୍ଦ:**

***ଚର୍ଯ୍ୟା ସାହିତ୍ୟର ଶବ୍ଦ:*** କେରୁଆଳ, ଅଛନ୍ତେ, ଚାହାନ୍ତେ, ଜଗନ୍ତେ, ଦେହ, ସରିସା, ମାରଇ, ଦୋସ, ମରଇ, ମାରି, ମାଇଏ, ମିଛେନାଇ, ମୋହିଓ, ରାହଇ, ରମଇ, ରୁଆ, ଲାଭଇ, ଲିପାଇ, ଲିଖା, ସଇ, ସଇଛ, ସିରି ଆଦି ।

***ଅବୋଧ ଶବ୍ଦ:*** ଉକ୍ରର୍ମ, ଦର୍ଦ୍ଦୁର, ମାଘବ, ପୁରୁହୁତ, ଜତୁଧନ, ଭବିନଷ୍ଟ, ଉଓନାସାଇ ଇତ୍ୟାଦି । ଏପରି ବହୁ ଓଡ଼ିଆ ଶବ୍ଦ (କେତେକ ପ୍ରାଚୀନ ରୂପରେ) ଅଛି ।

ଏହି ସବୁ ଶବ୍ଦ କିପରି ପ୍ରୟୋଗ ହୋଇଛି, ତାର ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଗଲା । ଯଥା-

ସମସ୍ତ ବାଢ଼ିଣ ଦେବ ବସିଲି ମୁଁ ଭୁଞ୍ଜି
ଏସନ ବେଳେ ଦେବ ଡମ୍ବରୁ ଶବ୍ଦ ବାଜି । (ଆ.ପ.) (ବାଜି=ବାଜିଲା)
ଅତ୍ୟନ୍ତ ଭକ୍ତିରେ କାଶୀବାସୀ ସେବାକରି
କଷା କଉପୀନ ବହି ମାଥେ ଜଟା ଧରି । (ଆ.ପ.) (ମାଥେ= ମଥାରେ)
ଦେବତା ବ୍ରାହ୍ମଣେ ହୋଇଛୁଟିକି ଭଗତି । (ଆ.ପ.)
(ହୋଇଛୁଟିକି=କରିଛୁଟିକି)
ଦୁର୍ଜ୍ଜନ ନିବାରଣ ସୁଜନ ରଖନ୍ତା । (ରଖନ୍ତା = ରକ୍ଷାକର୍ତ୍ତା)

ଗାବ ଚୋରାନ୍ତେ ଷଣ୍ଢାସୁର ଦର୍ପହନ୍ତା। (ପ୍ର.ପ.) (ଦର୍ପହନ୍ତା=ଦର୍ପହାରୀ)

ଯୋଗାଡ଼ମାନ ଠାବେ ଠାବେ ରୁହାଇଲେ। (ଆ.ପ.) (ମାନନ୍ତ=ମାନଙ୍କୁ)

ପଦ୍ମନାଭ ବୋଇଲେ ମୁଁ କରିଲି ତୁମ୍ଭନ୍ତ। (ଆ.ପ.) (ତୁମ୍ଭନ୍ତ=ତୁମ୍ଭଙ୍କୁ)

ଆମ୍ଭ ତହୁଁ ଶୁଣ ତୁହି ଯେ ଶାସ୍ତ୍ର ସଙ୍ଗତ। (ଆ.ପ.) (ଆମ୍ଭତହୁଁ= ଆମ୍ଭଠାରୁ)

ପିତାବଧ ଦୋଷ ନଦେବ ଯେ ମୁକୁ। (ମଧ୍ୟ ପ.) (ମୁକୁ=ମୋତେ)

## ୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(କ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

୧. ସାରଳା ମହାଭାରତରେ ବ୍ୟବହୃତ ପ୍ରାଚୀନ ଶବ୍ଦମାନଙ୍କର ବିଚାର ଅନୁଶୀଳନ କର।।

୨. ସାରଳା ଓ ଚର୍ଯ୍ୟାସାହିତ୍ୟରେ ବ୍ୟବହୃତ ଶବ୍ଦାବଳୀର ବଧରେ ଏକ ସଂଦର୍ଭ ଲେଖ।

୩. ସାରଳା ସାହିତ୍ୟର କାଳ ନିରୂପଣରେ ଭାଷାର ଭୂମିକା ନିରୂପଣ କର।

**(ଖ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

୧. ସାହିତ୍ୟର ମୌଳିକ ଭିତ୍ତି ହେଉଛି ତାହାର ଭାଷା - ସାରଳା ସାହିତ୍ୟକୁ ଭିତ୍ତି କରି ଏହାର ସତ୍ୟତା ପ୍ରତିପାଦନ କର।

୨. ଲୋକ କଥିତ ଭାଷା ହିଁ ସାହିତ୍ୟକୁ ଲୋକପ୍ରିୟ କରାଇଥାଏ - ସାରଳା ମହାଭାରତ ଅନୁସରଣରେ ଉକ୍ତିଟି ପରୀକ୍ଷା କର।

## ୪.୬ ସହାୟକ ଗ୍ରନ୍ଥସୂଚୀ

ଓଡିଆ ପୁସ୍ତକ :-


- ଦାଶ, ସୂର୍ଯ୍ୟନାରାୟଣ, (୧୯୬୮), *ଓଡିଆ ସାହିତ୍ୟର ଇତିହାସ(ପ୍ରଥମ ଭାଗ),* ଗ୍ରନ୍ଥମନ୍ଦିର, କଟକ।
- ପୃଷ୍ଟି, ସୁବ୍ରତ କୁମାର, (୨୦୧୭), *ଓଡିଆ ଭାଷା ସାହିତ୍ୟ ପରିଚୟ(୩ୟ ସଂସ୍କରଣ),* ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି., ବାଦାମବାଡି, କଟକ।
- ମହାନ୍ତି, ବଂଶୀଧର, (୧୯୭୩), *ସାରଳା ସାହିତ୍ୟ,* ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ।
- ଶତପଥୀ, ନଟବର, (୨୦୧୯), *ଭାଷାବିମର୍ଶ,* ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ଭୁବନେଶ୍ୱର।

9 788194 289616

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in